ବର୍ଷ-୫୫ : ସଂଖ୍ୟା-୯ ସେପ୍ଟେମ୍ବର, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ··· | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଚୈତ୍ୟିକ ଦର୍ପଣ | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଷଷ୍ଠଦଶ ପରିଚ୍ଛେଦ) ଜୀବନର ବୁଦ୍ଧି-ଅତୀତ ପରମ ଲକ୍ଷ୍ୟ | ··· | ଶେଖ ଅବଦୁଲ କାଶମ | ··· | ୭ |
| ଜୀବନ-ଐକ୍ୟ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୪) | ··· | ··· | ··· | ୧୩ |
| ଜିଜ୍ଞାସାର ଉତ୍ତରରେ | ··· | ରାମକୃଷ୍ଣ ଦାସ | ··· | ୧୭ |
| ସଶ୍ରଦ୍ଧ ପ୍ରଣିପାତ | ··· | ବିମଳ ପ୍ରସନ୍ନ ଦାସ | ··· | ୧୯ |
| ବିଶ୍ୱାସୀ ବନ୍ଧୁ (କବିତା) | ··· | ସୁନାମଣି ରାଉତ | ··· | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୯) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୨ |
| ନୂତନ ସମାଜର ଦିଗ୍‌ଦର୍ଶନ | ··· | ପ୍ରପତ୍ତି | ··· | ୨୬ |
| ଦ୍ୱୀପାନ୍ତରର କଥା (ଦଶମ ପରିଚ୍ଛେଦ) କଏଦୀ ଜୀବନର କେତେଗୁଡ଼ିଏ ଛବି (୧) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୯ |
| ନୂତନ ଶିକ୍ଷାର ଆହ୍ୱାନ (୧୨) | ··· | ଗୟାଧର ଦାଶ | ··· | ୩୧ |
| ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରକୃତ ହିତାକାଂକ୍ଷୀ | ··· | ପ୍ରସାଦ ତ୍ରିପାଠୀ | ··· | ୩୪ |
| ସ୍ୱର୍ଗର ସନ୍ଧାନରେ | ··· | ମନୋଜ ଦାସ | ··· | ୩୬ |
| ତ୍ରିଶଙ୍କୁ ଦଶା | ··· | ସନ୍ତୋଷ ରଥ | ··· | ୩୮ |
| ବାମନାବତାର କଥା (୨) | ··· | ଭିକାରି ଚରଣ ପଣ୍ଡା | ··· | ୪୧ |
| ଶ୍ରୀକୃଷ୍ଣ ଓ କାଳଯବନ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୫ |
| 'କାୟେନ ବାଚା ମନସା' | ··· | ନଳିନୀକାନ୍ତ ଗୁପ୍ତ | ··· | ୪୮ |
| ରାଣୀ ଆବାଦ୍ଧା ଚାଓଟା | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୯ |
| ସଂଖ୍ୟା ୧୩ : କେତେ ଅଶୁଭ କେତେ ଅଦ୍ଭୁତ | ··· | ଧର୍ମକୁମାର ଶତପଥି | ··· | ୫୨ |
| ଦୂରଭାଷୀ କୁହୁକିନୀ ସହାୟ ନା ଶତ୍ରୁ ? | ··· | ମନୋଜ ଦାସ | ··· | ୫୫ |


❖

# ପ୍ରାର୍ଥନା

ଶୁଣ ସେହି ଊର୍ଦ୍ଧ୍ୱାୟିତ କଣ୍ଠସ୍ୱର, ଶୁଣ ସେହି ପବିତ୍ର ଉଚ୍ଚାରଣୀ ଯାହା ତୁମ ଦିବ୍ୟଉଷାକୁ ସ୍ୱାଗତ କରିବା ନିମନ୍ତେ ଉତ୍ତୋଳିତ ।

ପୂର୍ଣ୍ଣ ହେଉ ତୁମର ପରମ ଦିବ୍ୟ ବିଧାନ; ତାହା ଚିରନ୍ତନ ବିଶ୍ୱବ୍ୟାପ୍ତ ଜୀବନଧାରା ହେଉ ଅଥବା ହେଉ ନିଃସତ୍ତାରେ ପୁନର୍ବିଲୟ, ସେଥିରେ କିଛି ଯାଏ ଆସେ ନାହିଁ । ଏ ଦୁଇଟି ଭିତରୁହିଁ ଗୋଟାଏ ମାର୍ଗ ବାଛିନେବା କ'ଣ ଅନିବାର୍ଯ୍ୟ ? ମୁଁ ତାହା ପାରିବି ନାହିଁ; ମୋ ଚେତନାରେ ଏଣିକି କୌଣସି ପସନ୍ଦ, ନାପସନ୍ଦ ନାହିଁ; ଅଛି କେବଳ ଏକହିଁ ସଂକଳ୍ପ ଉପରେ ନିର୍ଭର – ତାହା ତୁମରି, ହେ ଅନିର୍ବଚନୀୟ ।

ବର୍ତ୍ତମାନ ଏ ସମଗ୍ର ବିଶ୍ୱହିଁ ଏକ ପବିତ୍ର ଉଚ୍ଚାରଣୀ ମାତ୍ର, କ୍ରମାଗତ ବ୍ୟାପକତର ଓ ଅଧିକରୁ ଅଧିକ ସଂହତ, ତୁମରି ଦିବ୍ୟଉଷାକୁ ଜଣାଇବାକୁ ଅଭିବାଦନ ।

ସେପ୍ଟେମ୍ବର ୧୬, ୧୯୧୪ — ଶ୍ରୀମା



# ମାତୃବାଣୀ

But whatever you ask for or whatever your effort, you must feel, even while trying your best, using knowledge or putting forth power, that the result depends upon the Divine Grace. Once you have taken up the Yoga, whatever you do must be done in a spirit of complete surrender. This must be your attitude,– "I aspire, I try to cure my imperfections, I do my best, but for the result I put myself entirely into the hands of the Divine."

(MCW, Vol. 3, p. 97) – The Mother

କିନ୍ତୁ ତୁମେ ଯାହା ବି ଚାହୁଁଥାଅ ନା କାହିଁକି କିଂବା ତୁମର ପ୍ରଚେଷ୍ଟା ଯାହା ବି ହେଉ ନା କାହିଁକି, ଏପରିକି ଜ୍ଞାନର ଉପଯୋଗ କରି ଓ ସାମର୍ଥ୍ୟର ପ୍ରୟୋଗ କରି ତୁମର ସର୍ବୋତ୍ତମ ପ୍ରଚେଷ୍ଟାରେ ଲାଗିଥିବା ବେଳେ ମଧ୍ୟ ତୁମକୁ ଏହା ଅନୁଭବ କରିବାକୁ ହେବ ଯେ ଫଳାଫଳ ନିର୍ଭର କରେ ଭଗବତ୍ କୃପା ଉପରେ । ତୁମେ ଥରେ ଯୋଗର ମାର୍ଗ ଗ୍ରହଣ କରିବା ପରେ, ତୁମେ ଯାହା ବି କର ନା କାହିଁକି ତାହା ଏକ ସମ୍ପୂର୍ଣ୍ଣ ସମର୍ପଣର ଭାବ ନେଇ କରିବା ଉଚିତ । ତୁମର ମନୋଭାବ ଏହାହିଁ ହେବା ଉଚିତ ଯେ,– ''ମୁଁ ଅଭୀପ୍ସା କରୁଛି, ମୋର ଅପୂର୍ଣ୍ଣତାଗୁଡ଼ିକ ଦୂର କରିବା ପାଇଁ ଚେଷ୍ଟା କରୁଛି, ସର୍ବୋତ୍ତମ ପ୍ରଯତ୍ନ କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ନିଜକୁ ପୂରାପୂରି ଛାଡ଼ି ଦେଉଛି ଭଗବାନଙ୍କ ହାତରେ ।''

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୯)

**ଶ୍ରୀଅରବିନ୍ଦ**

The prophet hierophants of the occult Law,
The flame-bright hierarchs of the divine Truth,
Interpreters between man's mind and God's,
They bring the immortal fire to mortal men.

ନିଗୂଢ଼ ବିଧାନର ଦିବ୍ୟ ପ୍ରବକ୍ତା ପବିତ୍ର-ରହସ୍ୟୋଦ୍‌ଗାତାବୃନ୍ଦ, ଦିବ୍ୟ ସତ୍ୟର ଶିଖା-ସମୁଜ୍ଜ୍ୱଳ ପୁରୋହିତବର୍ଗ, ଭଗବାନ୍ ଓ ମଣିଷର ମନ ମଧ୍ୟସ୍ଥ ବାର୍ତ୍ତାଳାପକାଳୀନ ଦ୍ୱିଭାଷୀଗଣ, ମର ମାନବମାନଙ୍କ ପାଇଁ ସେମାନେ ଆଣିଦିଅନ୍ତି ଅମର ପାବକ ।

Iridescent, bodying the invisible,
The guardians of the Eternal's bright degrees
Fronted the Sun in radiant phalanxes.

ଇନ୍ଦ୍ରଧନୁବର୍ଣ୍ଣବିଭାମୟ, ଅଦୃଶ୍ୟକୁ ଶରୀରବଦ୍ଧ କରି, ଶାଶ୍ୱତଙ୍କର ପ୍ରଜ୍ଜ୍ୱଳ କ୍ରମମାତ୍ରାର ସେହି ରକ୍ଷୀଦଳ ଜ୍ୟୋତିର୍ମୟ ବାହିନୀ ରୂପେ ସୂର୍ଯ୍ୟଙ୍କର ସମ୍ମୁଖବର୍ତ୍ତୀ ହୋଇ ରହିଥିଲେ ।

Afar they seemed a symbol imagery,
Illumined originals of the shadowy script
In which our sight transcribes the ideal Ray,
Or icons figuring a mystic Truth,
But, nearer, Gods and living Presences.

ଦୂରରୁ ସେମାନେ ପ୍ରତୀତ ହେଉଥିଲେ ପ୍ରତୀକ ପ୍ରତିଛବି, ଛାୟାମୟ ଲିପିର ସଂଦୀପ୍ତ ମୂଳ ରେଖାବଳୀ, ଯେଉଁଥିରେ ଆମର ଦୃଷ୍ଟି ପ୍ରସ୍ତୁତ କରିଥାଏ ଆଦର୍ଶ ରଶ୍ମିର ଅନୁଲିପି, ଅଥବା ଏକ ମରମୀ ଅତୀନ୍ଦ୍ରିୟ ସତ୍ୟକୁ ରୂପାୟିତ କରି ତାହା ଗଢ଼ି ଦେଉଥାଏ କେତେ କେତେ ପ୍ରତିମା, ମାତ୍ର, ଆହୁରି ନିକଟରେ, ସେମାନେ ହେଲେ ଦେବବୃନ୍ଦ ଓ ଜୀବନ୍ତ ଦିବ୍ୟ ସାନ୍ନିଧ ସକଳ ।

A march of friezes marked the lowest steps;
Fantastically ornate and richly small,
They had room for the whole meaning of a world,
Symbols minute of its perfection's joy,
Strange beasts that were Nature's forces made alive
And, wakened to the wonder of his role,
Man grown an image undefaced of God
And objects the fine coin of Beauty's reign;
But wide the terrains were those levels serve.

ସେଠାରେ ନିମ୍ନତମ ପାବଚ୍ଛଶ୍ରେଣୀକୁ ଚିହ୍ନିତ କରୁଥିଲା ସ୍ଥାପତ୍ୟ ଚିତ୍ରମାଳାର ଏକ ଶୋଭାଯାତ୍ରା; ସେସବୁ ଥିଲେ ଅଦ୍ଭୁତ ଅପରୂପ ଭାବରେ ଅଳଂକୃତ ଏବଂ ବୈଭବମଣ୍ଡିତ ଭାବରେ କ୍ଷୁଦ୍ର, ଆପଣା ମଧ୍ୟରେ ଗୋଟିଏ ଜଗତର ଅଖଣ୍ଡ ଅର୍ଥ ଧାରଣ କରିବା ନିମନ୍ତେ ସେମାନଙ୍କର ରହିଥିଲା ପରିସର, ସେମାନେ ହେଲେ ତଦୀୟ ପୂର୍ଣ୍ଣତାର ପୁଲକର ସୂକ୍ଷ୍ମାତିସୂକ୍ଷ୍ମ ପ୍ରତୀକପୁଞ୍ଜ, ସେଠାରେ ବିଚିତ୍ର ପଶୁମାନେ ଥିଲେ ପ୍ରକୃତିର ଶୌର୍ଯ୍ୟସକଳର ଜୀବନ୍ୟାସପ୍ରାପ୍ତ ରୂପାବଳୀ ଏବଂ, ନିଜ ଭୂମିକାର ଚମତ୍କାରିତା ବିଷୟରେ ଜାଗ୍ରତ୍ ହୋଇଉଠି ମନୁଷ୍ୟ ପରିଣତ ହୋଇଥିଲା ଈଶ୍ୱରଙ୍କର ଏକ ଅବିକୃତ ପ୍ରତିମାରେ ତଥା ବସ୍ତୁରାଜି ପାଲଟି ଥିଲେ ସୌନ୍ଦର୍ଯ୍ୟର ରାଜୁତିର ମନୋରମ ମୁଦ୍ରା; ପରନ୍ତୁ ସେହିସବୁ ସ୍ତରର ସେବାପ୍ରାପ୍ତ କ୍ଷେତ୍ରସମୂହ ଥିଲେ ସୁପ୍ରଶସ୍ତ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଚୈତ୍ୟିକ ଦର୍ପଣ

## ଶ୍ରୀମା

### ଚୈତ୍ୟିକ ଦର୍ପଣ

ଏହାହିଁ ଜୀବନ । ବେଳେବେଳେ ପ୍ରଥମରୁହିଁ ଜଣକର ଗୋଡ଼ ଖସିଯାଏ ଆଉ ତା'ର ପତନ ହୋଇଯାଏ । ସେ ନିଜକୁ କହେ : ''ଠିକ୍ ଅଛି, ସବୁବେଳେ ଜଣେ ଏତେ ସତର୍କ ରହିପାରିବ ନାହିଁ,'' ଏବଂ ପୁଣି ଯେତେବେଳେ ତା' ସତ୍ତାର ଅନ୍ୟ ଅଂଶଟି ଆଉ ଥରେ ଫେରିଆସେ, ସେତେବେଳେ ସେ ଖୁବ୍ ତୀବ୍ରଭାବେ ଅନୁତାପ କରେ : ''ମୁଁ ଏକ ନିର୍ବୋଧ ଥିଲି, ମୋ ସମୟ ବୃଥାରେ ନଷ୍ଟ ହୋଇଗଲା, ମୁଁ ନିଶ୍ଚୟ ଆଉ ଥରେ ଆରମ୍ଭ କରିବି ।'' ...

ଏସବୁ ପାଇଁ ଗୋଟିଏ ମାତ୍ର ପ୍ରତିକାର ଅଛି : ସେହି ସଂକେତ-ସ୍ତମ୍ଭଟି ସର୍ବଦା ତୁମ ଆଗରେ ରହିଥିବା ଦରକାର, ତୁମର ସମସ୍ତ ଅନୁଭୂତିରେ, ଆବେଗ ପ୍ରବେଗରେ, ସମସ୍ତ ସଂବେଦନାରେ ସର୍ବଦା ଦର୍ପଣଟିଏ ଖଞ୍ଜା ହୋଇଥିବା ଉଚିତ । ତୁମେ ସେଥିରେ ସେସବୁକୁ ଦେଖିପାରିବ । ସେଇ ଦର୍ପଣରେ ଦେଖି ତୁମେ ଜାଣିପାରିବ ଯେ କେତେକ କଥା ଆଦୌ ସୁନ୍ଦର ନୁହେଁ, ଦେଖିବାକୁ ଆଦୌ ଭଲ ଲାଗୁ ନାହିଁ; ଆଉ କେତେ କଥା ବେଶ୍ ସୁନ୍ଦର, ଆନନ୍ଦଦାୟକ ଲାଗୁଛି, ଏଗୁଡ଼ିକ ରଖିବା ଉଚିତ । ଯଦି ଦରକାର ପଡ଼େ ତୁମେ ଏହି ପଦ୍ଧତିଟିକୁ ଦିନକୁ ଶହେ ଥର ଅଭ୍ୟାସ କର । ଏହା ଖୁବ୍ ଆଗ୍ରହ-ଦାୟକ । ତୁମେ କ'ଣ କରିବନା – ଚୈତ୍ୟ-ଦର୍ପଣର ଚାରିପଟେ ଗୋଟିଏ ବଡ଼ ବୃତ୍ତ ଆଙ୍କିଦେବ ଏବଂ ତା' ଚାରିପଟେ ସବୁ ଉପାଦାନଗୁଡ଼ିକ ଖଞ୍ଜି ଦେବ । ଯଦି ଦେଖିବ ଯେ ଏମିତି କିଛି କଥା ଅଛି ଯାହାକି ତୁମକୁ ଠିକ୍ ଲାଗୁ ନାହିଁ, ତାହା ସେଇ ଦର୍ପଣରେ ଏକ ଧୂସର ଛାଇ ଭଳି ଦିଶିବ : ସେତେବେଳେ ତୁମେ ଏଇ ଉପାଦାନଟିକୁ ସେଠାରୁ କାଢ଼ିନେଇ ତା'ର ପୁନଃ ସଂଗଠନ କରିବ । ଏଇ କଥାଟିକୁ ତୁମେ ନିଜେ ନିଜକୁ କହିବ, ନିଜେ ନିଜକୁ ମଧ୍ୟ ବୁଝାଇବ । ଯେମିତି ହେଲେ ତୁମକୁ ସେଇ ଅନ୍ଧାର ଭିତରୁ ବାହାରି ଆସିବାକୁ ପଡ଼ିବ । ଯଦି ତୁମେ ଏହା କରୁଥାଅ, ତେବେ ଜୀବନ ତୁମକୁ କେବେ ବି ବିରକ୍ତିକର ବା ତିକ୍ତ ମନେ ହେବ ନାହିଁ ।

### ନିଜର ସମ୍ମୁଖୀନ ହୁଅ

ସବୁବେଳେ ତୁମେ ନିଜର ସମ୍ମୁଖୀନ ହେବା ଲାଗି ଡରୁଥାଅ ଏବଂ ନିଜକୁ ଖୁବ୍ ଯତ୍ନରେ ଲୁଚେଇ ରଖୁଥାଅ, ଏହାହିଁ ତୁମକୁ ଅଗ୍ରଗତି କରିବାରେ ବାଧାଦିଏ । ସତେକି ନିଜ ଚଲା ରାସ୍ତାରେ ତୁମେ ନିଜେ ଗୋଟିଏ ପାଚେରି ଠିଆ କରି-ଦେଉଛ; କିନ୍ତୁ ତୁମକୁ ଆଗକୁ ଯିବାକୁ ହେଲେ ଏହି ପାଚେରି ଭାଙ୍ଗିବାକୁ ହେବ । ଯେତେ ଶୀଘ୍ର ଏ କାର୍ଯ୍ୟଟି କରିବ ସେତେ ଶୀଘ୍ର ଏହା ତୁମ ପାଇଁ ମଙ୍ଗଳଦାୟକ ହେବ । ନିଜକୁ ମୁହାଁମୁହିଁ ହୋଇ ସିଧା ଚାହଁ, **ସିଧା ନିଜକୁ ଚାହଁ**, ପିତା ବଟିକାକୁ ମିଠାର ଆବରଣ ଦିଅ ନାହିଁ । ଏହା ଭାରି ପିତା : ସବୁକିଛି ଦୁର୍ବଳତା, କୁତ୍ସିତତା ଏବଂ ସମସ୍ତ ପ୍ରକାର କୁତ୍ସିତ କ୍ଷୁଦ୍ର ଜିନିଷ ତୁମ ଭିତରେ ଲୁଚି ରହିଛି – ହଁ, ଅଛି, ଅଛି, ଅଛି, ଓଃ ! ବହୁତ ଅଛି । ''କି ତୁଚ୍ଛ ନୀଚତା, କ୍ଷୁଦ୍ର ନିର୍ବୋଧତା, କ୍ଷୁଦ୍ର ଅହଂକାର, ଅଜ୍ଞାନତା ଏବଂ ଅଶୁଭ ଇଚ୍ଛା ତୁମ ଭିତରେ ତଥାପି ଲୁଚି ରହିଛନ୍ତି, କୋଣ ଅନୁକୋଣରେ ଲୁଚି ରହିଛନ୍ତି, ଯେଉଁଗୁଡ଼ିକ କି ମୋତେ ଏହି ନୂତନ ଆବିଷ୍କାରର ଦ୍ୱାରବନ୍ଧ ପାର ହେବାକୁ ଛାଡ଼ି ଦେଉ ନାହାନ୍ତି ? ମୋ ଭିତରେ ଏପରି କିଏ ଅଛି, ଯେ'କି ଏତେ କ୍ଷୁଦ୍ର, ଏତେ ନୀଚ ଆଉ ଏତେ ଅବାଧ, ଯେକି ଗୋଟିଏ ଫଳ ଭିତରେ କୀଟ ଭଳି ଲୁଚି ରହିଛି, ଅଥଚ ମୁଁ ତାକୁ ଦେଖିପାରୁ ନାହିଁ ?'' ତୁମେ ଯଦି ନିଷ୍ପାପର ଭାବେ ଖୋଜିବ; ତା'ହେଲେ ସେଗୁଡ଼ିକୁ ତୁମେ ଦେଖିପାରିବ । କିନ୍ତୁ ତୁମେ ତ ସବୁବେଳେ ପିତା ବଟିକାଟିରେ ଚିନିର ପୁଟ ଦେଇ ଦେଉଛ । ଚିନିପୁଟ ଦେବା ଅର୍ଥ ହେଲା କେବଳ ନିଜର ମନର ବିଚାରକୁ ନେଇ ନିଜକୁ ବୁଝିବାର ଏକ ପ୍ରକାର ଚେଷ୍ଟା । ସେଇଥିପାଇଁ ତୁମ ଭିତରେ ଥିବା ପିତା ବଟିକାଗୁଡ଼ିକୁ ଯେତେ ପାର ସେତେ ବହଳ ଚିନିପୁଟ ଦେଇ ଚାଲିଛ ନିଜ ଭିତରେ ଯାହା ଅଛି ତାହାକୁ, ଅର୍ଥାତ୍ ଫଳ ଭିତରେ ଥିବା କୀଟକୁ ଭଲଭାବେ ଲୁଚାଇ ରଖିବା ଭଳି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଷଷ୍ଠଦଶ ପରିଚ୍ଛେଦ)

## ଜୀବନର ବୁଦ୍ଧି-ଅତୀତ ପରମ ଲକ୍ଷ୍ୟ

ଶେଖ ଅବଦୁଲ କାଶମ

ପରମ ଦିବ୍ୟତାକୁ ଉପଲବ୍ଧି କରିବା ଏବଂ ତା' ସହିତ ସମଛନ୍ଦଃ ହୋଇ ବାସ କରିବା ହେଉଛି ମନୁଷ୍ୟର ପରମ ଲକ୍ଷ୍ୟ । ସେହିପରି ଧର୍ମର ଲକ୍ଷ୍ୟ ହେଉଛି ପରମ ସତ୍ୟ, ପରମ ଶିବ ଓ ପରମ ସୁନ୍ଦରର ସାନ୍ନିଧ ଲାଭ କରିବା । ନୈତିକତାର ଲକ୍ଷ୍ୟ ହେଉଛି ଆଲୋକ, ପ୍ରେମ, ବଳ ଓ ଶୁଦ୍ଧତା ଦ୍ୱାରା ପରିପୂର୍ଣ୍ଣ ଶାଶ୍ୱତ ପ୍ରକୃତିଟି ସହିତ ସମତାଯୁକ୍ତ ହୋଇ ବିକାଶ ଲାଭ କରିବା । ଚିରନ୍ତନ ସୌନ୍ଦର୍ଯ୍ୟ ଓ ଚିରନ୍ତନ ଆନନ୍ଦର ସମତା ଅବସ୍ଥାକୁ ଉପଲବ୍ଧି କରିବା ହେଉଛି ସୌନ୍ଦର୍ଯ୍ୟକାମୀ ପ୍ରକୃତିର ପରମ ଉଦ୍ଦେଶ୍ୟ । ଆଉ ଚିରନ୍ତନ ସତ୍ୟତତ୍ତ୍ୱଗୁଡ଼ିକୁ ଜାଣିବା ଓ ତାହାରି ଅନୁସାରେ ଆପଣାକୁ ପ୍ରସ୍ତୁତ କରିବା ହେଉଛି ଦର୍ଶନ ଓ ବିଜ୍ଞାନର ଲକ୍ଷ୍ୟ ।

ସତ୍ୟ, ଚେତନା ଓ ଆନନ୍ଦ ଭଳି ବିଷୟଗୁଡ଼ିକ ମନୁଷ୍ୟ ପାଇଁ ବହୁ ଉଚ୍ଚରେ ବା ଅପହଞ୍ଚ ହୋଇ ରହିଥାଏ । ମନୁଷ୍ୟ ତା'ର ନାନାବିଧ ସ୍ୱାର୍ଥ, ଭୌତିକ ଆବଶ୍ୟକତା ଓ ପ୍ରାଣଗତ ପ୍ରୟୋଜନ ପୂରଣ କରିବାରେ ହିଁ ସର୍ବଦା ବ୍ୟସ୍ତ ରହିଥାଏ । ତା'ର ନିତ୍ୟନୈମିତ୍ତିକ ଜୀବନ ହେଉଛି ପ୍ରକୃତରେ ଏକ ବ୍ୟାବହାରିକ କ୍ଷେତ୍ରର ଜୀବନ, ତାହା ଏକ ଆଦର୍ଶଗତ କ୍ଷେତ୍ରର ଜୀବନ ନୁହେଁ । ସମ୍ପୂର୍ଣ୍ଣ ବିଶୃଙ୍ଖଳାକୁ ଏଡ଼ିବା ପାଇଁ ମନୁଷ୍ୟ ନୈତିକ ବିଧାନ ଦ୍ୱାରା ନିଜର ଜୀବନକୁ ପରିଚାଳିତ କରୁଛି । ବାହ୍ୟ ଜୀବନରେ ସୌନ୍ଦର୍ଯ୍ୟର ବ୍ୟବସ୍ଥା ଦ୍ୱାରା ଆମୋଦ ଲାଭ କରିବାକୁ ସେ ଚାହୁଁଛି, ମାତ୍ର ଆପଣାର ଜୀବନକୁ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିବା ପାଇଁ ତା' ଭିତରେ କୌଣସି ପ୍ରେରଣା ନାହିଁ । ଧର୍ମଗତ ଜୀବନରେ ମନୁଷ୍ୟ ଖୁବ୍ ଏକ ସୀମିତ ସମୟ ଲାଗି ଭଗବାନଙ୍କୁ ସ୍ମରଣ କରୁଛି, ପରମ୍ପରାକୁ ମାନିବା ପାଇଁ ମନ୍ଦିର, ମସଜିଦ ବା ଗୀର୍ଜାକୁ ଯାଉଛି, ମାତ୍ର ତା'ର ସମଗ୍ର ଜୀବନକୁ ଏକ ଧର୍ମରେ ପରିଣତ କରିବା ତା' ପକ୍ଷରେ ସମ୍ଭବ ହେଉ ନାହିଁ । ବିଜ୍ଞାନ ଓ ଦର୍ଶନ ପ୍ରତି ମଧ ମନୁଷ୍ୟର ସମର୍ପିତ ମନୋଭାବ ନାହିଁ, କେବଳ ବ୍ୟାବହାରିକ ପ୍ରୟୋଜନୀୟତା ଦୃଷ୍ଟିରୁହିଁ ସେ ଏ ଦୁଇଟି କ୍ଷେତ୍ରରେ କିଛିଟା ଅଂଶଗ୍ରହଣ କରୁଛି ।

ମନୁଷ୍ୟର ସର୍ବପ୍ରଥମ ସାମର୍ଥ୍ୟ ହେଉଛି ତା'ର ପ୍ରାଣଗତ ସାମର୍ଥ୍ୟ । ତିଷ୍ଠି ରହିବା, ଆପଣାର ଅସ୍ତିତ୍ୱଟିକୁ ପ୍ରତିଷ୍ଠିତ କରି ରଖିବା, ଅଭିବୃଦ୍ଧି ସାଧନ କରିବା, ପ୍ରସାର ଲାଭ କରିବା, ଅଧିକାର କରିବା, ଉପଭୋଗ କରିବା ତଥା ଆପଣାର ସୁଖ ଓ ସାମର୍ଥ୍ୟର ବୃଦ୍ଧି ଘଟାଇବା ହେଉଛି ତା'ର ମୁଖ୍ୟ ଉଦ୍ଦେଶ୍ୟ । ମନୁଷ୍ୟ କେବଳ ବଞ୍ଚି ରହିବା ସକାଶେ ସଂଗ୍ରାମ କରୁ ନାହିଁ, ସେ ଆପଣାର ଅଭିବୃଦ୍ଧି ସାଧନ କରିବା ତଥା ଉପଭୋଗ ଓ ଅଧିକାର କରିବା ଲାଗି ମଧ ସଂଗ୍ରାମ କରି ଚାଲିଛି । ସେ ସତତ ପ୍ରସାରିତ ହେବାକୁ ଚାହେଁ, ସମଗ୍ର ଜୀବନଟି ଉପରେ ଆଧିପତ୍ୟ ଜମାଇ ରଖିବାକୁ ଚାହେଁ । ମନୁଷ୍ୟ ଜୀବନରେ ଦୁଇଟି ଶକ୍ତିଶାଳୀ ଆବେଗ କାର୍ଯ୍ୟ କରୁଛି । ପ୍ରଥମଟି ହେଲା, ବ୍ୟକ୍ତି ହିସାବରେ ଆପଣାକୁ ପ୍ରତିଷ୍ଠିତ କରିବା ଏବଂ ଦ୍ୱିତୀୟଟି ହେଲା, ସମୂହ ମାଧ୍ୟମରେ ଆପଣାକୁ ପ୍ରତିଷ୍ଠିତ କରିବା । ଏହି ଦୁଇଟି ଆବେଗ ମାଧ୍ୟମରେ ମନୁଷ୍ୟର ପ୍ରାଣ ପ୍ରକୃତିଟି ଗତିଶୀଳ ହୋଇ ରହୁଛି । ପ୍ରାଣପ୍ରଧାନତା ବା ପ୍ରାଣିକ ଗତିଶୀଳତା ହେଉଛି ମନୁଷ୍ୟ ଜୀବନର ମୂଳ ପ୍ରବୃତ୍ତି ।

ଏକ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟର ତିନୋଟି କ୍ରିୟାତ୍ମକତା ରହିଛି । ପ୍ରଥମଟି ହେଉଛି ତା'ର ଗୃହଗତ ଜୀବନ ଓ ସାମାଜିକ ଜୀବନ । ମନୁଷ୍ୟ ଜଣେ ବ୍ୟକ୍ତି ହିସାବରେ ତଥା ପରିବାରର ଏକ ସଦସ୍ୟ ରୂପେ ଅନ୍ୟମାନଙ୍କ ସହିତ ସମ୍ବନ୍ଧ ରଖି ଜୀବନଯାପନ କରିଥାଏ । ଦ୍ୱିତୀୟଟି ହେଉଛି ଅର୍ଥଗତ କ୍ରିୟାଶୀଳତାସମ୍ପନ୍ନ ଜୀବନ । ବିତ୍ତ ଉପାର୍ଜନ ଓ ବିତ୍ତର ଭୋଗ ନିମନ୍ତେ ମନୁଷ୍ୟ ବହୁ ସମୟ ଓ ଶକ୍ତି ବିନିଯୋଗ କରିଥାଏ । ତୃତୀୟଟି ହେଉଛି ରାଜନୈତିକ କ୍ରିୟାଶୀଳତା । ସମାଜ ରୂପକ ସଙ୍ଗଠନଟିକୁ ଅଧିକ ବ୍ୟବସ୍ଥିତ କରିବା ଓ ତା'ର ଉନ୍ନତି ବିଧାନ ନିମନ୍ତେ କାର୍ଯ୍ୟ କରିବା ମନୁଷ୍ୟ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ । ଏଇ ତିନି ପ୍ରକାର କ୍ରିୟାତ୍ମକତାର ସଙ୍ଗଠିତ ରୂପ ହେଉଛି ସମାଜ । ମନୁଷ୍ୟ ସାଧାରଣତଃ ତା'ର ବ୍ୟାବହାରିକ କ୍ଷେତ୍ରଟିକୁ ସମୁଦାୟ ଜୀବନ ରୂପେ ଗ୍ରହଣ କରି ନେଇଥାଏ । ବିଦ୍ୟା,

ବିଜ୍ଞାନ, ସଂସ୍କୃତି, ନୈତିକତା, ସୌନ୍ଦର୍ଯ୍ୟର ଅନୁଶୀଳନ ଓ ଧର୍ମ – ଏଗୁଡ଼ିକୁ ଯଦିଓ ସେ ନିଜ ଜୀବନର ଏକ ସହାୟକ ଅଙ୍ଗ ରୂପେ ସ୍ୱୀକାର କରିଥାଏ, ତଥାପି ଏଗୁଡ଼ିକୁ ଅପରିହାର୍ଯ୍ୟ ସାମଗ୍ରୀ ରୂପେ ସେ ଗ୍ରହଣ କରେ ନାହିଁ । ତା' ପକ୍ଷରେ ବଞ୍ଚି ରହିବା ହିଁ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ।

ପ୍ରାଚୀନ ଯୁଗରେ ଉପର ବର୍ଣ୍ଣିତ ଜୀବନର ସର୍ବପ୍ରଥମ କ୍ରିୟାଶୀଳତାକୁ ସ୍ୱୀକାର କରାଯାଇଥିଲା ସତ, ମାତ୍ର ଏକ ଉଚ୍ଚତର ଦୃଷ୍ଟିକୋଣରୁ ସେଗୁଡ଼ିକ ଜୀବନର ସର୍ବପ୍ରଧାନ ବିଷୟ ରୂପେ ଗୃହୀତ ହୋଇ ନଥିଲା । ପ୍ରାଚୀନ ଯୁଗର ମନୁଷ୍ୟମାନେ ବୁଦ୍ଧିଗତ, ନୀତିଗତ, ସୌନ୍ଦର୍ଯ୍ୟବୋଧଗତ ଓ ଆଧ୍ୟାତ୍ମିକ ଉତ୍କର୍ଷ ସାଧନକୁ ଜୀବନର ସର୍ବପ୍ରଧାନ କାର୍ଯ୍ୟ ବୋଲି ଭାବୁଥିଲେ । ଗ୍ରୀସ୍ ଓ ରୋମ୍‌ରେ ବୁଦ୍ଧିଗତ, ନୀତିଗତ ଓ ସୌନ୍ଦର୍ଯ୍ୟବୋଧଗତ କ୍ରିୟାଶୀଳତାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଏସିଆରେ ଏଗୁଡ଼ିକୁ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଲାଭ ଦିଗରେ ଗୋଟିଏ ଗୋଟିଏ ସୋପାନ ରୂପେ ବିଚାର କରି ସେଗୁଡ଼ିକର ଉତ୍କର୍ଷ ସାଧନ କରାଯାଉଥିଲା । ମାତ୍ର ଧର୍ମ ଓ ଆଧ୍ୟାତ୍ମିକତା ଥିଲା ଏସିଆବାସୀଙ୍କ ପକ୍ଷରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଆଧୁନିକ ଜଗତ୍ ଆର୍ଥିକ ସଙ୍ଗଠନ, ରାଜନୈତିକ ସ୍ୱାଧୀନତା, ଆରାମ, ସୁଖ ଓ ବିଜ୍ଞାନ ଦିଗରେ ଅଧିକ ଆକୃଷ୍ଟ ହେଉଛି, କିନ୍ତୁ ଆଧ୍ୟାତ୍ମିକତା ଉପରେ ବିଶେଷ ଗୁରୁତ୍ୱ ଦେଉ ନାହିଁ । ଉତ୍ତମ ସ୍ୱାସ୍ଥ୍ୟ, ଆରାମ, ବିଳାସ, ଐଶ୍ୱର୍ଯ୍ୟ, ଆମୋଦପ୍ରମୋଦ, ଅଧିକ ଅର୍ଥ ଉପାର୍ଜନ ଓ ଅଧିକ ସାମଗ୍ରୀ ଠୁଳ କରିବା – ଏସବୁ ଆଧୁନିକ ସମାଜର ଆଦର୍ଶ ହୋଇଛି । ଯୁଦ୍ଧ, ଆକ୍ରମଣ, ଉପନିବେଶ ସ୍ଥାପନ, ଆବିଷ୍କାର ଓ ଉଦ୍ଭାବନ, ବାଣିଜ୍ୟଗତ ଅଭିବୃଦ୍ଧି, ଭ୍ରମଣ ଓ ଦୁଃସାହସିକ ଯାତ୍ରା – ଏସବୁରେ ଆଧୁନିକ ମନୁଷ୍ୟ ଅଧିକ ଆଗ୍ରହ ଦେଖାଉଛି ।

ଆଗରୁ କୁହାଯାଇଛି ଯେ ମନୁଷ୍ୟ ମଧ୍ୟରେ ବ୍ୟକ୍ତିମୁଖୀ ଓ ସମାଜମୁଖୀ ଏପରି ଦୁଇଟି ଶକ୍ତିଶାଳୀ ଆବେଗ କାର୍ଯ୍ୟ କରୁଛି । ବ୍ୟକ୍ତିଗତ ସୁଖଲାଭ, ଅନ୍ୟମାନଙ୍କ ଉପରେ କର୍ତ୍ତୃତ୍ୱ ସ୍ଥାପନ ଓ ଯାବତୀୟ ପ୍ରକାରର ଉପଭୋଗ ପାଇଁ ମନୁଷ୍ୟ ଅଧିକ ଲାଳାୟିତ ହେଉଛି । ସ୍ତ୍ରୀ, ପରିବାରବର୍ଗ, ଘର, ସମ୍ପତ୍ତି ଓ ଜମିବାଡ଼ି ଉପରେ ମାଲିକ ହୋଇ ରହିବାକୁ ସେ ଚାହେଁ । ଆପଣାର ସନ୍ତାନମାନଙ୍କର ଜୀବନ ମଧ୍ୟଦେଇ ସେ ଆପଣାର ଭୋଗଲାଳସା ଓ ଅଧିକାରଗୁଡ଼ିକୁ ପ୍ରଲମ୍ବିତ କରି ରଖିବାକୁ ଚେଷ୍ଟା କରିଥାଏ । ମନୁଷ୍ୟର ଯାବତୀୟ କ୍ରିୟାଶୀଳତା ମଧ୍ୟରେ ପ୍ରାଣଗତ ବ୍ୟକ୍ତିମୁଖୀ ତତ୍ତ୍ୱଟିହିଁ ସର୍ବଦା କାର୍ଯ୍ୟ କରିଥାଏ । ସାହଚର୍ଯ୍ୟ, ପାରସ୍ପରିକ ବିନିମୟ, ସମ୍ମିଳିତ ଚେଷ୍ଟା ଓ ଆମୋଦପ୍ରମୋଦ କ୍ଷେତ୍ରରେ ବ୍ୟକ୍ତି ସାମାଜିକ ଜୀବନ ସହିତ ନିଜକୁ ସମ୍ବନ୍ଧିତ କରି ରଖେ । ମାତ୍ର ସବୁକ୍ଷେତ୍ରରେ ତା'ର ବ୍ୟକ୍ତିଗତ ଅଭୀଷ୍ଟ ପୂରଣ ପାଇଁ ସେ ଚେଷ୍ଟିତ ଥାଏ । ତା'ର ସମସ୍ତ କାମନାବାସନା ଚରିତାର୍ଥ କରିବା ପାଇଁ ତଥା ଅନ୍ୟ ସମସ୍ତଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ଆଗକୁ ମାଡ଼ିଯିବା ପାଇଁ ସେ ପରିବାର, ସମାଜ ଓ ଦେଶକୁ ଗୋଟିଏ ଗୋଟିଏ ପାହାଚ ରୂପେ ବ୍ୟବହାର କରେ । କେତେକ କ୍ଷେତ୍ରରେ ବ୍ୟକ୍ତିମୁଖୀ ପ୍ରବୃତ୍ତି ଯୋଗୁଁ ମନୁଷ୍ୟ ସମାଜଠାରୁ ବିଚ୍ଛିନ୍ନ ହୋଇଯାଏ, ସମାଜକୁ କାରାଗାରତୁଲ୍ୟ ମଣି ନିର୍ଜନବାସକୁ ଆଦରି ନିଏ ।

ମନୁଷ୍ୟ ଭିତରେ ଯେଉଁ ସମୂହମୁଖୀ ବା ସହଯୋଗୀ ପ୍ରବୃତ୍ତି ରହିଛି ତାହା ପ୍ରାଣପ୍ରଧାନ ଦ୍ୱିତୀୟ ପ୍ରବୃତ୍ତି । ବ୍ୟକ୍ତି ଆପଣାକୁ ପରିବାର ପାଖରେ ଗୌଣ ଓ ଅଧୀନସ୍ଥ କରି ରଖେ । ପାରିବାରିକ ଜୀବନଟି ତା'ର ବୃହତ୍ତର ପ୍ରାଣଗତ ଅହଂର ତୁଷ୍ଟିସାଧନ ପାଇଁ ଏକ ମାଧ୍ୟମ ହୋଇଥାଏ । ଅର୍ଥ ଉପାର୍ଜନ ସକାଶେ ଏକ ଧନ୍ଦା ଗ୍ରହଣ କରିବା, ବିବାହ କରି ପରିବାରକୁ ଜନ୍ମଦେବା ଓ ତା'ର ପରିପାଳନ କରିବା, ଆବଶ୍ୟକତା ମୁତାବକ ଧନସମ୍ପତ୍ତି ଠୁଳ କରିବା, ବିଭିନ୍ନ ଦିଗରେ ସଫଳତା ହାସଲ କରିବା, – ଏସବୁ ହେଉଛି ତା'ର ପାରିବାରିକ ଜୀବନର ଉଦ୍ଦେଶ୍ୟ । ଏକ ବ୍ୟାବହାରିକ, ପ୍ରାଣପ୍ରଧାନ ଏବଂ ଅର୍ଥନୈତିକ ଆବଶ୍ୟକତାରୁହିଁ ମୂଳତଃ ପରିବାରର ସୃଷ୍ଟି ହୋଇଛି । ପରିବାର ହେଉଛି ଏକ ବୃହତ୍ତର ପ୍ରାଣିକ ଅହଂ । ଏହା ଅଧିକ ଜଟିଳ ଏକ ପ୍ରାଣପ୍ରଧାନ ସଙ୍ଗଠନ ଯାହା ବ୍ୟକ୍ତିକୁ ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗର ଭିତ୍ତିରେ ସୁରକ୍ଷିତ କରି ରଖେ । ସମାଜ ହେଉଛି ଆହୁରି ବୃହତ୍ତର ଏକ ପ୍ରାଣିକ ଅହଂ ଯାହା ବ୍ୟକ୍ତି ଓ ପରିବାରକୁ ତା'ର ଜଟିଳ ସଂଗଠନ ଭିତରେ ସମ୍ଭାଳି ଧରିଥାଏ ଏବଂ ସାମୂହିକ କ୍ଷେତ୍ରରେ ପ୍ରାଣିକ ଆବଶ୍ୟକତା ଓ ଦାବିଗୁଡ଼ିକର ପରିତର୍ପଣ ଦିଗରେ କାର୍ଯ୍ୟ କରୁଥାଏ । ସେଠାରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗର ନୀତି ସାମୂହିକ ଅହଂକୁ ପରିଚାଳିତ କରୁଥାଏ । ସମାଜ ପରିବାରଠାରୁ ଅଧିକ ଅର୍ଥନୀତିପ୍ରେରିତ ହୋଇଥାଏ । ଆଧୁନିକ କାଳରେ ସମାଜବାଦର ଯେଉଁ ବିଚାରଗୁଡ଼ିକ ଆଦୃତ ହେଉଛି, ସେଥିରେ ଆର୍ଥିକ ଓ ଭୌତିକ ଦିଗଟି ଅଧିକ ପ୍ରାଧାନ୍ୟ ଲାଭ କରିଛି । ବର୍ତ୍ତମାନର ସାମୂହିକ

ଜୀବନରେ ଅର୍ଥନୀତିହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । କୌଣସି ସମାଜ ଆହୁରି ଅନେକ ସମାଜ ଦ୍ୱାରା ପରିବେଷ୍ଟିତ ହୋଇଥିବାରୁ ପାରସ୍ପରିକ ସମ୍ବନ୍ଧ ପ୍ରତିଯୋଗିତାମୂଳକ ହୋଇଥାଏ, ସେଠାରେ ସହଯୋଗର ମନୋଭାବ କ୍ୱଚିତ୍ ଥାଏ । ସାମାଜିକ ଜୀବନ ପରିଶେଷରେ ରାଜନୀତି ଉପରେ ଆଶ୍ରିତ ହୋଇ ରହୁଛି । ଫଳରେ ସେଇଥିରୁ ଜାତି ବା ରାଷ୍ଟ୍ରର ଜନ୍ମ ହେଉଛି ।

ନୈତିକତା ଓ ଧର୍ମ ପ୍ରାଣିକ ପ୍ରବୃତ୍ତିଗୁଡ଼ିକ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ହେଲେ ସେଥିରୁ ଅନେକ ପ୍ରକାର ବିକୃତି ସୃଷ୍ଟି ହୁଏ । ଅଧିକ ଐଶ୍ୱର୍ଯ୍ୟ ଓ ଅଧିକ ସୁଖ ଲାଗି ରହିଥିବା ପ୍ରାଣିକ ପ୍ରବୃତ୍ତି ସ୍ଥାନରେ ଏକ କଠୋର ଦାରିଦ୍ର୍ୟର ଆଦର୍ଶ ମୁଣ୍ଡ ଟେକିଥାଏ । ସୁଖଭୋଗର ପ୍ରାଣିକ ପ୍ରବୃତ୍ତି ସ୍ଥାନରେ ଏକ କଠୋର ଆତ୍ମକୃଚ୍ଛ୍ରତାର ଆଦର୍ଶ ଉପସ୍ଥାପିତ ହୁଏ । ନୈତିକତା ଓ ଧର୍ମର ବିକୃତ ପ୍ରଭାବ ଯୋଗୁଁ ସ୍ୱାସ୍ଥ୍ୟ ଓ ଆରାମର ପ୍ରାଣିକ ଅଭିଳାଷ ପରିବର୍ତ୍ତେ ଶରୀର ପ୍ରତି ବୈରାଗୀସୁଲଭ ବିଦ୍ୱେଷ, ବିରକ୍ତି ଓ ଅବହେଳା ପ୍ରଦର୍ଶନ କରାଯାଏ । ସତତ କର୍ମରତ ରହିବାର ପ୍ରାଣିକ ପ୍ରବୃତ୍ତିଟି ବିକୃତ ରୂପ ନେଇ ନିଷ୍କ୍ରିୟତାରେ ପରିଣତ ହୁଏ । କ୍ଷମତା, ଆତ୍ମବିସ୍ତାର, ଶାସନ ଓ ବିଜୟର ପ୍ରାଣିକ ପ୍ରବୃତ୍ତିକୁ ନାପସନ୍ଦ କରି ଆତ୍ମ-ନିମ୍ନତା, ବଶ୍ୟତା ଓ ନୀରବ କଷ୍ଟ ସହନକୁ ବରଣ କରାଯାଏ । ସାମାଜିକ ତଥା ପାରିବାରିକ ଜୀବନର ପ୍ରବୃତ୍ତିକୁ ଖଣ୍ଡନ କରିବା ପାଇଁ ଯୋଗୀ, ସନ୍ନ୍ୟାସୀ, ନିର୍ଜନବାସୀ ଓ ସଂସାରତ୍ୟାଗୀର ଆଦର୍ଶକୁ ପ୍ରୋତ୍ସାହିତ କରାଯାଏ ।

ଏହିପରି ଭାବରେ ପ୍ରାଣଗତ ପ୍ରବୃତ୍ତିଗୁଡ଼ିକୁ ମାରିଦେବା ଲାଗି ଚେଷ୍ଟା କରାଯାଏ ଏବଂ ଏହି ଜୀବନକୁ ଏକ ମାୟା ବୋଲି ଘୋଷଣା କରାଯାଏ । ଜୀବନ ଓ ଜଗତ୍ ପ୍ରତି ଏ ପ୍ରକାର ବିରକ୍ତିର ଏକ ସୀମିତ ଉପଯୋଗିତା ରହିଛି । ଏହାଦ୍ୱାରା କିଛି କାଳ ପାଇଁ ଏକ ନୂତନ ଶକ୍ତିମତ୍ତାର ବିକାଶ ଘଟିପାରେ ଯେମିତି କି ବୌଦ୍ଧଧର୍ମ ପ୍ରଚାରର ପ୍ରଥମ କେତୋଟି ଶତକରେ ଘଟିଥିଲା । ମାତ୍ର ସେହି ସୀମାଟି ପାର ହୋଇଗଲା ପରେ ଦେଖାଗଲା ଯେ ଜୀବନ ପାଇଁ ଅପରିହାର୍ଯ୍ୟ ପ୍ରାଣଶକ୍ତିକୁ ଅବଦମିତ କରି ରଖିବା ଦ୍ୱାରା ଜୀବନର ସାର୍ଥକ ବିକାଶ ଘଟିପାରୁ ନାହିଁ । ବୌଦ୍ଧଧର୍ମ ଓ ତଦ୍ ପରବର୍ତ୍ତୀ ମାୟାବାଦର ପ୍ରଭାବରେ ଜୀବନର ଗତିଶୀଳତାକୁ ଅସ୍ୱୀକାର କରିବାର ଆଦର୍ଶ ପ୍ରଚାରିତ ହେଲା, ଯାହା ଫଳରେ ସମାଜର ଅଭିବୃଦ୍ଧି ବ୍ୟାହତ ହେଲା, ସମାଜରେ ସ୍ଥାଣୁତା ଓ ଅବକ୍ଷୟ ଦେଖାଦେଲା ।

ଭାରତୀୟ ପ୍ରାଚୀନ ଆଦର୍ଶ ଜୀବନର ପୂର୍ଣ୍ଣବିକାଶ ନିମିତ୍ତ ତାହାକୁ ଚାରୋଟି ମୌଳିକ ଭାଗରେ ବିଭକ୍ତ କରିଥିଲା ଯଥା : ଅର୍ଥ, କାମ, ଧର୍ମ ଓ ମୋକ୍ଷ । ତତ୍କାଳୀନ ସମାଜରେ ଅର୍ଥ ବା ପ୍ରାଣଗତ ଆଗ୍ରହକୁ ପ୍ରୋତ୍ସାହିତ କରାଯାଉଥିଲା । କାମ, ଅର୍ଥାତ୍ ସର୍ବବିଧ କାମନାର ତୁଷ୍ଟିବିଧାନ କରାଯାଉଥିଲା । ଧର୍ମ, ଅର୍ଥାତ୍ ନୈତିକତା ଓ ଧାର୍ମିକତା ଜୀବନକୁ ମାର୍ଗଦର୍ଶନ କରୁଥିଲା । ମୋକ୍ଷ ବା ଆଧ୍ୟାତ୍ମିକତା ଥିଲା ଜୀବନର ଅନ୍ତିମ ଲକ୍ଷ୍ୟ । ଅନ୍ୟ ଏକ ଜଗତରେ ମୋକ୍ଷ ଲାଭ ହେବ ବୋଲି ବିଶ୍ୱାସ କରାଯାଉଥିଲା । ମୋକ୍ଷକୁ ଭୌତିକ ଜୀବନରହିଁ ସର୍ବୋଚ୍ଚ ଅବସ୍ଥା ବୋଲି ସ୍ୱୀକାର କରାଯାଇ ନଥିଲା । ଆଧୁନିକ ଯୁଗର ବିଚାର ହେଲା, ଆମର ବ୍ୟକ୍ତିଗତ ଓ ସାମୂହିକ ପରିପୂର୍ଣ୍ଣତା ସକାଶେ ତଥା ଏକ ଦିବ୍ୟତର ମନୁଷ୍ୟଜାତିର ଅଭ୍ୟୁଦୟ ସକାଶେ ଏଇ ଭୌତିକ ଜୀବନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଆବଶ୍ୟକ । ପ୍ରାଣିକ ପ୍ରବୃତ୍ତିଗୁଡ଼ିକୁ ମାରି ନ ଦେଇ ସେଗୁଡ଼ିକର ପରିପୂର୍ଣ୍ଣ ବିକାଶ ସାଧନ କରିବା ଉଚିତ ।

ପ୍ରାଣିକ ସତ୍ତାର ପ୍ରଥମ ଅବସ୍ଥା ହେଉଛି ଏକ ଅବବୌଦ୍ଧିକ ଅବସ୍ଥା ଯେଉଁଠି ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ସବୁକିଛି ଘଟୁଥାଏ । ସେଇଟା ହେଉଛି ଏକ ଅଶୋଧିତ ଅବସ୍ଥା । ନୈତିକତା, ସୌନ୍ଦର୍ଯ୍ୟବୋଧ ତଥା ଧର୍ମର ଅବବୌଦ୍ଧିକ ସ୍ତରଟି ମଧ୍ୟ ସେହିପରି ଅବସ୍ଥାରେ ଥାଏ । ସେଠାରେ ନାନା କୁତ୍ସିତତା, ଦୋଷ ଓ ଅସାମର୍ଥ୍ୟ ଭର୍ତ୍ତି ହୋଇ ରହିଥାଏ । ପ୍ରାଣର କ୍ଷେତ୍ରଟି ହେଉଛି ନାନା ଅସୁବିଧାର ନିବାସସ୍ଥଳ । ଏହା ଆମର ଯାବତୀୟ ଉତ୍ତୋଳନର ପ୍ରତିରୋଧ କରୁଥାଏ । ମାତ୍ର ଯଥାର୍ଥ ଦୃଷ୍ଟିରେ ଦେଖିଲେ ଜଣାପଡ଼େ ଯେ ସେହି କ୍ଷେତ୍ରରେ ମଧ୍ୟ ଅନେକ ସାମର୍ଥ୍ୟ, ସୌନ୍ଦର୍ଯ୍ୟ, କଲ୍ୟାଣ, ଆତ୍ମୋତ୍ସର୍ଗ ଓ ଦିବ୍ୟତାର ଉପାଦାନଗୁଡ଼ିକ ଅନ୍ତର୍ନିହିତ ହୋଇ ରହିଛି । ପ୍ରାଣମୟ ଶକ୍ତିମତ୍ତା ଭିତରେ ବୁଦ୍ଧିର ଅତୀତ ଯେଉଁ ପରମ ତତ୍ତ୍ୱଟି ସଂଗୁପ୍ତ ହୋଇ ରହିଛି ତାକୁ ଉନ୍ମୋଚିତ କରିବାକୁ ହେଲେ ଆମକୁ ବୁଦ୍ଧିସ୍ତରକୁ ଅତିକ୍ରମ କରି ଚାଲିଯିବାକୁ ହେବ ।

ବୁଦ୍ଧି-ଅତୀତ ତତ୍ତ୍ୱର ପ୍ରଭାବରେ ଅନେକ ଶୁଦ୍ଧ ପ୍ରାଣଗତ ଆଦର୍ଶର ବିକାଶ ଆରମ୍ଭ ହୁଏ । ପାରିବାରିକ ଓ ସାମାଜିକ ଜୀବନରେ ଆମେ ସେଇ ଆଦର୍ଶଗୁଡ଼ିକ ଅନୁସୃତ ହେଉଥିବାର ଦେଖୁ । ତେବେ ବର୍ତ୍ତମାନ ସେହି ଆଦର୍ଶଗୁଡ଼ିକ ଅପୂର୍ଣ୍ଣ ଓ ଅସ୍ପଷ୍ଟ ଅବସ୍ଥାରେ ରହିଅଛି । ପ୍ରେମ ହେଉଛି ସେପରି ଏକ

ଆଦର୍ଶ ଯାହା ଆପଣାର ଶୁଦ୍ଧ ସ୍ୱରୂପକୁ ପ୍ରାପ୍ତ ହେବା ପାଇଁ ଚେଷ୍ଟା ଚଳାଇଛି । ନାରୀ ଓ ପୁରୁଷ ମଧ୍ୟରେ ରହିଥିବା ପ୍ରେମ, ବନ୍ଧୁ ବନ୍ଧୁ ଭିତରେ ପ୍ରେମ, ଭାଇ ଭାଇର ପ୍ରେମ, ଜନକ ଓ ଜନନୀର ପ୍ରେମ, ଦେଶ ପ୍ରତି ପ୍ରେମ, ମନୁଷ୍ୟଜାତି ପ୍ରତି ପ୍ରେମ – ଏଗୁଡ଼ିକ ବିଶୁଦ୍ଧ ଅବସ୍ଥାରେ ପହଞ୍ଚିବା ଲାଗି ପ୍ରୟାସ କରୁଛନ୍ତି । ଯାବତୀୟ ଅପୂର୍ଣ୍ଣତା ସତ୍ତ୍ୱେ ସେଇ ଆଦର୍ଶଗୁଡ଼ିକ ଏକ ଏକ ଦିବ୍ୟ ସମ୍ଭାବନା ରୂପେ ଅବସ୍ଥିତ ରହିଛନ୍ତି ଏବଂ ସତ୍ତା ସହିତ ସତ୍ତାର ଏକ ଆଧ୍ୟାତ୍ମିକ ଏକତ୍ୱ ମଧ୍ୟକୁ ବିକଶିତ ହୋଇଯିବା ଲାଗି ପ୍ରସ୍ତୁତ ହେଉଛନ୍ତି ।

ଅର୍ଥନୈତିକ କ୍ଷେତ୍ରରେ ଦାରିଦ୍ର୍ୟରୁ ମୁକ୍ତି ଏକ ଆଦର୍ଶ ହୋଇରହିଛି, ମାତ୍ର ତାହା ବିକଶିତ ହୋଇ ଏକ ଦିବ୍ୟ ଚିନ୍ତାମୁକ୍ତତା (divine ease) ଓ ଦେବତୁଲ୍ୟ ଅବସର ଭୋଗ (leisure of the gods)ରେ ପରିଣତ ହେବ । କନ୍ଦଳ ଓ ପ୍ରବଞ୍ଚନାର କ୍ଷେତ୍ର ହୋଇଥିବା ରାଜନୀତି ମଧ୍ୟ ନାନା ବିଶୁଦ୍ଧ ଆଦର୍ଶବାଦର କ୍ଷେତ୍ରରେ ପରିଣତ ହୋଇପାରେ । କୁତ୍ସିତ ପ୍ରବୃତ୍ତିର ଅଧୀନ ହୋଇଥିବା ବ୍ୟକ୍ତିମାନେ ମଧ୍ୟ ସମୟକ୍ରମେ ଦେଶପ୍ରେମ, ଆତ୍ମତ୍ୟାଗ, ଶୃଙ୍ଖଳା ଓ ଆତ୍ମଦାନ ଭଳି ଶୁଦ୍ଧ ଆଦର୍ଶର ପଥ ଅନୁସରଣ କରନ୍ତି । ରାଜତନ୍ତ୍ର, କୁଳୀନତନ୍ତ୍ର (aristocracy) ଓ ଗଣତନ୍ତ୍ର ପ୍ରଭୃତି ମହାନ୍ ରାଜନୀତିକ ଆଦର୍ଶସବୁ ସ୍ୱାର୍ଥପରତାର ଅନୁଗାମୀ ହୋଇଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରେ କୌଣସି ନା କୌଣସି ବିଶୁଦ୍ଧ ସତ୍ୟ ଅନ୍ତର୍ନିହିତ ଥାଏ । ଉପାସନାର ଭାବ, ଆନୁଗତ୍ୟ, ଅହଂ ବର୍ଜନର ପ୍ରେରଣା ଓ କଷ୍ଟସହିଷ୍ଣୁତା ଭଳି ବିଶୁଦ୍ଧ ଆଦର୍ଶ ଦ୍ୱାରା ସେଗୁଡ଼ିକ ଉଦ୍‌ବୁଦ୍ଧ ହୁଅନ୍ତି । ଯୁଦ୍ଧ ଓ ସଂଘାତଗୁଡ଼ିକରୁ ବୀରତ୍ୱର ଶିକ୍ଷା ପ୍ରାପ୍ତ ହୋଇଥାଏ । ସାହସ, ଶକ୍ତି ଓ ବଳ – ଏଗୁଡ଼ିକ ହେଉଛି ଦିବ୍ୟ ସ୍ୱଭାବ ଯାହାକି ବିଭିନ୍ନ ପରୀକ୍ଷାମୂଳକ ପରିସ୍ଥିତି ମଧ୍ୟଦେଇ ଗଲାବେଳେ ମନୁଷ୍ୟ ଭିତରେ ବିକଶିତ ହୋଇଥାଏ ।

ମନୁଷ୍ୟର ପ୍ରାଣିକ, ରାଜନୀତିକ ଓ ଅର୍ଥନୈତିକ ଜୀବନ ଯେଉଁ ଦୁଇଟି ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇ ଆଗକୁ ବଢ଼ିଚାଲିଛି ତାହା ହେଲା ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗ । କିନ୍ତୁ ସେଗୁଡ଼ିକର ଲକ୍ଷ୍ୟ ହେଲା ସାମର୍ଥ୍ୟ ଓ ଏକତ୍ୱର ଉପଲବ୍ଧି କରିବା । ପରମ ଦିବ୍ୟତାକୁ ପରିପୂର୍ଣ୍ଣ ଭାବରେ ଉପଲବ୍ଧି କରିବାକୁ ହେଲେ ପରମ ସାମର୍ଥ୍ୟ ଓ ଏକତ୍ୱର ଉପଲବ୍ଧି ଅପରିହାର୍ଯ୍ୟ ଅଟେ ।

ମାନବ ଜୀବନର ବିକାଶକ୍ରମକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଅତୀତରେ ପ୍ରଥମେ ଅହଂଗତ ଅଭିପ୍ରାୟ (ego-motive)ଟିକୁ କେନ୍ଦ୍ର କରିହିଁ ଜୀବନ ସଂଗଠିତ ହୋଇଛି । ଅହଂ-ପ୍ରସାରଣର ସହଜାତ ପ୍ରବୃତ୍ତିଟିକୁ ବ୍ୟବହାର କରି ମନୁଷ୍ୟମାନେ ପରସ୍ପରର ସଂସ୍ପର୍ଶରେ ଆସିଛନ୍ତି । ଅହଂକୁ ନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଓ ଜାତି ଜାତି ମଧ୍ୟରେ ସଂଘର୍ଷ ଘଟିଛି । ପ୍ରତ୍ୟେକ ବ୍ୟକ୍ତି, ଜାତି, ସଭ୍ୟତା ଓ ସଂସ୍କୃତି ଆପଣାକୁ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରିଛନ୍ତି । ଅହଂଟି ଯୋଗୁଁ ପ୍ରତ୍ୟେକେ ଅନ୍ୟମାନଙ୍କ ସହିତ ସମ୍ପର୍କ ରଖିବାକୁ, ସମ୍ମିଳିତ ହେବାକୁ ଓ ସଂଘର୍ଷଲିପ୍ତ ହେବାକୁ ବାଧ୍ୟ ହୋଇଛନ୍ତି । ବ୍ୟକ୍ତି-ଅହଂ କ୍ରମଶଃ ଆପଣାକୁ ପ୍ରସାରିତ କରି ଯେମିତି ବୃହତ୍ତର ଆତ୍ମାକୁ ଉପଲବ୍ଧି କରିବ ଏବଂ ବିଶ୍ୱର ସକଳଙ୍କ ସହିତ ଏକାତ୍ମତା ଅର୍ଜନ କରିବ ସେଥିପାଇଁ ପ୍ରକୃତି ତାକୁ ବାଧ୍ୟ କରୁଛି । ଏହି ଉଦ୍ଦେଶ୍ୟରେ ପ୍ରକୃତି ମନୁଷ୍ୟମାନଙ୍କ ଭିତରେ ଶ୍ରଦ୍ଧା, ସହାନୁଭୂତି, ଆତ୍ମ-ପରିହାର, ଆତ୍ମୋତ୍ସର୍ଗ ଓ ପରାର୍ଥପରତା ଭଳି ଶୁଦ୍ଧ ଆବେଗଗୁଡ଼ିକୁ ଆଣି ଭର୍ତ୍ତି କରୁଛି ।

ନାନା ଶକ୍ତିଗୁଡ଼ିକର ସଂଘାତ ମଧ୍ୟରେ ଶୃଙ୍ଖଳା ଓ ବ୍ୟବସ୍ଥା ଆଣିବା ପାଇଁ ବୁଦ୍ଧି ଚେଷ୍ଟା କରୁଛି । ମାତ୍ର ସେହି ଶୃଙ୍ଖଳା ଓ ବ୍ୟବସ୍ଥା ଆଂଶିକ ଓ ଅସ୍ଥାୟୀ ହୋଇ ରହୁଛି । ନିମ୍ନଦେଶରୁ ତଥା ଊର୍ଦ୍ଧ୍ୱଦେଶରୁ ଆସୁଥିବା ଆକର୍ଷଣ ଏହି କାର୍ଯ୍ୟରେ ବିଘ୍ନ ସୃଷ୍ଟି କରୁଛି । ମନୁଷ୍ୟ ଜୀବନର ଯେଉଁ ଶକ୍ତିଗୁଡ଼ିକ ମନୁଷ୍ୟକୁ ଏକ ବୃହତ୍ତର ଆତ୍ମା ଆଡ଼କୁ ବିକଶିତ କରିନେବା ପାଇଁ ଅଭିପ୍ରେତ, ସେଗୁଡ଼ିକ ପ୍ରକୃତରେ ବୁଦ୍ଧି-ଅତୀତ ସ୍ତରରହିଁ ଏକ ଏକ ପ୍ରତିଫଳନ । ଅନନ୍ତ ଚେତନା ମନୁଷ୍ୟ ଜୀବନ ଉପରେ ଚାପ ପକାଉଛି ଯେମିତିକି ତାହା କୌଣସି ସୂତ୍ରବଦ୍ଧତାର ଅବସ୍ଥାରେ ଅଟକି ରହି ନଯିବ । ଯେତେଦିନ ପର୍ଯ୍ୟନ୍ତ ସେ ଆପଣା ଭିତରର ଦିବ୍ୟସତ୍ତାକୁ ଆବିଷ୍କାର ନକରିଛି, ଯେତେଦିନ ପର୍ଯ୍ୟନ୍ତ ସେ ନିଜର ଅହଂକୁ ଅତିକ୍ରମ କରି ପରିପୂର୍ଣ୍ଣତା ହାସଲ ନକରିଛି, ସେତେଦିନ ପର୍ଯ୍ୟନ୍ତ ଅନନ୍ତ ସତ୍ତା ତା' ଉପରେ ଚାପ ପକାଉଥିବ, ତାକୁ ବିଶ୍ରାମ ନେବାକୁ ସୁଯୋଗ ଦେବ ନାହିଁ ।

ଜୀବନର ଉତ୍ପତ୍ତି ଘଟିଛି ନିଶ୍ଚେତନାର ଗର୍ଭରୁ ଯେଉଁଠି ପରମ ଆଧ୍ୟାତ୍ମିକ ଚେତନା ସଂବୃତ ହୋଇ ରହିଛି । ପରମ ସତ୍ୟ ଯାହା ବିଶ୍ୱଗତ ସତ୍ତା ରୂପେ ବିଶ୍ୱର ସବୁକିଛିକୁ ସମ୍ଭାଳି ଧରିଛି, ମନୁଷ୍ୟ ତାକୁ ନିଜର ଅନ୍ତର୍ଗତ ସତ୍ତା ରୂପେ ଆବିଷ୍କାର କରିପାରିବ । ସବୁରି ଊର୍ଦ୍ଧ୍ୱରେ ରହିଛନ୍ତି ସତ୍, ଚିତ୍ ଓ ଆନନ୍ଦର ଅଧିକାରୀ ଶାଶ୍ୱତ ପରମ ସତ୍ତା । ସେ ଯେତେବେଳେ

ନିଶ୍ଚେତନା ଗର୍ଭରେ ଲୁଚିଯା'ନ୍ତି ସେତେବେଳେ ମନେ ହୁଏ ସତେ ଯେପରି ସେ ଏକ ଚେତନାହୀନ, ଆନନ୍ଦହୀନ ପରମ ଶୂନ୍ୟତା । ମାତ୍ର ସେହି ପରମ ନିଶ୍ଚେତନାର ଶୂନ୍ୟତା ଗର୍ଭରୁ ଚେତନା ଓ ଜୀବନର ବିକାଶ ଘଟେ । ଅଚେତନ ମହାଶକ୍ତି ଭିତରେ ଏକ ବିଶାଳ ଚେତନା କ୍ରିୟାଶୀଳ ହୋଇ ରହିଥାଏ, ଯାହା ଜଡ଼ତତ୍ତ୍ୱର ବିରୋଧ ଓ ବିସ୍ମୟ (the paradox and miracle of Matter)କୁ ପ୍ରସ୍ତୁତ କରୁଥାଏ, ଜଡ଼ ମଧ୍ୟରୁ ଜୀବନ ଓ ଅସ୍ତିତ୍ୱର ଉନ୍ମେଷ ଘଟାଉଥାଏ । ତେଣୁ ବିକାଶର ଏକ ଉଚ୍ଚତମ ପର୍ଯ୍ୟାୟରେ ବୋଧଶକ୍ତିହୀନ ଶୂନ୍ୟ ଭୂମିରେ ସୁଖ, ଆନନ୍ଦ, ଦିବ୍ୟାନନ୍ଦ ଓ ପରମାନନ୍ଦକୁ ଆବିଷ୍କାର କରି ହୁଏ । ପ୍ରକୃତରେ ପରମ ନିଶ୍ଚେତନା ହେଉଛି କେବଳ ଗୋଟିଏ ମୁଖା ସଦୃଶ, କେବଳ ଏକ ବହିରାବରଣ ମାତ୍ର, ତାହା ମଧ୍ୟରେ ଅନ୍ତର୍ନିହିତ ରହିଛି ପରମ ଚେତନା ।

ନିଶ୍ଚେତନା ମଧ୍ୟରୁ ପରମ ଚେତନାର ଉନ୍ମେଷ ବା ବିବର୍ତ୍ତନ ଏକ କଷ୍ଟକର ପ୍ରକ୍ରିୟା । ପ୍ରାଣ ଓ ଚେତନା ଆପଣାର ପ୍ରଥମ ଆବିର୍ଭାବ କାଳରେ ଖଣ୍ଡିତତାର ନିୟମ (law of fragmentation)କୁ ପାଳନ କରୁଥା'ନ୍ତି । ଜଡ଼ଗତ ସ୍ତରରେ ପ୍ରାଣ ଏକ ଜୀବକୋଷ ଚାରିପାଖରେ ଆପଣାକୁ ସଙ୍ଗଠିତ କରିଥାଏ । ଆଉ ମନୋଗତ ସ୍ତରରେ ତାହା ଖଣ୍ଡିତ ଅହଂ (fragmentary ego)ଟିକୁ କେନ୍ଦ୍ର କରି ଆପଣାକୁ ସଙ୍ଗଠିତ କରିଥାଏ । ଏପରିକି ଆଧ୍ୟାତ୍ମିକ ସତ୍ତା ମଧ୍ୟ ଏହି ଖଣ୍ଡିତତାର ନିୟମକୁ ମାନିଥାଏ ଏବଂ ସମଗ୍ର ଅସ୍ତିତ୍ୱ ମଧ୍ୟରେ ଗୋଟିଏ ଭାସ୍ୱର କଣା (spark)କୁ ଅଭିବ୍ୟକ୍ତ କରି ଦିଏ ଯାହାକି ବିବର୍ତ୍ତନ ପ୍ରକ୍ରିୟାରେ ଏକ ବ୍ୟକ୍ତି ଆତ୍ମା(individual psyche)ରେ ପରିଣତ ହୁଏ । ଖଣ୍ଡିତ ଚେତନା ହେଉଛି ଏକ କ୍ଷୁଦ୍ରାକାର ଅହଂ ଯାହାକି ବିଶ୍ୱର ନାନା ଶକ୍ତି ସହିତ ସଂଘାତରେ ଆସି ବୃଦ୍ଧିପ୍ରାପ୍ତ ହୁଏ । ଅନ୍ତର୍ଗତ ଓ ବହିର୍ଗତ ଚାପଟି ଦ୍ୱାରା ତାହାର ଏହି ବୃଦ୍ଧି ବା ବିବର୍ତ୍ତନ ଘଟିଥାଏ । ସେହି ଖଣ୍ଡିତ ଚେତନା ବା କ୍ଷୁଦ୍ରାକାର ଅହଂ ବିବର୍ତ୍ତିତ ହୋଇ ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନ ମଧ୍ୟକୁ ବିକଶିତ ହୋଇଯାଏ, ସକଳ ସୀମାକୁ ତାହା ଅତିକ୍ରମ କରିଯାଏ । ତାହା ଆପଣାକୁ ବିଶ୍ୱମୟ ପରମ ବ୍ୟକ୍ତି ବୋଲି ଆବିଷ୍କାର କରେ । ଚେତନାଗତ ସୀମାବଦ୍ଧତାହିଁ ସକଳ କଷ୍ଟ, ଯନ୍ତ୍ରଣା ଓ ଦୁଃଖର କାରଣ ହୋଇଥାଏ, କାରଣ ତାହା ବାହ୍ୟ ସଂସ୍ପର୍ଶଗୁଡ଼ିକୁ ନିଜର ନିୟନ୍ତ୍ରଣରେ ରଖିପାରେ ନାହିଁ, ସେଗୁଡ଼ିକୁ ଆତ୍ମସାତ୍ କରିପାରେ ନାହିଁ ।

ନିଶ୍ଚେତନା ମଧ୍ୟରୁ ପର୍ଯ୍ୟାୟକ୍ରମେ ଜଡ଼, ଉଦ୍ଭିଦ, ଇତର ପ୍ରାଣୀ ଓ ମନୁଷ୍ୟର ବିବର୍ତ୍ତନ ଘଟିଆସିଛି । ମନୁଷ୍ୟ ସ୍ତରରେ ଏପରି ଏକ ପର୍ଯ୍ୟାୟ ଆସି ପହଞ୍ଚେ ଯେତେବେଳେ କି ମନୁଷ୍ୟ ତା'ର ମନୋଗତ ସ୍ତରଟିକୁ ଅତିକ୍ରମ କରି ଆଧ୍ୟାତ୍ମିକ ସତ୍ତା ମଧ୍ୟରେ ଯାଇ ପ୍ରବେଶ କରିବାକୁ ପ୍ରବଳ ଆକାଂକ୍ଷା ପୋଷଣ କରେ । ଏଥିପାଇଁ ତାକୁ ସହଜାତ ପ୍ରବୃତ୍ତି ଓ ବାସନାର ଅଧୀନତାରୁ ନିଜକୁ ମୁକ୍ତ କରିବାକୁ ପଡ଼େ । ମନୁଷ୍ୟ ଯେଉଁ ଦିବ୍ୟ ସମ୍ପଦ ବା ଦିବ୍ୟ ଉପଲବ୍ଧିକୁ ଆକାଙ୍‌କ୍ଷା କରୁଥାଏ, ବୁଦ୍ଧି ତାହା ତାକୁ ଦେଇପାରେ ନାହିଁ । କାରଣ ବୁଦ୍ଧି ପରମଜ୍ଞାନ ନୁହେଁ, ତାହା କେବଳ ଏକ ଅର୍ଦ୍ଧ-ଆଲୋକ ମାତ୍ର । ଜୀବନର ଉତ୍ତରୋତ୍ତର ବିବର୍ତ୍ତନ ଘଟିଚାଲିଛି । ତେଣୁ ମନୁଷ୍ୟ କୌଣସି ସିଦ୍ଧିରେ ପରିତୃପ୍ତ ହୋଇ ଅଟକି ରହିଯିବ ନାହିଁ । ଜୀବନ ଭିତରେ ରହିଥିବା ଊର୍ଦ୍ଧ୍ୱମୁଖୀ ଆକାଙ୍‌କ୍ଷା ତାକୁ ଉଚ୍ଚତର ଚେତନାରେ ଯାଇ ପହଞ୍ଚିବା ଲାଗି ବାଧ୍ୟ କରିବ ।

ଜୀବନର ପରମ ଲକ୍ଷ୍ୟ କହିଲେ ଆମେ ଆଧ୍ୟାତ୍ମିକ ପ୍ରକୃତିର ଲକ୍ଷ୍ୟକୁହିଁ ବୁଝିବା । ମନୁଷ୍ୟ ଆତ୍ମାର ଭୂମିରେ ପୂର୍ଣ୍ଣ ମୁକ୍ତି ଆସ୍ୱାଦନ କରିବାକୁ ଆକାଙ୍‌କ୍ଷା କରେ । ସେ ପରମ ସତ୍ତାଙ୍କ ସହିତ ତାଦାତ୍ମ୍ୟତା ଲାଭ କରିବାକୁ ଚାହେଁ । ଚିଦ୍‌ଗତତା (spirit)ର ପରିପୂର୍ଣ୍ଣ ଆଲୋକ ଉପଲବ୍ଧି କରିବା ଦ୍ୱାରା ସେ ପରମ ସିଦ୍ଧି ପ୍ରାପ୍ତ ହେବ । ବୁଦ୍ଧି କଦାପି ତାକୁ ପରମ ସିଦ୍ଧି ଆଣିଦେଇ ପାରିବ ନାହିଁ । ଏକ ଅନ୍ତର୍ଗତ ଏକତ୍ୱ ଓ ତାଦାତ୍ମ୍ୟ ଦ୍ୱାରା ପରିପୂର୍ଣ୍ଣ ଆଲୋକକୁ ଉପଲବ୍ଧି କରାଯାଇପାରିବ । ପରିପୂର୍ଣ୍ଣ ଜ୍ଞାନ ଲାଭ କରିବା ଏବଂ ବିଶ୍ୱର ସକଳ ସତ୍ତା ଓ ବସ୍ତୁଙ୍କ ସହିତ ଏକତ୍ୱ ଉପଲବ୍ଧି କରିବା ହେଉଛି ଜୀବନର ଲକ୍ଷ୍ୟ । ଶ୍ରୀଅରବିନ୍ଦ କହନ୍ତି – "Life seeks for self-knowledge; it is only by the light of the spirit that it can find it."

(The Human Cycle, p. 171)

ଅର୍ଥାତ୍, ''ଜୀବନ କେବଳ ଆତ୍ମଜ୍ଞାନରହିଁ ଅନୁସନ୍ଧାନ କରୁଛି ଏବଂ କେବଳ ଚିଦ୍‌ଗତତାର ଆଲୋକ ସାହାଯ୍ୟରେହିଁ ସେ ସେହି ଜ୍ଞାନର ସାକ୍ଷାତ୍ କରିପାରିବ ।''

ଜୀବନ ଏକ ଜ୍ୟୋତିର୍ମୟ ମାର୍ଗଦର୍ଶନ ଚାହୁଁଛି । ଆତ୍ମାର ଉପଲବ୍ଧି ଫଳରେ ସେଇ ମାର୍ଗଦର୍ଶନ ମିଳିପାରିବ । ଏହା ଦ୍ୱାରା ଜଣେ ଜ୍ୟୋତିର୍ମୟ ଇଚ୍ଛାର ମଧ୍ୟ ଅଧିକାରୀ ହୋଇପାରିବ । ଆମର ସହଜାତ ପ୍ରବୃତ୍ତିଗୁଡ଼ିକର ନିଶ୍ଚୟତା ତଥା ବୁଦ୍ଧିର

ନିଶ୍ଚୟତା ଅସ୍ଥାୟୀ ଓ ସଂଶୟଯୁକ୍ତ ହୋଇଥିବାରୁ ତା' ସ୍ଥାନରେ ଆଧ୍ୟାତ୍ମିକ ନିଶ୍ଚୟତାଗୁଡ଼ିକ ପ୍ରତିଷ୍ଠିତ ହେବ । ଜୀବନରେ ପ୍ରେମ ଓ ସହାନୁଭୂତି ପ୍ରଭୃତିର ଯେଉଁ ସହଜାତ ପ୍ରବୃତ୍ତି ରହିଛି ଆଧ୍ୟାତ୍ମିକ ଚେତନା ସେଗୁଡ଼ିକୁ ବିପରୀତ ଗୁଣ ଦ୍ୱାରା ନଷ୍ଟ ହେବାକୁ ଦେବ ନାହିଁ, ବରଂ ସେଗୁଡ଼ିକୁ ପରିପୂର୍ଣ୍ଣତା ପ୍ରଦାନ କରିବ । ଅବବୌଦ୍ଧିକ ଜୀବନସ୍ତରରେ ଯଥାର୍ଥ ସୁଖ ବା ଆନନ୍ଦ ମିଳିପାରେ ନାହିଁ । ଆଧ୍ୟାତ୍ମିକ ଚେତନାହିଁ ଯଥାର୍ଥ ସୁଖ ବା ଆନନ୍ଦ ଦେଇପାରିବ । ଜୀବନ ଆପଣାର ସକଳ ସାମର୍ଥ୍ୟର ଏକ ସମତାଯୁକ୍ତ ପରିପୂର୍ଣ୍ଣତା ଲାଗି ଆକାଙ୍‌କ୍ଷା ରଖିଛି । ଆଧ୍ୟାତ୍ମିକ ଚେତନାହିଁ ସେହି ଆକାଙ୍କ୍ଷାକୁ ପୂରଣ କରିପାରିବ ।

ଜୀବନ ତଥା ପ୍ରାଣର ଏକ ବୁଦ୍ଧି-ଅତୀତ ଚରମ ଲକ୍ଷ୍ୟ ରହିଛି । ସେହି ଲକ୍ଷ୍ୟଟିକୁ ହାସଲ କରିବା ପାଇଁ ଆଧ୍ୟାତ୍ମିକ ଚେତନା ମଧ୍ୟକୁ ବିକଶିତ ହେବାର ଆବଶ୍ୟକତା ରହିଛି ।

❑❑❑

# ଜୀବନ-ଐକ୍ୟ

## ଶ୍ରୀଅରବିନ୍ଦ



ଅଖିଳବସ୍ତୁ ଜୀବନ ନିବେଶିତ ଏ ହୃଦୟେ ମୋର,
ବିଶ୍ୱେ ସ୍ପନ୍ଦିତ ହୃଦୟେ ଅନୁଭବେ ସେ ମୋର ନିଜର;
ସୃଷ୍ଟିବୁକେ ହିଲ୍ଲୋଳିତ ଆନନ୍ଦ ସଙ୍ଗୀତେ ନିଏ ଭାଗ
ପାନ ମୁଁ କରିଛି ତା'ର ବେଦନାର ସୁତୀବ୍ର ଆସବ ।

ଅନ୍ୟ ବୁକେ ପ୍ରଜ୍ୱଳିତ କ୍ରୋଧ ମୁହିଁ କରେ ଅନୁଭବ,
ବିଶ୍ୱାତ୍ମା ସତ୍ତାରେ ମୋର ତରଙ୍ଗିତ ସକଳ ଆବେଗ;
ସେହି ଏକ ପ୍ରେମେ ଭାଗୀ ଲକ୍ଷ ବୁକେ ଯାହା ପ୍ରକାଶିତ ।
ମୁଁ ସେହି ପଶୁ ନର, ଯା'କୁ ରଖେ ଅବା କରଇ ନିହତ ।

ବିସ୍ତାରିଛି ଜୀବନର ସୁଖଦୁଃଖ ପକ୍ଷ;
ସ୍ୱର୍ଣ୍ଣ-କୃଷ୍ଣ ବହ୍ନିଦ୍ୱୟ ସେ ଆନନ୍ଦ ନିମନ୍ତେ ଉନ୍ମୁଖ :
ଉଠିଲି ସେ ଊର୍ଦ୍ଧ୍ୱଲୋକେ ବକ୍ଷେ ତାଙ୍କ ରଖି ମୋର ପାଦ
ଶକ୍ତି, ପ୍ରେମ, ଶାଶ୍ୱତ ଆନନ୍ଦ ଯହିଁ ନିତ୍ୟ ବିରାଜିତ ।

ସ୍ୱର୍ଗେ ନିର୍ବିଚଳ ଏକ ସୁଗଭୀର ଶାନ୍ତି ଅଧ୍ୟାତ୍ମର
ଧରି ରଖିଅଛି ଏହି **ପ୍ରେମ-ନାଟ୍ୟ** ରହସ୍ୟଲୀଳାର ।

[ଶ୍ରୀଅରବିନ୍ଦଙ୍କ ରଚିତ "**Life-Unity**" କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୪)

*(ପୂର୍ବ ପ୍ରକାଶିତ ଉତ୍ତାରୁ)*

### ଆରୋଗ୍ୟ ଲାଭ ପରେ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା (ଘ) :

ନୀରଦଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''ଶ୍ରୀଅରବିନ୍ଦଙ୍କର ଭୋଜନର ଘଣ୍ଟାଏ ପରେ ସ୍ନାନ । ମୁଁ ଆଗରୁ ସ୍ପଞ୍ଜ-ସ୍ନାନ ବିଷୟରେ ବର୍ଣ୍ଣନା କରିଛି । ପରେ ଯେଉଁ ଫୁଆରା-ସ୍ନାନ(shower-bath)ର ବନ୍ଦୋବସ୍ତ ହୋଇଥିଲା, ସେ ବିଷୟରେ ମୁଁ ଏବେ କହିବି । କାରଣ ଏହି ପ୍ରକାରର ସ୍ନାନକୁ ସମ୍ଭବ କରିବା ପାଇଁ ଆମକୁ ଦୁଇ ବର୍ଷରୁ ଅଧିକ ଅପେକ୍ଷା କରିବାକୁ ପଡ଼ିଥିଲା । ଭୋଜନ ପରେ ଶ୍ରୀଅରବିନ୍ଦ କିଛି ସମୟ ବିଶ୍ରାମ ନିଅନ୍ତି, ତା'ପରେ ଉଠି ଶଯ୍ୟାଧାରରେ ବସି ମା'ଙ୍କ ଆଗମନର ପ୍ରତୀକ୍ଷା କରନ୍ତି । ଇତିମଧ୍ୟରେ ଡାକ୍ତର ମଣିଲାଲଙ୍କ ବ୍ୟବସ୍ଥା ଅନୁଯାୟୀ କିଛି ଗୋଡ଼ ବ୍ୟାୟାମ ସେ କରି ନିଅନ୍ତି ।*

''କେବେ କେବେ ମା'ଙ୍କର ଆସିବାରେ ବିଳମ୍ବ ହେଲେ ଆମେ ଅସ୍ଥିର ହୋଇପଡୁଁ, କିନ୍ତୁ ଶ୍ରୀଅରବିନ୍ଦ ଧୈର୍ଯ୍ୟର ପ୍ରତିମୂର୍ତ୍ତି । କେବେ କେମିତି ସେ ତନ୍ଦ୍ରାଚ୍ଛନ୍ନ ହେଲେ ଚମ୍ପକଲାଲ ପଶ୍ଚାତ୍ ଭାଗରେ ପୃଷ୍ଠ-ବିଶ୍ରାମ ପାଇଁ କେତୋଟି ତକିଆ ରଖି ଦିଅନ୍ତି ଓ ମା'ଙ୍କ ଆଗମନ ପର୍ଯ୍ୟନ୍ତ ସେଗୁଡ଼ିକୁ ପଛରୁ ଧରି ରଖିଥା'ନ୍ତି । ତା'ପରେ ମା' ଆସିଲେ ଶ୍ରୀଅରବିନ୍ଦ ତାଙ୍କ ଉପସ୍ଥିତିରେ ପ୍ରାୟ ଅଧଘଣ୍ଟାଏ ଚାଲନ୍ତି । ଏଇ ପ୍ରଶ୍ନ ପଚାରିବାକୁ ଯେ କେହି ଲାଳାୟିତ ହୋଇପାରେ ଯେ ମା'ଙ୍କର ଉପସ୍ଥିତିରେ ଶ୍ରୀଅରବିନ୍ଦ ଚାଲୁଥିଲେ କାହିଁକି ? କୌଣସି ଶାରୀରିକ କାରଣରୁ ଯେ ଏହା ନୁହେଁ, ସେକଥା ନିଶ୍ଚିତ । ଯେହେତୁ ଶ୍ରୀଅରବିନ୍ଦଙ୍କର ଚାଲି ଏଯାଏଁ ଦୃଢ଼ ହୋଇ ନଥିଲା ଓ ଅଦୃଶ୍ୟ ଅପଶକ୍ତିମାନେ କିଛି କ୍ଷତି ଘଟାଇ ପାରନ୍ତି, ସେହି ନିରାପତ୍ତା ପାଇଁ ମା'ଙ୍କ ଉପସ୍ଥିତିର ପ୍ରୟୋଜନ ଥିଲା – ମୁଁ ଏଇ ଭାବରେ ବୁଝିଥିଲି । ଶ୍ରୀଅରବିନ୍ଦ ଯେପରି ମା'ଙ୍କୁ ସୁରକ୍ଷା ଦେଉଥିଲେ, ପ୍ରୟୋଜନ ବେଳେ ମା' ବି ସେପରି କରୁଥିଲେ ଶ୍ରୀଅରବିନ୍ଦଙ୍କ ନିମନ୍ତେ – ଏହା ହେଲା ଶିବ ଓ ଶକ୍ତିର ଭୂମିକା । ଏଗୁଡ଼ିକ ଆମ ମାନୁଷୀ ବୁଦ୍ଧିର ଊର୍ଦ୍ଧ୍ୱସ୍ଥ ଗୁହ୍ୟ ବିସ୍ମୟକର ବସ୍ତୁରାଜି ।**

---

* ଇତିପୂର୍ବରୁ କିନ୍ତୁ ସେହି ସମୟରେ ଆମ ସେବାକାରୀବୃନ୍ଦଙ୍କ ମଧ୍ୟରେ ସୁଦକ୍ଷ ଓ ସର୍ବକନିଷ୍ଠ ମୂଳଶଙ୍କର ଶ୍ରୀଅରବିନ୍ଦଙ୍କର ଶରୀର ମର୍ଦ୍ଦନ କରି ଦେଉଥିଲେ । ତାଙ୍କ ପଛପଟେ ବସି ତାଙ୍କ ପିଠିକୁ ଉତ୍ତମ ରୂପେ ମାଲିସ କରିଦେବାରେ ସେ ସ୍ୱ-ପ୍ରଚେଷ୍ଟାରେ ବେଶ୍ ନିପୁଣ ହୋଇ ଉଠିଥିଲେ । ମାଲିସ କରୁଥିବା ସମୟରେ ତାଙ୍କର କ୍ଷିପ୍ର ଗତିରେ ଅଙ୍ଗୁଳି ଚାଳନା ଦେଖିବାର କଥା । – ଏହା ସ୍ୱାଭାବିକ ରୂପେ ସ୍ୱଚ୍ଛନ୍ଦରେ ଅଙ୍ଗୁଳି ଚାଳନାର ନମନୀୟତା ଲାଭ କରିଥିଲା । ଆନ୍ତର ଆନନ୍ଦରେ ହସ ହସ ମୁହଁରେ ତାଙ୍କର ଏହି କ୍ରିୟା କରି ଚାଲିଥିବା ବେଳେ ଶ୍ରୀଅରବିନ୍ଦ ତଳକୁ ମୁହଁ କରି ସ୍ମିତହାସ୍ୟରେ ତାଙ୍କର ମାଲିସକୁ ବେଶ୍ ଉପଭୋଗ କରୁଥିଲେ । ମାଲିସ ସମୟରେ ଉଭୟଙ୍କର ଏହି ଉଲ୍ଲାସଭରା ମୁଖମଣ୍ଡଳକୁ ଦେଖି ଆମେ ଅତ୍ୟନ୍ତ ମୁଗ୍ଧ ହୋଇ ଉଠୁଥିଲୁ । କିନ୍ତୁ ବେଶ୍ କିଛି ଦିନ ପରେ ମୂଳଶଙ୍କରଙ୍କର ଶରୀର ଏକ ବିଶିଷ୍ଟ ରୋଗରେ ଆକ୍ରାନ୍ତ ହୋଇ ପଡ଼ିବାରୁ ତାଙ୍କର ଏହି ମାଲିସ କାର୍ଯ୍ୟଟି ବନ୍ଦ ହୋଇ ଯାଇଥିଲା । ('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ' : ପୃଷ୍ଠା. ୧୮୮-୧୮୯ ଦ୍ରଷ୍ଟବ୍ୟ)

** ଶ୍ରୀଅରବିନ୍ଦଙ୍କର ଯେଉଁ ଦୁର୍ଘଟଣା ଘଟିଥିଲା, ସେସମ୍ବନ୍ଧରେ ସେ ସ୍ୱୟଂ କହିଥିଲେ ଯେ ଶ୍ରୀମା'ଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ନିଜ ସମ୍ବନ୍ଧେ ସେ ଅନ୍ୟମନସ୍କ ହୋଇ ଉଠିଥିଲେ, କାରଣ ସେ ଭାବି ନେଇଥିଲେ ଯେ ଦୁଷ୍ଟଶକ୍ତିମାନେ ତାଙ୍କୁ ଆକ୍ରମଣ କରିବାକୁ ସାହସ କରିବେ ନାହିଁ । – 'ସେଇଟି ଥିଲା ମୋର ଭୁଲ୍ (That was my mistake)' ।

ପୁନଶ୍ଚ ଶ୍ରୀମା'ଙ୍କର ଏବଂ ଶ୍ରୀଅରବିନ୍ଦଙ୍କର ଚେତନା ଏକ ଓ ଅଭିନ୍ନ ଥିଲା । ଶ୍ରୀଅରବିନ୍ଦଙ୍କର ଯେତେବେଳେ ଦୁର୍ଘଟଣା ଘଟିଲା, ଶ୍ରୀମା ତତ୍‌କ୍ଷଣାତ୍ ତାଙ୍କ ନିଦ୍ରାରେ ତୀବ୍ର ସ୍ପନ୍ଦନ ଅନୁଭବ କଲେ ଏବଂ ତଡ଼ିତ୍ ବେଗରେ ଶଯ୍ୟାତ୍ୟାଗ କରି ଘଟଣା ସ୍ଥଳରେ ପହଞ୍ଚି ବିପଦସୂଚକ ଘଣ୍ଟି ବଜାଇ ଥିଲେ । ('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ' : ପୃଷ୍ଠା, ୬୬ ଏବଂ ପୃଷ୍ଠା. ୨-୩ ଦ୍ରଷ୍ଟବ୍ୟ)

ମା'ଙ୍କର ପ୍ରସ୍ଥାନ ପରେ ଶ୍ରୀଅରବିନ୍ଦ ସଂଲଗ୍ନ କୋଠରିକୁ ଯାଆନ୍ତି । ସେଇଟିକୁ କ୍ଷୁଦ୍ର ସ୍ନାନାଗାରରେ ପରିଣତ କରା ହୋଇଥିଲା – କାଚ୍ଛ ଚକମକ ଟାଇଲରେ, ଚଟାଣ ମୋଜାଇକ୍ ଏବଂ ସଦାସର୍ବଦା ଥଣ୍ଡା ଗରମ ପାଣିର ବ୍ୟବସ୍ଥା । ଦୀର୍ଘବର୍ଷର ତପସ୍ୟା ପରେ ଏହା ଥିଲା ଐଶ୍ୱର୍ଯ୍ୟ ଓ ବିଳାସ ଅବଶ୍ୟ ! 'ତ୍ୟକ୍ତେନ ଭୁଞ୍ଜୀଥାତେ ।' ଭଗବାନ୍ ବି କ୍ଳେଶ ମଧ୍ୟଦେଇ ଗତି କରନ୍ତି, ଯଦିଓ ହସି ହସି ! ସ୍ନାନଟି ଥିଲା ବେଶ୍ ସାଧାରଣ, ସେଥିପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁ ନଥିଲା । ତାହା ପୁଣି ମନ୍ଦିରରେ ଦେବଦେବୀଙ୍କ ସ୍ନାନତୁଲ୍ୟ – ଖାଲି ଯାହା ଏ କ୍ଷେତ୍ରରେ ଦେବତା ହେଲେ ମାନବ ଶରୀରରେ – ଆଉ ସେ ଶରୀର ଅତ୍ୟଧିକ ସୁଗ୍ରାହୀ (sensitive) । ଦେବତା ନିଜକୁ ତାଙ୍କର ପରିଚାରକଙ୍କ ହାତରେ ଛାଡ଼ିଦେଇ ଏକେବାରେ ନିଷ୍କ୍ରିୟ – ଆଉ ସେବକବୃନ୍ଦ ଯାହା ସର୍ବୋତ୍ତମ ଭାବନ୍ତି, ତାହା କରିଥା'ନ୍ତି । ଏହି ପୁରୋହିତୋଚିତ ପୁଣ୍ୟ-ସ୍ନାନଟି କରାଇଲା ବେଳେ ତାଙ୍କର ଶରୀରର ବିଭିନ୍ନ ଅଙ୍ଗ ସ୍ପର୍ଶ କରି ତାହା ପରିଚ୍ଛନ୍ନ କରୁ କରୁ ଆମେ ରୋମାଞ୍ଚିତ ହେଉଥାଉଁ । ମୁଖମଣ୍ଡଳଟିକୁ ପରିଷ୍କାର କଲାବେଳେ ସେ ଚକ୍ଷୁ ବନ୍ଦ କରନ୍ତି, ଯେଉଁଭଳି ପ୍ରୟୋଜନ ହୁଏ ସେଇଭଳି ଝୁଙ୍କି ପଡ଼ନ୍ତି, ଆଉଜି ପଡ଼ନ୍ତି । ହାତଟିକୁ ପରିଷ୍କାର କରିବାକୁ ଉଠାଇବା ବେଳେ ପରିଚର୍ଯ୍ୟାକାରୀଙ୍କର ଅଙ୍ଗୁଳିଗୁଡ଼ିକୁ ସେ ସଧୀରେ ଚାପି ଧରନ୍ତି । କ୍ଷୁଦ୍ର ସୁଗଠିତ ପଦଦ୍ୱୟଠାରେ ପହଞ୍ଚିବା ଯାଏ ସବୁକାମ ନୀରବରେ ଚାଲେ – ତା'ପରେ ଧୀରେ ଧୀରେ କଥୋପକଥନ ଆରମ୍ଭ ହୁଏ । ସ୍ନାନ ସମୟରେ ଅଳ୍ପକ୍ଷଣ ପାଇଁ ଏକ ପୁରାତନ ଚିରାଚରିତ ରୀତି ଅନୁଯାୟୀ ଯେଉଁ କାର୍ଯ୍ୟଟି କେତେକ ଭକ୍ତଙ୍କ ବିନୀତ ଅନୁରୋଧକ୍ରମେ ହେଉଥିଲା ତାହାହେଲା : 'ଦେବତାଙ୍କର ପଦଧୌତ ବାରି ଗ୍ରହଣ ।' ଶ୍ରୀଅରବିନ୍ଦ ଏହି ଆଶୀର୍ବାଦଟି ପାଇଁ ଅନୁମତି ଦେଇଥିଲେ ଏବଂ ଏପରିକି ପାଦ ଦୁଇଟି ଆଗକୁ ବଢ଼ାଇ ଦେଉଥିଲେ, ଯାହା ଫଳରେ ଆମେ ସେଇ ପାଦ ଦୁଇଟିକୁ ଧୋଇ ପାତ୍ରରେ ପାଣି ରଖି ପାରିବୁ ।

''ସ୍ନାନ ପରେ 'ଶେଷ ହୋଇଛି' କୁହାହେବା କ୍ଷଣି ଶ୍ରୀଅରବିନ୍ଦ ଉଠିପଡ଼ନ୍ତି ଓ ଶଯ୍ୟାରେ ଯାଇ ବିଶ୍ରାମ ନିଅନ୍ତି । ଆମେ ତାଙ୍କ ଦେହରେ ଟାଲ୍‌କମ୍(talcum) ପାଉଡ଼ର ସିଞ୍ଚିଦେଉ । ତା'ପରେ ଶରୀରକୁ ଶିଥିଳ (relaxing) କରି ସେ ବିଶ୍ରାମ କରନ୍ତି ।

''କେବେ କେବେ ସେ ଶଯ୍ୟାରେ ଆଶ୍ରୟ ନେଲା ପରେ ଆମେ ତାଙ୍କ ଚତୁର୍ଦ୍ଦିଗରେ ଶିଶୁ ପରି ଘେରିଯାଉଁ ଓ ସାର୍ ଆକବର ହାଇଦରୀଙ୍କ ଦ୍ୱାରା ଶ୍ରୀଅରବିନ୍ଦଙ୍କ ନିକଟକୁ ଉପହାର ଆସିଥିବା ଅଜନ୍ତା ଚିତ୍ରଶିଳ୍ପ ସମ୍ବଳିତ ଦୁଇଟି ବଡ଼ ବହି ଦେଖାଇବା ଆରମ୍ଭ କରୁଁ । ଅବନୀନ୍ଦ୍ରନାଥ, ନନ୍ଦଲାଲ ଓ ଅନ୍ୟ ଆଧୁନିକ ଚିତ୍ରଶିଳ୍ପୀମାନଙ୍କର ଚିତ୍ର ବି ପ୍ରଦର୍ଶିତ ହୋଇଥାଏ । ପୁରାଣୀ, ଚମ୍ପକଲାଲ ଓ ସତ୍ୟେନ୍ଦ୍ର ସେ ବିଷୟରେ ଆଗ୍ରହୀ ଥିଲେ ଓ ଶ୍ରୀଅରବିନ୍ଦ ମଧ୍ୟ ତାଙ୍କର ମତ ଖୋଲାଖୋଲି ଭାବରେ ଦେଉଥିଲେ । ମୁଁ ଯେହେତୁ କଳାପ୍ରିୟ ନଥିଲି ତେଣୁ ସେସବୁ ପୁରାଣୀ ଲେଖିଥିବେ ଆଶା କରି କିଛି ଲେଖି ନଥିଲି ।

''ଦିବ୍ୟ ଶରୀରର ଗୋଟିଏ ଅଂଶ ଆମର କର୍କଶ ହସ୍ତ ଉପରେ ବିଶ୍ୱାସ ସ୍ଥାପନ କରି ଛଡ଼ାଯାଇ ପାରୁ ନଥିଲା, ତାହା ହେଲା ମସ୍ତକ – ମହିମମୟ କିରୀଟ । ତା'ର ଧୌତି ଥିଲା ମା'ଙ୍କ ଅଧିକାରରେ । ଆମର ଭୂମିକା ହେଲା ମା'ଙ୍କୁ ଖାଲି ସାହାଯ୍ୟ କରିବା । ଏହି କାର୍ଯ୍ୟଟି ସହ ସମ୍ପୃକ୍ତ ସମସ୍ତ ଜଟିଳ ବ୍ୟାପାର କାହିଁକି ଆମର ଅନିପୁଣ, ରୁକ୍ଷ ଓ ଅନଭ୍ୟସ୍ତ ହସ୍ତରେ ନିରାପଦରେ ଛଡ଼ାଯାଇ ପାରୁ ନଥିଲା ତାହା ଆମେ ବେଶ୍ ସହଜରେ ବୁଝି ପାରୁଥିଲୁ । ଯଦି ଆମେ ତାହା କରିଥା'ନ୍ତୁ ତେବେ ମୋର ଆଶଙ୍କା ହୁଏ, ଶ୍ରୀଅରବିନ୍ଦ ପଚାରି ବସିଥା'ନ୍ତେ, 'ମୋ ମସ୍ତକରେ ଆଉ କିଛି ବାକୀ ରଖିଛ କି ?' ଏବେ ମା'ଙ୍କର ନିପୁଣ ହସ୍ତ ଓ କୋମଳ ସ୍ପର୍ଶରେ କେଶ ତାଙ୍କର ରେଶମୀ ଆଭା ନେଇ ଉଜ୍ଜ୍ୱଳ ହୋଇ ଉଠିଲା; କେଶବିନ୍ୟାସ ବେଳେ ଝରି ପଡୁଥିବା କେଶଗୁଡ଼ିକ ଚମ୍ପକଲାଲଙ୍କ ସଂଗ୍ରହାଳୟକୁ ଯାଉଥିଲା ।

''ଆମେ ଶୁଣିଛୁ, ଶ୍ରୀଅରବିନ୍ଦ ସାରାବର୍ଷ ପ୍ରାୟ ଅଧରାତିରେ ଉଷୁମ ପାଣିରେ ସ୍ନାନ କରୁଥିଲେ । ଏପରିକି ମସ୍ତକରେ ବି ସେଇ ଗରମ ପାଣି । କାହାଣୀଟି ବେଶ୍ ବିଶ୍ୱାସଯୋଗ୍ୟ । କାରଣ ତାଙ୍କର ଆହତ ଗୋଡ଼ଟି ମଧ୍ୟେ ମଧ୍ୟେ କଣ୍ଡୁ କରେ ବୋଲି ତହିଁରୁ ଆରୋଗ୍ୟଲାଭ କରିବା ପାଇଁ ଆମକୁ ଅତ୍ୟନ୍ତ ଗରମ ଥିବା ପାଣି ଗୋଡ଼ଟିରେ ଢାଳିବାକୁ କୁହାଯାଉଥିଲା । ଶ୍ରୀଅରବିନ୍ଦ ହସି କରି କହନ୍ତି, 'ଏହା ଏକ ଅତି ଉତ୍କୃଷ୍ଟ ଫଳପ୍ରଦ ପଦ୍ଧତି, କିନ୍ତୁ ଅନେକେ ଏ ଉତ୍ତାପ ସହ୍ୟ କରିପାରିବେ ନାହିଁ ।' ସ୍ନାନ ପରେ ଫେରିଲା ବେଳେ ଥରେ ଥରେ କିଛି ଅସ୍ପଷ୍ଟ ଭାବରେ କହିଲା ଭଳି ତାଙ୍କ ଓଷ୍ଠାଧର ଆନ୍ଦୋଳିତ ହେଉଥାଏ । ଚମ୍ପକଲାଲ ଅନୁମାନ କରି ତାଙ୍କୁ କହିଲେ ଯେ ସେ ଯଦି କିଛି କବିତା ଡାକି ଦେବାକୁ ଚାହାନ୍ତି, ତେବେ ନୀରଦ ତାହା ଲେଖି ନେବା ପାଇଁ ସମ୍ମତ ।

ଚମ୍ପକଲାଲଙ୍କ ବୋଧ୍ ସମ୍ପୂର୍ଣ୍ଣ ଠିକ୍ ଥିଲା । କିଛିଦିନ ପାଇଁ ଶ୍ରୀଅରବିନ୍ଦ କେତେକ କବିତା ଡାକିଥିଲେ, ତା'ପରେ ସେ ତାହା ବନ୍ଦ କରିଦେଲେ । ହୁଏତ ସେ ଅନୁଭବ କଲେ ଯେ ଆଗାମୀ କାର୍ଯ୍ୟସୂଚୀ ଆରମ୍ଭ କରିବା ପୂର୍ବରୁ ମୋର କିଛି ବିଶ୍ରାମ ନେବା ଉଚିତ ।*

''ଆଉ ଗୋଟିଏ ଛୋଟ କାର୍ଯ୍ୟ ସେ ଆମକୁ କରିବାକୁ ଅନୁମତି ଦେଇଥିଲେ – ତାହା ହେଲା ନଖକଟା । ସତ୍ୟେନ୍ଦ୍ର ତାଙ୍କ ନଖଗୁଡ଼ିକ ପ୍ରତିଦିନ ପରିଷ୍କାର କରୁଥିଲେ, କିନ୍ତୁ ସେଗୁଡ଼ିକ ଯଥେଷ୍ଟ ଲମ୍ବା ହୋଇଗଲା ପରେ ଯେମିତି ଅକ୍ଷତ ଅବସ୍ଥାରେ ରଖାଯାଇ ପାରିବ, ସେଥିପାଇଁ ଆମେ ତାହା ପ୍ରତି ମାସରେ ବା ଦୁଇ ମାସରେ ଥରେ କାଟୁଥିଲୁ । ତାହା ଥିଲା ଏକ ଅତି ସୂକ୍ଷ୍ମକାର୍ଯ୍ୟ । କାରଣ ଛୁରୀ କିଂବା କଇଁଚି ଦ୍ୱାରା ଚର୍ମ ଆଞ୍ଚୁଡ଼ି ହୋଇଯାଇପାରେ, ବିଶେଷ କରି ଯଦି କର୍ମକର୍ତ୍ତାର ଦୃଷ୍ଟିଶକ୍ତି ଦୁର୍ବଳ ଥାଏ । ଯେତେବେଳେ ସେପରି ଘଟୁଥିଲା – ଯଦିଓ ତାହା ଅତ୍ୟନ୍ତ ବିରଳ, ପାଦଟି ତତ୍‌କ୍ଷଣାତ୍ ହଲିଯାଏ । ନଖର ଏକ ଛୋଟ ଖଣ୍ଡ ଯଦି କାର୍ପେଟ ଉପରେ ପଡ଼ି ହଜିଯାଏ, ତେବେ ଅପସୃତ ସେହି ବସ୍ତୁଟି ପାଇଁ ଚାଲେ ଅନ୍ୱେଷଣ, ଯେଉଁଥିରେ କି ଶ୍ରୀଅରବିନ୍ଦ ନିଜେ ଈଷତ୍ ହସି ଅଂଶ ଗ୍ରହଣ କରନ୍ତି, 'ପାଇଲ କି ?' ବୋଲି ପଚାରି । କେଶ ପରି ଏଇ ନଖଗୁଡ଼ିକ ମଧ୍ୟ ଆମ ସଂରକ୍ଷକ ଚମ୍ପକଲାଲଙ୍କର ଆଇନ-ସମ୍ମତ ବିତ୍ତ ।''

[ପରବର୍ତ୍ତୀ କାଳରେ ଏହି ସଂରକ୍ଷିତ ବସ୍ତୁରୁ କାଣିଚାଏ 'ଶ୍ରୀତନୁ ସ୍ମାରକ(Relics)' ରୂପେ ଦେଶ-ଦେଶାନ୍ତରରେ ଥିବା 'କେନ୍ଦ୍ର(Centre)'ମାନଙ୍କର ପବିତ୍ର ପୀଠସ୍ଥାନର ଗର୍ଭଗୃହରେ ପ୍ରୋଥିତ ଓ ସଂରକ୍ଷିତ ହୋଇ ରହିଛି ।]

ପୁନଶ୍ଚ ନୀରଦଙ୍କ ବର୍ଣ୍ଣନାରୁ, ''କେତେକ ପ୍ରାତ୍ୟହିକ କାର୍ଯ୍ୟ ନେଇ ମା' ସ୍ନାନର ଘଣ୍ଟାଏ ପରେ ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠକୁ ଆସନ୍ତି । ତା'ପରେ ଆମେ ପ୍ରକୋଷ୍ଠ ତ୍ୟାଗ କରୁ, କେଉଁ ବିଷୟରେ ସେମାନେ ଆଲୋଚନା କରୁଛନ୍ତି ବୋଲି ଭାବି । ସମ୍ଭବତଃ ଆଶ୍ରମ ବିଷୟରେ, ବିଶ୍ୱ ସମସ୍ୟା ନେଇ ଏବଂ ସମସ୍ତ କିଛି ସମ୍ବନ୍ଧରେ ଯାହା ଶ୍ରୀଅରବିନ୍ଦଙ୍କର ଜାଣିବା ପ୍ରୟୋଜନ ବୋଲି ମା' ବିବେଚନା କରନ୍ତି । ଥରେ ମୁଁ ଧ୍ୟାନମଗ୍ନ ହୋଇ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ବସିଥାଏ । ମା' ପ୍ରବେଶ କଲେ । ବୋଧହୁଏ ମା' ସେତେବେଳକୁ ଆସି କିଛି ସମୟ ପାଇଁ ଅପେକ୍ଷା କଲେଣି । ତା'ପରେ ଶ୍ରୀଅରବିନ୍ଦ ଡାକିଲେ, 'ନୀରଦ, ମା' ଆସିଲେଣି ।' ମୁଁ ମୋର ଆଖି ଖୋଲି ଦେଖେ ଯେ ମା' ମଧୁର ସ୍ମିତହାସ୍ୟ ସହ ଅପେକ୍ଷା କରିଛନ୍ତି । ମୁଁ ଲଜ୍ଜିତ ହୋଇ ଦୌଡ଼ି ପଳେଇଲି ! ଏହି ସାକ୍ଷାତର ସମୟ ଥିଲା ପନ୍ଦର ମିନିଟରୁ ଘଣ୍ଟାଏ ପର୍ଯ୍ୟନ୍ତ । ତା'ପରେ ମା' ଦ୍ୱାର ଖୋଲିଲା ବେଳକୁ ଆମେ ବାହାରେ ଅପେକ୍ଷା କରିଥାଉ । ଏକ ଅତି ମନୋରମ ମୃଦୁହାସ୍ୟରେ ଆମକୁ ସାଦର ସମ୍ଭାଷଣ ଜଣାଇ ସେ ତାଙ୍କର ଅନ୍ୟ କାର୍ଯ୍ୟ ପାଇଁ ଚାଲି ଯାଆନ୍ତି ଓ ଆମେ ପ୍ରଭୁଙ୍କର 'ଦିବ୍ୟ ସାନ୍ନିଧ୍ୟ' ମଧ୍ୟକୁ ପ୍ରବେଶ କରୁ ।

''୧୯୪୫ ମସିହାର କୌଣସି ସମୟରେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିଶକ୍ତି ହ୍ରାସ ହେବାକୁ ଲାଗିଲା । ମା' ପରାମର୍ଶ ଦେଲେ ଯେ ମୁଁ ଏବେ ତାଙ୍କ ପାଇଁ ପଢ଼ା ଓ ଲେଖା କାର୍ଯ୍ୟ କରିବି ଏବଂ ଏହା ଶେଷ ପର୍ଯ୍ୟନ୍ତ ଚାଲିଥିଲା । ସନ୍ଧ୍ୟା ସମୟରେ ଆମେ 'ସାବିତ୍ରୀ'ର ପୁନଃପଠନ କାର୍ଯ୍ୟ କରୁଥାଉଁ । ଚିଠି, କବିତା, ଶିଷ୍ୟମାନଙ୍କର ବା ଆଶ୍ରମ ବାହାରେ ଥିବା କୌଣସି ଭକ୍ତଙ୍କର ଲେଖା କିଂବା ଅନ୍ୟ କିଛି ପଢ଼ା ହୁଏ । ଧୀରେ ଧୀରେ ଏହି ପଢ଼ା ଏଭଳି ବଢ଼ି ଚାଲିଲା ଯେ ଶ୍ରୀଅରବିନ୍ଦ କହିଲେ, ସବୁ ସମୟ ଏଇଥିରେ ବ୍ୟୟିତ ହେଉଛି, ଅଥଚ ତାଙ୍କ ନିଜ କାର୍ଯ୍ୟ କରା ହେଉନି । ସେ କେବଳ କହିଲେ ସିନା କିନ୍ତୁ କାମ ସେଇଭଳି ଚାଲିଲା ୧୯୪୯ ପର୍ଯ୍ୟନ୍ତ । ତା'ପରେ ଚିଠିପତ୍ରର

* ଏଠାରେ କଥାପ୍ରସଙ୍ଗରେ ସମଧର୍ମୀ କଥାଟିଏ ଉଲ୍ଲେଖ କରୁଛୁ : ଶ୍ରୀମା 'ଲାଇବ୍ରେରି ହାଉସ୍'ରେ ଥିବାବେଳେ ନିତି ବିଳମ୍ବିତ ସନ୍ଧ୍ୟାରେ ସ୍ନାନ କରୁଥିଲେ । ସ୍ନାନ କରୁଥିବା ସମୟରେ ସେ ଉଚ୍ଚ ସ୍ୱରରେ ସଙ୍ଗୀତ ଗାଉଥିଲେ । ଅନେକ ସମୟରେ ସେ କ୍ରମାଗତ ଭାବରେ ଦୀର୍ଘ ସମୟ ଧରି ଗାନ କରୁଥିଲେ । ('Champaklal Speaks', p. 61)

ପ୍ରଣବଙ୍କ ଉକ୍ତିରେ : ''ମା'ଙ୍କର 'The Son of a Star' ଗୀତି କବିତାଟି ଖୁବ୍ ପ୍ରିୟ ଥିଲା । ଆଶ୍ରମକୁ ଆସିଥିବା କାସ୍‌ପାରି ନାମକ ଜଣେ ଉତ୍କୃଷ୍ଟ ପିଆନୋବାଦକ ସେଇଟିକୁ ଚମତ୍କାର ବଜାଇ ଥିଲେ । ତା'ପରେ ମା ନିଜେ ସେଇ ସଙ୍ଗୀତଟିକୁ ଗାନ କଲେ । ... ମା'ଙ୍କର କଣ୍ଠସ୍ୱର ଥିଲା 'ସୋପ୍ରାନୋ(Soprano) ସ୍କେଲ୍'ରେ ବନ୍ଧା; ଏତେ ମଧୁର ଅଥଚ ଏତେ ଉଚ୍ଚଗ୍ରାମରେ ବନ୍ଧା, ସେ ସୌନ୍ଦର୍ଯ୍ୟ ବର୍ଣ୍ଣନାତୀତ ।'' ('ହଠାତ୍ ମନେ ପଡ଼େ ...' : ପୃଷ୍ଠା ୯-୧୨ ଦ୍ରଷ୍ଟବ୍ୟ)

ଉତ୍ତର ଦେବା ହଠାତ୍ ବନ୍ଦ ହୋଇଗଲା ଏବଂ କେବଳ 'ସାବିତ୍ରୀ'ର କାର୍ଯ୍ୟ ସ୍ଥିର ନିଶ୍ଚିତ ଭାବରେ ଆଗେଇ ଚାଲିଥାଏ । ହୁଏତ ମୁଁ ଭାବୁଛି ସେ ଶରୀରତ୍ୟାଗର ସିଦ୍ଧାନ୍ତ ନେଇ ସାରିଥିଲେ ଓ ସେଇଥିପାଇଁ ତାଙ୍କର ସେହି ମହାକାବ୍ୟକୁ ଯଥା ସମୟରେ ସମାପ୍ତ କରିବାକୁ ସେ ବ୍ୟସ୍ତ ଥିଲେ । ଦିଲୀପ ଓ ଅମଳକିରଣଙ୍କ ସହ ଚିଠିପତ୍ରର ଆଦାନପ୍ରଦାନ ଥିଲା ଏ ନିୟମର ଏକ ବ୍ୟତିକ୍ରମ ।

''ବର୍ତ୍ତମାନ ଯେଉଁ ସମୟ ସମ୍ବନ୍ଧରେ କିଛି ନିର୍ଦ୍ଦିଷ୍ଟ ବିବରଣୀ ଦେଇ ହେବନି – ତାହାହେଲା ରାତ୍ରି । କିଛି ବର୍ଷ – ବିଶେଷ କରି ଶେଷ ବର୍ଷ କେତୋଟିର ଏହା ଥିଲା ସବୁଠୁଁ ବେଶୀ ଆନନ୍ଦର ବିଷୟ । କାରଣ କ୍ରମଶଃ ଶ୍ରୀଅରବିନ୍ଦଙ୍କ ଭୋଜନ ବେଳେ ଦେଖାଶୁଣା କରିବା, ତାଙ୍କର ଚାଲିବା ଓ ଶୋଇବା ଆଦି ସବୁ ଜଟିଳ ହୋଇଗଲା । କାରଣ ଏହି ସମସ୍ତ କାର୍ଯ୍ୟ ମା'ଙ୍କ ଅନ୍ୟାନ୍ୟ କାର୍ଯ୍ୟସୂଚୀ ଉପରେ ନିର୍ଭର କରୁଥିଲା । ମୁଁ ଆଗରୁ କହିଛି ଜୀବନ ଯେମିତି, ଆମର ପ୍ରାତ୍ୟହିକ ନିର୍ଘଣ୍ଟ ବି ସେମିତି ଧାରାବାହିକ ବଦଳି ଚାଲିଥାଏ । ମଧ୍ୟାହ୍ନ ଭୋଜନ ଦିବା ଏଗାରଟାରୁ ଯାଇ ଅପରାହ୍ଣ ତିନିଟାରେ ପହଞ୍ଚିଲା । ଆମ ସମସ୍ତଙ୍କୁ ମା'ଙ୍କ ଘଣ୍ଟା ଅନୁସାରେ ପରିଚାଳିତ ହେବାକୁ ପଡୁଥିଲା । ଆଶ୍ରମର ଗଠନମୂଳକ କାର୍ଯ୍ୟ ଛଡ଼ା ତାଙ୍କୁ ସହସ୍ର ବିଷୟ ଦେଖିବାକୁ ପଡୁଥିଲା । ଏବେ ଶ୍ରୀଅରବିନ୍ଦଙ୍କ ଅଧିକା ଦାୟିତ୍ୱ ବି ତାଙ୍କୁ ବହନ କରିବାକୁ ପଡୁଥାଏ । ଆମ ମାନବୀୟ ହିସାବ ନିରୂପଣ ପାଇଁ ତାଙ୍କର ଗତିଶୀଳତା ଧରା ଦିଏନା, ତାହା ଅତ୍ୟନ୍ତ ସୂକ୍ଷ୍ମ ତଥା ଦ୍ରୁତ ! ରାତି ଏଗାରଟା ବେଳେ ଏମିତିକି ରାତି ଗୋଟାଏ ପର୍ଯ୍ୟନ୍ତ ତାଙ୍କର ସମବେତ ଧ୍ୟାନ ସମ୍ପାଦନ କରିବା, ଆମେ କଳ୍ପନା କରିପାରୁ କି ? ଫଳତଃ ଶ୍ରୀଅରବିନ୍ଦଙ୍କର ରାତ୍ରି ଭୋଜନ ନିୟମିତ ଭାବେ ଯେଉଁ ସମୟରେ ହେଉଥିଲା ତାହା ଘୁଞ୍ଚି ଘୁଞ୍ଚି ରାତି ଏଗାରଟାରେ ପହଞ୍ଚିଲା । ତା'ପରେ ମା' ଧ୍ୟାନ ପାଇଁ ତଳକୁ ଯାଉଥିଲେ । କିନ୍ତୁ ଯଦି ତାଙ୍କର ବିଳମ୍ବ ହୋଇ ଯାଇଥାଏ ତେବେ ଧ୍ୟାନ ପରେ ଖାଦ୍ୟ ପରିବେଷିତ ହେଉଥିଲା । ପରବର୍ତ୍ତୀ କାଳରେ ଧ୍ୟାନ ପରେ ପରେ ଚାଲେ ପ୍ରାୟ ତିନି ଶତରୁ ଉର୍ଦ୍ଧ୍ୱଲୋକଙ୍କର ନିୟମିତ ପ୍ରଣାମ । ତା'ପରେ ମା' ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ତାଙ୍କ ଚାଲିବା ସମୟରେ ଉପସ୍ଥିତ ରହିବା ପାଇଁ ସାଧାରଣତଃ ରାତି ଏଗାରଟାରେ ଆସୁଥିଲେ, କିନ୍ତୁ ଏମିତି ବି ଦିନ ଥିଲା ଯେତେବେଳେ ସେ ଆସୁଥିଲେ ରାତି ଗୋଟାଏ ବେଳେ ! ତା' ପରେ ସେ ଅଧଘଣ୍ଟା କି ଘଣ୍ଟାଏ ପରେ ଆସୁଥିଲେ ଶ୍ରୀଅରବିନ୍ଦଙ୍କର ଚକ୍ଷୁଦ୍ୱୟକୁ 'ବ୍ଲୁ ୱାଟର'('blue water') ନାମକ ଏକ ନୀଳ ତରଳ ପଦାର୍ଥରେ ଧୋଇ ଦେବା ପାଇଁ ଓ ତତ୍ପରେ ସେ ଶ୍ରୀଅରବିନ୍ଦଙ୍କର ଶରୀରର ଉପରି ଭାଗରେ ଏକ ସୁଗନ୍ଧଯୁକ୍ତ ଧଳା କ୍ରିମ୍ ଲଗାଇ ଘଷି ଦିଅନ୍ତି । ତାହା ଥିଲା ତାଙ୍କର ସାରାଦିନର ସର୍ବଶେଷ ସେବା । ତେଣୁ ସ୍ୱାଭାବିକ ଭାବରେ ଆମେ ସେତେବେଳ ପର୍ଯ୍ୟନ୍ତ ଜାଗି ରହିଥାଉଁ – ପ୍ରତୀକ୍ଷା କରିଥାଉଁ ବାରନ୍ଦାରେ ତାଙ୍କର ମୃଦୁ ପଦଧ୍ୱନିକୁ, କାରଣ କେତେବେଳେ ଯେ ସେ ଆସି ପହଞ୍ଚିବେ ତାହା ତ ଅଜଣା ! ଅବଶ୍ୟ ସମ୍ଭବ ହେଲେ ଆମେ ଇତିମଧ୍ୟରେ କିଞ୍ଚିତ୍ ବିଶ୍ରାମ କରିନେଉଁ, କିନ୍ତୁ ତାହା ତ 'ସଚେତନ ନିଦ୍ରା' ହେବା ଉଚିତ । ୨ଟା ୩୦ରେ ପୁରାଣୀଙ୍କ କାମ ଆରମ୍ଭ ହେଉଥିଲା – ଆଉ ସେ ବେଳେବେଳେ ଆମକୁ ଜାଗ୍ରତ୍ ଥିବାର ଦେଖୁଥିଲେ ! ମୁଁ ଏ ବିଷୟରେ ନିଶ୍ଚିତ ଯେ ଶ୍ରୀଅରବିନ୍ଦଙ୍କର ଭାସ୍ୱର ଦିବ୍ୟ ସାନ୍ନିଧ୍ୟହିଁ ଆମର ସକଳ ଶକ୍ତିର ଉତ୍ସ ଥିଲା ଏବଂ ବହୁ ଦିନର ସ୍ୱଳ୍ପନିଦ୍ରା ସତ୍ତ୍ୱେ ବି ଆମକୁ ତାହା ଏକ ବାଦ୍ୟଯନ୍ତ୍ର ଭଳି କାର୍ଯ୍ୟକ୍ଷମ କରି ରଖିଥିଲା । ମୁଁ କାଳିଦାସଙ୍କ ଲେଖାରେ ପଢ଼ିଛି ଯେ ଶିବଙ୍କର ଗଭୀର ଧ୍ୟାନମଗ୍ନତା ବେଳେ 'ତପସ୍' ଶକ୍ତିର ଏକ ଅବିରତ ଧାରା ନିଃସୃତ ହୋଇ ତାଙ୍କ ପରିଚାରକ ଦ୍ୱୟଙ୍କ ନିକଟକୁ ଯାଇ ସେମାନଙ୍କୁ ପୂର୍ଣ୍ଣ କରି ରଖୁଥିଲା, ଯେପରି ସେମାନେ ବିଶ୍ୱ ପ୍ରକୃତିର ଜଗତ୍ (World of Nature) ଉପରେ ସତର୍କଦୃଷ୍ଟି ରଖିବାକୁ ସକ୍ଷମ ହୋଇ ପାରିବେ । ମା'ଙ୍କ ପ୍ରସ୍ଥାନ ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦ ନିଦ୍ରା ଯାଆନ୍ତି ନାହିଁ । ମା' ବିଶ୍ରାମ କଲେଣି ଜାଣିଲା ପରେହିଁ ଆମର ବିଜୁଳିବତୀ ଲିଭେ; ତାହା ପ୍ରାୟ ରାତ୍ରି ଦୁଇଟାରେ । ଶେଷ ଆଲୋକଟିକୁ ଲିଭାଇବାର ଦାୟିତ୍ୱ ଥିଲା ମୋର । ତାଙ୍କ ଶଯ୍ୟାର ପାଦ ଆଡ଼କୁ କାନ୍ଥରେ ସୁଇଚ୍‌ଟି ଥିଲା । ମୋର ହାତଟି ସୁଇଚ୍ ଉପରେ ରଖି ମୁଁ ତାଙ୍କୁ ଅନାଏଁ : ସେ ପ୍ରତିବଦଳରେ ଦିଅନ୍ତି ତାଙ୍କର ନୈର୍ବ୍ୟକ୍ତିକ ମନ୍ଦ ମଧୁର ସ୍ମିତହାସ୍ୟ ଓ ତା'ପରେ ଆଲୋକ ଲିଭେ । ଗୋଟିଏ ନୈଶ ପ୍ରଦୀପ ଜଳୁଥାଏ । ତା'ପରେ ଆମେ ବି ବିଶ୍ରାମ ନେଉ – ସେଇ ପ୍ରକୋଷ୍ଠରେ । ...''

('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ' : ପୃଷ୍ଠା ୫୦-୫୫)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଜିଜ୍ଞାସାର ଉତ୍ତରରେ

## ରାମକୃଷ୍ଣ ଦାସ

*ପ୍ରଶ୍ନ : ଏହି ଯୋଗରେ ମା'ଙ୍କୁ ସମର୍ପଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହା ଠିକ୍ । କିନ୍ତୁ ଯେଉଁମାନେ ଘର-ପରିବାର ଛାଡ଼ି ଆଶ୍ରମରେ ରହୁଛନ୍ତି ସେମାନଙ୍କ କଥା ଭିନ୍ନ । ଆମେମାନେ ଘରେ ରହୁଅଛୁ । ମନ ଏକକ୍ଷଣ ସ୍ଥିର ନାହିଁ । ସକାଳୁ ଉଠିଲେ ଲୁଣ-ତେଲଠାରୁ ଆରମ୍ଭ କରି ଧାନ-ଚାଉଳର ଚିନ୍ତା, ପିଲାର ରୋଗ, ଝିଅର ବିଭାଘର, ଶାଶୂ ବୋହୂରେ କଳି, ପଡ଼ୋଶୀ ସହିତ ମାଲିମକଦମା । ଆଜି ଗୋଟାଏ ବସ୍ତୁର ଅଭାବ ତ କାଲି ଅନ୍ୟଟା । ଅନ୍ୟାୟରେ ହେଉ ବା ନ୍ୟାୟରେ ହେଉ ଉପର ଅଫିସରଙ୍କୁ ଖୁସି ରଖିବାକୁ ହେବ । ସ୍ତ୍ରୀ ଦୀର୍ଘ ରୋଗଗ୍ରସ୍ତା, ବିଛଣାରୁ ଉଠିବାର ଶକ୍ତି ନାହିଁ । ଛୋଟ ଛୋଟ ପିଲାଗୁଡ଼ିଙ୍କୁ ସମ୍ଭାଳିବ କିଏ ? ମା' ଚାହେଁ ନାତିନାତୁଣୀଙ୍କର ଆହ୍ଲାଦକାରୀ ଅସ୍ପଷ୍ଟ କଥା । ତାଙ୍କୁ ସନ୍ତୁଷ୍ଟ କଲେ ମହାବିପଦ । ବୃଦ୍ଧାମାତାର ଦୁଃଖ ଯୋଗୁଁ ହୃଦୟ ଅଶାନ୍ତ । ଏହିପରି ବହୁପ୍ରକାର ଦୁଃଖ-ଦୁର୍ଦଶା ଏବଂ ଅଭାବ-ଅନଟନ ମଧ୍ୟରେ ଅଧ୍ୟାତ୍ମ ସାଧନା କିପରି ହେବ ? ସେଥିପାଇଁ ଶାନ୍ତ, ନିରବ ଏକାଗ୍ରତାର ଆବଶ୍ୟକ । ଏହି ପ୍ରତିକୂଳ ଅବସ୍ଥାରେ ଆମେମାନେ କିପରି ମା'ଙ୍କୁ ସ୍ମରଣ କରିବୁ ? ସ୍ମରଣ ନ କଲେ ସକଳ କର୍ମ ମା'ଙ୍କୁ ସମର୍ପଣ କରିବା ସମ୍ଭବ ନୁହେଁ । ଏହାର ଯଦି କୌଣସି ସରଳ ମାର୍ଗ ଥାଏ କହନ୍ତୁ ।*

**ଉତ୍ତର** : ସରଳ ମାର୍ଗ ହେଲା ଦୃଢ଼ ନିଷ୍ଠା । ମନୁଷ୍ୟ ଯେକୌଣସି କାର୍ଯ୍ୟକୁ ଦୃଢ଼ ନିଷ୍ଠାର ସହ କରିବାକୁ ଚାହିଁଲେ ତାହା ସେ କରିପାରେ ଏବଂ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି । କିନ୍ତୁ କର୍ମ ହେବା ଉଚିତ ସତ୍ୟ ତଥା ଯଥାର୍ଥ ନିଷ୍ଠା ସହ ନିଷ୍କପଟ ଭାବରେ ।

ଯେଉଁ ସଂସାର-ଜଞ୍ଜାଳକୁ ସାଧନାର ମହାନ୍ ପ୍ରତିକୂଳ ଅବସ୍ଥା ବୋଲି କହୁଛନ୍ତି ତାହା ପ୍ରକୃତରେ ପ୍ରତିକୂଳ ନୁହେଁ । ତାହା ଭଗବତ୍ ପ୍ରାପ୍ତିର ଗୋଟିଏ ମାର୍ଗ ବା ଉପାୟ । ତାହାରି ମଧ୍ୟଦେଇ ବ୍ୟକ୍ତିକୁ ଯାତ୍ରା କରିବାକୁ ହୁଏ । ପ୍ରତିକୂଳ ହୁଏ କେବଳ ନିଜର ଆସକ୍ତି ଏବଂ ମୋହ । ଶୁଆ ଧରିବା ବ୍ୟକ୍ତି ଗୋଟିଏ ବେତକୁ ମଣ୍ଡଳାକାର କରି, ଦୁଇଟି ବଡ଼ ବଡ଼ ଖୁଣ୍ଟି ପୋତି ମଝିରେ ଖଣ୍ଡେ କାଠ ଲଗେଇ ଦିଅନ୍ତି ଏବଂ ମଝିରେ ଥିବା କାଠ ଉପରେ ଗୋଟିଏ ପତଳା କାଠର ଆଶ୍ରୟରେ ମଣ୍ଡଳାକାର ବେତକୁ ରଖି ତା' ପାଖରେ ଗୋଟିଏ ଫଳ ରଖି ଦିଅନ୍ତି । ଫଳ ଲୋଭରେ ଶୁଆ ମଣ୍ଡଳାକାର ବେତ ଉପରେ ବସେ । ଶୁଆ ବସିବା ସଙ୍ଗେ ସଙ୍ଗେ ମଣ୍ଡଳାକାର ବେତକୁ ଧରିଥିବା କାଠଟି ପଡ଼ିଯାଏ ଏବଂ ହଠାତ୍ ମଣ୍ଡଳାକାର ବେତଟି ବୁଲିଯାଏ । ଶୁଆ ଧରିଥାଏ ବେତକୁ, କିନ୍ତୁ ତା'ର ପିଠି ହୋଇଯାଏ ଭୂମି ଆଡ଼କୁ । ସେ ବେତ ଛାଡ଼ି ସହଜରେ ଉଡ଼ି ପଳାଇ ପାରନ୍ତା । ମାତ୍ର ମୋହ ଏବଂ ଅଜ୍ଞାନତାବଶତଃ ସେ ନିଜ ଉଡ଼ିବା ଶକ୍ତିକୁ ଭୁଲିଯାଏ, ଏବଂ ଭାବେ, ''ବେତ ଛାଡ଼ି ଦେଲେ ପଡ଼ିଯିବି ।'' ସେହି ସକାଶେ ସେ ବେତକୁ ଛାଡ଼ିପାରେ ନାହିଁ, ଲୋକମାନେ ଆସି ତାକୁ ଧରି ନିଅନ୍ତି । ଠିକ୍ ମନୁଷ୍ୟ ଏହିପରି ଅଜ୍ଞାନ ଏବଂ ମୋହ ଯୋଗୁଁ ପାରିବାରିକ ଦୁଃଖକଷ୍ଟ ଭୋଗୁ ଥାଏ, ସେଥିରୁ ଉଦ୍ଧାର ହୋଇପାରେ ନାହିଁ । ପ୍ରଥମେ ପରିବାରର ସ୍ୱରୂପ ଜାଣିବାକୁ ହେବ, ତା'ପରେ ବ୍ୟକ୍ତି ଚାହିଁଲେ ଠିକ୍ ଠିକ୍ କର୍ତ୍ତବ୍ୟ କରିପାରିବ ।

*ପ୍ରଶ୍ନ : ପରିବାରର ଯଥାର୍ଥ ଉଦ୍ଦେଶ୍ୟ କ'ଣ ?*

**ଉତ୍ତର :** ପରସ୍ପର ସାହାଯ୍ୟରେ ବ୍ୟକ୍ତିର ଆତ୍ମ-ବିକାଶ ସକାଶେ ପରିବାର ଏକ କେନ୍ଦ୍ର । ମୋହ-ଆସକ୍ତିର ଜାଲ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କର୍ମକୁ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ଅର୍ପଣ କଲେ ସେଥିରେ ବ୍ୟକ୍ତିର ଆତ୍ମବିକାଶ ହୁଏ ତଥା ଜୀବନର ଲକ୍ଷ୍ୟ ପ୍ରାପ୍ତ ହୁଏ । ସୃଷ୍ଟି ସେହି ଏକ ଭଗବାନଙ୍କର, ସୃଷ୍ଟିକର୍ତ୍ତା ମଧ୍ୟ ସେ । ଅଜ୍ଞାନ ଦ୍ୱାରା ସୃଷ୍ଟି ପରିଚାଳିତ ହୁଏ । ସେହି ସକାଶେ ଅଜ୍ଞାନକୁ ଭଗବାନ୍ ଜଗତରେ ଛାଡ଼ି ଦେଇଛନ୍ତି । ବ୍ୟକ୍ତି ଅଜ୍ଞାନ ଓ ମୋହର ଦାସ ହୋଇ ରହିବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ । ଏହି ଅଜ୍ଞାନ ମଧ୍ୟ ଦେଇ ଜ୍ଞାନରେ ପଦାର୍ପଣ କରିବା ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟ ।

ଜ୍ଞାନ ମଧ୍ୟରେ ପ୍ରବେଶ କରିବା କାର୍ଯ୍ୟରେ ଜୀବକୁ ସାହାଯ୍ୟ କରିବା ସକାଶେ ଭଗବାନ୍ ବାରଂବାର ଏହି ପୃଥିବୀରେ ମାନବ ଶରୀରରେ ଅବତାର ନିଅନ୍ତି ।

ପ୍ରତ୍ୟେକ ଜୀବ ଏହି ସଂସାରକୁ ଆସନ୍ତି ନିଜ ନିଜ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀରେ । ସ୍ୱର୍ଗ ଏବଂ ଅନ୍ୟାନ୍ୟ ଦିବ୍ୟଲୋକରେ ବିକାଶ ହୁଏ ନାହିଁ । ବ୍ୟକ୍ତି ସେବା କରିବା ସଦୃଶ ଏହି ଲୋକରେ କର୍ମ କରେ ଏବଂ ପେନ୍‌ସନ୍ ପାଇବା ସଦୃଶ ଦିବ୍ୟଲୋକକୁ ପ୍ରାପ୍ତ ହୁଏ । ଏହି ପୃଥିବୀକୁ ଆସିଲେ ମାତାପିତା ବା ପରିବାରର ଆବଶ୍ୟକ ହୁଏ । କାରଣ ଶରୀର ହେଲା ନିର୍ଭରଶୀଳ । ବାଲ୍ୟାବସ୍ଥାରେ ମାତାପିତାଙ୍କର ଲାଳନ-ପାଳନ ବିନା ଶିଶୁ ନିଜ ଶରୀର ରକ୍ଷା କରିବାରେ ଅସମର୍ଥ । ବୃଦ୍ଧ ମାତାପିତାଙ୍କ ପାଳନପୋଷଣର ଭାର ପଡ଼େ ସନ୍ତାନ ଉପରେ । ବ୍ୟକ୍ତିର ଶରୀର ରକ୍ଷା ସକାଶେ ଭଗବାନ୍ ପରିବାରର ବ୍ୟବସ୍ଥା କରିଛନ୍ତି । ଏହାରି ନାମ ସଂସାର । ମନୁଷ୍ୟର ଯଦି ଏତିକି ବୋଧ ନିଜ ଚେତନାରେ ଥାଆନ୍ତା, ତେବେ ତାକୁ କୌଣସି ଦୁଃଖକଷ୍ଟ ହୁଅନ୍ତା ନାହିଁ । ଭଗବାନ୍ ଏହିଠାରେ ରଖିଦେଲେ ତାଙ୍କ ମାୟାକୁ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି, ତା'ର ଲକ୍ଷ୍ୟ କ'ଣ ଏବଂ ପରିବାରରେ ତା'ର ସମ୍ବନ୍ଧ କ'ଣ – ଏହା ସେ ଭୁଲିଗଲା । ମୋହାନ୍ଧ ହୋଇ ଆସକ୍ତିବଶତଃ ଭାବିଲା ସ୍ତ୍ରୀ, ପୁତ୍ର, କନ୍ୟା, ଘର, ସମ୍ପତ୍ତି, ପଦ-ମର୍ଯ୍ୟାଦା, ମାନ-ସମ୍ମାନ 'ମୋର' । 'ମୋର' ମନେ କରିବାଟା ହେଲା ମୋହ ଏବଂ ଅଜ୍ଞାନ । କେବଳ ଏହି ସକାଶେ ମନୁଷ୍ୟ ଦୁଃଖକଷ୍ଟ ଭୋଗେ, ଅନ୍ୟାୟ-ଅସତ୍ୟ କର୍ମ କରେ ଏବଂ ତା'ର ପରିଣାମ ଭୋଗ କରେ । ପୁତ୍ର ରୋଗରେ ପଡ଼ିଲେ ବ୍ୟକ୍ତି ମର୍ମାହତ ହୋଇପଡ଼େ, କନ୍ୟାର ନିନ୍ଦାରେ ହୃଦୟ ବିଦୀର୍ଣ୍ଣ ହୋଇଯାଏ, ପତ୍ନୀର ତିରସ୍କାରରେ ହୃଦୟ ଜଳିଯାଏ; ଶତ୍ରୁର ଶ୍ରୀବୃଦ୍ଧିରେ କାତର ହୋଇପଡ଼େ, ମନରେ ଉଦ୍‌ବେଗ ଓ ବ୍ୟଥା ଆସେ, ମନ ସ୍ଥିର ହୋଇପାରେ ନାହିଁ କିଂବା ଯଥାର୍ଥ ଚିନ୍ତା କରିବାର ଅବକାଶ ପାଏ ନାହିଁ । ଶେଷରେ ଜୀବନକୁ ନଷ୍ଟ କରେ ।

*ପ୍ରଶ୍ନ : ତୁମେ କହିଲ ଯେ ବ୍ୟକ୍ତିର ଆତ୍ମା ଯାହା ନିର୍ଦ୍ଧାରଣ କରି ଆସିଥାଏ, ବ୍ୟକ୍ତି ତାହା କରେ । କ'ଣ ତାହାର ପରିବର୍ତ୍ତନ ହୁଏ ନାହିଁ ?*

ଉତ୍ତର : ଅବଶ୍ୟ ପରିବର୍ତ୍ତନ ହୁଏ । ବ୍ୟକ୍ତି ଭାଗବତ କର୍ମ କରିବା ଦ୍ୱାରା ମୃତ୍ୟୁରୁ ମୁକ୍ତ ହୁଏ ଏବଂ ପୂର୍ବ ନିର୍ଦ୍ଧାରିତ ସମସ୍ତ କର୍ମକୁ ପରିବର୍ତ୍ତନ କରିପାରେ । ବ୍ୟକ୍ତି ଉତ୍ତମ କର୍ମ କରି ଉନ୍ନତ ହୁଏ, ମନ୍ଦ କର୍ମ କରି ପତିତ ହୁଏ । ଏହା ନିର୍ଭର କରେ ବ୍ୟକ୍ତି ଉପରେ । କିନ୍ତୁ ସନ୍ତାନର ଦୁଃଖ-ସୁଖ ସହିତ ତୁମ କର୍ତ୍ତବ୍ୟର କୌଣସି ସମ୍ବନ୍ଧ ନାହିଁ । ତୁମର କର୍ତ୍ତବ୍ୟ ହେବ ପୁତ୍ରକୁ ଭଲଭାବେ ପଢ଼େଇ ଲେଖେଇ ଉପଯୁକ୍ତ କରାଇବା, ଭଲ ବାତାବରଣରେ ରଖିବା, ତା'ର ଆତ୍ମ-ଶୁଦ୍ଧି ଓ ଆତ୍ମୋନ୍ନତି ପାଇଁ ଉପଦେଶ ଦେବା ତଥା ଉତ୍ତମ ମାର୍ଗରେ ପ୍ରବୃତ୍ତ କରାଇବା । ଏହାର ପରିଣାମ ସହିତ ତୁମର ସମ୍ବନ୍ଧ ନାହିଁ କିଂବା ତା'ର ଦୁଃଖକଷ୍ଟରେ ତୁମର ଦୁଃଖଶୋକ କରିବା ଉଚିତ ନୁହେଁ ।

*ପ୍ରଶ୍ନ : ଏହା ନିଶ୍ଚିତ ରୂପେ ଠିକ୍ । ପ୍ରତ୍ୟେକେ ଏହି ସଂସାରକୁ ଆସିଛନ୍ତି ନିଜ ନିଜ ଆତ୍ମାର ବିକାଶ ସକାଶେ । କିନ୍ତୁ ଏହା ଜାଣିବା ସତ୍ତ୍ୱେ ବ୍ୟକ୍ତିର ମୋହ ଦୂର ହୁଏ ନାହିଁ । ଏହି ମୋହ ଦୂର ହେବାର ଉପାୟ କ'ଣ ?*

**ଉତ୍ତର** : ଜଣେ ଅନ୍ୟର ପୁଅକୁ ପୁଅ କରି ଆଣି ଘରେ ରଖିଲେ ତା' ପ୍ରତି ଠିକ୍ ନିଜ ପୁଅ ଭଳି ମମତା ଓ ଆସକ୍ତି ହୁଏ । ସେ ମଧ୍ୟ ଅନ୍ୟ ବ୍ୟକ୍ତିକୁ ମାତାପିତା ରୂପେ ମାନି ନିଏ । ଠିକ୍ ଏହିପରି ଦୃଢ଼ ସଂକଳ୍ପ ସହ ଧାରଣା କର, ''ପରିବାର ଭଗବାନଙ୍କର । ବ୍ୟକ୍ତିର କର୍ତ୍ତବ୍ୟ କେବଳ ପରସ୍ପରକୁ ଭଗବତ୍ ସେବା ଭାବରେ ସାହାଯ୍ୟ କରିବା ।'' ଏହା ସଙ୍ଗେ ସଙ୍ଗେ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କଲେ କ୍ରମଶଃ ମୋହମାୟା ଦୂର ହୁଏ ଏବଂ ବ୍ୟକ୍ତି ପୂର୍ଣ୍ଣ ରୂପେ ପରିବାରର ଆସକ୍ତିରୁ ମୁକ୍ତ ହୁଏ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୩୯୦ - ୩୯୧, ୩୯୩)

❑❑❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ସଶ୍ରଦ୍ଧ ପ୍ରଣିପାତ

## ବିମଳ ପ୍ରସନ୍ନ ଦାସ

ତ୍ୟାଗ ଓ ତପସ୍ୟା ଯୁଗେ ଯୁଗେ ଭାରତୀୟ ଆଧ୍ୟାତ୍ମିକ ଚେତନାକୁ ଋଦ୍ଧିମନ୍ତ ଓ ରୁଚିମନ୍ତ କରି ଆସିଛି । ତ୍ୟାଗୀ ଓ ତପସ୍ୱୀ ଜୀବନର ଆଦର୍ଶ ଭାରତୀୟ ସଂସ୍କୃତିକୁ ଗଭୀର ଭାବେ ପ୍ରଭାବିତ କରିଛି । ଯଥାର୍ଥରେ ଏହା ଆମ ଆଧ୍ୟାତ୍ମିକ ସାଧନାର ମୂଳଭିତ୍ତି ଓ ପରମ୍ପରାର ପରମ ଆକର୍ଷଣ । ଏହି ତ୍ୟାଗୀ ପୁରୁଷମାନଙ୍କର ସଂଖ୍ୟା ବହୁ ବିରଳ ହେଲେ ମଧ୍ୟ ସେମାନେ ଅମ୍ଳାନ ସୂର୍ଯ୍ୟଶିଖା ପରି ବର୍ତ୍ତମାନ ତଥା ଭବିଷ୍ୟତକୁ ଉଦ୍ଭାସିତ କରନ୍ତି । ସେହି ମହାପୁରୁଷମାନଙ୍କ ସାଧନା ମଣିଷ ଜୀବନକୁ ନିରାମୟ କରିବା ପାଇଁ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି । ଯଥାର୍ଥରେ ସେମାନେ ନୀରବ ବିପ୍ଳବୀ । ଯାହା ଅବାଞ୍ଛିତ ତାକୁ ଅପସାରିତ କରି ଯାହା ବାଞ୍ଛିତ ତାକୁ ଆହ୍ୱାନ କରିବା ଏହି ବିପ୍ଳବର ଆଭିମୁଖ୍ୟ । ସେଥିପାଇଁ ତ୍ୟାଗୀ ଓ ତପସ୍ୱୀଗଣ ଆମର ଚିର ସ୍ମରଣୀୟ ଓ ବନ୍ଦନୀୟ । ଭାବୀ ଜୀବନ ପାଇଁ ଯେଉଁ ନୂତନ ଜୀବନର ସନ୍ଧାନ ସେମାନେ ଦେଇଯା'ନ୍ତି ତାହା ତାଙ୍କୁ ଧ୍ରୁବତାରା ସଦୃଶ ଚିର ଦୀପ୍ତିମନ୍ତ କରି ରଖେ ଓ ସେମାନେ ପ୍ରାତଃ ସ୍ମରଣୀୟ ହୋଇ ରହନ୍ତି । ତେଣୁ ପୂଜ୍ୟପୂଜା ଆମର ଅନାହତ ପରମ୍ପରା ଓ ଆମ ସଂସ୍କୃତିର ପବିତ୍ର ନିର୍ମାଲ୍ୟ । ଏହାର ଆଦର୍ଶ ଯୁଗେ ଯୁଗେ ଆମ ଆଧ୍ୟାତ୍ମିକ ଓ ସାମାଜିକ ଜୀବନକୁ ମହିମାନ୍ୱିତ କରିଛି । ତ୍ୟାଗପୂତ ଜୀବନର ନିଷ୍ଠା ଓ ଆଦର୍ଶ ଜନମାନସକୁ ସତ୍ୟସନ୍ଧାନୀ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ, ଅନୀତି ବିରୋଧରେ ସଂଜୀବିତ କରିଛି ଓ ଭବିଷ୍ୟତ୍ ଜୀବନଧାରା ପାଇଁ ନୂତନ ଦିଗ୍‌ବଳୟର ଆବିଷ୍କାର କରିଛି । ସୁତରାଂ ମହାକାଳର କପାଳରେ ସେମାନେ ଲିପିବଦ୍ଧ ଓ ମୃତ୍ୟୁଞ୍ଜୟୀ ।

ତ୍ୟାଗପୂତ ଜୀବନର ପ୍ରତିଭା ଏକ ଅମ୍ଳାନ ସୂର୍ଯ୍ୟରଶ୍ମି । ଏହାର ସ୍ପର୍ଶ ଅଜ୍ଞାନ ଓ ଅନ୍ଧକାରକୁ ଅପସାରିତ କରି ଜୀବନକୁ ଆଲୋକସ୍ନାତ କରେ । ପ୍ରତିଭା ସମ୍ପୂର୍ଣ୍ଣ ବିଭୁକୃପା ଓ ବିଭୁଦତ୍ତ – ମହାନ୍ ଗ୍ରନ୍ଥ ଗୀତାରେ ସ୍ୱୟଂ ଭଗବାନ୍ ଏହା କହିଛନ୍ତି । 'ଯୋଗ-ସମନ୍ୱୟ' ଗ୍ରନ୍ଥରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବାଣୀ ବିଶେଷ ପ୍ରଣିଧାନ ଯୋଗ୍ୟ । ''He who chooses the Infinite has been chosen by the Infinite.'' ଈଶ୍ୱର ଅଭିପ୍ରେତ ନହେଲେ କୌଣସି ପ୍ରତିଭାର ଉନ୍ମେଷ ଅସମ୍ଭବ । ସୁତରାଂ ପ୍ରତିଭା ପୂଜାର ଅର୍ଥ ହେଉଛି ତ୍ୟାଗପୂତ ଜୀବନର ଆଦର୍ଶକୁ ସମ୍ମାନ ଦେଇ ସେହି ଆଦର୍ଶକୁ ନିତ୍ୟ ନୈମିତ୍ତିକ ବାସ୍ତବ ଜୀବନର ଦୃଷ୍ଟିଭଙ୍ଗୀ, ଚାଲି-ଚଳଣି, ଆଚରଣ ଓ ଉଚ୍ଚାରଣ, କଥା ଓ କାମ ତଥା ବୃତ୍ତି ଓ ବ୍ୟକ୍ତିତ୍ୱରେ ପ୍ରତିଫଳିତ କରିବା । କେବଳ ଏହାକୁ ଏକ ଧ୍ୱନି ଓ ଧୂଆଁରେ ପରିଣତ କରି ପ୍ରତିଶ୍ରୁତି ନାଁରେ ପ୍ରତାରଣାର ଅଭିନୟ କଲେ ଯେଉଁ ଅପରାଧ ହୁଏ, ତା'ର ହୁଏତ କ୍ଷମା ନାହିଁ ।

ଏହି ପରିପ୍ରେକ୍ଷୀରେ ପିତୃପ୍ରତିମ, ଋଷୀପ୍ରାଣ, ତପସ୍ୱୀ ଓ ଏକକ ସାଧକ ପୂଜ୍ୟଷ୍ପଦ ଅଧ୍ୟାପକ ପ୍ରପତ୍ତିଙ୍କ ଜୀବନାଦର୍ଶ ପ୍ରତ୍ୟେକ ମାତୃପ୍ରେମୀର ପ୍ରାଣରେ ଗଭୀର ରେଖାପାତ କରେ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ସାଧନାରତ ଯେଉଁ ବର୍ଷୀୟାନ-ତରୁଣମାନଙ୍କର ଉଦ୍ଦାମ-ଚଞ୍ଚଳତା ଓ ସାଧନାଦୀପ୍ତ ଉଜ୍ଜ୍ୱଳ ମୁଖଶ୍ରୀ ଆମର ହୃଦୟକୁ ସ୍ପର୍ଶ କରେ ଏବଂ 'ଦିବ୍ୟ ଜୀବନ'ର ଜଗତକୁ ଘେନିଯାଏ; ସେମାନଙ୍କ ମଧ୍ୟରେ ପ୍ରପତ୍ତି ଥିଲେ ଅନ୍ୟତମ । ତାଙ୍କର ସ୍ପର୍ଶ ଓ ସାନ୍ନିଧ୍ୟ ମନପ୍ରାଣରେ ଅନନ୍ୟ ଅନୁଭୂତିର ତରଙ୍ଗ ସୃଷ୍ଟି କରେ । ଦିବ୍ୟ ଆନନ୍ଦର ଅନୁଭୂତିରେ ଅନ୍ତର କଲ୍ଲୋଳିତ ହୋଇ ଉଠେ । ଆମେ କେତେ ଅସମ୍ପୂର୍ଣ୍ଣ ଓ ଅସହାୟ । ସେ ଚେତନା ସ୍ୱତଃ ମନକୁ ଯେତିକି ଆନ୍ଦୋଳିତ କରେ, ତାଙ୍କ ନିବିଡ଼ ଶ୍ରଦ୍ଧାର ସ୍ପର୍ଶ ପ୍ରାଣକୁ ସେତିକି ଉଲ୍ଲସିତ କରେ । ସବୁ ଅମୀମାଂସିତ ପ୍ରଶ୍ନର ସମାଧାନ ଗୋଟିଏ ଅକ୍ଷରରେ ସେ ଦିଅନ୍ତି – ତାହା ହେଲା ''ମା'' । ସେ ନିଜେ ଥିଲେ ଏହି ଆଦର୍ଶ ଓ ଉପଦେଶର ସ୍ଥୂଳ ମାନବାୟନ ।

ମଣିଷର ସୃଷ୍ଟି, ବିବର୍ତ୍ତନର ଆଭିମୁଖ୍ୟ ଓ ମଣିଷଜାତିର ଅନିବାର୍ଯ୍ୟ ଭବିଷ୍ୟତ୍ ସମ୍ପର୍କରେ ଶ୍ରୀମା ଓ ଶ୍ରୀଅରବିନ୍ଦ ଯେଉଁ ସତ୍ୟ ଉପସ୍ଥାପନ କରିଛନ୍ତି ତାକୁ ପ୍ରତିଷ୍ଠିତ ଓ ପ୍ରତିବିମ୍ବିତ କରିବା ପାଇଁ ଅମୃତ ଓ ଆଲୋକର ଅନ୍ୱେଷା ତାଙ୍କ ସାଧନାର ଅନାହତ ବୈଶିଷ୍ଟ୍ୟ । ମଣିଷଜାତି ତା' ଭାଗ୍ୟର ନିୟନ୍ତା ନୁହେଁ । ଯେଉଁ ବିବର୍ତ୍ତନୀ ଶକ୍ତି ମଣିଷକୁ ସୃଷ୍ଟି କରିଛି ସେ ଶକ୍ତି ମଣିଷକୁ ସାମ୍ପ୍ରତିକ ସଙ୍କଟରୁ ରକ୍ଷା କରିବ । ଏହା ଥିଲା ତାଙ୍କ ସ୍ପର୍ଶ ଓ

ସାନ୍ନିଧ୍ୟର ଏକ ଶାଶ୍ୱତ ଉଦ୍‌ବୋଧନୀ । ମାତ୍ର ତାହା ସୁଦୂର କିଂବା ଅଦୂର ଭବିଷ୍ୟତରେ ସମ୍ଭବ ହେବ, ସେଥିପାଇଁ ଭବିଷ୍ୟତ୍ ପ୍ରତି ଅବିଚଳିତ ବିଶ୍ୱାସ ତାଙ୍କ ସାଧନାର ଆକର୍ଷଣ । ଏଥିପାଇଁ ସତ୍ୟର ଆଶ୍ରୟ ଏକମାତ୍ର ପଥ ଏବଂ ସତ୍ୟହିଁ ଅନ୍ତିମ ନିର୍ଭରଯୋଗ୍ୟ ପ୍ରହରୀ ବୋଲି ସେ ଅଭ୍ରାନ୍ତ ଭାବେ ପ୍ରମାଣିତ କରିଛନ୍ତି ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଯେପରି ହଠଯୋଗର କାୟାପର୍ଣ୍ଣ, ରାଜଯୋଗର ଆତ୍ମସଂଯମ, ଜ୍ଞାନଯୋଗର ଧ୍ୟାନ ଧାରଣା, ଭକ୍ତିଯୋଗର ଆତ୍ମସମର୍ପଣ, କର୍ମଯୋଗର କର୍ମ ନିବେଦନ ଓ ତନ୍ତ୍ରଯୋଗର ନିର୍ଯ୍ୟାସ ସମନ୍ୱିତ ହୋଇଛି, ସେହିପରି ସକଳ ମହାପୁରୁଷଙ୍କର ସାଧନା ଓ ସିଦ୍ଧିର ଧାରା ଯଥା ଶ୍ରୀରାମକୃଷ୍ଣଙ୍କର ଯେତେ ମତ ସେତେ ପଥ, ଶ୍ରୀଚୈତନ୍ୟଙ୍କର ଆତ୍ମବିଲୋପୀ ପ୍ରେମଭାବ, ମହମ୍ମଦଙ୍କର ଆତ୍ମନିବେଦନ ଓ ଦାସ୍ୟଭାବ, ଏବଂ ଯିଶୁଖ୍ରୀଷ୍ଟଙ୍କର ପୂର୍ଣ୍ଣତା ଓ ପବିତ୍ରତା ଆଦର୍ଶର ସମନ୍ୱୟ ଘଟିଛି । ଏହି ସମନ୍ୱିତ ସମନ୍ୱୟର ସମ୍ପୂର୍ଣ୍ଣ ଓ ସାର୍ଥକ ମାନବାୟନ ଥିଲେ ପରମପୂଜ୍ୟ ପ୍ରପତ୍ତି । ମାତୃକୃପା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଅବିଭକ୍ତ ନିଷ୍ଠା ଓ ଅଦମ୍ୟ ସାହସ ସହିତ ସକଳ ସମସ୍ୟାର ସମ୍ମୁଖୀନ ହୋଇ ନିଜର ଅଟଳ ସାଧନାକୁ ଅବ୍ୟାହତ ରଖିବା ହେଲା ତାଙ୍କ ଯୋଗସାଧନାମୟ ଜୀବନର ମୂଳମନ୍ତ୍ର ।

ବ୍ୟକ୍ତି ଭାବରେ ସେ ଆଜି ଆମ ସ୍ମୃତିର ସମ୍ପଦ । ମାତ୍ର ସ୍ରଷ୍ଟା ଭାବରେ ସେ ଏକ କାଳଜୟୀ ଚିରନ୍ତନ ଚେତନା । ସେ ଚେତନାର ଅନ୍ତରାଳରୁ ଜୀବନର ସହସ୍ର ମଧୁକ୍ଷର ଉତ୍ସାରିତ । ଏହା ଆମ ଜୀବନର ସଙ୍କଳ୍ପ ଓ ସାଧନାକୁ ଅଭିମନ୍ତ୍ରିତ କଲେ ତାହାହିଁ ତାଙ୍କ ସ୍ୱର୍ଗତ ଆତ୍ମାପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇ ରହିବ ଏବଂ ନବଜ୍ୟୋତିର ଅମ୍ଳାନ ଜ୍ୟୋତିଶିଖା ଆମ ଜୀବନଧାରାକୁ ଚିରକାଳ ଆଲୋକିତ କରୁଥିବ । ସେଥିପାଇଁ ଏହି ଅବସରରେ ମୁଁ ତାଙ୍କର ପରମ ଆଶିଷ ଭିକ୍ଷା କରୁଛି ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ବିଶ୍ୱାସୀ ବନ୍ଧୁ

## ସୁନାମଣି ରାଉତ

"Never forget that you are not alone. The Divine is with you helping and guiding you. He is the companion who never fails, the friend whose love comforts and strengthens. Have faith and He will do everything for you."

(MCW, Vol. 14, p. 9) – The Mother

''ଏକଥା କେବେ ଭୁଲିଯାଅ ନାହିଁ ଯେ ତୁମେ ଏକାକୀ ନୁହଁ । ପରମ ପ୍ରଭୁ ତୁମ ସହ ରହି ସାହାଯ୍ୟ ଏବଂ ମାର୍ଗଦର୍ଶନ କରୁଛନ୍ତି । ସିଏ ଏପରି ଜଣେ ସହଚର ଯିଏ କେବେ ବି ହତାଶ କରନ୍ତି ନାହିଁ, ଏପରି ଜଣେ ବନ୍ଧୁ ଯାହାଙ୍କର ପ୍ରେମ ସାନ୍ତ୍ୱନା ଏବଂ ଶକ୍ତି ପ୍ରଦାନ କରେ । ବିଶ୍ୱାସ ରଖ ଏବଂ ସେ ତୁମ ସକାଶେ ସବୁକିଛି କରିଦେବେ ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି **'ବିଶ୍ୱାସୀ ବନ୍ଧୁ'** କବିତାଟିର ପରିକଳ୍ପନା ଓ ରୂପାୟନ ।]

ଆସିଅଛ ଏକା ଯିବ ଏକା ଏକା
ସାଥିରେ ନଯିବେ କେହି,
ମିଛ ଏ ସଂସାରେ ବନ୍ଧୁଟିଏ ଅଛି
ଅଦୃଶ୍ୟ ସେ ଶୂନ୍ୟଦେହୀ ।
ଆପଦେ ବିପଦେ ଦୁଃଖ ପରମାଦେ
ସିଏ ଯେ ହୁଅନ୍ତି ସାହା,
ନିରାଶା-ମରୁରେ ମରୁଝର ହୋଇ
ଆଶାର ଦିଅନ୍ତି ରାହା ।
ଜୀବନ-ବାଟରେ ଝୁଣ୍ଟି ପଡ଼ିଲେ ତୁ
ବଢ଼ାଇ ଦିଅନ୍ତି ହାତ,
ଭିକାରି ଥାଳରେ ଭୋକୀ କପାଳରେ
ଆଶାର ଥାଳିଏ ଭାତ ।
କେତେବେଳେ ସିଏ ଅନ୍ଧର ଲଉଡ଼ି
ମୂକର ମୁଖର ଉକ୍ତି,
ଗିରି ଲଙ୍ଘିବାକୁ ପଙ୍ଗୁ ସାଥେ ସିଏ
କରନ୍ତିନି କିଛି ଚୁକ୍ତି ।
ଅନ୍ତର କଥାକୁ ପାରନ୍ତି ସେ ବୁଝି
ସେଥିପାଇଁ ଅନ୍ତର୍ଯାମୀ,
କରନ୍ତି ସେ ଯାହା ସବୁ ପାଇଁ ତାହା
ଅଟଇ ମଙ୍ଗଳକାମୀ ।

ଆକୁଳେ ଡାକିଲେ କୂଳ ଦେଖାନ୍ତି ସେ
ଅତୁଳନ ତାଙ୍କ ଶକ୍ତି,
ଧନ ଜନ ମାନ କିଛି ଲୋଡ଼ନ୍ତିନି
ଲୋଡ଼ନ୍ତି କେବଳ ଭକ୍ତି ।
ବିଶ୍ୱାସେ ମିଳନ୍ତି ତର୍କେ ଦୂରେ ଯା'ନ୍ତି
ଅଦୃଷ୍ଟ ସେ ଚକ୍ରଧାରୀ,
ସେପାଇଁ ମୃଗୁଣୀ, ଗଜ, ଯାଜ୍ଞସେନୀ
ଲଭିଲେ କରୁଣା-ବାରି ।
ବିଶ୍ୱାସୀ ବନ୍ଧୁ ସେ ପ୍ରେମପାଶେ ବନ୍ଧା
ଶକ୍ତି ସାନ୍ତ୍ୱନାର ଛାଇ,
'ହତାଶ' କି 'ଧୋକା' ଶବ୍ଦ ଦୁଇଟି
ତାଙ୍କ ଅଭିଧାନେ ନାହିଁ ।
ଆଶାର ଆଲୋକ ଭୂଲୋକ ଗୋଲୋକ
ସବୁ ତ ଭିଆଣ ତା'ର,
ବ୍ରହ୍ମା ଶଙ୍କରଙ୍କୁ ଅଗୋଚର ତାହା
ଆମେ ତ ମଣିଷ ଛାର ।
ଆଶା ଭରସାର ସେ ନିତ୍ୟ ସୋଦର
ସବୁ କଥା ପାରେ କରି,
କିଏ କହେ ଆଲ୍ଲା, ବୁଦ୍ଧ, ଯିଶୁ, ଜୀନ
କିଏ କହେ ରାମ ହରି !! ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮୯)

**ମହେନ୍ଦ୍ରନାଥ ସ୍ୱାଇଁ**

**ରକ୍ଷାକାରିଣୀ ଶକ୍ତି :**

ଫେବ୍ରୁଆରୀ ୨୦, ୧୯୧୪ ପ୍ରାର୍ଥନାରେ ଦିବ୍ୟ ଜନନୀ ଶ୍ରୀମା ଲେଖନ୍ତି –

"THE only thing that is important, the one thing that counts, is the will to be identified more and more completely with Thee, to unite our consciousness with Thy absolute Consciousness, to be more and more the peaceful, calm, disinterested, strong servitor of Thy sovereign law, Thy loving Will.

"O Lord, give me the peace of perfect disinterestedness, the peace which makes Thy Presence effective, Thy intervention efficacious, the Peace ever triumphant over all bad will, all obscurity.

"Lord, very humbly I pray to Thee that I may be equal to my task, that nothing in me, conscious or unconscious, may betray Thee by neglecting to serve Thy sacred mission.

"In a silent devotion, I bow to Thee. ..."

ଅର୍ଥାତ୍, "ଯେଉଁ ଏକମାତ୍ର କଥା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁ କଥାଟିକୁ ହିସାବକୁ ନିଆଯାଇପାରେ, ତାହା ହେଉଛି ତୁମ ସହିତ ଅଧିକରୁ ଅଧିକ ଏକ ହୋଇ ଯିବାକୁ ସଂକଳ୍ପ କରିବା, ଆମ ଚେତନାକୁ ତୁମର ଅନନ୍ତ ଅଦ୍ୱିତୀୟ ଚେତନା ସହ ଯୁକ୍ତ କରିବା, ତୁମ ସାର୍ବଭୌମ ବିଧାନର, ତୁମ ପ୍ରେମମୟ ସଂକଳ୍ପର ଅଧିକରୁ ଅଧିକ ପ୍ରଶାନ୍ତ, ସ୍ଥିର, ନୈର୍ବ୍ୟକ୍ତିକ, ଶୌର୍ଯ୍ୟପୂର୍ଣ୍ଣ ସେବକଟିଏ ହୋଇ ଉଠିବା ।

"ହେ ପ୍ରଭୁ, ମୋତେ ପରିପୂର୍ଣ୍ଣ ନିଃସ୍ୱାର୍ଥତା ଭାବର ଶାନ୍ତି ପ୍ରଦାନ କର, ଯେଉଁ ଶାନ୍ତି ତୁମର ଦିବ୍ୟ ଉପସ୍ଥିତିକୁ ଅଧିକ କ୍ରିୟାଶୀଳ କରିପାରେ, ତୁମର ହସ୍ତକ୍ଷେପ ଯଥାର୍ଥ ଏବଂ ସାର୍ଥକ ହୋଇଉଠେ, ଯେଉଁ ଶାନ୍ତି ସକଳ ପ୍ରକାର ଅମଙ୍ଗଳକର ଇଚ୍ଛା, ସମସ୍ତ ଅଜ୍ଞାନ ଅନ୍ଧକାର ଉପରେ ବିଜୟ ହାସଲ କରିପାରେ ।

"ହେ ପ୍ରଭୁ, ଅତ୍ୟନ୍ତ ନମ୍ରଭାବର ସହିତ ମୁଁ ତୁମ ସମ୍ମୁଖରେ ପ୍ରାର୍ଥନା ଜଣାଉଛି ଯେ ମୋତେ ନ୍ୟସ୍ତ କରାଯାଇଥିବା କର୍ମ ସହିତ ମୁଁ ଯେପରି ସମତାଳରେ ଚାଲିପାରେ, ସଚେତନ ଭାବରେ ହେଉ ବା ଅଚେତନ ଭାବରେ । ମୋ ଭିତରେ ଏପରି କିଛି ନରହୁ ଯାହା ତୁମର ପବିତ୍ର ସେବାରେ ଅବହେଳା କରି ତୁମକୁ ପ୍ରତାରିତ କରିପାରେ ।

"ନୀରବ ଭକ୍ତିଭରେ ମୁଁ ତୁମ ସମ୍ମୁଖରେ ମସ୍ତକ ଅବନତ କରୁଛି । ..."

ଉକ୍ତ ପ୍ରାର୍ଥନାଟିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଦିବ୍ୟ ଜନନୀ ଶ୍ରୀମାଙ୍କର ଦିବ୍ୟ ଅଭୀପ୍ସା – ତାହାହେଲା, "the will to be identified more and more completely with Thee, to unite our consciousness with Thy absolute Consciousness, ..."

ପ୍ରଭୁଙ୍କ ସହିତ ସମ୍ପୂର୍ଣ୍ଣ ଏକାକାର ହେବା ଥରକରେ ହୁଏ ନାହିଁ, ଯେତିକି ପ୍ରାପ୍ତ ହୋଇଥାଏ ତାହାଠାରୁ ଆଉ ଟିକିଏ ଅଧିକ ପାଇବା ପାଇଁ ଇଚ୍ଛା କରିବାକୁ ହୋଇଥାଏ, ଆମ ଚେତନାକୁ ପରମପ୍ରଭୁଙ୍କ ଅଦ୍ୱିତୀୟ ଦିବ୍ୟ ଚେତନା ସହିତ ଏକତ୍ର କରି ଏକାକାର ହୋଇ ଯିବାକୁ ଅଭୀପ୍ସା କରିବାକୁ ହୋଇଥାଏ – ମା'ଙ୍କର ଏହି ଉକ୍ତିଟି ହେଉଛି ଏକ 'golden short-cut', ଅର୍ଥାତ୍, ସ୍ୱର୍ଣ୍ଣିମ ସଳଖ ରାସ୍ତା, ବୁଲାଣି ନୁହେଁ; ଊର୍ଦ୍ଧ୍ୱକୁ ଲମ୍ଫ ପ୍ରଦାନ କରିବା ନିମନ୍ତେ ଏକ ସ୍ପ୍ରିଙ୍ଗବୋର୍ଡ଼ (springboard), ଯାହା ଆମକୁ ଊର୍ଦ୍ଧ୍ୱ ଚେତନାର ସ୍ତରକୁ ଉଠି ଯିବାରେ ସାହାଯ୍ୟ କରୁଛି ଏବଂ ଆମ ଅଗ୍ରଗତି ମଧ୍ୟ ଚମତ୍କାର ରୂପ ଗ୍ରହଣ କରୁଛି ।

ମା'ଙ୍କର ଏହି ଉକ୍ତିଟି ଦୀର୍ଘ ପଥର ଏକ ଅନତିଦୀର୍ଘ ସଂସ୍କରଣ ଯାହା ସିଧାସଳଖ ଆମ ସୀମିତ ଚେତନାକୁ ଉଠାଇ

ନେଇ ଅସୀମ ଚେତନା ସହିତ ମିଶାଇ ଦେଇ ପାରିବ । ଆମେ ଯଦି ନିଜକୁ ଆମ ନିମ୍ନ ଜାଗତିକ ଚେତନା ସହିତ ମିଶାଇ ଦେଉ ଏବଂ ତାକୁ ବିଶୁଦ୍ଧ କରିବାକୁ ଚେଷ୍ଟା କରୁ, ତନ୍ନ ତନ୍ନ କରି ସେଥିରେ ଥିବା ଅସୁବିଧାକୁ ସୁଧାରିବାକୁ ଚେଷ୍ଟା କରୁ, ତେବେ ଆମର ସମଗ୍ର ଜୀବନକାଳ ଅବା ଜନ୍ମଜନ୍ମାନ୍ତର ଲାଗି ଯାଇପାରେ । କାରଣ ସକଳ ପ୍ରକାର ଅସୁବିଧା ଏବଂ ସେଥିରେ ରହିଥିବା ଅଭାବ, ଯାହାକୁ ଆମେ ଭାବୁଛେ ଆମର ନିଜସ୍ୱ ବୋଲି, ଯାହା ଉପରେ ଆମେ ବିଜୟ ହାସଲ କରିବାକୁ ଅନବରତ ପ୍ରଚେଷ୍ଟାରେ ଲାଗି ରହିଛେ, ସେଥିରେ ଆଖିଦୃଶିଆ ସଫଳତା ଲାଭ କରି ପାରି ନାହୁଁ, ସେ ସମସ୍ତ ଏହି ଜଗତରେ ଥିବା ନିମ୍ନ ପ୍ରକୃତି ଭିତରୁ ଆସି ଆମ ଭିତରେ ପ୍ରବେଶ କରୁଛି । ଯଦିଓ ଆମେ ଆମ ସତ୍ତାକୁ ପରିଷ୍କାର କରୁଛେ, ସେଥିରେ ଲାଗିଥିବା ସକଳ ପ୍ରକାର ଅଳିଆ ଆବର୍ଜନା (dross ବା rubbish)କୁ ସଫା କରି ବାହାରକୁ ଫୋପାଡ଼ି ଦେଉଛେ ତଥାପି ସେ ସମସ୍ତ ଆମ ଅବଚେତନା (Subconscious) ଭିତରେ ରହିଯାଏ ଏବଂ ସୁବିଧା ପାଇଲେ ପୁନଶ୍ଚ ଆମ ଚେତନାକୁ ଫେରିଆସେ ।

ଏତଦ୍ ବ୍ୟତୀତ ଆମର ଏହି ଜଗତ୍ ଭିତରେ ମଧ୍ୟ ଅବଚେତନା ବା ପରିପାର୍ଶ୍ୱିକ ଚେତନାର ସ୍ତର ରହିଛି । ବେଳେବେଳେ ଆମେ ଏହି ଜାଗତିକ ଅବଚେତନାରେ ଥିବା ଆବର୍ଜନା ଦ୍ୱାରା ମଧ୍ୟ ସଂକ୍ରମିତ ହୋଇଥାଉ । ଏହା ହେଉଛି ଏକ ଅନ୍ତଃହୀନ ପ୍ରକ୍ରିୟା – ଗୋଟିଏ ବିଶାଳ ପର୍ବତକୁ ଖେଳନା-ନିହାଣ ଓ ମୁଗୁର ଧରି ଠୁକୁ ଠୁକୁ କରି ହାଣି ଖୋଳପା ଛଡ଼େଇବା ସଦୃଶ । ଏହି ପ୍ରକାରର ସାଧନା ହେଉଛି ଏକ ବିପରୀତମୁଖୀ ସାଧନା ବା ନାସ୍ତିସୂଚକ ବ୍ୟବସ୍ଥା ଏବଂ ଏଥି ନିମନ୍ତେ ଆମର ଶୁଦ୍ଧିକରଣର ପ୍ରଚେଷ୍ଟା ଆମ ଚେତନାକୁ ନିମ୍ନ-ପ୍ରକୃତି ସହିତ ଶକ୍ତ ଭାବରେ ବାନ୍ଧି ଦେଇଥାଏ, ସେ ବିଷୟରେ ସବୁବେଳେ ଚିନ୍ତା କରୁଥାଏ ଏବଂ ଅସଂଖ୍ୟ ଅଲଣା ବା ସ୍ୱାଦହୀନ ଦୋଷ ଦୁର୍ବଳତା ଯାହାକି ଉଚ୍ଚତର ଚେତନା ସହିତ ତାଳ ଦେଇ ଚାଲି ପାରୁ ନଥିବାରୁ ଆମର ଦୁଃଖ, ଯନ୍ତ୍ରଣା ଦ୍ୱିଗୁଣିତ ହୋଇଯାଏ ।

ଯଦି ଆମେ ଆମର ପରିବର୍ତ୍ତନ କଥା ବୁଝିପାରିବା ଏବଂ ଦିବ୍ୟଜନନୀ ଶ୍ରୀମାଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଦେବା, ତାହାହେଲେ ଆମେ ବିନା ପ୍ରଚେଷ୍ଟାରେ ଉଠି ଯାଇପାରିବା ଦିବ୍ୟ ବାତାବରଣ ଭିତରକୁ; ଯେଉଁଠାରେ ଦିବ୍ୟ ଆଲୋକ, ଶାନ୍ତି ଏବଂ ବିଶୁଦ୍ଧତା ପରିପୂର୍ଣ୍ଣ ହୋଇ ରହିଛି । ଆମ କ୍ଷମତା ଓ ଗ୍ରହଣଶୀଳତା ଅନୁସାରେ ସେହି ଦିବ୍ୟ ବାତାବରଣ ଭିତରୁ ଆମେ ପ୍ରାପ୍ତ ହୋଇ ପାରିବା ପ୍ରଭୁଙ୍କର ଦିବ୍ୟ ଆଲୋକ, ପ୍ରେମ ଏବଂ ଶକ୍ତି । ଏହା ହେଉଛି ସେହି ଚାବିକାଠି ଯାହାକୁ ବ୍ୟବହାର କରି ଆମେ ହୋଇଉଠିବା ଏକ ବିଶୁଦ୍ଧ, ପରିଷ୍କାର ଦର୍ପଣ, ଯେଉଁଥିରେ ପରମ ପ୍ରଭୁଙ୍କ ଶ୍ରୀମୁଖ ପ୍ରତିଫଳିତ ହେବ ଏବଂ ତାହା ଦର୍ଶନ କରି ଆମ୍ଭମାନଙ୍କର ଜୀବନ ଧନ୍ୟ ହୋଇଯିବ ।

ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ 'ସାବିତ୍ରୀ'ର ପ୍ରଥମ ପର୍ବ, ଦ୍ୱିତୀୟ ଅଧ୍ୟାୟ : 'The Issue'ର ବିଷୟରୁ ନିମ୍ନପ୍ରଦତ୍ତ କେତୋଟି ପଂକ୍ତି । –

"Ardent was her self-poised unstumbling will;
Her mind, a sea of white sincerity,
Passionate in flow, had not one turbid wave."

(Savitri, p. 14-15)

''ଦୃଢ଼ ଅଟେ ତାଙ୍କ ଆତ୍ମ ସନ୍ତୁଳନ, ରକ୍ଷାକରେ ସମଭାର
ଇଚ୍ଛାଶକ୍ତି ପୁଣି ଅତ୍ୟନ୍ତ ସୁଦୃଢ଼ ଝୁଣ୍ଟିବା ତ ବହୁଦୂର;
ମନ ତାଙ୍କ ଅଟେ ଗୋଟିଏ ସମୁଦ୍ର ଶୁଭ୍ର ସ୍ୱଚ୍ଛତାରେ ପୂର୍ଣ୍ଣ,
ପ୍ରବାହରେ ଅଛି ଭାବପ୍ରବଣତା, ସ୍ଥିର ଓ ଭଉଁରିହୀନ ।''

ଉକ୍ତ ପଦଟିରେ ପ୍ରଭୁ ଶ୍ରୀଅରବିନ୍ଦ 'ସାବିତ୍ରୀ' ବା ଦିବ୍ୟ ଜନନୀଙ୍କର ସ୍ୱଭାବର ଦୁଇଟି ବିଭାବକୁ ପ୍ରଦର୍ଶିତ କରାଇଛନ୍ତି । ଗୋଟିଏ ହେଲା ତାଙ୍କର ଇଚ୍ଛାଶକ୍ତି ଓ ଅନ୍ୟଟି ତାଙ୍କର ମନ । ତାଙ୍କ ଇଚ୍ଛାଶକ୍ତି ହେଉଛି ଖୁବ୍ ଦୃଢ଼, ସଘନ ଏବଂ ଶକ୍ତିଶାଳୀ; ପୁନଶ୍ଚ ତାହା ଖୁବ୍ ସ୍ଥିର, ସନ୍ତୁଳିତ, ପରିଷ୍କାର ଏବଂ ଯାହାଙ୍କର ପଦସ୍ଖଳନ ହେବା ଅସମ୍ଭବ । ଆମ ମାନୁଷୀ ଇଚ୍ଛାଶକ୍ତିର ସମସ୍ୟା ହେଲା, ତାହା ବାଟ ଚାଲିଲା ବେଳେ ବାରଂବାର ତା'ର ପଦ ସ୍ଖଳନ ଯୋଗୁଁ ଭୂଲୁଣ୍ଠିତ ହୋଇ କ୍ଷତାକ୍ତ ହେଉଥାଏ, ଫଳରେ ଆମେ ଜାଣିପାରୁ ନାହିଁ ଯେ ଆମେ କେଉଁଆଡ଼େ ଗତି କରୁଛେ । କିନ୍ତୁ ଦିବ୍ୟଜନନୀଙ୍କର ଇଚ୍ଛା ହେଉଛି ସ୍ୱୟଂ ସନ୍ତୁଳିତ; ଠିକ୍ ତରାଜୁରେ ଓଜନ କରିବା ପରି ସ୍ଥିର ଭାବରେ ଦୁଇପାର୍ଶ୍ୱକୁ ସମଭାରାପନ୍ନ କରିବା । ବାହାରର କୌଣସି ଜିନିଷ ବା ଘଟଣା-ଦୁର୍ଘଟନା ଦ୍ୱାରା ପ୍ରଭାବିତ ନହେବା ଏବଂ ଦୃଢ଼-ସ୍ଥିର-ପାଦରେ ଆଗକୁ ବଢ଼ିବା । ତାଙ୍କ ଦ୍ୱାରା ଏହା ସର୍ବଦା ସମ୍ଭବ, କାରଣ ତାଙ୍କ ମନ ସମ୍ପୂର୍ଣ୍ଣ ରୂପେ ବିଶୁଦ୍ଧ – ଶୁଭ୍ରସ୍ୱଚ୍ଛ ଏକ ମୁକ୍ତ ବିଶାଳ ପାରାବାର ସଦୃଶ୍ୟ । ସେଥିପାଇଁ ତାଙ୍କ ମନ

ରୂପକ ସ୍ରୋତର ପ୍ରବାହ ଅତ୍ୟନ୍ତ ସଂବେଦନଶୀଳ ଯେଉଁଥିରେ କୌଣସି ପ୍ରକାର କର୍ଦ୍ଦମ, ଆବର୍ଜନା ମିଶ୍ରିତ ଜଳର ଘୂର୍ଣ୍ଣି ବା ଭଉଁରୀ ପରିଲକ୍ଷିତ ହେଉ ନାହିଁ, 'not one turbid wave' ।

ସେହିପରି ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ପରମପ୍ରଭୁଙ୍କ ନିକଟରେ ନିବେଦନ କରୁଛନ୍ତି – ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକ, ନିରପେକ୍ଷ ପ୍ରଶାନ୍ତି ଏବଂ ଯେଉଁ ପ୍ରଶାନ୍ତି ପରମପ୍ରଭୁଙ୍କର ଦିବ୍ୟ ଉପସ୍ଥିତିକୁ ଅଧିକ ପ୍ରଭାବଶାଳୀ ସ୍ୱରୂପରେ ସକଳଙ୍କୁ ଦର୍ଶନ କରାଇ ଦେଇପାରିବ । ପ୍ରଭୁ ଯେଉଁଥିରେ ହସ୍ତକ୍ଷେପ କରିବେ ବା ଦିବ୍ୟସ୍ପର୍ଶ ପ୍ରଦାନ କରିବେ ତାହା ତତ୍‌କ୍ଷଣାତ୍ ପ୍ରଭାବ-ଉଦ୍ଦୀପକ ଯନ୍ତ୍ରଟିଏ ହୋଇଯିବ । ଭିତରେ ଥିବା ଅହଂକାରର ସୀମା ଦୋହଲି ଯିବ ଏବଂ ତାହା ଚୂର୍ଣ୍ଣୀଭୂତ ହୋଇଯିବ, ଖଣ୍ଡବିଖଣ୍ଡିତ ହୋଇ ଭୂଲୁଣ୍ଠିତ ହେବ । ଫଳତଃ ସାଧକ-ଭକ୍ତର ହୃଦୟରେ ଶାନ୍ତି, ସ୍ଥିରତା, ନିଶ୍ଚଳତା ଦୃଢ଼ୀଭୂତ ହୋଇଯିବ ଏବଂ ସିଏ ପ୍ରଭୁଙ୍କର ପ୍ରକୃତ ସେବକଟିଏ ହୋଇ ଉଠିବ । ଏହାହିଁ ପ୍ରେମ ଓ ଭକ୍ତିର ପଥ ଯାହା ତପସ୍ୟାର ପଥଠାରୁ ସ୍ୱତନ୍ତ୍ର ।

ସନ୍ତାନମାନଙ୍କ ପ୍ରତି ଦିବ୍ୟଜନନୀ ଶ୍ରୀମାଙ୍କର ରହିଥିଲା ଅନନ୍ତ ପ୍ରେମ ଓ କରୁଣା । ଯେଉଁ କଥା ମା'ଙ୍କୁ ନିବେଦନ ପୂର୍ବକ ପ୍ରାର୍ଥନା କରାଯାଏ, ମା' ତାକୁ ଅବିଳମ୍ବେ ଶୁଣିଥା'ନ୍ତି ଏବଂ ସେଥିରେ ହସ୍ତକ୍ଷେପ କରିଥା'ନ୍ତି । ସମସ୍ୟା ଯେତେ କଠିନ ହୋଇଥିଲେ ମଧ୍ୟ ମା'ଙ୍କର ହସ୍ତକ୍ଷେପ ଯୋଗୁଁ ତାହା ଅତି ସହଜରେ ସମାଧାନ ହୋଇ ଯାଇଥାଏ । ଏ ବିଷୟରେ ଅବଗତ ହେବା ପାଇଁ ନିମ୍ନୋକ୍ତ ଘଟଣାଟି ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

'ଡ' ନାମ୍ନୀ ଜନୈକା ସାଧିକା-ଭକ୍ତ ତାଙ୍କ ସ୍ୱାମୀଙ୍କ ସହିତ ୧୯୫୭-୫୮ ମସିହାରେ ଆଶ୍ରମ ଆସିଥିଲେ । ସେ ଦୁହେଁ ନିଷ୍ଠାପର ଆର୍ଯ୍ୟ ସମାଜବାଦୀ ଥିଲେ । ଆଶ୍ରମରେ କିଛିଦିନ ରହିଲା ପରେ ସେମାନଙ୍କର ପ୍ରତ୍ୟାବର୍ତ୍ତନର ଦିନ ଆସି ଉପସ୍ଥିତ ହେଲା । ସେତେବେଳେ ଯେଉଁମାନେ ରାତିଗାଡ଼ିରେ ଫେରୁଥା'ନ୍ତି ସେମାନେ 'ପ୍ଲେ-ଗ୍ରାଉଣ୍ଡ'ରେ ଶ୍ରୀମାଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥା'ନ୍ତି ଏବଂ ତା'ପରେ ରେଳ ଷ୍ଟେସନକୁ ଯାଇ ନିଜ ନିଜ ଗନ୍ତବ୍ୟ ପଥରେ ବାହୁଡ଼ି ଯାଉଥା'ନ୍ତି । ଦର୍ଶନ ପୂର୍ବରୁ ମା'ଙ୍କ ନିକଟକୁ 'ଡ' ଗୋଟିଏ ସୁନାମୁଦି ପଠାଇଥିଲେ; ଉଦ୍ଦେଶ୍ୟ ଥିଲା ମା' ମୁଦିଟିକୁ ନିଜ ଶ୍ରୀହସ୍ତରେ ତାଙ୍କ ଆଙ୍ଗୁଠିରେ ପିନ୍ଧାଇ ଦେଇ ଆଶୀର୍ବାଦ କରିବେ ।

ସେହିଦିନ ସନ୍ଧ୍ୟାରେ ମା' ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବା ହେତୁ ପ୍ଲେ-ଗ୍ରାଉଣ୍ଡକୁ ଆସିବାରେ ବିଳମ୍ବ ହେଲା । ସମୟର ସ୍ୱଳ୍ପତା ଦୃଷ୍ଟିରୁ ତାଙ୍କୁ କୁହାଗଲା ଯେ କେବଳ 'ଡ'ହିଁ ମା'ଙ୍କ ପାଖକୁ ଯିବେ ଏବଂ ତାଙ୍କ ସ୍ୱାମୀ ବାହାରେ ରହିବେ । 'ଡ' ଇଂରାଜୀ ବା ଫରାସୀ ଭାଷା ଜାଣି ନଥିଲେ, ମା'ଙ୍କୁ ମୁଦିଟିକୁ କିପରି ମାଗିବେ ଏହି କଥା ଭାବି ସେ ବଡ଼ ଅଡୁଆରେ ପଡ଼ି ଯାଇଥା'ନ୍ତି । ମା'ଙ୍କ ପଦସ୍ପର୍ଶପୂର୍ବକ ପ୍ରଣାମ ଜଣାଇ ସେ ତାଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହେଲେ ଏବଂ ତତ୍ପରେ ସାହସ ସଞ୍ଚୟ କରି ମା'ଙ୍କ ଆଡ଼କୁ ତାଙ୍କ ଡାହାଣ ହାତର ଅନାମିକା ଅଙ୍ଗୁଳିକୁ ବଢ଼ାଇ ଦେଲେ, ନିଜ ଚକ୍ଷୁ ଏବଂ ମୁଖମଣ୍ଡଳରେ ଇଙ୍ଗିତରେ ସେ ମା'ଙ୍କୁ ପ୍ରାର୍ଥନା କଲେ ମୁଦିଟିକୁ ପିନ୍ଧାଇ ଦେବା ପାଇଁ । ତାଙ୍କର ଏତାଦୃଶ ଆଚରଣରୁ କେହି କିଛି ବୁଝି ପାରିଲେ ନାହିଁ । ସେତେବେଳେ ମା'ଙ୍କ ନିକଟରେ ଉପସ୍ଥିତ ଥିଲେ 'ଗୌରୀ'– ଆଶ୍ରମର ଅନ୍ତେବାସିନୀ, ସାଧିକା । ସେ ଭଦ୍ରମହିଳାଙ୍କ ଇଙ୍ଗିତ ବୁଝି ପାରିଲେ ଏବଂ ଦୌଡ଼ି ଯାଇ ମୁଦିଟିକୁ ଆଣି ମା'ଙ୍କୁ ଦେଲେ । ମା'ଙ୍କ ଓଷ୍ଠାଧରରେ ଦିବ୍ୟ ସ୍ମିତହାସ୍ୟର ଝଲକ । ମା' 'ଡ'ଙ୍କ ଅଙ୍ଗୁଳିରେ ମୁଦିଟି ପିନ୍ଧାଇ ଦେଲେ ଓ ମୁଦିଟିକୁ ତଳ ଉପର କରି କହିଲେ, 'It is loose.' ('ଏହି ମୁଦିଟି ଢିଲା ହେଉଛି') । ସେତେବେଳେ 'ଡ'ଙ୍କର ଝିଅ, ଯିଏକି ଆଶ୍ରମ ବିଦ୍ୟାଳୟର ଛାତ୍ରୀ ଥିଲେ ସେ ମା'ଙ୍କ ପ୍ଲେ-ଗ୍ରାଉଣ୍ଡ ପ୍ରକୋଷ୍ଠର ଦରଜା ପାଖରେ ଠିଆ ହୋଇ ଏହି ଦିବ୍ୟ ମଧୁର ଲୀଳା ସଂଦର୍ଶନ କରୁଥିଲେ ।

'ଡ'ଙ୍କର ଆନନ୍ଦ କହିଲେ ନସରେ । ସେ ବାହାରକୁ ଆସି ତାଙ୍କ ସ୍ୱାମୀ ଓ ପିଲାମାନଙ୍କ ପାଖରେ ପ୍ରକାଶ କରିଥିଲେ ଯେ ମା'ଙ୍କ ପାଖରୁ ବିଦାୟ ନେଇ ଆସିଲା ପରେ ତାଙ୍କ ଭିତରେ ଦୁଃଖ ବୋଲି କିଛି ନାହିଁ । ଏହି ଦିବ୍ୟ-ଆନନ୍ଦର ଅନୁଭବ ତାଙ୍କ ଭିତରେ ଛଅ ମାସ ପର୍ଯ୍ୟନ୍ତ ରହିଥିଲା । ତାଙ୍କ ଭିତରେ ଥିବା ସମସ୍ତ ପୁରୁଣା ସଂସ୍କାର ବୃକ୍ଷରୁ ଶୁଖିଲା ପତ୍ର ଝଡ଼ିଲା ପରି ଗୋଟି ଗୋଟି ହୋଇ ଝଡ଼ି ପଡୁଥିଲା । ସେ ସମ୍ପୂର୍ଣ୍ଣ ରୂପେ ଦିବ୍ୟଜନନୀଙ୍କ ପାଦପଦ୍ମରେ ନିଜର ଜୀବନ ଉତ୍ସର୍ଗ କରି ଦେଇଥିଲେ ।

କିଛିଦିନ ପରେ 'ଡ'ଙ୍କ ସ୍ୱାମୀଙ୍କର ଅକାଳ ବିୟୋଗ ହେଲା । ସେ ଦୁଃଖରେ ଭାଙ୍ଗି ପଡ଼ିଲେ । ଆଶ୍ରମରେ ରହି ପଢୁଥିବା ତାଙ୍କ ଝିଅମାନେ ତାଙ୍କୁ ଆଶ୍ରମକୁ ଚାଲି ଆସିବାକୁ କହିଲେ । ଶେଷରେ ସେ ଆଶ୍ରମକୁ ଆସିଲେ । ମା'ଙ୍କ ସହିତ

ତାଙ୍କର ଦର୍ଶନ ଏବଂ ସାକ୍ଷାତ୍କାର ବନ୍ଦୋବସ୍ତ କରାଯାଇଥିଲା । ଦର୍ଶନ ପରେ ମା'ଙ୍କ ପ୍ରକୋଷ୍ଠରୁ ବାହାରକୁ ଆସି ସେ ତାଙ୍କ ଝିଅମାନଙ୍କୁ କହିଲେ, '' ମା' ତୀକ୍ଷ୍ଣ ଦୃଷ୍ଟିରେ ମୋ ଭିତରକୁ ନିରୀକ୍ଷଣ କଲେ, ସ୍ମିତହାସ୍ୟର ମଧୁଝରରେ ମୋତେ ସ୍ନାନ କରାଇ ଦେଲେ, ମୋର ସମସ୍ତ ଦୁଃଖ ଓ ଯନ୍ତ୍ରଣାକୁ ନିଶ୍ଚିହ୍ନ କରି ବାହାରକୁ ଫୋପାଡ଼ି ଦେଲେ । ମୋର ପୁନର୍ଜନ୍ମ ହୋଇ ଯାଇଛି ।'' ଏହା ପରଠାରୁ ସେ କେବେହେଲେ ଦୁଃଖରେ ବିମର୍ଷ ହୋଇ ନଥିଲେ କି ନିଜକୁ ଏକୁଟିଆ ମନେ କରି ନଥିଲେ ।

ଏହି ଘଟଣାର ଦଶବର୍ଷ ପରେ ଥରେ ସେ ଖୁବ୍ ଅସୁସ୍ଥ ହୋଇ ପଡ଼ିଲେ ଏବଂ ଚେତାଶୂନ୍ୟ ହୋଇଗଲେ । ସେହି ସମୟରେ ତାଙ୍କ ପୁତ୍ରବଧୂ ଦୌଡ଼ିଯାଇ ମା'ଙ୍କ ନିକଟରୁ ଆସିଥିବା ଗୋଟିଏ ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍ ଆଣି ତାଙ୍କ ବକ୍ଷଦେଶର ମଧ୍ୟସ୍ଥଳରେ ରଖିଦେଲେ ଏବଂ ମା'ଙ୍କୁ ପ୍ରଣାମ ଜଣାଇଲେ । ତତ୍‌କ୍ଷଣାତ୍ 'ଡ' ଆଖି ଖୋଲିଲେ ଏବଂ ତିନିଦିନ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ।

ଏହାହିଁ ଦିବ୍ୟଜନନୀଙ୍କ ଆଲୋକ, ପ୍ରେମ ଏବଂ ଶକ୍ତିର ଲୀଳାଖେଳା ଯାହା ସକଳ ପ୍ରକାର ଅମଙ୍ଗଳକର ଏବଂ ଅନ୍ଧକାର ଶକ୍ତିମାନଙ୍କର ଆକ୍ରମଣରୁ ତତ୍‌କ୍ଷଣାତ୍ ରକ୍ଷା କରିଥାଏ ।

(''ସୁଧା ସମାଚାର'' ପୁସ୍ତକର ପୃଷ୍ଠା. ୨୨୧-୨୨୨)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**


(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. I, Shyam Kumari



**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ନୂତନ ସମାଜର ଦିଗ୍‌ଦର୍ଶନ

## ପ୍ରପତ୍ତି

ବର୍ତ୍ତମାନ ଅସ୍ଥିରତା, ଅଶାନ୍ତି ଓ ଜଗତ୍ ବ୍ୟାପୀ ବିକ୍ଷୋଭ ମନୁଷ୍ୟ ସମ୍ମୁଖରେ ଘୋର ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ମନୁଷ୍ୟ ସୁଖଶାନ୍ତିମୟ ଜୀବନଯାପନ କରିବା ନିମିତ୍ତ ଯେଉଁ ପରିବେଶ ଓ ପରିସ୍ଥିତି ଆବଶ୍ୟକ ତାହା କୌଣସି ନା କୌଣସି କାରଣରୁ ଧୀରେ ଧୀରେ ଭାଙ୍ଗିଚୂରି ଯାଉଛି ଏବଂ ଯେତେ ସେ ସମନ୍ୱୟ ଓ ସୁଷମାର ଇମାରତ୍ ଗଢ଼ି ତୋଳୁଛି ତାହା ପରମୁହୂର୍ତ୍ତରେ ଧୂଳିସାତ୍ ହେଉଛି । ଯେତେ ବିକଳ୍ପ ପନ୍ଥା ସେ ଅବଲମ୍ବନ କଲେ ମଧ୍ୟ ସେଗୁଡ଼ିକ କିଛି କାଳ ପରେ ତାହାର ଚକ୍ଷୁ ସମ୍ମୁଖରେ ବିଲୀନ ହେଉଛି । ଅର୍ଥନୈତିକ, ରାଜନୈତିକ, ଶିକ୍ଷାଗତ, ସାଂସ୍କୃତିକ ବା ଅନ୍ୟାନ୍ୟ ଯେକୌଣସି ସମସ୍ୟା ବିଷୟରେ ମନୁଷ୍ୟ ଚେଷ୍ଟା କଲେ ମଧ୍ୟ ସମାଧାନ କରିପାରୁ ନାହିଁ । କ'ଣ ଯେପରି ଅସଜଡ଼ା ହୋଇ ରହୁଛି, ଯାହାକୁ ସଜାଡ଼ିବା ଅତ୍ୟନ୍ତ କଠିନ ବା ତା'ର ସନ୍ଧାନ ପାଇବା ମଧ୍ୟ କଷ୍ଟକର ହୋଇ ପଡ଼ିଛି । ସମସ୍ତ ଦିଗରୁ ଯେତେବେଳେ ମନୁଷ୍ୟ ହତାଶ ଓ ନିରାଶ ହୋଇ ପଡ଼ିଲା ସେତେବେଳେ ସେ ଆଶ୍ରୟ ନେବ କେଉଁଠି ? କିଏ ତାକୁ ଆଶ୍ୱାସନା, ଆଶ୍ୱସ୍ତି ଓ ଆଶାର ବାଣୀ ଶୁଣାଇବ ? ସର୍ବତ୍ର ଦେଖା ଦେଇଛି ଅନ୍ତର୍ଜ୍ୱାଳା, ଅନ୍ତର୍ଦ୍ୱନ୍ଦ୍ୱ, ଅନ୍ତଃଶୂନ୍ୟତା ଓ ବ୍ୟସ୍ତତା । ପରିପୂର୍ଣ୍ଣ ଓ ମଞ୍ଜୁଳ ପ୍ରକୃତି ମଧ୍ୟରେ ଥାଇ ମଧ୍ୟ, ସକଳ ପାର୍ଥିବ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ମଧ୍ୟ ମନୁଷ୍ୟ ହାହାକାର ଓ ଅବଶୋଷ ମଧ୍ୟରେ କାଳ କଟାଉଛି । ତେବେ ଏ ବେଦନା କ'ଣ ଅଳ୍ପକରେ ଉପଶମ ହେବ କି ? ଏ ବେଦନା ଓ ଯନ୍ତ୍ରଣା କ'ଣ ସାମୟିକ କି ? ଏ ବେଦନାର ନିରାମୟ ନିମିତ୍ତ ମନୁଷ୍ୟକୁ କ'ଣ ଅଳ୍ପ ଚେଷ୍ଟା କରିବାକୁ ହେବ କି ? ପୁନଶ୍ଚ ଏ ବେଦନାର ଜନ୍ମ କାହିଁକି ଏବଂ ଏହାର ସମାପ୍ତି କେଉଁଠି ? ବୌଦ୍ଧିକ ମନରେ ଅତି ଗୁରୁତର ଦୁଃଖଦାୟକ ପ୍ରଶ୍ନ ଉଠିବ, ଯାହାର ସମାଧାନ ବୁଦ୍ଧି ଓ ଚିନ୍ତାର ଅତୀତ ବୋଲି ବୋଧ ହେବ । ଚିନ୍ତା ଓ ବୁଦ୍ଧି ଦ୍ୱାରା ଏହିସବୁ ସମସ୍ୟାର ସମାଧାନ ହୋଇଥିଲେ ମନୁଷ୍ୟ କେବେଠାରୁ ସେସବୁର ସମାଧାନ କରି ସାରିଥା'ନ୍ତା, ମାତ୍ର ତାହା କରିପାରି ନାହିଁ । ଏପରିକି ବୁଦ୍ଧି ଦ୍ୱାରା ସେସବୁର ସମାଧାନ ହୋଇପାରି ନାହିଁ, ଏହା ମଧ୍ୟ ବୁଝିବାକୁ ବାକୀ ନାହିଁ ।

ନାନା ଚେଷ୍ଟା ଓ ପ୍ରଯତ୍ନ କରି ସୁଦ୍ଧା ମନୁଷ୍ୟ ଜୀବନର ବ୍ୟର୍ଥତା ଓ ଅସ୍ଥିରତା ବଢ଼ି ଚାଲିଛି । ଶେଷରେ ଏହା ଯେପରି ଗୋଟିଏ ବିରାଟ ପରାଜୟ ଓ ପରିସମାପ୍ତି ସ୍ତରରେ ପହଞ୍ଚିଛି । ଏହି ପରାଜୟ ମନୁଷ୍ୟଜାତି ପ୍ରତି ଏକ ମହାନ୍ ଆହ୍ୱାନ (challenge) ରୂପେ ଦେଖା ଦେଇଛି । ମନୁଷ୍ୟ କି ଭାବରେ ଏହାର ସମ୍ମୁଖୀନ ହେବ ?

ଅବଶ୍ୟ ଏସବୁର କିଛି ବାସ୍ତବ, ବାହ୍ୟ କାରଣ ଥାଇପାରେ ଓ ଅଛି ମଧ୍ୟ । କିନ୍ତୁ ଗଭୀର ବିଶ୍ଳେଷଣ ଓ ଅନୁଧ୍ୟାନ କଲେ ବୁଝାଯିବ ଯେ ମନୁଷ୍ୟ ମଧ୍ୟରେ ଚେତନାରେ, ମନ, ପ୍ରାଣ ଓ ଶରୀରର ପଶ୍ଚାତରେ ଗଭୀରରେ କିଛି ଦ୍ୱନ୍ଦ୍ୱ ଓ କଳହ ସୃଷ୍ଟି ହୋଇଛି । ମନୁଷ୍ୟ ଯେଉଁ କ୍ଷୁଦ୍ର, କ୍ଷଣିକ, ଖଣ୍ଡିତ, ସ୍ୱଳ୍ପ ଚେତନାରେ ବାସ କରୁଛି ତାହା ଏହି ବିଶାଳ ସମସ୍ୟାର ସମ୍ମୁଖୀନ ହୋଇ ପାରିବ ନାହିଁ । ବାହ୍ୟ ଜଗତରେ ଐଶ୍ୱର୍ଯ୍ୟ ଓ ଅଧିକାର ବଢ଼ିଛି, କିନ୍ତୁ ମନୁଷ୍ୟ ହଜାର ବର୍ଷ ପୂର୍ବେ ଯେଉଁ କ୍ଷୁଦ୍ର ଓ ସ୍ୱାର୍ଥଜଡ଼ିତ ଚେତନାରେ ବାସ କରୁଥିଲା, ଯେଉଁ ଆଦିମ ପ୍ରକୃତି ମଧ୍ୟରେ ବାସ କରୁଥିଲା ଆଜି ମଧ୍ୟ ସେହି ସ୍ଥାନରେ ବାସ କରୁଛି । ତା'ର ଅନ୍ତରରେ, ଚେତନାରେ, ପ୍ରକୃତିରେ, ସ୍ୱଭାବରେ, ପ୍ରବୃତ୍ତିରେ କୌଣସି ମୂଳଗତ ଓ ଗଭୀର ପରିବର୍ତ୍ତନ ଦେଖାଦେଇ ନାହିଁ । ସୁତରାଂ ଏହା ଦ୍ୱାରା ମନୁଷ୍ୟ ନିମିତ୍ତ ବାହ୍ୟ ଜଗତ୍ ଓ ଆନ୍ତର ଜଗତ୍ ମଧ୍ୟରେ ଭାରସାମ୍ୟ ନଷ୍ଟ ହୋଇଯାଇଛି ।

ପ୍ରାଚୀନ କାଳରେ ଏହି ଭାରସାମ୍ୟ ରକ୍ଷା କରିଥିଲା ଧର୍ମ ଓ ନୈତିକତା । ସେତେବେଳେ ପୃଥିବୀ ଏତେଦୂର ଅଗ୍ରସର ହୋଇ ନ ଥିଲା ଏବଂ ଧର୍ମର ପରିସର ଯେପରି କ୍ଷୁଦ୍ର ଓ ସୀମିତ ଥିଲା, ପୃଥିବୀରେ ମନୁଷ୍ୟର କର୍ମ ଓ ସ୍ୱଭାବର କ୍ରିୟାର ପରିସର ମଧ୍ୟ ସେପରି ସୀମିତ ଥିଲା । ବର୍ତ୍ତମାନ ବିଜ୍ଞାନର ପ୍ରସାର ଫଳରେ ଧର୍ମର ଅନେକ ବାହ୍ୟ ପ୍ରକ୍ରିୟା, ରକ୍ଷଣଶୀଳତା, କୁସଂସ୍କାରଜନିତ ଭୟସବୁ ଭାଙ୍ଗିଯାଇଛି । ନୈତିକତାର ମଧ୍ୟ ମୂଳୋତ୍ପାଟନ ଘଟିଛି । ଏ ଦେଶର ରାଜନୀତି ଅନ୍ୟ ଦେଶର ରାଜନୀତିଠାରୁ ଭିନ୍ନ । ଯାହାର ଯେପରି ନୀତିନିୟମ ମାନି ଚଳିବାକୁ ଇଚ୍ଛା ହେଲା ସେ ସେପରି

ନୀତିନିୟମରେ ଚାଲିଲା । ସକଳ ପ୍ରକାର ସାମାଜିକ ବନ୍ଧନ ଓ ମୂଲ୍ୟବୋଧ ଯୁକ୍ତିର ତୀକ୍ଷ୍ଣ ଅସ୍ତ୍ରରେ ଧୂଳିସାତ୍ ହେଲା । ଏହା ଫଳରେ ସମାଜ ଗୁରୁତର ବିଶୃଙ୍ଖଳାର ସମ୍ମୁଖୀନ ହୋଇଛି । ନୂତନ ମୂଲ୍ୟବୋଧ ଆସି ନାହିଁ, କିନ୍ତୁ ପୁରାତନ ମୂଲ୍ୟବୋଧ ନଷ୍ଟ ହୋଇଯାଇଛି । ଯାହାକୁ ନିତ୍‌ସେ (Nietzsche) ନୂତନ ମୂଲ୍ୟାୟନ (Transvaluation of Values) ବୋଲି କହିଥିଲେ ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ । ଏପରିକି ନିତ୍‌ସେ ଘୋଷଣା କଲେ, ସକଳ ଦେବଦେବୀଙ୍କର ମୃତ୍ୟୁ ଘଟିଛି (All the gods are dead) । ଅର୍ଥାତ୍, ଦୟା, କ୍ଷମା, ଶାନ୍ତି, ସମତା, ନ୍ୟାୟ, ଶୃଙ୍ଖଳାଦିର ଦେବତା; ସତ୍ୟ, ମୈତ୍ରୀ, ପ୍ରେମର ଦେବତାଙ୍କର ମୃତ୍ୟୁ ଘଟିଛି । ଏଗୁଡ଼ିକ ଆଉ ସମାଜରେ କାର୍ଯ୍ୟ କରୁ ନାହାନ୍ତି । ନିତ୍‌ସେ ଦୁଇପ୍ରକାର ନୈତିକତାର ବିଷୟ କହିଛନ୍ତି – ପ୍ରଭୁଙ୍କ ନୈତିକତା (Master morality) ଏବଂ ଭୃତ୍ୟଙ୍କ ନୈତିକତା (Slave morality) । ଦୁଃଖର କଥା ଉଦାରତା, ଦୟା, କ୍ଷମା, ଶାନ୍ତି ଓ ପ୍ରେମକୁ ହୀନ ଓ ନୀଚ ସ୍ତରର ଭୃତ୍ୟଙ୍କର ନୈତିକତା ବୋଲି ନିତ୍‌ସେ କହିଛନ୍ତି । ପ୍ରଭୁ ବା ମୁନିବର ନୈତିକତା ହେଲା ଅନ୍ୟକୁ ଦଖଲ କରି ତାହା ଉପରେ ପ୍ରଭୁତ୍ୱ କରିବା; ଏହା ଯଥାର୍ଥରେ ହେଉଛି ଅତିମାନବର ନୈତିକତା । କିନ୍ତୁ ଏହି ପ୍ରଭୁଙ୍କ ନୈତିକତା ଏକ ଦାନବୀୟ ଓ ଆସୁରିକ ନୈତିକତା । ଜର୍ମାନ୍ ଦାର୍ଶନିକ ନିତ୍‌ସେ ଅତିମାନବର ଆଗମନୀ କଥାର ଇଙ୍ଗିତ ପାଇଥିଲେ, ମାତ୍ର ତାଙ୍କ ଅତିମାନବ ଏକ ଦୁର୍ଦ୍ଧର୍ଷ, ଭୟଙ୍କର ଦାନବ ବା ଅସୁର – ସେ ସର୍ବକ୍ଷମତାଶାଳୀ, ସର୍ବଶକ୍ତିମାନ୍ ଓ ସବୁର ପ୍ରଭୁ । ଏହା ଅବଶ୍ୟ ସମସ୍ୟାର ସମାଧାନ କରି ନପାରି ଏହାକୁ ଆହୁରି ଉତ୍କଟ ଓ ଭୟଙ୍କର କରିଦେଲା । ମନୁଷ୍ୟର ପ୍ରାଣଶକ୍ତିର ଦାନବୀୟ ରୂପ ଏଥିରେ ଦେଖିବାକୁ ମିଳେ ।

ମନୁଷ୍ୟର ଯେଉଁ ନୂତନ ଅଭିବୃଦ୍ଧି ହେବ ତାହା ତା' ମଧ୍ୟସ୍ଥ ଏକ ବୃହତ୍ତର, ବିଶାଳତର, ଉଜ୍ଜ୍ୱଳତର ଚେତନାରେ ବିକଶିତ ହେବ । ମନୋମୟ ଚେତନାର ଊର୍ଦ୍ଧ୍ୱରେ ଏକ ଉଚ୍ଚତର ଭାଗବତ ଚେତନା ରହିଛି, ଯାହା ମଧ୍ୟରେ ମନୁଷ୍ୟ ଯଦି ଜନ୍ମଲାଭ କରେ ତେବେ କ୍ଷୁଦ୍ରରୁ ଉତ୍ଥିତ ହୋଇ ବିଶାଳ ମଧ୍ୟରେ ପ୍ରବେଶ କରିବ । ତାହା ମଧ୍ୟରେ ଯଦି ଏହି ନବଜନ୍ମ ଘଟେ, ତେବେ ସେ ବର୍ତ୍ତମାନ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ । ବାହ୍ୟର ସଙ୍କଟ ଅସଲରେ ଅନ୍ତରର ସଙ୍କଟ ଏବଂ ଯେତେ ଚେଷ୍ଟା କଲେ ମଧ୍ୟ ଏହି ଭିତିରି ବସ୍ତୁର ସମାଧାନ ନ ହେବା ପର୍ଯ୍ୟନ୍ତ ବାହ୍ୟ ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

ଅତଏବ ଆମ୍ଭେମାନେ ଯେଉଁ ନୂତନ ମାନବଜାତିର ବିଷୟ କହୁଛୁ, ଯେଉଁ ନୂତନ ସମାଜର ଭିତ୍ତି ଆବିଷ୍କାର କଥା କଳ୍ପନା କରୁଛୁ, ତାହା ମୂଳତଃ ଆତ୍ମକୈନ୍ଦ୍ରିକ (subjective), ଏହା ବସ୍ତୁକୈନ୍ଦ୍ରିକ (objective) ନୁହେଁ । ଏହି ସତ୍ୟରେ ଅଗ୍ରସର ହେଲେ ଆମେ ଏକ ନୂତନ ଅଧ୍ୟାତ୍ମ ଭୂମି, ବିଶାଳ, ସମୃଦ୍ଧ, ଉଜ୍ଜ୍ୱଳ ଚେତନାରେ ପହଞ୍ଚିବା । ଏହି ଆତ୍ମିକ ଭିତ୍ତିରେ, ଐଶ୍ୱରୀୟ ଭିତ୍ତିରେ ନୂତନ ସମାଜର ମୂଳଭିତ୍ତି ପ୍ରତିଷ୍ଠା ହେବ । ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ଅନ୍ୟ ଏକ ନୂତନ ଚେତନା ଜନ୍ମଲାଭ ନ କରିଛି ସେପର୍ଯ୍ୟନ୍ତ ଏହି ନୂତନ ସମାଜର ଭିତ୍ତି ସ୍ଥାପନ ହୋଇପାରିବ ନାହିଁ । ଏହି ଚେତନା ଭାଗବତ ଓ ଚୈତ୍ୟ ଚେତନା । ଏହାର ଗୁଣଧର୍ମ ସମ୍ପୂର୍ଣ୍ଣ ଭିନ୍ନ । ବ୍ୟକ୍ତି ମଧ୍ୟରେ ଏହି ଚେତନାର ଉଦ୍ଭବ ବା ଆବିର୍ଭାବ ଏକ ନବଜନ୍ମ – ଏହାହିଁ ଯୋଗର ମୂଳତତ୍ତ୍ୱ । 'All Yoga in its essence is a new birth.' ଏହି ଚେତନାର ଉଦ୍ଭବ ଏତେ ଜ୍ୟୋତିର୍ମୟ, ସ୍ପଷ୍ଟ, ନିଶ୍ଚିତ ଓ ଶାନ୍ତିପୂର୍ଣ୍ଣ ଯେ ଏହା ନିମିତ୍ତ କୌଣସି ପ୍ରମାଣ ଆବଶ୍ୟକ ନାହିଁ । ଏହି ଚେତନାର ସ୍ଥାୟୀ କ୍ରିୟା ପୂର୍ବରୁ ବା ପ୍ରତିଷ୍ଠା ପୂର୍ବରୁ ଏହା ଦେଖା ଦେଇପାରେ ଓ ଫେରି ଯାଇପାରେ । କିନ୍ତୁ ଚେତନାରେ ଏହି 'ନବଜନ୍ମ' ଓ ଉତ୍ଥାନ ବା ଆରୋହଣ ଯେ ନୂତନ ଜୀବନଧାରାର ଓ ନୂତନ ଦିଗନ୍ତର ପଥପ୍ରଦର୍ଶକ ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରଥମେ କେତେକଙ୍କ ମଧ୍ୟରେ ଏହି ଚେତନା ଜନ୍ମଲାଭ କରିବ, କେତେକେ ଏହାର ସ୍ପର୍ଶ ପାଇବେ । ଯେହେତୁ ଏହା ଏକ ସାର୍ବଭୌମ ଚେତନା, ସାର୍ବଜନୀନ ଚେତନା, ଏହା ଧୀରେ ଧୀରେ ପ୍ରସାରିତ ହେବ ଏବଂ ନୂତନ ସାମାଜିକ ଜୀବନର ପଥ ଖୋଲିଦେବ । ଏହି ଚେତନାର ଆଲୋକରେ ସାମାଜିକ ଜୀବନଧାରାର ସକଳ କାର୍ଯ୍ୟକୁ ନୂତନ ଭାବେ ଗଢ଼ି ତୋଳିବାକୁ ହେବ ।

### ଅଗ୍ରଗତି ନିମିତ୍ତ ସଙ୍କଳ୍ପ ଓ ପ୍ରେରଣା

୧୯୭୨ ମସିହା ଅଗଷ୍ଟ ବୁଲେଟିନରେ ଶ୍ରୀମା'ଙ୍କର ଗୋଟିଏ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ବାଣୀ ପ୍ରତି ଦୃଷ୍ଟି ଦିଆଯାଉ । ଶ୍ରୀମା ବରାବର ଚାହୁଁଥିଲେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ । ପଥପ୍ରାନ୍ତରେ ବା ଉପଭୋଗରେ ସମୟ ଅତିବାହିତ ନ କରିବା ପାଇଁ ସେ ବରାବର ଆହ୍ୱାନ କରିଛନ୍ତି :

"I don't simply tell you we are here upon earth to rest and enjoy ourselves, now is not the time for that. We are here ... to prepare the way for the new creation.

"... we are here to work – rest and enjoyment will come afterwards. Let us do our work here."

(CWM, Vol. 11, p. 307) – The Mother

ଅର୍ଥାତ୍, ''ବର୍ତ୍ତମାନ ସମୟରେ ଆମ୍ଭେମାନେ ପୃଥିବୀ ଉପରେ ବାସ କରୁଛୁ ବିଶ୍ରାମ ଓ ଉପଭୋଗ ନିମିତ୍ତ ନୁହେଁ, ବର୍ତ୍ତମାନ ସମୟ ଏଥିପାଇଁ ନୁହେଁ । ଆମ୍ଭେମାନେ ରହିଛୁ ... ନୂତନ ସୃଷ୍ଟିର ପଥ ପ୍ରସ୍ତୁତ କରିବା ପାଇଁ ।

''... ଆମ୍ଭେମାନେ ଏଠାରେ କାମ କରିବାକୁ ରହିଛୁ – ବିଶ୍ରାମ ଓ ଉପଭୋଗ ପରେ ଆସିବ । ଚାଲ ଆମ୍ଭେମାନେ ଆମ୍ଭର କାମ କରିବା ।''

ଶ୍ରୀମା ଆହୁରି କହିଛନ୍ତି :

"It is the hour to be heroic.

"Heroism is not what it is said to be : it is to become wholly unified – and the Divine help will always be with those who have resolved to be heroic in full sincerity."

(CWM, Vol. 11, p. 307) – The Mother

ଅର୍ଥାତ୍,

''ଏହା ଏକ ବୀରତ୍ୱର ମୁହୂର୍ତ୍ତ ।

''ବୀରତ୍ୱ କହିଲେ ଯାହା ବୁଝାଯାଏ, ମୁଁ ତାହା କହୁ ନାହିଁ : ବୀରତ୍ୱର ଅର୍ଥ ସମ୍ପୂର୍ଣ୍ଣ ରୂପେ ଅଖଣ୍ଡ ହୋଇଉଠିବା – ଆଉ ଭଗବତ୍ କରୁଣା ସର୍ବଦା ସେହିମାନଙ୍କ ଉପରେ ରହିବ ଯେଉଁମାନେ ପୂର୍ଣ୍ଣ ଐକାନ୍ତିକତା ସହ ବୀର ହୋଇଉଠିବା ନିମିତ୍ତ ସଙ୍କଳ୍ପ କରିବେ ।''

ଆଉ ଆମ୍ଭମାନଙ୍କର କାର୍ଯ୍ୟ କ'ଣ ଏବଂ ଯଥାର୍ଥରେ ଆମ୍ଭମାନଙ୍କୁ କ'ଣ ଲାଭ କରିବାକୁ ହେବ ସେ ବିଷୟ ମଧ୍ୟ ଶ୍ରୀମା ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି :

"Well, you must rise to the height of the task. You must strive, you must conquer all weaknesses and limitations; above all you must tell your ego : 'Your hour is gone.' We want a race that has no ego, that has in place of the ego the Divine Consciousness. It is that which we want : the Divine Consciousness which will allow the race to develop itself and the supramental being to take birth."

(CWM, Vol. 11, p. 307) – The Mother

ଅର୍ଥାତ୍, ''ଦେଖ, ତୁମକୁ ଦାୟିତ୍ୱର ଚରମ ସୀମାକୁ ଉଠିବାକୁ ହେବ । ତୁମେ ଉଦ୍ୟମ କର, ତୁମ ଭିତରେ ଥିବା ସକଳ ଦୁର୍ବଳତା ଏବଂ ସକଳ ସୀମିତତାକୁ ଜୟ କରିବାକୁ ଚେଷ୍ଟା କର; ସର୍ବୋପରି ତୁମେ ତୁମ ଅହଂକାରକୁ କୁହ : 'ତୋ ବେଳକାଳ ଶେଷ ହୋଇ ଯାଇଛି ।' ଆମେ ଏପରି ଏକ ମାନବଜାତି ଚାହୁଁ ଯାହାର ଅହଂକାର ନ ଥିବ । ଏହି ଅହଂକାର ସ୍ଥାନରେ ଭାଗବତ ଚେତନା କାର୍ଯ୍ୟ କରିବ । ଏହା ହିଁ ଆମେ ଚାହୁଁ : ଏହି ଭାଗବତ ଚେତନା ଯାହା ମାନବଜାତିକୁ ଗଢ଼ିତୋଳିବ ଏବଂ ଅତିମାନବକୁ ଜନ୍ମ ଦେବା ନିମିତ୍ତ ପଥ ପରିଷ୍କାର କରିବ ।''

ସୁତରାଂ ଏଥିରୁ ବୁଝାଯିବ ଯେ ବର୍ତ୍ତମାନ ସମୟ ଏକ ସନ୍ଧିକ୍ଷଣ – ଏକ ନୂତନ ଯୁଗର ଆବିର୍ଭାବ କାଳ ଏବଂ ପୁରାତନ ଯୁଗର ଅବସାନର ସମୟ । ଆମ୍ଭମାନଙ୍କୁ ଏହିପରି ସନ୍ଧିକ୍ଷଣରେ ଖୁବ୍ ସତର୍କତା ଓ ସାବଧାନତା ସହ ଗତି କରିବାକୁ ହେବ । ଯାହା ଭବିତବ୍ୟ, ବିଧି ନିର୍ଦ୍ଧାରିତ, ତାହା ନିଶ୍ଚୟ ଘଟିବ, ସୁତରାଂ ମନୁଷ୍ୟକୁ ଏହି ବୃହତ୍ତର ପରିଣାମ ନିମିତ୍ତ ପ୍ରସ୍ତୁତ ହେବାକୁ ହେବ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ',
ପ୍ରଥମ ଖଣ୍ଡ, ପୃ. ୧୪୮-୧୫୧)

❑❑❑

# ଦ୍ୱୀପାନ୍ତରର କଥା

## (ଦଶମ ପରିଚ୍ଛେଦ)

ବାରୀନ୍ଦ୍ର କୁମାର ଘୋଷ

### କଏଦୀ ଜୀବନର କେତେଗୁଡ଼ିଏ ଛବି
### (୧)

କଏଦୀର ଚରିତ୍ର ଏହିପରି ବିଭିନ୍ନ ପଙ୍କିଳ ସ୍ରୋତରେ ପଡ଼ି ଆଶା ଭରସା ହରାଇ କେତେ ଯେ ଅଦ୍ଭୁତ ରୂପଧାରଣ କରେ ତା'ର ଆଉ ଇୟତ୍ତା ନାହିଁ । ଉପର୍ଯ୍ୟୁପରି ଶାସ୍ତି ଯୋଗୁଁ ନୈରାଶ୍ୟରେ କେହି କେହି ଘୋର ରୁକ୍ଷ ମିଜାଜ (cynic) ବି ହୋଇ ପଡ଼ନ୍ତି – ମହାବୀର ଓ ସୈୟଦ ଥିଲେ ଏହାର ଦୃଷ୍ଟାନ୍ତ । ଆମେ ଯେତେବେଳେ ମହାବୀରକୁ ଦେଖିଲୁ ସେତେବେଳେ ତା'ର କେତେ ଯେ ବେତ୍ରାଘାତ ହୋଇ ସାରିଛି; ହାତକଡ଼ି, ବେଡ଼ି, କ୍ରସବାର୍ ଓ ଅର୍ଦ୍ଧ ଆହାର (penal diet) ଆଦିର ହିସାବକିତାବ ନଥିଲା । ମହାବୀର ଦେଖିବାକୁ ଦୀର୍ଘକାୟ, ରୁଗ୍ଣ, କଦାକାର, ଦୁର୍ବାସାଙ୍କ ମୂର୍ତ୍ତି । ଅଶ୍ଳୀଳ ଗାଳି ତା' ମୁହଁରେ ଲାଗି ରହିଥାଏ; ଦିବାରାତ୍ର ବକାବକି କରି ଚାଲିଥାଏ ବା ଅସ୍ପଷ୍ଟ ଭାଷାରେ କିଛି କହି ଚାଲିଥାଏ । ପ୍ରଚଳିତ ଗାଳିରେ ରାଗର ଶାନ୍ତି ନହେଲେ ଅଗତ୍ୟା ତାକୁ ମୌଳିକ ଗାଳିର ସୃଷ୍ଟି କରିବାକୁ ହୁଏ । ମାରେ ସାହେବ ବାଙ୍ଗରା ବୋଲି ମହାବୀର ତାଙ୍କ ନାମ ଦେଇଥିଲା ''ବଟେରିୟା'' (ବଟେର ହେଉଛି ଏକ ପ୍ରକାରର ଛୋଟ ପକ୍ଷୀ) । ଆଉ ବ୍ୟାରୀ ସାହେବର ଥିଲା ପ୍ରାୟ ମହାବୀର ଦେଇଥିବା ଶହେଆଠ ନାମ । ସେସବୁ ଅଭିନବ, ଅକଥା, କୁକଥା, ପୁଣ୍ୟନାମ ସବୁ ମହାବୀର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁଖ ବିକୃତ କରି ମନକୁ ମନ ଉଚ୍ଚାରଣ କରି ଚାଲିଥାଏ । ତା'ର ବଦ୍ଧମୂଳ ଧାରଣା ଥିଲା ଯେ, ଏଇ ଏକ ପ୍ରକାରର ସାରୁ ପତ୍ରର ତରକାରୀ ପ୍ରତିଦିନ ଖାଇ ଖାଇ ତିରିଶ ବର୍ଷର ଖୋରାକ ତା'ର ପେଟରେ ଜମାଟ ବାନ୍ଧି ଯାଇଛି । ତେଣୁ ତାହାର ମିଜାଜ ଏତେ ତିକ୍ତ ଏବଂ ସେଥିପାଇଁ ତା'ର ଏପରି ଘୋରତର ଅଗ୍ନିମାନ୍ଦ୍ୟ । ଏକ ବିଡ଼ା ତମାଖୁ ଲାଗି ମହାବୀର ଯାହାକୁ ତାହାକୁ ଖୋସାମତ କରେ; 'ନା ଭୂତ ନା ଭବିଷ୍ୟତ୍' କରି ଗାଳି ଦିଏ; ତାକୁ ଏହିପରି ଦୁର୍ଦ୍ଦଶାରେ ପକାଇଛନ୍ତି ବୋଲି ଭଗବାନଙ୍କର ଊର୍ଦ୍ଧ୍ୱରେ ଥିବା ତାଙ୍କର ଚଉଦ ପୁରୁଷଙ୍କୁ ଗାଳିଦିଏ । କୌଣସି ଅଫିସର୍ ବା ଦର୍ଶକ ଜେଲ ପରିଦର୍ଶନ କରିବାକୁ ଆସିଲେ ଆଉ କେହି ଅନୁଯୋଗ, ଅଭିଯୋଗ କରୁ ବା ନକରୁ ମହାବୀରର ବ୍ୟାକୁଳ ପ୍ରାର୍ଥନା ନିରନ୍ତର ଚାଲିଥାଏ, ସେ ସନାତନ ଅଭିଯୋଗର ପ୍ରତିକାର ନକଲେ ତା'ପରେ ଅକଥା ଅଶ୍ରାବ୍ୟ ଭାଷାରେ ଆଶୀର୍ବାଦ ତ ରହିଛି ।

ସୈୟଦ ବୃଦ୍ଧ, ଶ୍ୱେତ-ଶ୍ମଶ୍ରୁ, ରକ୍ତ ଚକ୍ଷୁ, ଦୀର୍ଘକାୟ ପୁରୁଷ, ଅଶ୍ଳୀଳଭାଷୀ; ଖୋସାମତ କରିବାକୁ ଯେପରି ଓସ୍ତାଦ, ଗାଳି ଦେବାକୁ ଓ କନ୍ଦଳ କରିବାକୁ ତତୋଽଧିକ । ମହାବୀରର ସମସ୍ତ ଗୁଣହିଁ ତା' ଶରୀରରେ ବିଦ୍ୟମାନ, ତଥାପି ସେ କେବେ କେବେ ମିଷ୍ଟଭାଷୀ ଓ ଫୂର୍ତ୍ତିବାଦ ମଧ୍ୟ । କିନ୍ତୁ ତମାଖୁ ପାଇଲେ ବଡ଼ ବଡ଼ ଚକ୍ଷୁ ବାହାର କରି ଲମ୍ଫଝମ୍ପ ଦେଇ ଉଦ୍ଭଟ ଅଙ୍ଗଭଙ୍ଗି ସହ ଦୁଇ, ଚାରି ହାତର ଛୋଟ ଲାଠି ନେଇ କିଛି ଆସ୍ଫାଳନ ଦେଖାଇଦେବ । ''ବୋମ୍ କାଲୀ, କଲ୍‌କତ୍ତେଓ୍ୱାଲୀ'' କହି ସୈୟଦ ମଝିରେ ମଝିରେ ଭୀମ ଚିତ୍କାର ଛାଡ଼େ, କେବେ କେବେ ନିଜର ଦୁର୍ଭାଗ୍ୟ ସ୍ମରଣ କରି ଅଧୀର ହୋଇ ପଡ଼ିଲେ ଚିତ୍କାର କରି ଗାଳି ଦେଇ ଜେଲ ଫଟାଇ ଦିଏ । ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟ ଖାଇବାର ଲୋଭ ଥିଲା ତା'ର ପ୍ରଚଣ୍ଡ; ଏକ ନିଃଶ୍ୱାସରେ ସେ ଜର୍ଦ୍ଦା-ପଲାଉ, ମୁତଞ୍ଜନ୍, କବାବ୍, କୋପ୍ତା, ମୋତିଚୁର୍ ଇତ୍ୟାଦି ଅସଂଖ୍ୟ ଲୋଭନୀୟ ଖାଦ୍ୟର ନାମ କହି ଚାଲିଥାଏ; ସେ ଉଗ୍ର ରୂପ ଧରି କହିବାକୁ ଲାଗେ, ''ସୈୟଦ ଏଇ ସବୁ ଖାଇବା ବାଲା, ତା'ର କପାଳରେ ଶେଷରେ ସାରୁପତ୍ର ଓ ହରଡ଼ ଡାଲି ! ତୋବା ! ତୋବା ! ୟା ବିସ୍‌ମିଲ୍ଲା, ୟା ଖୋଦାଓୟନ୍ଦ୍ କରିମ୍ !'' ରାତ୍ରିରେ ଯେଉଁ ବ୍ଲକ୍‌ରେ ସୈୟଦ ଶୁଏ, ସେ ବ୍ଲକ୍‌ରେ କେହି ନିଦରେ ଦୁଇ ଆଖିପତା ଏକାଠି କରି ପାରନ୍ତି ନାହିଁ; ଯେତେବେଳ ପର୍ଯ୍ୟନ୍ତ କେହି ରାତିର ଖୋରାକ ରୂପେ ତମାଖୁ ବା ଖଇନି ନଦେବେ, ସେତେବେଳ ପର୍ଯ୍ୟନ୍ତ ବନ୍ଦ ଦରଜା ପାଖରେ ବସି ଗାଳି ଦେବ, ଆଉ ବେଳେ ବେଳେ ଚୋର ପଶିବା ପରି ରଡ଼ି ଛାଡ଼ିବ, ଏ... ଏ... ଏ... ସେଲ୍ୟୁଲାର୍ ଜାନିୟା ରେ-ଏ-ଏ (ସେଲ୍ୟୁଲାର୍ ଜାନ୍ ବା ପ୍ରେୟସୀ), ଏ... ଏ... ଏ... ବ୍ୟାରିୟା ଭଙ୍ଗୀ (ବ୍ୟାରୀ

ମେହେନ୍ତର), ଖୋଦା ତେରା ବେଡ଼ା ଗରଖ୍ କରେ (ଭଗବାନ୍ ତୋର ସମୂଳେ ସର୍ବନାଶ କରନ୍ତୁ) ।'' ସୈୟଦକୁ ରାତିରେ ପାଖ କୋଠରିରେ ଶୋଇବାକୁ ଦେବା ଅର୍ଥ ମଣିଷକୁ ରଗାଇବାର ଏପରି ସହଜ ଉପାୟ ଆଉ ନାହିଁ । ବିରକ୍ତିରେ ଅତିଷ୍ଠ ହୋଇ ପ୍ରାଣ ଭୟରେ ଲାଇନର ଚାରିଜଣ ୱାର୍ଡ଼ର ବା କୋଠରିର କୌଣସି ଧନୀ (ତମାଖୁ ଧନରେ ଧନୀ) କଏଦୀ ଏକ ବିଡ଼ା ଖଇନି ପଠାଇଲେ ଯାଇ ସମସ୍ତେ ସେ ରାତି ପାଇଁ ରକ୍ଷା ପାଆନ୍ତି । କେବେ କେବେ ସେ ଚିତ୍କାର କରିବା ମାତ୍ରେହିଁ ଜେଲର୍‌ର ହୁକୁମରେ ଟିଣ ମଗରେ ତା' ଉପରକୁ ଜଳ ନିକ୍ଷେପ କରାଯାଉଥିଲା । ସ୍ୱଭାବ ଦୋଷରୁ ସୈୟଦର କ୍ଷୁଳନ ହୁଏ, ପୁଣି ଜେଲସାରା ଲୋକଙ୍କୁ ହଇରାଣ କରେ । ଅବଶେଷରେ ମାରେ ସାହେବ କୃପାପରବଶ ହୋଇ ତାକୁ ପାଗଳାଗାରଦର ବଗିଚାରେ ପହରାବାଲାର କାମ ଦେଇ ଜେଲରୁ ମୁକ୍ତି ଦିଅନ୍ତି; ତାଙ୍କରି ଦୟାରୁ ବର୍ତ୍ତମାନ ସେ ପ୍ରାୟ ଆଉ ଗାଳି ଦିଏ ନାହିଁ ।

ମୁର୍‌ଗା ଆଉ ଜଣେ କଳାପାଣି ବିଖ୍ୟାତ ଜୀବ । ତା'ର ଚେହେରା ଥିଲା କଳିର ଭୀମସେନ ପରି – ତ୍ରିପଣ୍ଡ କଳା, ଲୋମଶ ଶରୀର, ବୃଷଭ ଭଳି ସ୍କନ୍ଧ; ବିରାଟ ନିଶରେ ଗୋଟିଏ ବିଡ଼ା ଝାଡୁ ତିଆରି ହେବାଟା ବିଚିତ୍ର ନୁହେଁ । ଗୋଟିଏ ଗାମଲାଭର୍ତ୍ତି ବାଜେ ଦହି ବା ଫେଣାଏ କଦଳୀର ଲୋଭ ଦେଖାଇ ବ୍ୟାରୀ ସାହେବ ତାକୁ ହାତଘଣା ପେଲିବାର ବନ୍ଦୋବସ୍ତ କରି ଦିଅନ୍ତି, ମୁର୍‌ଗା ଓ ତା'ର ଯୋଡ଼ିଦାର ସେରା, ପ୍ରତ୍ୟେକେ ସାରା ଦିନରେ ଅଶୀ ପାଉଣ୍ଡ ତେଲ ପେଷୁଥିଲେ । ସେଲ୍ୟୁଲାର୍ ଜେଲରେ ପ୍ରଥମେ କଏଦୀର କୋଡ଼ିଏ ପାଉଣ୍ଡ ତେଲ ନିର୍ଦ୍ଧାର୍ଯ୍ୟ ଥିଲା । ବ୍ୟାରୀ ସାହେବ ମଧ ଏଇ ଦୁଇ ଭଡ଼ାଟିଆ ଗୁଣ୍ଡାର ଷଡ଼୍‌ଯନ୍ତ୍ରରେ ଏଇ ଶୀତଳ ଘଣାର କାମ ତିରିଶ ପାଉଣ୍ଡ ପର୍ଯ୍ୟନ୍ତ ବଢ଼ାଇ ଦେଲେ । ସୁପରିନ୍‌ଟେଣ୍ଡେଣ୍ଟ୍ ଯେତେବେଳେ ଦେଖିଲେ ଜଣେ ମଣିଷ ଯଦି ଅକ୍ଲେଶରେ ଅଶୀ ପାଉଣ୍ଡ ପେଷି ପାରୁଛି, ତେବେ ଜଣେ ଜଣେ ମଜୁରିଆ ତିରିଶ ପାଉଣ୍ଡ ଅବଶ୍ୟହିଁ ପେଷିବେ । ଧୂର୍ତ୍ତ ବ୍ୟାରୀ ସାହେବ ଜେଲର ପ୍ରତ୍ୟେକ କାର୍ଯ୍ୟକୁ ଏଇ ଉପାୟରେ ବୃଦ୍ଧି କରିଛନ୍ତି, ସେଲ୍ୟୁଲାର୍‌ରେ ଆଜିକାଲି କଏଦୀର ଆଉ ସେହି ପୂର୍ବର ରାମରାଜ୍ୟ ନାହିଁ ।

ଦୁଇ ତିନି ଜଣ ଷୋହଳ, ସତର ବର୍ଷର ପିଲାଙ୍କୁ ବର୍ମା ଜେଲରେ ଦେଖିଥିଲି । ବର୍ମାଲୋକମାନେ ଅତ୍ୟନ୍ତ କଳୁଷିତ ଚରିତ୍ରର, ଅଫିମଖୋର ଏବଂ ଜୁଆଡ଼ୀ । ତା' ଭିତରେ ଅଳ୍ପ କେତେଜଣ ସଚ୍ଚରିତ୍ର ଥିଲେ । କିନ୍ତୁ ହେଲେ କ'ଣ ହେବ, ସେମାନଙ୍କୁ ବର୍ଷରେ ଗୋଟେ ଦୁଇଟା ଖୁନ୍ କରିବାକୁହିଁ ହେବ । ପଠାଣ ଓ ପଞ୍ଜାବୀମାନେ ବଡ଼ ପଶୁ ପ୍ରକୃତିର ଲୋକ । ଜେଲରେ ସୁଦର୍ଶନ ବର୍ମା ତରୁଣମାନଙ୍କୁ ଦେଖିଲେ ସେମାନେ ତା' ପଛରେ ଲାଗି ଯାଆନ୍ତି । ପାପରେ ପ୍ରବୃତ୍ତ ନହେଲେ ପେଟି ଅଫିସର୍ ବା ଜମାଦାରଙ୍କ ସାହାଯ୍ୟରେ ମୋକଦମା କରି ସେମାନଙ୍କୁ ଶାସ୍ତି ଦେଇ ବିବ୍ରତ କରାନ୍ତି । କଏଦୀ ପାଖରେ ଲୁଚେଇଥିବା ତମାଖୁ ବା ଗୋଟେ ଦୁଇଟା ଫାଲତୁ ଆଇନବିରୁଦ୍ଧ ଜିନିଷ (contraband) ପ୍ରାୟ ଥାଏ, ତାହାକୁ ଧରାଇ ଦେଲେହିଁ ଶାସ୍ତି । ଦିନରେ ବରାଦ ଥିବା କାର୍ଯ୍ୟ ନକରି ବସି ରହିଲେ ବି ଶାସ୍ତି ଅନିବାର୍ଯ୍ୟ । ଅନର୍ଥକ ମାରପିଟ ବା ଗାଳିଗୁଲଜର ମୋକଦମା କରି ଆସାମୀକୁ ସାହେବ ସାମନାରେ ଛିଡ଼ା କରାଇ ପାରିଲେ ହାକିମ ଚକ୍ଷୁ ବନ୍ଦ କରି ଶିକାର ଗିଳି ପକାନ୍ତି । କେବଳ ମାରେ ସାହେବ କେତେଟା ସୁବିଚାର କରିବାର ଦେଖିଛି । ନହେଲେ ଅନାହାରୀ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଛାଗଳ ହାଣିବା ପରି ବିଚାର ହୁଏ ! ଫୋୟାଁ କେତେଥର ଖୁନ୍ ଅପରାଧରେ ପଡ଼ିଛି; ଶେଷରେ ଆମେ ତାକୁ ପ୍ରେସକୁ ଆଣି କାଗଜ କାଟିବାର କାମ ଦେଉ । ସେଠାରେ ସଦ୍ ବ୍ୟବହାର ପାଇ ନିର୍ବିବାଦରେ ସେ ବିନା ମୋକଦମାରେ ଦେଢ଼ ବର୍ଷ କଟାଇ ଜେଲରୁ ମୁକ୍ତି ପାଏ । ବାହାରେ ବର୍ତ୍ତମାନ ତା'ର ଅଦୃଷ୍ଟରେ କ'ଣ ଅଛି ଭଗବାନ୍ ହିଁ ଜାଣନ୍ତି ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

ଚେତନାକୁ ଜାଗରିତ ରଖିବା ନିମନ୍ତେ ତୁମେ ପ୍ରତ୍ୟେକ ଦିନ କିଛି ସମୟ ଏକାଗ୍ରତା ଏବଂ ଶ୍ରୀମାଙ୍କୁ ସ୍ମରଣ ଏବଂ ଆମ ସହ ତୁମର ସଂଯୋଗ ରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ରଖିବା ଆବଶ୍ୟକ ।

– ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୧୨)

### ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ଲର୍ଡ଼ କର୍ଜନଙ୍କ ଶିକ୍ଷାନୀତି

ଲର୍ଡ଼ ଡଫେରିନ୍ (Lord Dufferin)ଙ୍କ ସମୟରେ ୧୮୮୫ ମସିହା ଡିସେମ୍ବର ମାସରେ ଭାରତୀୟ ଜାତୀୟ କଂଗ୍ରେସ ଗଠନ କରାଯାଇଥିଲା । ଯଦିଓ ପୂର୍ବରୁ ଏହା ଗଠନ କରାଯାଇଥିଲା, କିନ୍ତୁ ବିଧିବଦ୍ଧ ଭାବେ ୧୮୮୫ ମସିହାରେ ଏହା ଜନ୍ମଲାଭ କଲା ଏବଂ ସେହି ବର୍ଷ ଡିସେମ୍ବର ୨୮ ତାରିଖରେ ଏହାର ପ୍ରଥମ ଅଧିବେଶନ ବସିଥିଲା । ଏହାର ପ୍ରଥମ ଅଧକ୍ଷ ରୂପେ ଉମେଶ ଚନ୍ଦ୍ର ବାନାର୍ଜି ଏବଂ ସଚିବ ରୂପେ ଏ. ଓ. ହ୍ୟୁମ୍ (Allan Octavian Hume) କାର୍ଯ୍ୟ କରିଥିଲେ । ବର୍ଷକରେ ଥରେ ଅଧିବେଶନ ଡକା ଯାଇ ଇଂରେଜ ସରକାରଙ୍କ ଶାସନ ନୀତିର ସମୀକ୍ଷା କରାଯାଇ ସରକାରଙ୍କୁ ପରାମର୍ଶ ଦେବା ଥିଲା ଏହି ଜାତୀୟ କଂଗ୍ରେସର ଉଦ୍ଦେଶ୍ୟ । ଏହା ଇଂରେଜ ସରକାରଙ୍କ ସହିତ ମିତ୍ରତା ସ୍ଥାପନ କରି ଦେଶର ଜନତାଙ୍କୁ ସ୍ୱାବଲମ୍ବନଶୀଳ ତଥା ଦେଶପ୍ରେମୀ ହେବା ପାଇଁ ଆହ୍ୱାନ ଦେଉଥିଲା ।

ଲର୍ଡ଼ କର୍ଜନ ୧୮୯୯ ରୁ ୧୯୦୫ ପର୍ଯ୍ୟନ୍ତ ଭାରତର ଭାଇସ୍ରୟ ଥିଲେ । ସେ ଜଣେ ନିର୍ଭୀକ, ଅତ୍ୟାଚାରୀ ମେରି ରାୟବାଦୀ ଶାସକ ଥିଲେ । ଭାରତୀୟମାନଙ୍କୁ ସେ ମ୍ଳେଚ୍ଛ ସଦୃଶ ଦେଖୁଥିଲେ । ଯଦିଓ ସେ ବିଭିନ୍ନ କ୍ଷେତ୍ରରେ ଅନେକ ସଂସ୍କାର ଆଣିଥିଲେ କିନ୍ତୁ ସେସବୁ ସଂସ୍କାର ଇଂରେଜ ଶାସନକୁ ସୁହାଇବା ଭଳି ଥିଲା । ସେ ସମୀକ୍ଷା କରି ଜାଣିବାକୁ ପାଇଲେ ଯେ ଭାରତୀୟ ଗ୍ରାମମାନଙ୍କରେ ଶିକ୍ଷା ଅତି ଶୋଚନୀୟ । ସେ ସମୟରେ ପ୍ରତି ଗ୍ରାମରେ ବିଦ୍ୟାଳୟ ନଥିଲା । ସେ ୧୯୦୨ ମସିହାରେ ଥୋମାସ୍ ରାଲେ(Thomas Raleigh)ଙ୍କ ଅଧକ୍ଷତାରେ ଏକ କମିସନ ବସାଇଥିଲେ ଏବଂ ଏହି କମିସନ ଜୁନ୍ ମାସ ୧୯୦୨ ମସିହାରେ ରିପୋର୍ଟ ଦେବା ପରେ ୧୯୦୪ ମସିହାରେ ତାହା Indian University Act ରୂପେ ଅନୁମୋଦନ ଲାଭ କଲା । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ମଧ କେତେକ ପରିବର୍ତ୍ତନ ଅଣା ଯାଇଥିଲା । ପ୍ରାଥମିକ ଓ ମାଧମିକ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରାଗଲା, କିନ୍ତୁ ଶିକ୍ଷା ଧାରାରେ କୌଣସି ପରିବର୍ତ୍ତନ ଆସି ନଥିଲା । ବିଶ୍ୱବିଦ୍ୟାଳୟରେ ସିନେଟ୍ ଓ ସିଣ୍ଡିକେଟ୍ ସଦସ୍ୟମାନଙ୍କ ସଂଖ୍ୟା କମାଇ ଦିଆଗଲା ଏବଂ ସରକାରୀ ସଦସ୍ୟଙ୍କ ସଂଖ୍ୟା ବଢ଼ାଇ ଦିଆଗଲା । ବିଶ୍ୱବିଦ୍ୟାଳୟରେ ଭାରତୀୟ ସଂସ୍କୃତି ଓ ସାହିତ୍ୟ ଉପରେ ଯେଉଁ ଶିକ୍ଷାଦାନ କରାଯାଉଥିଲା ତାହା ଉପରେ ପ୍ରତିବନ୍ଧକ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଲର୍ଡ଼ କର୍ଜନ ତାଙ୍କର ଶିକ୍ଷାନୀତି ପ୍ରସ୍ତୁତ କରିଥିଲେ । ବିଶ୍ୱବିଦ୍ୟାଳୟର ସମସ୍ତ ଯୋଜନା ସରକାରଙ୍କ ଅନୁମୋଦନ ଲାଭ କରିବା ଅନିବାର୍ଯ୍ୟ ହୋଇ ପଡ଼ିଲା । ଏହା ଦ୍ୱାରା ଶିକ୍ଷା କ୍ଷେତ୍ରରେ ଲର୍ଡ଼ କର୍ଜନ ହସ୍ତକ୍ଷେପ କରି ନିଜର କଦର୍ଯ୍ୟ ମନୋଭାବର ପରିଚୟ ଦେଇଥିଲେ ଯାହା ବିରୋଧରେ ଫିରୋଜ ଶାହା ମେହେଟ୍ଟା, ସୁରେନ୍ଦ୍ର ନାଥ ବାନାର୍ଜି, ଗୋପାଳକୃଷ୍ଣ ଗୋଖେଲ ଆଦି ନେତାମାନେ ସ୍ୱର ଉତ୍ତୋଳନ କରିଥିଲେ । ଏପରିକି ଲର୍ଡ କର୍ଜନ ପ୍ରେସମାନଙ୍କର ସ୍ୱାଧୀନତା ମଧ ହରଣ କରି ନେଇଥିଲେ ।

ଊନବିଂଶ ଶତାବ୍ଦୀର ଭାରତବର୍ଷରେ ଅନେକ ନେତା, ମହାତ୍ମା, ମହାପୁରୁଷମାନଙ୍କର ଆବିର୍ଭାବ ଘଟିଥିଲା । ଉମେଶ ଚନ୍ଦ୍ର ବାନାର୍ଜି, ସୁରେନ୍ଦ୍ର ନାଥ ବାନାର୍ଜି, ଲାଲା ଲାଜପତ୍ ରାୟ, ବାଳଗଙ୍ଗାଧର ତିଳକ, ବିପିନ୍ଚନ୍ଦ୍ର ପାଲ୍, ଦାଦାଭାଇ ନାରୋଜୀ, ସର୍ଦାର ବଲ୍ଲଭ ଭାଇ ପଟେଲ, ପାନାପକ୍କମ ଆନନ୍ଦଚାରିଲୁ ଆଦି ଅନେକ ନେତାଙ୍କ ସହ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଶ୍ରୀଅରବିନ୍ଦ, ରବିନ୍ଦ୍ରନାଥ ଠାକୁର, ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ, ଶ୍ରୀରମଣ ମହର୍ଷି ଆଦି ଅନେକ ମହାତ୍ମାଙ୍କର ଆବିର୍ଭାବ ଘଟିଥିଲା । ରାଜା ରାମମୋହନ ରାୟଙ୍କ ବ୍ରାହ୍ମ ସମାଜ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଆର୍ଯ୍ୟ ସମାଜ ଭାରତବର୍ଷରେ ଏକ ଆଧ୍ୟାତ୍ମିକ ବିପ୍ଳବ ମଧ ଆଣିଥିଲା । ଧାର୍ମିକ ଓ ରାଜନୈତିକ କ୍ଷେତ୍ରରେ ଭାରତର ଅଭ୍ୟୁଦୟକୁ ଲର୍ଡ଼ କର୍ଜନ ସହ୍ୟ କରି ପାରି ନଥିଲେ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ୧୮୭୫

ମସିହାରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରି ଭାରତର ଆଧ୍ୟାତ୍ମିକ ପରମ୍ପରାକୁ ଜାଗ୍ରତ୍ କରିଥିଲେ ଏବଂ ୧୮୭୬ରେ ସେ 'India for Indians' ସ୍ଲୋଗାନ ଦେଇଥିଲେ ଯାହା ପ୍ରଥମ ସ୍ୱରାଜ ସ୍ଲୋଗାନ ଥିଲା । ତତ୍ପରେ ଆର୍ଯ୍ୟ ସମାଜର ସକ୍ରିୟ କର୍ମୀ ମହାତ୍ମା ହଂସରାଜଙ୍କ ଦ୍ୱାରା ୧୮୮୬ ମସିହା ଜୁନ୍ ମାସ ୧ ତାରିଖରେ ଲାହୋର ଠାରେ ପ୍ରଥମ D.A.V. ସ୍କୁଲ ସ୍ୱଦେଶୀ ଧାରାରେ ପ୍ରତିଷ୍ଠା କରାଯାଇଥିଲା; ଯାହା ଏବେ ଭାରତବର୍ଷରେ ଶିକ୍ଷାର ବିକାଶ ଧାରାରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ପ୍ରତିଷ୍ଠିତ ହୋଇ ପାରିଛି । ରାଜା ରାମମୋହନ ରାୟ ସତୀଦାହ ଓ ବାଲ୍ୟ ବିବାହ ପ୍ରଥାକୁ ବିରୋଧ କରିଥିଲେ ଏବଂ ସେହି ପ୍ରଥାକୁ ମଧ୍ୟ ସମାଜରୁ ଉଠାଇ ଦେବାରେ ସଫଳ ହୋଇଥିଲେ । ତାଙ୍କ ପ୍ରତିଷ୍ଠିତ ବ୍ରାହ୍ମ ସମାଜ ଏହି ସବୁ ପ୍ରଥା ସହ ଜାତିପ୍ରଥାକୁ ବିରୋଧ କରି ସମାଜରେ ଏକ ଅଭିନବ ଆଲୋଡ଼ନ ସୃଷ୍ଟି କରିଥିଲା । ଏତତ୍ ବ୍ୟତୀତ ୧୮୯୩ ମସିହାରେ ଶ୍ରୀଅରବିନ୍ଦ ଶିକ୍ଷା ସମାପ୍ତ କରି ଇଂଲଣ୍ଡରୁ ଭାରତକୁ ଫେରି ଭାରତ ଆତ୍ମାକୁ ଜାଗ୍ରତ୍ କରି ଜାତୀୟତା ମନ୍ତ୍ରରେ ଭାରତୀୟମାନଙ୍କୁ ଦୀକ୍ଷିତ କରି ଭାରତମାତାକୁ ବିଦେଶୀ ଶାସନରୁ ମୁକ୍ତ କରିବାର ପନ୍ଥା ପ୍ରସ୍ତୁତ କରୁଥିବା ସମୟରେ ସେହି ବର୍ଷ ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇ ଭାରତର ଆଧ୍ୟାତ୍ମିକ ସଂସ୍କୃତିର ଧ୍ୱଜା ବିଦେଶ ମାଟିରେ ଉଡ଼ାଇ ଥିଲେ । ସୁତରାଂ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଭାରତବର୍ଷରେ ସାମାଜିକ, ରାଜନୈତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଏକ ବିରାଟ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

ଲର୍ଡ଼ କର୍ଜନଙ୍କ ଶାସନ କାଳର ସବୁଠାରୁ ବଡ଼ କଳା ଦିଗ ହେଉଛି ବେଙ୍ଗଲକୁ ଦୁଇ ଭାଗ କରିବା । ଲର୍ଡ଼ କର୍ଜନ ୧୯୦୫ ମସିହା ଜୁଲାଇ ୧୯ ତାରିଖରେ ବେଙ୍ଗଲ ବା ବଙ୍ଗଦେଶକୁ ଦୁଇ ଭାଗ କରିବାର ଯେଉଁ ଘୋଷଣା ପତ୍ର ପ୍ରକାଶ କଲେ ତାହା ବିରୋଧରେ ଏକ ବିରାଟ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ହିନ୍ଦୁ ଓ ମୁସଲମାନଙ୍କୁ ଜାତୀୟ ସ୍ରୋତରୁ ଅଲଗା କରି ଦେବାର ଉଦ୍ଦେଶ୍ୟ ରଖି ଏହା କରାଯାଇଥିଲା । ସେତେବେଳେ ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ ଭାବେ ଜାତୀୟ ଆନ୍ଦୋଳନରେ ମିଶିଥିଲେ ଏବଂ ବାଳଗଙ୍ଗାଧର ତିଳକଙ୍କ ସହ ମିଶି ସ୍ୱଦେଶୀ ଆନ୍ଦୋଳନର ଡାକରା ଦେଇଥିଲେ । ସେହି ଆନ୍ଦୋଳନରେ ବଙ୍କିମ ଚନ୍ଦ୍ର ଚାଟାର୍ଜିଙ୍କ ଲିଖିତ 'ବନ୍ଦେ ମାତରମ୍' ଗୀତଟିର ମାହାତ୍ମ୍ୟ ବଢ଼ି ଯାଇଥିଲା ଏବଂ ବନ୍ଦେ ମାତରମ୍ ଧ୍ୱନିରେ ଜଳ, ସ୍ଥଳ ଓ ଆକାଶ ପ୍ରକମ୍ପିତ ହୋଇ ଉଠିଥିଲା ।

୧୯୦୬ ମସିହାରେ ଶ୍ରୀଅରବିନ୍ଦ ବରୋଦା ତ୍ୟାଗ କରି କଲିକତାର ନବ ଗଠିତ ଜାତୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ରୂପେ ଯୋଗ ଦେଲେ ଏବଂ ସେହି ଦିନଠାରୁ ସେ ଚରମପନ୍ଥୀଙ୍କର ନେତୃତ୍ୱ ନେଇ ପୂର୍ଣ୍ଣ ସ୍ୱାଧୀନତା ବା ପୂର୍ଣ୍ଣ ସ୍ୱରାଜ ଦାବି କଲେ ।

ଜାତୀୟ କଂଗ୍ରେସ ନରମପନ୍ଥୀ ଓ ଚରମପନ୍ଥୀ ରୂପେ ଦୁଇ ଭାଗ ହେଲା । ନରମପନ୍ଥୀରେ ଦାଦାଭାଇ ନାରୋଜୀ, ଫିରୋଜ ସାହା ମେହେଟ୍ଟା, ସୁରେନ୍ଦ୍ରନାଥ ବାନାର୍ଜି, ମଦନ ମୋହନ ମାଲବ୍ୟ, ସୁବ୍ରମନ୍ୟମ୍ ଆୟାର ଆଦି ନେତାମାନେ ଥିଲେ ଏବଂ ଚରମପନ୍ଥୀ ଦଳରେ ଲାଲା ଲାଜପତ୍ ରାୟ, ବାଳଗଙ୍ଗାଧର ତିଳକ, ବିପିନ୍‌ଚନ୍ଦ୍ର ପାଲ, ଶ୍ରୀଅରବିନ୍ଦ ଆଦି ଦିଗ୍‌ଗଜ ନେତାମାନେ ଥିଲେ । ନରମପନ୍ଥୀମାନେ ଇଂରେଜ ଶାସନ ବ୍ୟବସ୍ଥାରେ ସଂସ୍କାର ଚାହୁଁଥିଲେ; କିନ୍ତୁ ପୂର୍ଣ୍ଣ ସ୍ୱରାଜର ସପକ୍ଷରେ ନଥିଲେ । ଚରମପନ୍ଥୀମାନେ ପୂର୍ଣ୍ଣ ସ୍ୱରାଜର ଦାବି ଉଠାଇଲେ ଏବଂ ଶ୍ରୀଅରବିନ୍ଦଙ୍କର ଅଗ୍ନିବର୍ଷୀ ପ୍ରବନ୍ଧମାନ ଭାରତୀୟମାନଙ୍କ ହୃଦୟରେ ଜାତୀୟତାର ବହ୍ନି ପ୍ରଜ୍ୱଳିତ କରିଥିଲା । ବଙ୍ଗ ବିଭାଜନ ପରେ ସ୍ୱଦେଶୀ ଆନ୍ଦୋଳନଟି ତୀବ୍ରତର ହେଲା ।

ରାଜନୈତିକ ଆନ୍ଦୋଳନ ଭିତରେ ଶିକ୍ଷାଗତ ଆନ୍ଦୋଳନଟି ଲୁଚି ଗଲେ ମଧ୍ୟ ଭାରତର ନେତାମାନେ ଶିକ୍ଷା ବ୍ୟବସ୍ଥା ପ୍ରତି ଆପତ୍ତି ଉଠାଇଲେ । ଲର୍ଡ଼ କର୍ଜନଙ୍କ Indian Education Policyରେ ପ୍ରଦେଶ ସ୍ତରୀୟ ସରକାର ଅଧୀନରେ ପ୍ରାଥମିକ ଶିକ୍ଷା ରହିଲା ଏବଂ ବିଶ୍ୱବିଦ୍ୟାଳୟ ଅଧୀନରେ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ରହିଲା । ଶିକ୍ଷାନୀତି ଅନୁସାରେ ଶିକ୍ଷକ ତାଲିମ କେନ୍ଦ୍ର, ପାଠାଗାର, ଛାତ୍ରାବାସର ବ୍ୟବସ୍ଥା ମଧ୍ୟ ରହିଲା । ଧର୍ମର ନୀତି ବା ବିଧିକୁ ଅନୁସରଣ କରି ଧାର୍ମିକ ଶିକ୍ଷା ବା ନୈତିକ ଶିକ୍ଷାର ବ୍ୟବସ୍ଥା ମଧ୍ୟ ରହିଲା । ଭାରତୀୟମାନେ ନିରୀକ୍ଷକ ରୂପେ ନିଯୁକ୍ତି ପାଇଲେ ଏବଂ ଜିଲ୍ଲାମାନଙ୍କରେ ଆଦର୍ଶ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ଥିଲା; କିନ୍ତୁ ଏସବୁ ମଧ୍ୟରେ ସ୍ୱାଧୀନତା ବହୁତ କମ୍ ଥିଲା । ମୁସଲିମ ଶିକ୍ଷା ବ୍ୟବସ୍ଥା ତଥା ସାମାଜିକ, ଆର୍ଥନୀତିକ ବ୍ୟବସ୍ଥାରେ ବିଶେଷ ଉନ୍ନତି ନଆସିବାରୁ ଲର୍ଡ଼ ମିଣ୍ଟୋଙ୍କ ସମୟରେ ୧୯୦୬ ମସିହା ଡିସେମ୍ବର ୩୦ ତାରିଖରେ ଆଗା ଖାଁଙ୍କ ନେତୃତ୍ୱରେ ଢାକାରେ ମୁସଲିମ ଲିଗ୍ (Muslim League) ଗଠନ କରାଯାଇଥିଲା । ଆଗା ଖାଁ ଓ ସୟଦ ଅହମ୍ମଦ ଆଦି ନେତାମାନେ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ଥିଲେ । ସାଂପ୍ରଦାୟିକତା

ସୃଷ୍ଟି କରିବା ଉଦ୍ଦେଶ୍ୟରେ ମର୍ଲେ ମିଣ୍ଟୋ ୧୯୦୯ ମସିହାରେ Indian Council Act ପ୍ରସ୍ତୁତ କରି ପ୍ରଥମ ଥର ପାଇଁ ମୁସଲମାନଙ୍କ ସକାଶେ ପୃଥକ୍ ନିର୍ବାଚନ ମଣ୍ଡଳୀ ଗଠନ କରିଥିଲେ ।

୧୯୦୬ ମସିହାରେ ବରୋଦା ରାଜ୍ୟ ସରକାର ନିଜ ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରି ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ତତ୍ପରେ ୧୯୧୦ ମସିହାରେ ଗୋପାଳକୃଷ୍ଣ ଗୋଖେଲ Free and Compulsory Primary Education ପ୍ରଚଳନ କରିବା ପାଇଁ ଇଂରେଜ ସରକାରଙ୍କ ପାଖରେ ଦାବି ଉଠାଇଥିଲେ; କିନ୍ତୁ ତତ୍କାଳୀନ ସରକାର ଏହାକୁ ଗ୍ରହଣ କରି ନଥିଲେ । ସେ ସମୟରେ ଲର୍ଡ଼ ହାର୍ଡିଞ୍ଜ ଭାରତର ଭାଇସ୍‌ରୟ ଥିଲେ । ସେ ଫେବ୍ରୁଆରୀ ୨୧ ତାରିଖ ୧୯୧୩ ମସିହାରେ ଶିକ୍ଷାନୀତି ଉପରେ ଏକ ପ୍ରସ୍ତାବ ଆଣି ମୁକ୍ତ ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାକୁ ଅମାନ୍ୟ କରିଥିଲେ; କିନ୍ତୁ ନିରକ୍ଷରତାର ବିଲୋପ ସାଧନ ନିମନ୍ତେ ଥିବା ପ୍ରସ୍ତାବଟିକୁ ଗ୍ରହଣ କରିଥିଲେ । ୧୯୧୩ ମସିହା ସୁଦ୍ଧା ଭାରତରେ ଅନେକ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା । ମାନ୍ଦ୍ରାଜ, କଲିକତା, ବମ୍ବେ, ଡେରାଡୁନ୍, ଦାର୍ଜିଲିଂ, ଦିଲ୍ଲୀ, ପୁନେ, ହାଇଦ୍ରାବାଦ, ବାଙ୍ଗାଲୋର ଆଦି ସହର ସମେତ ଭାରତର ବିଭିନ୍ନ ଅଞ୍ଚଳରେ ସହସ୍ରାଧିକ ମିସନାରୀ ଶିକ୍ଷାନୁଷ୍ଠାନ ରହିଥିଲା । ୧୮୪୮ ମସିହା ଜାନୁଆରୀ ୧ ତାରିଖରେ ପୁନେଠାରେ ସାବିତ୍ରୀ ବାଈ ଫୁଲେ ଏବଂ ଜ୍ୟୋତିବା ଫୁଲେଙ୍କ ଦ୍ୱାରା ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଥିଲା ଏବଂ ସାବିତ୍ରୀ ବାଈ ଫୁଲେ ପ୍ରଥମ ଶିକ୍ଷୟିତ୍ରୀ ଭାବେ ସେଠାରେ ଶିକ୍ଷାଦାନ କରିଥିଲେ । ୧୯୦୧ ମସିହା ଡିସେମ୍ବର ୨୨ ତାରିଖରେ ରବିନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ୫ ଜଣ ପିଲାଙ୍କୁ ନେଇ ବ୍ରହ୍ମଚର୍ଯ୍ୟ ଆଶ୍ରମ ପ୍ରତିଷ୍ଠା କରିଥିଲେ ଏବଂ ୧୯୧୩ରେ ସେ ପ୍ରଥମ ଭାରତୀୟ ଭାବେ ନୋବେଲ ପୁରସ୍କାର ପାଇଥିଲେ । ୧୯୨୧ରେ ସେ ବିଶ୍ୱଭାରତୀ ପ୍ରତିଷ୍ଠା କଲେ ଏବଂ ୧୯୨୫ରେ ବ୍ରହ୍ମଚର୍ଯ୍ୟ ଆଶ୍ରମଟି ପାଠଭବନରେ ପରିଣତ ହେଲା ଯାହା ୧୯୫୧ ମସିହାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ପରିଗଣିତ ହେଲା ।

୧୯୧୪ ମସିହା ଜୁଲାଇ ମାସ ୨୮ ତାରିଖରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୧୮ ମସିହା ନଭେମ୍ବର ୧୧ ତାରିଖରେ ସମାପ୍ତ ହୋଇଥିଲା । ବିଶ୍ୱଯୁଦ୍ଧ ସମୟରେ ଭାରତ Allied Powers ପକ୍ଷରେ ଥିଲା । ବିଶ୍ୱଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଭାରତରେ ମିସନାରୀ ଶିକ୍ଷା ସହ ଖ୍ରୀଷ୍ଟଧର୍ମ ବହୁ ମାତ୍ରାରେ ପ୍ରସାରିତ ହୋଇଥିଲା । ଏପରିକି ଭାରତର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଭାରତରେ ପ୍ରତିଷ୍ଠିତ ମିସନାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷା ସମାପ୍ତ କରି ଇଂଲଣ୍ଡରୁ ଉଚ୍ଚଶିକ୍ଷା ଲାଭ କରିବା ପରେ ଇଂରେଜ ସରକାରଙ୍କ ଅଧୀନରେ ଉଚ୍ଚ ପଦବୀରେ ରହି କାର୍ଯ୍ୟ କରୁଥିଲେ । ବାଳଗଙ୍ଗାଧର ତିଳକ ୧୯୦୮ ରୁ ୧୯୧୪ ପର୍ଯ୍ୟନ୍ତ ଦୀର୍ଘ ୬ ବର୍ଷ କାଳ ଜେଲରେ ରହି ମୁକ୍ତି ଲାଭ କରିବା ପରେ ପୁନଶ୍ଚ ସ୍ୱରାଜ ଆନ୍ଦୋଳନରେ ଯୋଗ ଦେଇଥିଲେ । କ୍ରମେ ମୋହନଦାସ କରମଚାନ୍ଦ ଗାନ୍ଧି ୧୯୧୫ ମସିହାରେ ଭାରତକୁ ଫେରିବା ପରେ ଜାତୀୟ କଂଗ୍ରେସ ସକ୍ରିୟ ହୋଇ ଉଠିଲା । ୧୯୧୭ ମସିହାରେ ଚମ୍ପାରନରେ କୃଷକ ଆନ୍ଦୋଳନରେ ଯୋଗ ଦେଇ ସେ ଇଂରେଜ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଯାହା ଭାରତ ଭୂମିରେ ତାଙ୍କର ପ୍ରଥମ ଆନ୍ଦୋଳନ ଥିଲା । ଗାନ୍ଧିଜି ଭାରତକୁ ଆସିବା ପରେ ଭାରତ ଭୂମିରେ ନେତାମାନଙ୍କର ଶକ୍ତି ଓ ସାହସ ବଢ଼ି ଯାଇଥିଲା । ୧୯୧୯ ମସିହାର Rowlatt Act ଓ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଯୋଗୁଁ ସମଗ୍ର ଭାରତବର୍ଷରେ ଇଂରେଜ ଶାସନ ବିରୋଧରେ ତୀବ୍ର ଆନ୍ଦୋଳନ ଜାଗି ଉଠିଲା । ସେତେବେଳେ ନେତାମାନେ ଶିକ୍ଷା ପ୍ରତି ମଧ୍ୟ ଦୃଷ୍ଟି ରଖିଥିଲେ ।

(କ୍ରମଶଃ)

❑❑❑

ଯାହାକିଛି ବାଧାବିପତ୍ତି ବା ଜଟିଳ ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି, ଏଥିରେ ତୁମେ ସମ୍ପୂର୍ଣ୍ଣ ଦୃଢ଼ନିଶ୍ଚିତ ରହିବ ଯେ ପ୍ରତ୍ୟେକଟି ମନ୍ଦ ପରିସ୍ଥିତି ମଧ୍ୟଦେଇ ମୁଁ ତୁମକୁ ସିଧା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନ ଦିଗରେ ପରିଚାଳିତ କରୁଛି ।

— ଶ୍ରୀଅରବିନ୍ଦ

# ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରକୃତ ହିତାକାଂକ୍ଷୀ

## ପ୍ରସାଦ ତ୍ରିପାଠୀ

ଆମେ ଯେତେବେଳେ କୌଣସି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରୁ ସେତେବେଳେ ଯେଉଁମାନେ ଆମର ପ୍ରକୃତ ହିତାକାଂକ୍ଷୀ ବୋଲି ସ୍ମରଣକୁ ଆସନ୍ତି ସେମାନେ ହେଲେ ଆମ ପିଲାମାନଙ୍କର ଅଭିଭାବକମାନେ । କାରଣ ସେମାନେ ଆମ୍ଭମାନଙ୍କୁ ସୁଯୋଗ ଦେଇ ନଥିଲେ ଆମେ ଶିକ୍ଷାର ଏତେ ପରୀକ୍ଷା-ନିରୀକ୍ଷା କରିବା ସମ୍ଭବପର ହୋଇ ନଥା'ନ୍ତା ।

ମାତ୍ର ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେତେବେଳେ ଆମେ ଶିକ୍ଷକ ସମ୍ମିଳନୀ କରୁ ସେତେବେଳେ ଅପା/ଭାଇଙ୍କର ବଡ଼ ଆପତ୍ତି ଯେ ଅଭିଭାବକମାନେ ରାଜି ହେବେ ନାହିଁ । ସେମାନେ ରାଗିବେ, ପିଲା ଉଠାଇ ନେବେ ଇତ୍ୟାଦି । ଏହାର କାରଣ କ'ଣ ?

କାରଣ, ଆମେ ଯାହା କରୁଛୁ ସେଥିରେ ଅଭିଭାବକମାନେ ସମ୍ମତି ଦେଉ ନାହାନ୍ତି, କାହିଁକି ନା ସେମାନେ ଆଦୌ ନିଶ୍ଚିତ ନୁହନ୍ତି ଯେ ଏହା ତାଙ୍କ ପିଲାମାନଙ୍କର ମଙ୍ଗଳ କରିବ । ଏଥିପାଇଁ ଦାୟୀ କିଏ ? ଆମେ ଯଦି ଅଭିଭାବକମାନଙ୍କୁ ଆମ କରୁଥିବା କାର୍ଯ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ବୁଝାଇ ନ ପାରିଲୁ ଏବଂ ତାଙ୍କୁ କାର୍ଯ୍ୟର ଉଦ୍ଦେଶ୍ୟ ସମ୍ପର୍କରେ ସ୍ପଷ୍ଟ କରି ନ ପାରିଲୁ ତେବେ ତାଙ୍କର ଭୁଲ୍ କ'ଣ ? ଆମର ଇଚ୍ଛା ଯେ ଆମେ ଯେତେ ଯାହା କଲେ ମଧ୍ୟ ଅଭିଭାବକମାନେ ଆଦୌ ପାଟି ଫିଟାନ୍ତେ ନାହିଁ । ଆମେ ଯଦି କିଛି ନୂଆ କାମ କରୁଛୁ ଏବଂ ସେ କାମର ଆବଶ୍ୟକତା କ'ଣ ଅଛି ତାହା ଯଦି ଆମେ ଖୁବ୍ ଭଲ ଭାବରେ ବୁଝୁଥା'ନ୍ତୁ, ତେବେ ଅଭିଭାବକମାନଙ୍କୁ ବୁଝାଇ ଦେଇ ପାରନ୍ତୁ । ମାତ୍ର ଆମେ କେବଳ କହିବାକୁ ପଡୁଛି ବୋଲି ଯଦି କରୁଥାଉ ଏବଂ ସେ ସମ୍ପର୍କରେ ଭଲ ଭାବରେ ବୁଝି ନଥାଉ ତେବେ ସେ ବିଷୟରେ କେହି ପଚାରିଲେ ଅସହାୟ ଭଳି ଅନୁଭବ କରୁ । ସେଥିରେ ଅଭିଭାବକମାନଙ୍କର କ'ଣ ଭୁଲ୍ ରହିଲା ? ଆମର ପ୍ରଥମେ ବୁଝିବା କଥା ଯେ ଯଦି ଅଭିଭାବକମାନେ ଆମ୍ଭମାନଙ୍କୁ ସେମାନଙ୍କର ପିଲା ନ ଦେବେ ତେବେ ଆମେ ଯାହା ବି ପରୀକ୍ଷା କରୁ ତାହା କରିବା ସମ୍ଭବ ହେବ ନାହିଁ ।

ମୋର ମନେ ପଡ଼େ, ଯେତେବେଳେ ଭୁବନେଶ୍ୱରରେ ୧୯୭୦ ମସିହାରେ ପ୍ରଥମ ସ୍କୁଲ ଆରମ୍ଭ ହେଲା ସେତେବେଳେ ଯେଉଁ କେତେ ଜଣ ପିଲା ସେ ସ୍କୁଲରେ ନାମ ଲେଖାଇ ଥିଲେ ସେମାନଙ୍କ ଅଭିଭାବକମାନେ କ'ଣ କୌଣସି ଆଶା ରଖି ସେମାନଙ୍କର ପିଲାମାନଙ୍କର ନାମ ଲେଖାଇଥିଲେ ? କେହି କେହି କହିଲେ ସେ ସ୍କୁଲରେ ପାଠ ପଢ଼ାଅ ନାହିଁ, ସେମାନେ ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭଳି ପିଲାମାନଙ୍କର ପରୀକ୍ଷା କରିବେ ନାହିଁ କି ସାର୍ଟିଫିକେଟ୍ ଦେବେ ନାହିଁ । କେହି କେହି କହିଲେ, ଏ ପିଲାମାନେ ବିବାହ କରିବେ ନାହିଁ । ସମସ୍ତେ କେବଳ ଶ୍ରୀଅରବିନ୍ଦଙ୍କ କାମ କରିବେ । ଆଉ ସତ କହିଲେ, ସେତେବେଳେ ଯେଉଁମାନେ ଏପ୍ରକାରର ସ୍କୁଲ ଆରମ୍ଭ କରିଥିଲେ ସେମାନେ ମଧ୍ୟ ପ୍ରକୃତରେ ଏ ବିଷୟରେ ଏତେ ନିଶ୍ଚିତ ନଥିଲେ ଯେ ଭବିଷ୍ୟତରେ କ'ଣ ହେବ । କେବଳ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଏବଂ ଭରସା ରଖି ହିଁ ସେମାନେ ଗୋଟିଏ ଦୁଃସାହସିକ ପଦକ୍ଷେପ ନେଇଥିଲେ । ମାତ୍ର ତଥାପି ଆମ ସାଙ୍ଗରେ କିଛି ଅଭିଭାବକ ଥିଲେ ବୋଲି ସିନା ଆମେ କିଛି ନ ଜାଣି ମଧ୍ୟ କାର୍ଯ୍ୟ ଆରମ୍ଭ କରିବାକୁ ସାହସ କଲୁ ।

ଏବେ ଆଉ କେତେ ଗୁଡ଼ିଏ କଥା ମନକୁ ଆସୁଛି :

୧. ପ୍ରପତ୍ତି ମହାଶୟ କହିଲେ, ଶିକ୍ଷା ମାଧ୍ୟମରେ ସମାଜକୁ ଏକ ଆଧ୍ୟାତ୍ମିକ ଧାରାରେ ପରିବର୍ତ୍ତନ କରିବା ପାଇଁ ଆମେ ଶିକ୍ଷାକୁ ଆମର ସାଧନାର ମାର୍ଗ ଭଳି ଗ୍ରହଣ କରୁଛୁ ।

୨. ଶ୍ରୀମା କହିଲେ, ଆମେ ଏଠାରେ ସେହି କଥା କରିବାକୁ ଚାହୁଁଛୁ ଯାହା ଅନ୍ୟମାନେ କରିପାରିବେ ନାହିଁ, କାରଣ ଏ ସମ୍ପର୍କରେ ସେମାନଙ୍କର କିଛି ଧାରଣା ନାହିଁ ।

୩. ପଟେଲ ହଲ୍‌ରେ ସ୍କୁଲ ଆରମ୍ଭ କଲାବେଳେ ଶ୍ରୀମା ଗୋଟିଏ ବାଣୀ ଦେଲେ : 'ଜଡ଼କୁ ଆତ୍ମାର ପ୍ରକାଶ ପାଇଁ ପ୍ରସ୍ତୁତ କର ।'

ଏଭଳି ଏତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ ଯେତେବେଳେ ଆମେ ଗୋଟିଏ ବିଦ୍ୟାଳୟ ଖୋଲିବାକୁ ଯାଉଛୁ ସେଥିରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବ ଅଭିଭାବକମାନଙ୍କର । ସେଇ ଅଭିଭାବକମାନେ କେବେହେଲେ

ଏକ ସାଧାରଣ ଶିକ୍ଷା ପ୍ରଣାଳୀ, କେବଳ ପରୀକ୍ଷାର ଫଳାଫଳ, ନମ୍ବର ପ୍ରଭୃତିକୁ ଆଦୌ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁ ନଥିବେ ।

ଏବେ ଭାବିବା, ଏତେ ସବୁ ଯଦି ଆମକୁ କରିବାକୁ ଅଛି ତେବେ ଆମ ସାଙ୍ଗରେ ଅଭିଭାବକମାନେ ନ ରହିଲେ ଏ କଥା କେବେ ବି ସମ୍ଭବ ହେବ କି ? ସମଗ୍ର ସମାଜର ଭବିଷ୍ୟତର କଥା – ମନୁଷ୍ୟ ଜୀବନର ଭବିଷ୍ୟତର କଥା – ଏସବୁ ମା' କ'ଣ କେବଳ ପଢ଼ିବା ପାଇଁ ଲେଖିଛନ୍ତି ? ଏହା ଆମ ଜୀବନର ସର୍ବୋତ୍ତମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଧରନ୍ତୁ ମା' କହିଲେ, 'ଆମେ ଏଠାରେ ସେସବୁ କରିବାକୁ ଅଛୁ ଯାହା ଅନ୍ୟମାନେ କରିପାରିବେ ନାହିଁ, କାରଣ ସେ ବିଷୟରେ ସେମାନଙ୍କର ଧାରଣା ନାହିଁ ।' ଏଠାରେ କାହାରିକୁ ନିନ୍ଦା କରାଯାଇ ନାହିଁ । ମାତ୍ର ଏହା ଏପରି ଏକ କାମ ଯାହାକୁ ଆମେ ପ୍ରଥମ କରି ପୃଥିବୀରେ କରିବାକୁ ଯାଉଛୁ । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଗୌରବମୟ କାର୍ଯ୍ୟ ନୁହେଁ କି ? ଯଦି ଏହା ପ୍ରକୃତରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ସେଥିରେ ଆମେ ଯଦି ଗୌରବ ଅନୁଭବ କରୁ – ଅଭିଭାବକମାନେ ମଧ୍ୟ ତାଙ୍କର ସନ୍ତାନମାନେ ଏପରି ଏକ କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି ବୋଲି ଜାଣି ପ୍ରକୃତରେ ଗୌରବ ଅନୁଭବ କରିବେ କି ନାହିଁ ?

ଆମର ଏକମାତ୍ର କର୍ତ୍ତବ୍ୟ ହେଲା ଆମ ସାଙ୍ଗରେ ଅଭିଭାବକମାନଙ୍କୁ ନେବା । ସେମାନଙ୍କ ବିରୋଧରେ ଆଦୌ ଅଭିଯୋଗ ନ କରି ସେମାନଙ୍କୁ ନିଜ ବିଶ୍ୱାସ ଭିତରକୁ ନେବା । ଯଦି ସ୍କୁଲରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆମେ କରୁଛୁ ଯେଉଁଥିରେ ପିଲାମାନଙ୍କର ସମ୍ପୃକ୍ତି ଦରକାର, ସେତେବେଳେ ଆମେ ପ୍ରଥମେ ଅଭିଭାବକମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ଭଲ ଭାବରେ ବୁଝାଇବାକୁ ଚେଷ୍ଟା କରିବା । ହୁଏତ ପ୍ରଥମେ ପ୍ରଥମେ ସେମାନେ କୌଣସି ନୂତନ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଅନିଚ୍ଛୁକ ହୋଇ ପାରନ୍ତି, କାରଣ ଗୋଟିଏ ଚିରାଚରିତ କାର୍ଯ୍ୟରେ ରହିବାକୁ ସମସ୍ତେ ଚାହାନ୍ତି । କିନ୍ତୁ ଆମେ ଯଦି ମା'ଙ୍କୁ ଡାକି ଅନବରତ ଚେଷ୍ଟା କରିବା, ତେବେ ସେମାନେ ନିଶ୍ଚୟ ବୁଝିଯିବେ ଏବଂ ଏହି କାର୍ଯ୍ୟରେ ସମ୍ପୃକ୍ତ ହେବେ । ସମ୍ଭବତଃ ସେମାନଙ୍କ ମଧ୍ୟରୁ ଆମେ କେତେଜଣଙ୍କୁ ମଧ୍ୟ ଏ କାର୍ଯ୍ୟରେ ସିଧାସଳଖ ଦାୟିତ୍ୱ ଦେଇପାରିବା । ଏବେ ଆମକୁ ଶୁଣୁ ନାହାନ୍ତି ବୋଲି ଯେ କେବେହେଲେ ଶୁଣିବେ ନାହିଁ ଏହା ଆଦୌ ଠିକ୍ ନୁହେଁ ।

ତା'ପରେ ଏମିତି ଦେଖିଲେ ତ ଆମ ଅନୁଷ୍ଠାନମାନଙ୍କରେ ମଧ୍ୟ ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଯେକୌଣସି ନୂଆ କାର୍ଯ୍ୟକୁ ବିରୋଧ କରନ୍ତି, ଅନ୍ତତଃ ସମର୍ଥନ ବା ସହଯୋଗ କରନ୍ତି ନାହିଁ । ମାତ୍ର ଆମେ ତ ସେମାନଙ୍କୁ ସାଙ୍ଗରେ ନେଇ ଚାଲୁଛୁ । ତେଣୁ କିଛି ଅଭିଭାବକ ଯଦି ସହଯୋଗ ନ କଲେ, ତେବେ ସେମାନଙ୍କ ପାଇଁ ମା'ଙ୍କୁ ଡାକି ଆମେ କାମ କରିଯିବା । ମାତ୍ର ଯେତେ ଅଧିକ ଅଭିଭାବକ ଆମ ସହିତ କାର୍ଯ୍ୟରେ ସମ୍ପୃକ୍ତ ହେବେ ତାହା ଆମ ପାଇଁ ସେତେ ଅଧିକ ଶୁଭଙ୍କର ହେବ । ସେଥିପାଇଁ ଅଭିଭାବକମାନଙ୍କୁ ଆମର ପରମ ଆତ୍ମୀୟ ଭଳି ଗ୍ରହଣ କରିବା ଆବଶ୍ୟକ ।

❑❑❑

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ । ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ ! ତୁମେ ତୁମ ବାଟକୁ ଅନୁସରଣ କରି ଚାଲ ଏବଂ ତୁମ ବାଟରେ ଗଲେହିଁ ତୁମେ ସେଇ ଶୀର୍ଷରେ ପହଞ୍ଚି ପାରିବ । ଏଇ ଶୀର୍ଷ ସ୍ଥାନଟି ''ଏକ'', କିନ୍ତୁ ତୁମ ବାଟରେ ତୁମେ ଯାଇ ସେଠି ପହଞ୍ଚୁଛ । ଲକ୍ଷ୍ୟଟି ରହିଛି ଏହି ଶୀର୍ଷକୁ ଅତିକ୍ରମ କରି ତା'ର ଆହୁରି ଊର୍ଦ୍ଧ୍ୱରେ । ସେଇ ଲକ୍ଷ୍ୟଟି ''ଏକ'' ଏବଂ ସବୁ ଶୀର୍ଷର ଅତୀତ ଓ ଊର୍ଦ୍ଧ୍ୱରେ – କିନ୍ତୁ ପ୍ରତ୍ୟେକଙ୍କୁ ତାଙ୍କ ନିଜ ରାସ୍ତାରେ ଯାଇ ସେଠାରେ ପହଞ୍ଚିବାକୁ ହେବ । ପ୍ରତ୍ୟେକଙ୍କୁ ତାଙ୍କ ନିଜର ପାହାଡ଼ ଚଢ଼ିବାକୁ ହେବ, ଅନ୍ୟର ପାହାଡ଼ ନୁହେଁ ।

(CWM, Vol. IV, p. 350) — ଶ୍ରୀମା

କାହାଣୀ :

# ସ୍ୱର୍ଗର ସନ୍ଧାନରେ

## ମନୋଜ ଦାସ

''ଗୁରୁଦେବ, ଆମ ଏ ଭୂମଣ୍ଡଳରେ ସ୍ୱର୍ଗ ବୋଲି କିଛି ସତରେ ଅଛି ?'' ବ୍ରଜ ଟିକିଏ ସୁଯୋଗ ପାଇଲେହିଁ ଗୁରୁଙ୍କୁ ପ୍ରଶ୍ନଟି ପଚାରୁଥାଏ ।

''ଜାଣିବା ନିହାତି ଜରୁରି ?'' ଗୁରୁ ଅବଶେଷରେ ବ୍ରଜକୁ ପଚାରିଲେ ।

''ହଁ ଆଜ୍ଞା,'' ବଡ଼ ଆଗ୍ରହରେ ଉତ୍ତର ଦେଲା ବ୍ରଜ । ଗୁରୁଙ୍କ ପାଖକୁ ଆହୁରି ଘୁଞ୍ଚିଯାଇ ସେ କାନଯୋଡ଼ିକ ଉଦଗ୍ର କରି ରଖିଲା ।

''ମୋର ପ୍ରଥମ ଶିଷ୍ୟ ହେମଚନ୍ଦ୍ର ତ ସ୍ୱର୍ଗରେହିଁ ରହେ ।'' ଗୁରୁ ଏତକ କହି ଆଖି ବୁଜି ଧ୍ୟାନସ୍ଥ ହୋଇଗଲେ । ଗୁରୁ ସହଜ ଆଖି ଖୋଲିବାର ଆଶା ନଥାଏ କି ତାଙ୍କଠୁଁ ସ୍ଥାନ, କାଳ, ପାତ୍ରର ସ୍ଥୂଳ ବିବରଣୀ ମଧ୍ୟ ଆଶା କରିବା ବୃଥା । ବ୍ରଜ ପ୍ରବଳ ଉତ୍ସାହରେ ଆଶ୍ରମର ସବୁ ଅନ୍ତେବାସୀଙ୍କୁ ହେମଚନ୍ଦ୍ରଙ୍କ କଥା ପଚାରିଲା । କିନ୍ତୁ କେହି କେହି ତାଙ୍କ ନାମ ଶୁଣିଥିଲେ ବି ତାଙ୍କ ଠିକଣା ଜାଣି ନଥିଲେ । ତେବେ ଗୁରୁଙ୍କୁ ଚବିଶ ବର୍ଷ କାଳ ଖଟୁଥିବା ଜଣେ ସେବକ କହିଲା, ''ହେମଚନ୍ଦ୍ର ଯେତେବେଳେ ପନ୍ଦର ବର୍ଷ ତଳେ ଏଠାକୁ ଥରେ ଆସିଥିଲେ, ସେତେବେଳେ ମୁଁ ତାଙ୍କ ଆଶ୍ରମ ବିଷୟରେ ପଚାରିଥିଲି । ସେ ମୋତେ ସେଠାକୁ ବାଟ ବତେଇ ଦେଇଥିଲେ । ତେବେ ମୁଁ କେବେ ଯାଇ ନାହିଁ ।''

ବ୍ରଜ ସେ ସେବକକୁ ଦୀର୍ଘ ସମୟ ଜେରା କରି ହେମଚନ୍ଦ୍ରଙ୍କ ଆଶ୍ରମକୁ ବାଟ ମୋଟାମୋଟି ଜାଣିଗଲା । ହଜାର ମାଇଲ ଦୂରରେ ଗୋଟିଏ ପାହାଡ଼ ଶ୍ରେଣୀ । ତହିଁ ସେପାରି ଗୋଟାଏ ତୁଷାରମୟ ନଦୀ । ତା'ପରେ ଏକ ବିସ୍ତୀର୍ଣ୍ଣ ଉପତ୍ୟକା । କାଁ ଭାଁ ଛୋଟ ପଲ୍ଲୀଟିଏ ଦେଖା ଯାଇପାରେ । ସେହି ଉପତ୍ୟକା ଶେଷ ପ୍ରାନ୍ତରେ ଗୋଟାଏ ପାହାଡ଼ ତଳେ ସରୋବର ତୀରରେ ରହନ୍ତି ହେମଚନ୍ଦ୍ର ।

ସେଠାକୁ ଯାଇ ସ୍ୱର୍ଗ କିପରି ସ୍ଥାନ ଜାଣିବା ପାଇଁ ବ୍ରଜ ମନରେ ଉପୁଜିଲା ଅଦମ୍ୟ କୌତୂହଳ ।

''ଗୁରୁଦେବ ! ମୁଁ ଟିକିଏ ହେମଚନ୍ଦ୍ରଙ୍କୁ ଦେଖା କରିବାକୁ ଯିବି'' — ବ୍ରଜ କହିଲା । ଗୁରୁ ସେତେବେଳେ ଅନ୍ୟ କୌଣସି ଜଗତରେ ଥିଲେ ବୋଧହୁଏ । ''ଭଲ କଥା ।'' ସେ କହିଦେଲେ ।

ଅବିଳମ୍ବେ ସ୍ୱର୍ଗର ସନ୍ଧାନରେ ବ୍ରଜର ଯାତ୍ରାରମ୍ଭ ହେଲା । ପ୍ରଥମ କେତେଦିନ ସେ ଯେତେ କ୍ଷିପ୍ର ଗତିରେ ସମ୍ଭବ ବାଟ ଚାଲିଲା । କ୍ରମେ ପଥ ହେଲା ଦୁର୍ଗମ, ପଥୁରିଆ, କଣ୍ଟାବୁଦା ଭର୍ତ୍ତି ମୂଳକ । ତା' ଗତି ଶିଥିଳ ହେଲା । ପର୍ବତ ଶ୍ରେଣୀ ଆରୋହଣ ଓ ଅତିକ୍ରମ କରିବା ପୂର୍ବରୁ ପୁଣି ଯଥେଷ୍ଟ ଖାଦ୍ୟ ସଂଗ୍ରହ କରିବାକୁ ହେଲା । କ୍ରମେ ସେ ବଡ଼ କ୍ଲାନ୍ତ ଅନୁଭବ କଲା । ତା'ପରେ ପଡ଼ିଲା ତୁଷାରମୟ ନଦୀ । ତାକୁ ଅତିକ୍ରମ କରିବା ବେଳକୁ ସେ ମୃତପ୍ରାୟ ।

ଉପତ୍ୟକାରେ ପଦାର୍ପଣ କଲାବେଳକୁ ଶହେ ଦିନରୁ ଅଧିକ ଲାଗିଯାଇଥାଏ । ତେବେ କିଛି ପରିମାଣରେ ଉତ୍ସାହ ଫେରି ଆସିଲା । ଅବଶେଷରେ ସେ ସ୍ୱର୍ଗରେ ପହଞ୍ଚିବାକୁ ଯାଉଛି ।

କିନ୍ତୁ ଏ ଉପତ୍ୟକାରେ ତ କାହିଁ କିଛି ବୈଚିତ୍ର୍ୟ ନାହିଁ । ଏଣେ ତେଣେ କିଛି କିଛି ଗଛଲତା, ଫଳ ଫୁଲ, କାହିଁ ବା କେଉଁଠି ଝରଣାଟିଏ । ତେବେ ଏଭଳି ଉପତ୍ୟକା, ଏହାଠୁଁ ବହୁତ ଅଧିକ ସୁନ୍ଦର ସ୍ଥାନ ତ ସେ ଅନେକ ଦେଖିଛି ।

ଅବଶେଷରେ ଉପତ୍ୟକାର ଶେଷ ପ୍ରାନ୍ତରେ ଛୋଟ ସରୋବର ତୀରରେ କୁଡ଼ିଆଟିଏ ତା' ଆଖିରେ ପଡ଼ିଲା । ଦେଖା ହେଲା ହେମଚନ୍ଦ୍ରଙ୍କ ସହିତ । ସେ ଗୁରୁଙ୍କର ଏ ତରୁଣ ଶିଷ୍ୟଟିକୁ ଦେଖି ବହୁତ ଖୁସି ହେଲେ । ତେବେ ନିଜ ସାଧ୍ୟମତେ ତାକୁ ଭଲ ଖିଆପିଆ କରାଇଲେ ବି ଫଳମୂଳ ଛଡ଼ା ଆଉ ଅଧିକ କିଛି ଯୋଗାଇ ପାରିଲେ ନାହିଁ ।

ସେ ପରିବେଶ ଭିତରେ ପୁଣି ସ୍ୱର୍ଗ । ବ୍ରଜ ହେମଚନ୍ଦ୍ରଙ୍କୁ ପଚାରି ବୁଝିଲେ, ଗ୍ରୀଷ୍ମ ଋତୁରେ ସେଠି ବେଶ୍ ଗରମ ହୁଏ, ଶୀତ ଋତୁରେ ହୁଏ ବେଶ୍ ଶୀତ । ବ୍ରଜ ବଡ଼ ହତାଶ ହେଲା ।

ସେଠାରେ ସପ୍ତାହଟିଏ ବିତାଇ ବଳ ଫେରି ଆସନ୍ତେ ବ୍ରଜ ସେ 'ସ୍ୱର୍ଗ'ରୁ ବିଦାୟ ନେଇ ବାହୁଡ଼ା ଆରମ୍ଭ କଲା । ପୁଣି

ଲାଗିଗଲା ଶହେ ଦିନେ । ଆଶ୍ରମରେ ପହଞ୍ଚି ସେ ଦୁଇ, ଚାରି ଦିନ ବିଶ୍ରାମ ନେଇ ଗୁରୁଙ୍କୁ ଭେଟିଲା ।

''ଗୁରୁଦେବ ! ଆପଣ ହେମଚନ୍ଦ୍ର ସ୍ୱର୍ଗରେ ଅଛନ୍ତି ବୋଲି କହିଲେ । କିନ୍ତୁ ସେଇଟା ତ ଗୋଟାଏ ମାମୁଲି ଉପତ୍ୟକା ମାତ୍ର !'' ବ୍ରଜ ଗୁରୁଙ୍କ ପାଖରେ ଅଭିଯୋଗ କଲା ।

ଗୁରୁ ପ୍ରଥମେ କିଛି ବୁଝିପାରିଲେ ନାହିଁ । ତା'ପରେ ବ୍ରଜ ଟିକିଏ ବିସ୍ମିତ ଭାବରେ ସବୁ କହନ୍ତେ, ଗୁରୁ ହସିଲେ ଓ କହିଲେ, ''ବାପା, ତୁ ଯଦି ହେମଚନ୍ଦ୍ରକୁ ଭେଟିବାକୁ ଯିବା ପଛରେ ତୋ ପ୍ରକୃତ ଉଦ୍ଦେଶ୍ୟ କ'ଣ ମୋତେ ଟିକିଏ ସ୍ପଷ୍ଟ ଭାବରେ କହିଥା'ନ୍ତୁ, ତେବେ ମୁଁ ତୋତେ ସତ୍ୟ ଟିକକ ବତାଇ ଦେଇଥା'ନ୍ତି ।''


''ସତ୍ୟ ପୁଣି କ'ଣ ଗୁରୁଦେବ ?''

''ହେମଚନ୍ଦ୍ର ସ୍ୱର୍ଗ ଭିତରେ ନୁହେଁ, ସ୍ୱର୍ଗ ହେମଚନ୍ଦ୍ର ଭିତରେ ଥାଏ, ଏହାହିଁ ସତ୍ୟ ।'' ଗୁରୁ ବୁଝାଇ ଦେଲେ ।

('ମନୋଜ ଦାସ ପରିବେଷିତ ଉପକଥା ଶତକ'ରୁ ସଂଗୃହୀତ, ପୃ. ୪୬-୪୮) ❑


## ପ୍ରାପ୍ତି ସ୍ୱୀକାର

ଶ୍ରୀମା ଶ୍ରୀଅରବିନ୍ଦଙ୍କ ରଚନା; ସିନ୍ଧୁସମ ତହିଁରୁ ବିନ୍ଦୁଏ ସାଉଁଟିବାର ସଦିଚ୍ଛାରେ ପ୍ରକାଶିତ **'ସିନ୍ଧୁରୁ ବିନ୍ଦୁଏ'** ।




ପୁସ୍ତକଟି ପାଠକଙ୍କ ପାଇଁ ଉଦ୍ଦିଷ୍ଟ । ''**ସଜସକାଳ**'' କବିତା ପ୍ରବାହର ଏହା ତୃତୀୟ ସଙ୍କଳନ । ପୂର୍ବ ପରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ମୂଳ ଲେଖା ଓ ତଦ୍ ଅବଲମ୍ବନରେ ରଚିତ କବିତା ସକଳ ଏଥିରେ ସନ୍ନିବେଶିତ । ପ୍ରତିଟି ପୃଷ୍ଠା ସୁଅଳଙ୍କୃତ, ସୁପାଠ୍ୟ ।

୩୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକର ମୂଲ୍ୟ ଟ. ୧୩୦ ମାତ୍ର ।

ପୁସ୍ତକଟି ପାଇବା ପାଇଁ ଉତ୍ସୁକ ଥିଲେ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

ନବଜ୍ୟୋତି କାର୍ଯ୍ୟାଳୟ ଓ SABDA : ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ - ୬୦୫ ୦୦୨;
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

# ତ୍ରିଶଙ୍କୁ ଦଶା

## ସନ୍ତୋଷ ରଥ

କାର୍ତ୍ତିକ ମାସର ଶୁକ୍ଳ ପକ୍ଷ । ମାସ ଭରଣା ହେବାକୁ ଆଉ ମାତ୍ର ଦିନ କେତେଟା ବାକି । ସବୁ ଦ୍ୱନ୍ଦ୍ୱର ଶେଷ ସିଦ୍ଧାନ୍ତ ତାକୁହିଁ ନେବାକୁ ହେବ – ଭାବିଲା ବଂଶୀଧର । ପୁଣି ଭାବିଲା ସିଦ୍ଧାନ୍ତର କୁଞ୍ଚିକାଠିଟା ବାବାଙ୍କ ହାତରେ ସଅଁପି ଦେଲେ ସମାଧାନର ଖିଅ ମିଳିଯିବ, ହେଲେ ସେଇ ଗୋଟିଏ ଉତ୍ତର, 'ସକାଳ ହେବାକୁ ଆହୁରି ଡେରି ଅଛି' ।

ରାମପୁରର ଗ୍ରାମବାସୀଙ୍କ ଆଦର ସ୍ନେହରେ ମଣିଷ ହେଇଛି ମାଆବାପା ଛେଉଣ୍ଡ ଶ୍ରୀଧର ବନାମ ବଂଶୀଧର । ବଡ଼ ଉଦାରମନା । ଧନ, ମାନକୁ ବିସର୍ଜି ଦିଏ ପର ପାଇଁ । କେହି ବୁଡ଼ି ଯାଉଥିଲେ ସେ ଡେଇଁ ପଡ଼େ ନିଜ ପିନ୍ଧା ଗାମୁଛା ଖଣ୍ଡକୁ ସଅଁପି ଦେଇ । ହେଲେ ଏବେ ତା' ଆକାଶ ଉଡ଼ାପଣକୁ ଈର୍ଷା କରନ୍ତି ପଞ୍ଜୁରି ବନ୍ଧା ସାରୀମାନେ ।

''ତୁ କ'ଣ ଏମିତି ବାଉଁଆ ହେଇ ବୁଲୁଥିବୁ । ବେକରେ ଜୁଆଳି ନ ପଡ଼ିଲେ ଅମଣିଆ ରହିଯିବୁ ଯେ ! ମଲେ ବାବନା ଭୂତ । ଆମେ ଥାଉ ଥାଉ ତା' କରେଇ ଦେବୁନି ।'' – ଜ୍ଞାତି କୁଟୁମ୍ବର ଟାପରା କଥା ତାକୁ ବହୁତ ବାଧେ । ସତରେ ସଂସାରୀ ଗୁଡ଼ାକ ମରୁଭୂମିର ଓଟ, ରକ୍ତାକ୍ତ ହେଲେ ବି ଶିଝୁ କଣ୍ଟାରୁ ମୁହଁ ଆଡ଼େଇ ନେବାକୁ ସଦା ଅମଙ୍ଗ । ବରଂ ଅନ୍ୟକୁ ବେଡ଼ି ପିନ୍ଧାଇ ଦେବାରେ ଆନନ୍ଦ । ଶ୍ରୀଧର ଏକଥା ବୁଝିଥିଲେ ବି ବୁଝାଇବାକୁ ଚେଷ୍ଟା କରେନି । ସେ ଜାଣିଛି ଉତ୍ତର ମିଳିବ – ''ବାବାଜିଙ୍କ ସହ ମିଶିମିଶି ଟୋକାଟା ବାବାଜି ହେଇଯିବ । ହେଲେ ଏସବୁ ଦି ଦିନିଆ ଶ୍ମଶାନ ବୈରାଗ୍ୟ ।''

ମାସେ ତଳର କଥା । ଗାଁମୁଣ୍ଡ ଆମ୍ବତୋଟା ଭିତରେ ସନ୍ନ୍ୟାସୀ ଜଣେ ଧ୍ୟାନସ୍ଥ ଥିବାର ଶ୍ରୀଧର ଦେଖିଲା । ବପୁବନ୍ତ ପୁରୁଷ । ଗେରୁଆ କୌପୁନୀ ସାଙ୍ଗକୁ ମୁଣ୍ଡର ଠେକା ଆବୋରି ଥାଏ ଚାରି ହାତିଆ ଜଟାକୁ । କପାଳରେ ତାଙ୍କର ଅଧାଝଡ଼ା ପାଉଁଶର ଚିତା ଝକ୍ ଝକ୍ କରୁଥାଏ । ପୁଣି ପରଦିନ ଯାଇ ଦେଖିଲା ସନ୍ନ୍ୟାସୀ ସେମିତି ଧ୍ୟାନମଗ୍ନ । ନିଶ୍ଚୟ ସିଦ୍ଧ ପୁରୁଷ – ଭାବିଲା ଶ୍ରୀଧର । ଗାଁ ମୁଖିଆଙ୍କ ସହମତି ନେଇ ସନ୍ତର୍ପଣରେ ଜଗି ବସିଲା ।

''ବାବା, ଆପଣ ଯଦି ଦୟା କରନ୍ତେ ଆମ ଗାଁ ସେପାରି ଏକଣା କୁଡ଼ିଆରେ ବାକି ଦିନତକ କଟାଇ ପାରନ୍ତି । ପାଖରେ ମନ୍ଦିର, ସ୍ନାନ ତର୍ପଣ ପାଇଁ ପୋଖରୀଟିଏ ମଧ୍ୟ ଅଛି ।'' – ଶ୍ରୀଧର ପ୍ରସ୍ତାବରେ ସମ୍ମତ ହେଲେ ବାବା ।

ସାଧୁସନ୍ଥଙ୍କ ପାଖଲଗା ହେବା ପାଇଁ ଶ୍ରୀଧରର ଭାରି ଆନନ୍ଦ । ଘର, ଚଉତରା ଗୋବର ପୋଛା କରି ଦେଇ କଳସୀରେ ଜଳ ଭରି ଦେଲା ବାବାଙ୍କ ପାଇଁ । ପରେ ଜାଣିଲା ଏଇଟା ତାଙ୍କର ଚତୁର୍ମାସ ବ୍ରତ । ବିଗତ ବାର ବର୍ଷ ହେଲା ବାବା ଆଷାଢ଼ ଶୁକ୍ଳ ଦ୍ୱାଦଶୀରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ଚାରି ମାସ ଧରି ଆଶ୍ରମ ଛାଡ଼ି ଘୂରି ବୁଲନ୍ତି । କେଉଁଠି କେତେ ଦିନ ରହିବେ ତା'ର କିଛି ଧାର୍ଯ୍ୟ ନଥାଏ । ସାଥିରେ କେବଳ କମ୍ବଳ ଆଉ କମଣ୍ଡଳୁ ।

''ଏବେ ବିରାଡ଼ି କପାଳେ ଶିକା ଛିଣ୍ଡିଛି ।'' – ସାମନା ହେଇଗଲେ ଗାଁ ଟୋକା ଦିପଦ ଶୁଣାଇ ଦିଅନ୍ତି । ଶ୍ରୀଧରର କିନ୍ତୁ ଖାତିର ନାହିଁ । ସକାଳ ହେଲେ ପଳେଇ ଆସେ ବାବାଙ୍କ ପାଖକୁ । ଏବେ କିନ୍ତୁ ଗାଁରୁ କେହି କେହି ଆସିଲେଣି । ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ସତ୍‌ସଙ୍ଗର ଆୟୋଜନ ହେଉଛି । ଅବଶ୍ୟ ବାବା ବହୁତ କମ୍ କୁହନ୍ତି, ଯଦି କେହି କେବେ ପ୍ରଶ୍ନ କରେ ।

''ବାବା, ଜୀବନଟା କ'ଣ ଗୋଟାଏ ସଂଘର୍ଷ, ବେଳେ ବେଳେ ରାହା ତୁଟି ଯାଉଛି ।'' – ପ୍ରଶ୍ନ କଲେ ଗାଁର ଯୁବକ ଜଣେ ।

''ଯାହାଙ୍କ ଜୀବନରେ ଗୁରୁ ମିଳି ନାହିଁ ତାଙ୍କ ପାଇଁ ଜୀବନଟା ସଂଘର୍ଷମୟ, ଆଉ ଯାହାଙ୍କୁ ଗୁରୁ ମିଳି ଯାଇଛି ତାଙ୍କ ପାଇଁ ଜୀବନ ଗୋଟାଏ ଖେଳ । ମାତ୍ର ଯେଉଁମାନେ ଗୁରୁଙ୍କ ନିର୍ଦ୍ଦେଶିତ ବାଟରେ ଚାଲୁଛନ୍ତି ତାଙ୍କ ପାଇଁ ଜୀବନ ଗୋଟିଏ ଉତ୍ସବ ।'' – ଉତ୍ତର ଦେଲେ ସନ୍ନ୍ୟାସୀ ।

ଅନ୍ୟ କିଏ କେତେ ବୁଝିଲେ କି ନାହିଁ ଶ୍ରୀଧର ଭିତରେ ଝିମା ଶିଖାଟା ତେଜି ଉଠିଲା ସତ, ହେଲେ କଳା ବାଦଲ ଖଣ୍ଡେ ତା' ଆଡ଼କୁ ପୁଣି ଥରେ ମାଡ଼ି ଆସିଲା ।

''ଏକଥା ଯଦି ସତ, ତା'ହେଲେ ସତ୍‌ମାର୍ଗୀ ଶିଷ୍ୟଙ୍କ ଜୀବନରେ ଏତେ ଦୁଃଖ ଆସୁଛି କାହିଁକି ?'' – ପ୍ରଶ୍ନ କଲା ଶ୍ରୀଧର ।

''ତାହା ତ ସ୍ୱାଭାବିକ । ଯେତେ ବଡ଼ ଶ୍ରେଣୀକୁ ଯିବ ପାଠ ଓ ପ୍ରଶ୍ନ ସେତିକି ସେତିକି କଷ୍ଟ ହୋଇଯିବ । ମାତ୍ର ପାସ କରିଗଲା ପରେ ଚାକିରି ଓ ସମ୍ବଳ ମଧ୍ୟ ସେତିକି ସେତିକି ବଢ଼ି ଯିବ ।'' – ବଡ଼ ସରଳ ଲାଗୁଥିଲେ ବି ଖୁବ୍ ପ୍ରତୀକାତ୍ମକ ଥିଲା ବାବାଙ୍କ ଉତ୍ତର ।

ସେଦିନ ରାତିରେ ଶ୍ରୀଧର ଆଖିକୁ ଆଉ ନିଦ ନାହିଁ । ନିଜକୁ ନିଜେ ବହୁତ ପରଖିଲା, ଏଇଟା ଈଶ୍ୱର ଅନୁରାଗ ନା ସଂସାର ବିରାଗର ଭାବ । ସେ ଯାହା ହେଉ ବାବା ତାଙ୍କ ଗାଁରୁ ଡେରା ଭାଙ୍ଗିବା ପୂର୍ବରୁ ସବୁକିଛି ଫଇସଲା କରି ଦେବାକୁ ହେବ ।

ସିନ୍ଦୂରା ଫାଟୁ ନ ଫାଟୁଣୁ ଶ୍ରୀଧର ଯାଇ ବାବାଙ୍କ ପାଖରେ ହାଜର । ଜଳ ତର୍ପଣ ସାରି ବାବା ସେତେବେଳକୁ ଫେରୁ ଥାଆନ୍ତି । ବାବା ନ ଚାହୁଁଥିଲେ ବି ଚିତା, ତିଳକ ପାଇଁ ଭସ୍ମ, ଚନ୍ଦନ ପ୍ରସ୍ତୁତ କରି ସାରି କୁଶାସନ ପାରି ଦେଲା ଶ୍ରୀଧର । ଯୋଗଦଣ୍ଡ ଓ ଜପମାଳା ଯଥା ସ୍ଥାନରେ ରଖିଦେଲା । ପ୍ରାତଃ ପ୍ରାଣାୟମ ପାଇଁ ବାବା ଏବେ ପ୍ରସ୍ତୁତ ।

''ବାବା, ମୁଁ ଆପଣଙ୍କ ଶିଷ୍ୟ ହେବାକୁ ଚାହେଁ । ମୋ ପ୍ରତି ଦୟା କରନ୍ତୁ ।''– ସବିନୟ ଗୁହାରି ଜଣାଇଲା ଶ୍ରୀଧର ।

''କାଲିର ସକାଳ ଆହୁରି ଡେରି ଅଛି ।''– ଏତିକି କହି ବାବା ଧ୍ୟାନସ୍ଥ ହୋଇଗଲେ । ହାତର ଜପମାଳି ସ୍ଥିର ହୋଇଗଲା ।

ସପ୍ତାହେ ବିତିଗଲା । ଶ୍ରୀଧରର ସେବା ଭକ୍ତିରେ ଊଣା ନଥାଏ । ବାବା ମଧ୍ୟ ତା'ଉପରେ ବହୁତ ଖୁସୀ । ସମୟେ ସମୟେ ଆଶୀର୍ବାଦ କରନ୍ତି – ''ଯଶସ୍ୱୀ ହୁଅ, ସୁଖୀ ହୁଅ''; କିନ୍ତୁ କେବଳ କୁହନ୍ତିନି, ''ବସ୍, ତୁମ ଅଭିଳାଷ ପୂର୍ଣ୍ଣ ହେବ ।'' ଯେଉଁଥି ପାଇଁ ଶ୍ରୀଧର ଆଉଟପାଉଟ ।

ଆଉ ଦିନେ ସନ୍ଧ୍ୟାରେ ଗାଁ ମୁଖିଆ ଜଣକ ପ୍ରଶ୍ନ କଲେ –''ବାବା, ସଂସାରରେ ରହି କ'ଣ ଭଗବତ୍ ପ୍ରାପ୍ତି ହୋଇ ପାରିବନି ?''

–''ନିଶ୍ଚିତ ହେବ ଯଦି ପ୍ରତିବନ୍ଧକ ନଥାଏ । ମାତ୍ର ଅହଂକାର ହେଉଛି ପ୍ରତିବନ୍ଧକର ହେତୁ ।''

–''ତା'ହେଲେ ସନ୍ନ୍ୟାସୀ ବଡ଼ ନା ସଂସାରୀ ବଡ଼ ?''

ରୋକଠୋକ ହେଲେ ବି ସନ୍ନ୍ୟାସୀ ଥିଲେ ବହୁତ ଧୈର୍ଯ୍ୟଶୀଳ । ଅପକ୍ଷପାତିତା ତାଙ୍କର ପରାକାଷ୍ଠା । ପ୍ରତ୍ୟୁତ୍ତରରେ କହିଲେ,''କାହାଣୀଟିଏ କହୁଛି ଶୁଣ – ଥରେ ଜଣେ ସନ୍ନ୍ୟାସୀ ତାଙ୍କ କୁଡ଼ିଆ ଲଗା ଚଉତରା ଉପରେ ଧ୍ୟାନସ୍ଥ ଥାଆନ୍ତି । ଶ୍ରାବଣୀ ଢଳା ମେଘରେ ଚତୁର୍ଦ୍ଦିଗ ଉବୁଟୁବୁ । ଯୋଗକୁ ବ୍ରାହ୍ମଣୀ ବେଙ୍ଗଟେ ତାଙ୍କ ଆଶ୍ରମ ଭିତରକୁ ପଶି ଆସି କେଁ-କଟର ରାବ ଦେଲା ସନ୍ଧ୍ୟା ବୁଡୁବୁଡୁ । ଧ୍ୟାନସ୍ଥ ସନ୍ନ୍ୟାସୀ କ୍ରୋଧାନ୍ୱିତ ହୋଇ ସେ ଦିଗରେ କଟାକ୍ଷପାତ କଲେ । ଶବ୍ଦ ଥମ୍ ହୋଇଗଲା । ପରଦିନ ଶିଷ୍ୟମାନେ ସାରୁବୁଦା ମୂଳେ ତାକୁ ଦେଖି ଚର୍ଚ୍ଚା ବାଢ଼ିଲେ –''ଆଃ କି ସୁନ୍ଦର ପଥର ବେଙ୍ଗଟିଏ, କିଏ ସେ ବିନ୍ଧାଣୀ । ଆଗରୁ ତ ଏଠି ନଥିଲା !''

ଏହା ଯେ ତାଙ୍କ କୃତ ସନ୍ନ୍ୟାସୀ ଜାଣିବି ଚୁପ୍ ରହିଲେ । ବିଚରା ପାଇଁ ଗ୍ଲାନି ଆସୁଥିଲେ ବି ଅବଚେତନ ମନଟା ତାଙ୍କର ଭିତରେ ଭିତରେ ଉତ୍ଫୁଲ୍ଲିତ – ସିଦ୍ଧି ପ୍ରାପ୍ତିର ସୂଚନା ପାଇ ।

ଥରେ ସେ ଭିକ୍ଷା ପାଇଁ ଜଣେ ଗରିବ ବ୍ରାହ୍ମଣର ଦ୍ୱାରସ୍ଥ ହୋଇ ଥାଆନ୍ତି । ବିଳମ୍ବ ହେବାରୁ ରାଗି ଯାଇ କହି ପକାଇଲେ, ''ଜଣେ ସିଦ୍ଧ ସନ୍ନ୍ୟାସୀଙ୍କ ସତ୍କାରରେ ବିଳମ୍ବ ହେବାର ପରିଣାମ ଭୟଙ୍କର ହୋଇପାରେ ।''

ଭିତରୁ ଶୁଭିଲା, ''ମୁଁ ତ ବ୍ରାହ୍ମଣୀ ବେଙ୍ଗ ନୁହେଁ ଯେ ପଥର ପାଲିଟି ଯିବି । ଟିକେ ଅପେକ୍ଷା କରନ୍ତୁ ସନ୍ନ୍ୟାସୀ ।'' ବୃନ୍ଦାବତୀଙ୍କ ଝୋଟି ମୁରୁଜ ଶେଷ କରି ବ୍ରାହ୍ମଣୀ ଆସି କ୍ଷମା ଯାଚନା କଲେ । ସନ୍ନ୍ୟାସୀ ଆଶ୍ଚର୍ଯ୍ୟ ହୋଇ ଭାବୁଥା'ନ୍ତି – ଜଣେ ସାଧାରଣ ବ୍ରାହ୍ମଣୀ କେମିତି ଜାଣିଲେ ମୋ ତପୋଲବ୍ଧ ସିଦ୍ଧିକୁ । ଏଭଳି ମହୀୟସୀଙ୍କ ଠାରୁ ଭିକ୍ଷା ପାଇ ମୁଁ ଆଜି ଧନ୍ୟ ।

ସତ୍‌ସଙ୍ଗ ସାରି ସଭିଁଏ ଫେରିଗଲେ । ଅନ୍ୟମାନଙ୍କ ପାଇଁ ଅଜଣା ଥିଲେ ବି ଶ୍ରୀଧର କିନ୍ତୁ ଠିକ୍ ମନେ ରଖିଥିଲା, ରାତି ପାହିଲେ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ । ବାବା ଚତୁର୍ମାସ ବ୍ରତ ଉଜେଁଇ ଫେରିଯିବେ ତାଙ୍କ ଆଶ୍ରମକୁ । ଅଜଣା ଦୁର୍ଗମ ପଥ ସାଙ୍ଗରେ ନଗଲେ ଆଉ ଠାବ କରିପାରିବ ନାହିଁ । ଦୀପର ସଳିତାକୁ ଟିକେ ତେଜି ଦେଇ ନତଜାନୁ ହେଲା ଶ୍ରୀଧର – ''ବାବା, ଆପଣଙ୍କ ସାଙ୍ଗରେ ଯିବା ପାଇଁ ମୋତେ ଅନୁମତି ଦିଅନ୍ତୁ । ମୁଁ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ଉତ୍ସୁକ ।''

''କାଲିର ସକାଳ ଆହୁରି ଡେରି ଅଛି ।''– ସେଇ ସମାନ ଉତ୍ତର ମିଳିଲା ବାବାଙ୍କ ଠାରୁ ।

ଶ୍ରୀଧର କିନ୍ତୁ ନଛୋଡ଼ବନ୍ଦା । ସିଧା ପାଦ ଦୁଇଟିକୁ ଯାବୁଡ଼ି ଧରନ୍ତେ ବାବା ନିରୁପାୟ । ଘଡ଼ିଏ ନୀରବ ରହି କହିଲେ –''ତୁମେ କ'ଣ ପ୍ରସ୍ତୁତ ?''

''ମୁଁ ସବୁ ସର୍ତ୍ତ ପାଳିବାକୁ ପ୍ରସ୍ତୁତ । ମୋତେ ଦୀକ୍ଷିତ

କରନ୍ତୁ । ମୁଁ ଆପଣଙ୍କ ପରି ଜଣେ ସନ୍ନ୍ୟାସୀ ହେବାକୁ ଚାହେଁ ।'' ବିନତି ବାଢ଼ିଲା ଶ୍ରୀଧର ।

—''ଠିକ୍ ଅଛି । ଆଶ୍ରମରେ ପହଞ୍ଚିବା ପରେ ମୁଁ ତୁମର ଦୀକ୍ଷା ଉପନୟନ କରିବି, ଯଦି ବାଟରେ ଯିବା ସମୟରେ ତୁମ ଆଚରଣ ଶୁଦ୍ଧ ଥାଏ ।''

—''ମୋତେ କ'ଣ କରିବାକୁ ହେବ ଦୟାକରି ସ୍ପଷ୍ଟ କରି ଦିଅନ୍ତୁ ।''

—''ସନ୍ନ୍ୟାସୀର ପ୍ରଥମ ଚରଣ ତ୍ୟାଗ । ତୁମେ ନିଜ ସୁରକ୍ଷା ଚିନ୍ତାରୁ ପୂର୍ଣ୍ଣରୂପେ ମୁକ୍ତ ହେବାକୁ ହେବ । ସାଙ୍ଗରେ ଶୂନ୍ୟ କମଣ୍ଡଳୁ ବ୍ୟତୀତ ଆଉ କିଛି ବି ନେବ ନାହିଁ ।'' ସନ୍ନ୍ୟାସୀଙ୍କ ସବୁ ସର୍ତ୍ତକୁ ତଥାସ୍ତୁ ମଣିଲା ଶ୍ରୀଧର ।

ରାତି ପାହାନ୍ତା ପୂର୍ବରୁ ଦୁହେଁ ଗାଁ ଛାଡ଼ି ଚାଲିଗଲେ ସମସ୍ତଙ୍କ ଅଗୋଚରରେ । ସନ୍ନ୍ୟାସୀଙ୍କୁ ଅନୁସରଣ କରି ପାଦ ପକାଉ ଥାଏ ଶ୍ରୀଧର । କଣ୍ଟାଝଣ୍ଟାକୁ ଖାତିର ନାହିଁ । ହାତର କମଣ୍ଡଳୁ ଦୁଇଟା ସମାନ୍ତରାଳ ଭାବରେ ଆଗପଛ ହେଉଥା'ନ୍ତି ଜପ ମନ୍ତ୍ରର ତାଳେ ତାଳେ । ହଠାତ୍ ଶ୍ରୀଧର ଭୟରେ ଚିତ୍କାର କରି ଉଠିଲା —''ବାବା, ଟିକେ ରହି ଯାଆନ୍ତୁ । ସାମନାରେ ବିଷଧର ସର୍ପଟିଏ ଫଣା ଟେକିଛି ।'' ବାବା କିନ୍ତୁ ନିର୍ବିକାର ।

ବେଳ ସେତେବେଳକୁ ଦି' ଘଡ଼ି । ଚତୁର୍ଦ୍ଦିଗ ସୁନ୍ଦର ବନ, ଲତା, ଫଳମୂଳରେ ଭରପୂର । ଛୋଟ ଝରଣାର ଜଳ କାଚକେନ୍ଦୁ ସମ । ସକାଳ ପହରୁ ଉପବାସ; କିନ୍ତୁ ବାବା ତ କିଛି କହୁ ନାହାନ୍ତି । ନୀରବ ରହିବାକୁ ବାଧ୍ୟ ହେଲା ଶ୍ରୀଧର ।

କିଛିବାଟ ଯିବା ପରେ ପଡ଼ିଲା ଅପନ୍ତରା ଇଲାକା । ଘାସ ଚେନାଏ ବି ପାଦ ଛୁଉଁ ନଥାଏ । ସୂର୍ଯ୍ୟଙ୍କ ତୀର୍ଯ୍ୟକ୍ ତେଜ ବଡ଼ ଅସହ୍ୟ । ଉପରର ଝାଞ୍ଜି ସାଙ୍ଗକୁ ତତଲା ଗେଙ୍ଗୁଟି ପାଦକୁ ଝୁଣି ପକାଉ ଥାଏ । ଭୋକ, ଶୋଷରେ ପାଦ ଟଳମଳ । କ'ଣ ହେଲା କେଜାଣି ବାବା ଆଗ ଥକାମାରି ବସିଗଲେ । ବୋଧହୁଏ ମୁଣ୍ଡ ଚକର ଖାଇଲା । ଶ୍ରୀଧର ବହୁତ ବିବ୍ରତ ହୋଇ ପଡ଼ିଲା । ତା' କମଣ୍ଡଳୁରୁ ପାଣି ଟିକିଏ ପିଆଇ ଦେବାରୁ ବାବା ସାଷ୍ଟାମ ହୋଇ ଉଠିଲେ । ଝୁଲା ମୁଣିରୁ ଫଳ ଦୁଇଟି ବାହାର କଲା । ବଡ଼ ମଧୁର ଓ ରସାଳ ସେ ଫଳ, ଭୋକ ଶୋଷସବୁ ମେଣ୍ଟିଗଲା । ଶ୍ରୀଧର ଏବେ ଭାରି ଖୁସୀ, ତା' ଯୋଗୁଁ ଦୁହେଁ ବଞ୍ଚିଗଲେ ।

ବେଳ ସେତେବେଳକୁ ମୁହଁ ରତ ରତ । ବାବାଙ୍କର ବୀରଦର୍ପ ପୁଣି ଫେରି ଆସିଲା । ଲକ୍ଷ୍ୟ ଦିଗରେ ପାହୁଣ୍ଡ ମେଲିବା ପୂର୍ବରୁ ଶ୍ରୀଧରକୁ ସସ୍ନେହେ କହିଲେ — ''ବତ୍ସ, ତୁମେ ଏବେ ରାମପୁର ଫେରିଯାଅ । ଆଶ୍ରମ ତୁମର ଗନ୍ତବ୍ୟ ସ୍ଥଳ ନୁହେଁ ।''

ଅକାଳ ବୈଶାଖୀର ଚଡ଼କଟା ସତେ ଯେମିତି ଶ୍ରୀଧର ମୁଣ୍ଡରେ ଅଜାଡ଼ି ହୋଇ ପଡ଼ିଲା । ସ୍ୱତଃ କହି ପକାଇଲା — ''ବାବା, ମୋର ଅପରାଧ କ'ଣ ?''

— ''ଅପରାଧ ନୁହେଁ,ଏସବୁ ତୁମର ଅପରିପକ୍ୱତା । ପ୍ରଥମତଃ ତୁମେ ଯେଉଁ ସର୍ପ ଦେଖି ଭୟଭୀତ ହୋଇ ପଡ଼ିଲ ତାହା ସର୍ପ ନୁହେଁ । ତାହା ଥିଲା କୁଣ୍ଡଳିନୀ ଶକ୍ତିର ଏକ ପ୍ରତୀକାତ୍ମକ ଆଭାସ । ଦ୍ୱିତୀୟତଃ ମୁଁ ଥକା ମାରି ବସି ପଡ଼ିବାଟା ମୋର ଶାରୀରିକ ଦୁର୍ବଳତା ନୁହେଁ । ବରଂ ତୁମେ ବାଟରୁ ସଂଗ୍ରହ କରିଥିବା ଫଳ ଓ ଜଳର ରହସ୍ୟକୁ ଅନାବରଣ କରିବା ପାଇଁ ଏହା ଏକ ନାଟକୀୟ ପଟଭୂମି । ତୃତୀୟତଃ ଯିଏ ସାମାନ୍ୟ ସର୍ତ୍ତ ପାଳିବା ପାଇଁ ସଂକଳ୍ପବଦ୍ଧ ନୁହେଁ ସେ ଭଗବାନଙ୍କ ପାଇଁ ସମର୍ପିତ ହେବ ବା କିପରି । ସମର୍ପଣ ବିନା ସନ୍ନ୍ୟାସ ଧର୍ମ ପ୍ରବଞ୍ଚନା ମାତ୍ର ।'' — ଏତିକି କହି ବାବା ଆଉ ପଛକୁ ଫେରି ଚାହିଁଲେ ନାହିଁ, ନିମିଷେ କେଉଁ ଆଡ଼େ ନିଶ୍ଚିହ୍ନ ହୋଇଗଲେ ।

ଶ୍ରୀଧର ଏବେ ବୁଝିଗଲା ନା ଆଗକୁ ଯାଇପାରିବ, ନା ପଛକୁ ଫେରି ପାରିବ । ଏତ ତ୍ରିଶଙ୍କୁ ଦଶା । ଠିକ୍ ସେତିକି ବେଳକୁ ତା' ଭିତରର ଅନ୍ଧାରି ଲୁଚା ଆଲୁଅ ଟିକକ ତାକୁ ଚେତାଇ ଦେଲା — ''ବ୍ୟର୍ଥ ନୁହେଁ; ଏଇଟାହିଁ ସନ୍ନ୍ୟାସ ଜୀବନର ପହିଲି ଚରଣ । ଡେରି ହେଲେ ବି କାଲିର ସକାଳ ସୁନିଶ୍ଚିତ ।''

❑❑❑

ଭଗବାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଅ, କାରଣ ସେ ଯେକୌଣସି ମୁହୂର୍ତ୍ତରେ ଆସି ତୁମ ପାଖରେ ପହଞ୍ଚିଯାଇ ପାରନ୍ତି ।

— ଶ୍ରୀମା

# ବାମନାବତାର କଥା
## (୨)
## ଭିକାରି ଚରଣ ପଣ୍ଡା

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଦୈତ୍ୟରାଜ ବଳି ବର୍ତ୍ତମାନ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରର ଅଧୀଶ୍ୱର । ସେ ଇଚ୍ଛା କଲେ ଦିକ୍‌ପାଳମାନଙ୍କୁ ସୁଦ୍ଧା ଦଣ୍ଡ ଦେଇ ପାରନ୍ତି । ସମସ୍ତେ ନିଜ ନିଜର ସର୍ବୋତ୍ତମ ସେବା ଦେଇ ମନେ ମନେ ତାଙ୍କର ପ୍ରସନ୍ନତା ଆକାଙ୍‌କ୍ଷା କରୁଛନ୍ତି । ତାଙ୍କର ଭ୍ରୂଲତା ସାମାନ୍ୟ ଟେଢ଼ା ହେଲା ମାତ୍ରେ କିଂବା ମୁହଁର ସ୍ୱାଭାବିକ ଗାମ୍ଭୀର୍ଯ୍ୟରେ ଟିକିଏ ରୁଷ୍ଟତାର ଛାପ ଦେଖାଗଲା ମାତ୍ରେ କିଛି ଗୋଟାଏ ଅଘଟଣ ଆଶଙ୍କାରେ ମୁଖ୍ୟ ମୁଖ୍ୟ ସେନାପତିମାନଙ୍କ କଲିଜା ସୁଦ୍ଧା ଭୟରେ ପାଣି ହୋଇଯାଉଛି । ଏକଥା ସଭିଏଁ ଜାଣନ୍ତି ଯେ ଯଜ୍ଞରେ ବ୍ରତଛିଦ୍ର ହେବା ଭୟକୁ ଛାଡ଼ିଦେଲେ ଅନ୍ୟ କୌଣସି ପ୍ରକାର ଭୟ ଦୈତ୍ୟରାଜଙ୍କ ମନ ମଧ୍ୟରେ ଆଉ ନାହିଁ – ଅନ୍ତତଃ ବର୍ତ୍ତମାନ ପାଇଁ ନାହିଁ । ସୁତରାଂ ରାଜନୀତି ବିଷୟକ କୌଣସି ସମସ୍ୟାର ସମାଧାନ ପାଇଁ ଅଥବା ଅନ୍ୟ କୌଣସି କୂଟନୈତିକ ମସୁଧା ପାଇଁ ଦୈତ୍ୟରାଜଙ୍କ ଦୃଷ୍ଟି ଆଉ ଆକର୍ଷଣ କରାଯାଉ ନାହିଁ । ସେକଥା ମନ୍ତ୍ରୀମାନେ ବେଶ୍ ଚଳାଇ ନେଇ ପାରୁଛନ୍ତି । ଆହୁରି ମଧ୍ୟ ସାମାନ୍ୟରୁ ସାମାନ୍ୟତମ ତ୍ରୁଟି ସୁଦ୍ଧା ଘଟିବାକୁ ନଦେବା ପାଇଁ ନିମ୍ନତମ ମହଲରୁ ଊର୍ଦ୍ଧ୍ୱତମ ମହଲ ପର୍ଯ୍ୟନ୍ତ ସମସ୍ତେ ଦିବାରାତ୍ର ଜାଗତିଆର ଅଛନ୍ତି । ଦାନଗ୍ରହଣ ସମୟରେ ବିପ୍ରମାନେ ମନଇଚ୍ଛା ଯାହା ମାଗୁଛନ୍ତି ତାହା ତତ୍‌କ୍ଷଣାତ୍ ହାଜର କରାଇବାକୁ ଏପରି ସୁଯୋଗ୍ୟ କର୍ମଚାରୀମାନେ ନିଯୁକ୍ତ ଅଛନ୍ତି ଯେ ଦୈତ୍ୟରାଜଙ୍କୁ ଆଉ ପାଟି ଫିଟାଇବାକୁ ପଡୁ ନାହିଁ, ରାଜରାଜେଶ୍ୱରୋଚିତ ଉଦାର ଗମ୍ଭୀର ମୁଖମୁଦ୍ରାରେ ବିସ୍ମୟ ଅଥବା ଅପାରଗତାର ସାମାନ୍ୟ ଇଙ୍ଗିତ ସୁଦ୍ଧା ଉଦୟ ହେଉ ନାହିଁ ।

ବର୍ତ୍ତମାନ ଶହେଟି ଅଶ୍ୱମେଧ ଯଜ୍ଞ ପୂର୍ଣ୍ଣ ହେବାକୁ ଯାଉଛି । ଆଉ ଅଳ୍ପ ସମୟ ପରେ ଯଜ୍ଞ ସମାପନ ହେବ । ତତ୍ପରେ ତାହାର ଫଳସ୍ୱରୂପ ଅନନ୍ତସ୍ୱର୍ଗ । ପ୍ରକୃତ ଅର୍ଥରେ ଅନନ୍ତକାଳ ଯାଏ ନହେଲେ ବି ଅନ୍ତତଃ ଏହି ସୃଷ୍ଟି ଥିବା ପର୍ଯ୍ୟନ୍ତ ଅସୁରମାନେ ହେବେ ସ୍ୱର୍ଗର ମାଲିକ । ତତ୍ପରେ ନୂତନ ସୃଷ୍ଟିରେ କେଉଁ କେଉଁ ଜାତି ରହିବେ, ଅସୁର ବା ଦେବତା ଆଦୌ ଜନ୍ମ ହେବେ କି ନାହିଁ, ସେ ଅଲଗା ପ୍ରଶ୍ନ । ସେଥିରେ କାହାରି ହାତ ନାହିଁ । ଆପଣା ବୁଦ୍ଧିର ସଫଳତାରେ ବିଭୋର ହୋଇ ହୋଃ ହୋଃ ହୋଇ ହସିଉଠିଲେ ଶୁକ୍ରାଚାର୍ଯ୍ୟ । କିନ୍ତୁ ସେ ହସରେ ନିର୍ବୁଦ୍ଧି ବା ଦୁର୍ବୁଦ୍ଧିର ଗନ୍ଧ ନଥିଲା । ବରଂ ଶିଶୁସୁଲଭ କୌତୂହଳ ସେଥିରେ ଥିଲା । ସେ କୌତୂହଳଟି ସୃଷ୍ଟି ହୋଇଥିଲା ଏଇୟା ଭାବି ଯେ ଅସୁରକୁଳକୁ ସେ ବର୍ତ୍ତମାନ ଜଳନିର୍ମିତ ଜାହାଜରେ ଜଳସମୁଦ୍ର ପାର କରାଇବାକୁ ଯାଉଛନ୍ତି । ଯଦିଓ ଏହା ଅସମ୍ଭବ, ତଥାପି ସମ୍ଭବ ହେବାକୁ ବସିଛି । କିନ୍ତୁ ଯଦି ସମ୍ଭବ ହୁଏ, ତେବେ ତାହା ଜଳର ଦୟା ବୋଲି କୁହାଯିବ ନା ଶୁକ୍ରାଚାର୍ଯ୍ୟଙ୍କ ବୁଦ୍ଧିର ଦୟା ବୋଲି କୁହାଯିବ ? ଏହି କଥା ଭାବି ପୁଣି ଥରେ ସେ ନିର୍ଦ୍ଦୋଷ କୌତୂହଳ ସହକାରେ ହସି ପକାଇଲେ । ମନେ ମନେ ହାତ ଯୋଡ଼ି ଉଚ୍ଚାରଣ କଲେ, ''ହେ ନାରାୟଣ ! ବିଶ୍ୱବ୍ୟାପୀ ଯେଉଁ ଅଲଂଘ୍ୟ ନିୟମରେ ସମସ୍ତେ ବନ୍ଧା, ସେହି ନିୟମର କର୍ତ୍ତା ହେଉଛ ତୁମେ । ପାପ, ପୁଣ୍ୟ ସମ୍ବନ୍ଧୀୟ ଅଲଂଘ୍ୟ ନିୟମ (କର୍ମ ଫଳ ନିୟମ) ହେଉଛି ସେହି ବିଶ୍ୱବ୍ୟାପୀ ନିୟମର ଏକ ଅଂଶ । ଦେବତା ଓ ଅସୁରମାନଙ୍କ ଭିତରେ ଯେଉଁ ମୌଳିକ ପାର୍ଥକ୍ୟ ଅଛି, ସେହି ପାର୍ଥକ୍ୟ ମଧ୍ୟ ସେହି ଏକହିଁ ନିୟମର ଅଂଶ ବିଶେଷ ଅଟେ । ନିୟମକୁ ଅସ୍ତ୍ର କରି ନିୟମର ସ୍ରଷ୍ଟାଙ୍କୁ କ'ଣ ଆଖିଠାର ମାରି ହୁଏ ? ହେ ପ୍ରଭୁ ! ମୁଁ ଏପରି ଦୁରାଶା କେବେ ବି କରି ନାହିଁ । ମୁଁ ଖାଲି ଏତିକି ପ୍ରାର୍ଥନା କରୁଛି, ମୋର ଯଜମାନ ନିଷ୍ପାପର ଅଟେ । ତାହାକୁ ତା'ର ନିଷ୍ଠାର ଅନୁରୂପ ଫଳରୁ ବଞ୍ଚିତ କରା ନଯାଉ ।''

ଏହି ସମୟରେ ସମସ୍ତଙ୍କୁ ଶୁଭିଲା ସେହି ଅପୂର୍ବ ସାମବେଦ, ଯାହାର ଧ୍ୱନି ପରବର୍ତ୍ତୀ ଅବତାର ଶ୍ରୀରାମଚନ୍ଦ୍ରଙ୍କ ମଧୁର କଥା ବା ଶ୍ରୀକୃଷ୍ଣଙ୍କ ମଧୁର ବଂଶୀ ଧ୍ୱନି ସହିତ ତୁଳନୀୟ । ମହାରାଜ ବଳି ମନେ ମନେ ଭାବୁଛନ୍ତି, ଯାହାର ସଙ୍ଗୀତ ଏତେ ସୁଖକର, ସେହି ଗାଇବା ଲୋକଟି ତାହା ଅପେକ୍ଷା ଅଧିକ ସୁଖକର ନିଶ୍ଚୟ ହୋଇଥିବ । ଏହି ସମୟରେ ଧୀରେ ଧୀରେ

ସେଠାରେ ପ୍ରବେଶ କଲେ ବ୍ରାହ୍ମଣବଟୁରୂପୀ ସ୍ୱୟଂ ନାରାୟଣ । ତାଙ୍କ ମୁହଁକୁ ଚାହିଁଲେ ଯେ କେହି ସଙ୍କୁଚିତ ହୋଇ ଯିବା କଥା, ଯେହେତୁ ଆଖି ଯୋଡ଼ିକରେ ସୃଷ୍ଟିକାରିଣୀ ଶକ୍ତି ସାକ୍ଷାତ୍ ନିବାସ କରି ରହିଛି । ସୂର୍ଯ୍ୟର ତେଜରେ ଦୀପଶିଖା ମଳିନ ହୋଇଗଲା ପରି ସେହି ବ୍ରାହ୍ମଣବଟୁର ତେଜରେ ସଭାରେ ଉପସ୍ଥିତ ଥିବା ଋଷିମାନଙ୍କ ତେଜ ମଳିନ ପଡ଼ିଗଲା । ଶୁକ୍ରାଚାର୍ଯ୍ୟଙ୍କ ମନରେ ସନ୍ଦେହ ହେଲା, ନିଶ୍ଚୟ କେହି ଦେବତାମାନଙ୍କ ହିତୈଷୀ ଅସୀମ ଶକ୍ତିଧର ମହାପୁରୁଷ ଯଜ୍ଞରେ ବିଘ୍ନ ଜାତ କରିବାକୁ, ଅର୍ଥାତ୍ ଯଜ୍ଞକୁ ଅସମ୍ପୂର୍ଣ୍ଣ କରିଦେବାକୁ ଆସିଛନ୍ତି । ଏପରି ଭାବି ଦୈତ୍ୟରାଜଙ୍କୁ ସତର୍କ କରିଦେବାଟା ନିଜର କର୍ତ୍ତବ୍ୟ ବୋଲି ସେ ଭାବିଲେ ।

ଏଣେ ବଳି ମନେ ମନେ ଭାବୁଛନ୍ତି – ଏପର୍ଯ୍ୟନ୍ତ ସେ ଯାହା ଯାହା ହୋମ ଦାନ ପ୍ରଭୃତି କରି ଆସିଛନ୍ତି, ତା'ର ପୁଣ୍ୟ ପ୍ରଭାବରୁ ଏଭଳି ଏକ ମହାତ୍ମାଙ୍କୁ ଆଜି ଦାନର ପାତ୍ର ଭାବରେ ପାଇଛନ୍ତି । ସେ ବିନୟ ସହକାରେ ପଚାରିଲେ, ''ହେ ବ୍ରାହ୍ମଣ ! କାହିଁରେ ଆପଣଙ୍କର ଇଚ୍ଛା ? ଭୂମି, ସୁବର୍ଣ୍ଣ, ବାହନ, ବସନଭୂଷଣ, ଦାସଦାସୀ, ଗୃହ ଅଥବା ରୂପଗୁଣଶାଳିନୀ ସୁଯୋଗ୍ୟା ବିପ୍ରକନ୍ୟା ଅଥବା ଏହା ବାହାରେ ଆଉ କିଛି ମନରେ ଭାବିଥିବା ଉତ୍ତମ ବସ୍ତୁ, ଏଗୁଡ଼ିକରୁ ଯାହା ଦରକାର ନିଃସଙ୍କୋଚ ଭାବେ ପ୍ରକାଶ କରନ୍ତୁ ।''

''ଧନ୍ୟବାଦ । ଆପଣ ପ୍ରକୃତରେ ଦୈତ୍ୟଶ୍ରେଷ୍ଠ ପ୍ରହ୍ଲାଦଙ୍କ ସୁଯୋଗ୍ୟ ବଂଶଧର ଭଳି କଥା କହୁଛନ୍ତି । କିନ୍ତୁ ମୋର ଏତେ ଗୁଡ଼ାଏ ଜିନିଷ ଦରକାର ନାହିଁ । ମୋର ପାହୁଣ୍ଡରେ ମାତ୍ର ତିନି ପାହୁଣ୍ଡ ଭୂମି ମୋତେ ଦରକାର ।''

''ଆପଣ ମୋତେ ଲଜ୍ଜିତ କରିବାକୁ ଏପରି ତୁଚ୍ଛ ଜିନିଷ ମାଗୁଛନ୍ତି । ଯେ ଥରେ ମୋର ହାତରୁ ଦାନ ନିଏ, ତାକୁ ଆଉ ତା' ଜୀବନରେ ଅନ୍ୟ କାହାଠାରୁ ଦାନ ନେବାକୁ ପଡ଼େ ନାହିଁ । ବୟସରେ ଛୋଟ ହେତୁ ସମ୍ପତ୍ତି କି ପ୍ରକାର ଲୋଭନୀୟ ଜିନିଷ ତାହା ବର୍ତ୍ତମାନ ସୁଦ୍ଧା ଆପଣ ଜାଣି ନାହାନ୍ତି । ତଥାପି ସମୟ ଦେଲି, ଭଲ କରି ଭାବିଚିନ୍ତି ମାଗନ୍ତୁ ।''

''ହେ ଦୈତ୍ୟରାଜ ! ଆପଣ ଅତି ଉଦାର ହୃଦୟର ପରିଚୟ ଦେଇଛନ୍ତି । କିନ୍ତୁ ଯେଉଁ ଲୋକ ମାତ୍ର ତିନି ପାହୁଣ୍ଡ ଭୂମି (ଅର୍ଥାତ୍ ଶରୀର ରଖି ପାରିବା ଭଳି ଭୂମି)ରେ ସନ୍ତୁଷ୍ଟ ରହି ନଜାଣେ, ତାକୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ମାଲିକ କରାଗଲେ ମଧ୍ୟ ସନ୍ତୁଷ୍ଟ ରହି ପାରିବ ନାହିଁ । କାରଣ, ତୁଷ୍ଟି ଆଦୌ ବାହାରର ଦ୍ରବ୍ୟ ଉପରେ ନିର୍ଭର କରେ ନାହିଁ । ତାହା ଖାଣ୍ଟି ଭିତରର ଜିନିଷ ଓ ଭିତର ଛଡ଼ା ବାହାରୁ ତାହା ଆଦୌ ଆସେ ନାହିଁ । ଯେଉଁ ଲୋକ ଭାବେ ଯେ ''ଅମୁକ ଜିନିଷ ପାଇଲେ ଖୁବ୍ ସନ୍ତୁଷ୍ଟ ହୁଅନ୍ତି, ସମୁକ ଜିନିଷ ପାଇଲେ ଖୁବ୍ ସନ୍ତୁଷ୍ଟ ହୁଅନ୍ତି,'' ସେ ସେହି ଜିନିଷ ପାଇଲେ ବି ସନ୍ତୁଷ୍ଟ ହୋଇ ପାରିବ ନାହିଁ । କାରଣ, କାମନାର କୌଣସି ସୀମାହିଁ ନାହିଁ । ଦେଖିଥିବା ଜିନିଷ ପାଇ ସାରିଲେ ଜଣେ ଶୁଣିଥିବା ଜିନିଷକୁ ପାଇବା ପାଇଁ ଚାହେଁ । ତାହା ମଧ୍ୟ ମିଳିଗଲା ଉତ୍ତାରେ ମନରେ ଭାବି ପାରୁଥିବା ନାନା ଉଦ୍ଭଟ ଜିନିଷ ପାଇବାକୁ ଚାହେଁ । ତାହା ବି ଯଦି ମିଳିଯା'ନ୍ତା, ତେବେ ସୁଦ୍ଧା କାଳେ କ'ଣ ବାକି ରହିଯାଇଥିବ ବୋଲି ମନକୁ ଉଦ୍‌ବିଗ୍ନ କରନ୍ତା । ହେ ଦୈତ୍ୟରାଜ ! ଯେଉଁ ଶାନ୍ତି ଦ୍ରବ୍ୟକୁ ଅପେକ୍ଷା କରେ ନାହିଁ, ତାହା ହେଉଛି ଶାନ୍ତିର ଶୁଦ୍ଧ ସ୍ୱରୂପ । ଦ୍ରବ୍ୟ ମିଳିବାରେ ଯେଉଁ ଆପାତ ଶାନ୍ତି ମିଳେ ତାହା ଅଶାନ୍ତିରହିଁ ଛଦ୍ମରୂପ । ପୁନଶ୍ଚ ଧନ, ଯୌବନ, ସ୍ୱାସ୍ଥ୍ୟ ପ୍ରଭୃତି ବିଳାସର ଉପକରଣଗୁଡ଼ିକୁ ଅନନ୍ତକାଳ ପାଇଁ ଯଦି ଭୋଗ କରି ହେଉଥା'ନ୍ତା, ତେବେ ସେଗୁଡ଼ିକୁ ଅର୍ଜନ କରାଯିବ କି ନାହିଁ ତାହା ବିଚାର କରାଯାଆନ୍ତା । କିନ୍ତୁ ଯେହେତୁ ଦିନେ ସେସବୁକୁ ଛାଡ଼ି ଲଙ୍ଗଳା ହୋଇ ଯିବାକୁ ପଡ଼ିବ, ତେଣୁ ଏତେ ଶ୍ରମ ସାଧିବାର କୌଣସି ଯଥାର୍ଥତାହିଁ ନାହିଁ ।''

ମହାରାଜ ବଳି ମନୋଯୋଗ ସହକାରେ ନାରାୟଣଙ୍କ କଥା ଶୁଣୁଥିଲେ । ସେ ଦୀର୍ଘଶ୍ୱାସ ପକାଇ କହିଲେ, ''ଆପଣ ଆଜି ମୋର ଦାନର ଗର୍ବକୁ ଚୂର୍ଣ୍ଣ କଲେ । ଏତେ ଦିନ ଯାଏ ମୁଁ ନିଜକୁ ବଡ଼ ଦାନୀ ବୋଲି ଭାବୁଥିଲି । କିନ୍ତୁ ଆଜି ଦେଖୁଛି, ମୋ'ଠାରୁ ବଡ଼ ଦାନୀ ହେଉଛନ୍ତି ଆପଣ । ଆହୁରି ମଧ୍ୟ ମୁଁ ଅନୁମାନ କରୁଛି, ଏଇ ଯେ ତିନିପାହୁଣ୍ଡ ଭୂମି ମାଗୁଛନ୍ତି, ଏଥିରେ ମଧ୍ୟ ଆପଣଙ୍କ ନିଜର ବୋଲି କୌଣସି ପ୍ରୟୋଜନ ନଥିଲା; କିନ୍ତୁ କୌଣସି ମହତ୍ କାର୍ଯ୍ୟ ସାଧନ କରିବା ଉଦ୍ଦେଶ୍ୟରେ ଏତକ ଲୋଡ଼ୁଛନ୍ତି ।''

''ଆପଣଙ୍କ ଅନୁମାନ ସତ୍ୟ । ମହତ୍ ଲୋକଙ୍କୁ ବେଶୀ ବୁଝାଇବା ଦରକାର ପଡ଼େ ନାହିଁ । ବର୍ତ୍ତମାନ ମୋର ମାଗୁଥିବା ଜିନିଷ ମିଳିବ କି ନାହିଁ ଏତକ ଜାଣିବାକୁ ଚାହୁଁଛି ।''

''ଅବଶ୍ୟ ମିଳିବ'', ଏହା କହି ମହାରାଜ ଦକ୍ଷିଣାବର୍ତ୍ତ ଶଙ୍ଖରେ ଜଳ, ତିଳ, କୁଶ ପ୍ରଭୃତି ପବିତ୍ରବସ୍ତୁ ଭରି ଭଗବାନଙ୍କ ହସ୍ତରେ ଜଳ ଢାଳିବାକୁ ବସିଲେ ।

ଶୁକ୍ରାଚାର୍ଯ୍ୟ ଏହି ସମୟରେ ବଳିଙ୍କୁ ସାବଧାନ କରାଇ

ଦେଲେ ଯେ ଏହି ବ୍ରାହ୍ମଣ ବାଳକକୁ ତା'ର କଥିତ ମୁତାବକ କୌଣସି ଜିନିଷ ଯେପରି ଦିଆ ନଯାଏ । କାରଣ, ସେଥିରେ ବିପଦ ଥିଲା ଭଳି ଲାଗୁଛି ।

ବଳି କହିଲେ, ''ଗୁରୁଦେବ ! ସ୍ୱର୍ଗର ମୋହ ବରଂ ଛାଡ଼ି ପାରେ, କିନ୍ତୁ ଦାନର ମୋହ ଯେ ଛାଡ଼ି ପାରିବି ନାହିଁ ।''

ଶୁକ୍ରାଚାର୍ଯ୍ୟ କହିଲେ, ''ପ୍ରତ୍ୟେକ କଥାରେ ମାତ୍ରା ଅତିରିକ୍ତ ହେବାଟା ବିପରୀତ ଫଳ ସୃଷ୍ଟି କରେ । ତୁମେ ସ୍ଥାୟୀ ସ୍ୱର୍ଗ ସାମ୍ରାଜ୍ୟ ଭୋଗ କରିବା ଉଦ୍ଦେଶ୍ୟରେହିଁ ତ ଯଜ୍ଞ ଆରମ୍ଭ କରିଛ ?''

ବଳି କହିଲେ, ''ଗୁରୁଦେବ ! ଆମେ ଅସୁରଜାତି ଅର୍ଥ ଓ କାମ ବ୍ୟତୀତ ଆଉ କ'ଣ ଉପାର୍ଜନ କଲା ଭଳି ପଦାର୍ଥ ଅଛି ବୋଲି ଜାଣୁନା । କିନ୍ତୁ ଆମ ଜାତି ଭିତରେ ମୁଁ ନିଜେ ହେଉଛି ଗୋଟିଏ ବ୍ୟତିକ୍ରମ । ମୁଁ ଦାନ ଦେବାରେ ଯେତିକି ଆନନ୍ଦ ପାଉଛି, ଭୋଗ କରିବାରେ ସେତିକି ଆନନ୍ଦ ପାଉ ନାହିଁ । କ୍ରମଶଃ ଦେଖୁଛି ଯେ ଏହି ଦାନ ଦେବାଟା ହେଉଛି ଏକ ଶକ୍ତିର ସ୍ରୋତ । ଏହାର ଦୁଇଟି ଧାରା ଅଛି । ସ୍ଥୂଳଶକ୍ତିଧାରାଟି ଗ୍ରହୀତା ପାଖକୁ ଯାଉଛି ଓ ଏହା ତାହାର ବସ୍ତୁଗତ ଅଭାବ ପୂରଣ କରୁଛି, ସୂକ୍ଷ୍ମ ଶକ୍ତିଧାରାଟି ଦାତା ଆଡ଼କୁ ଆସୁଛି ଓ ଏହା ତାହାର ହୃଦୟକୁ ମାର୍ଜିତ କରୁଛି । ଦାନର ଏହି ସୂକ୍ଷ୍ମ ଶକ୍ତିଧାରାଟି ମୋ ଭିତରେ ବର୍ତ୍ତମାନ ଏପରି ଏକ ପରିବେଶ ସୃଷ୍ଟି କଲାଣି, ଯାହା ମୋତେ ଅର୍ଥ ଓ କାମଠାରୁ କ୍ରମେ ଦୂରେଇ ନେଉଛି । ଏ ଦୁଇ ବସ୍ତୁର ସ୍ୱାଦକୁ ଅନୁଭବ କରିବାର ଶକ୍ତି କ୍ରମେ ମୁଁ ହରାଇ ବସୁଛି । ସୁତରାଂ ସ୍ୱର୍ଗ ସାମ୍ରାଜ୍ୟର ଲୋଭରେ ମୁଁ ଯଜ୍ଞ ଆରମ୍ଭ କରିଥିଲେ ବି ଆଜି ସେଇ ଯଜ୍ଞର ଲୋଭରେ ସ୍ୱର୍ଗ ସାମ୍ରାଜ୍ୟକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ । ମୁଁ ଏହି ବ୍ରାହ୍ମଣ ବାଳକକୁ ଭୂମି ତିନିପାଦ ନିଶ୍ଚୟ ଦେବି ।''

ଏତିକି କହି ଦୈତ୍ୟରାଜ ଆଉ ଅଧିକ ବାଗ୍‌ବ୍ୟୟ ନକରି ବ୍ରାହ୍ମଣରୂପୀ ନାରାୟଣଙ୍କ ହସ୍ତରେ ଶଙ୍ଖ ଜଳ ଢାଳି ଦେଲେ ଓ କହିଲେ, ''ହେ ମହାତ୍ମା ! ଆପଣ ନିଜ ପାହୁଣ୍ଡରେ ତିନିପାହୁଣ୍ଡ ଭୂମି ଯେଉଁଠି ଇଚ୍ଛା ସେଠାରୁ ବାଛି ନେଇ ପାରନ୍ତି ।''

ବଳିଙ୍କ ମୁହଁରୁ ଏତକ ସରିଛି କି ନାହିଁ, ବ୍ରାହ୍ମଣ ବାଳକଙ୍କ ଶରୀର ଯୋଗବଳରେ ବଢ଼ିବାକୁ ଲାଗିଲା । ଦେଖୁ ଦେଖୁ ପୃଥିବୀ ବାହାରେ ତାଙ୍କ ଶରୀର ଯାଇ ଠିଆ ହେଲା । ତଳେ ସାତପ୍ରସ୍ଥ ଓ ଉପରେ ସାତପ୍ରସ୍ଥ ଏହିପରି ଚଉଦପ୍ରସ୍ଥ, ଅର୍ଥାତ୍ ଚଉଦଟି ଭୁବନରେ ଆମର ଏଇ ବ୍ରହ୍ମାଣ୍ଡଟି ଗଢ଼ା । ବ୍ରହ୍ମାଣ୍ଡ ବାହାରେ କ'ଣ ଅଛି, ତାହା ବ୍ରହ୍ମାଣ୍ଡ ଭିତରେ ବାସ କରୁଥିବା ଜୀବ ଦେଖିପାରେ ନାହିଁ । ଆମେ ଦୂରବୀକ୍ଷଣ ଯନ୍ତ୍ରରେ ଯାହା କିଛି ଦେଖୁଥାଇଁ ବା ଲେଶମାତ୍ରାରେ ହେଲେ ବି ଯାହାର ଅସ୍ତିତ୍ୱ ଅନୁଭବ କରୁଥାଇଁ ତାହା ଆମରି ବ୍ରହ୍ମାଣ୍ଡ ଭିତରରହିଁ ଜିନିଷ । କିନ୍ତୁ ନାରାୟଣଙ୍କ ଗୋଟିଏ ଲୋମକୂପରେ ଏହିପରି କୋଟି କୋଟି ବ୍ରହ୍ମାଣ୍ଡ ଆତଯାତ କରନ୍ତି, ଯେପରି ଗୋଟିଏ ଝରକା ଭିତରେ ସୂକ୍ଷ୍ମ ଧୂଳିକଣାଗୁଡ଼ିକ ନିର୍ବିଘ୍ନରେ ଯାତାୟାତ କରନ୍ତି । ସୁତରାଂ ନାରାୟଣ ଯେତେବେଳେ ବିଶ୍ୱରୂପ ଧାରଣ କଲେ, ଆମର ଏଇ ବ୍ରହ୍ମାଣ୍ଡର ଉତ୍ତର ଦିଗନ୍ତରୁ ଦକ୍ଷିଣ ଦିଗନ୍ତ ଯାଏଁ ବ୍ୟାପିଥିବା ନୀହାରିକାଟି – ଯେଉଁଠୁ ଆଲୋକ ଆସି ପୃଥିବୀରେ ପହଞ୍ଚିବାକୁ ଅଢ଼େଇ ହଜାର ବର୍ଷ ଲାଗେ – ତାଙ୍କ ପାଦର ବୃଦ୍ଧାଙ୍ଗୁଷ୍ଠି ନଖର କେଉଁ କୋଣରେ ହଜିଗଲା ତା'ର ପତ୍ତା ମିଳିଲା ନାହିଁ ।

ବ୍ରାହ୍ମଣ ବାଳକଙ୍କ କଣ୍ଠସ୍ୱର ଶୁଣାଗଲା, ''ଦୈତ୍ୟରାଜ ! ଆପଣଙ୍କ ଅଧିକାରରେ ଥିବା ସମସ୍ତ ସାମ୍ରାଜ୍ୟ ମୋର ଗୋଟିଏ ରୋମର ଅଗ୍ରଭାଗକୁ ସୁଦ୍ଧା ପୂରାଇ ପାରିଲା ନାହିଁ । ଏହା ବାହାରେ ଆଉ କି ଭୂମି ରଖିଛ ଶୀଘ୍ର ଦିଅ । ନଦେବା ପର୍ଯ୍ୟନ୍ତ ତୁମେ ମୋର ଋଣପାଶରେ ବନ୍ଦୀ ।''

ତତ୍‌କ୍ଷଣାତ୍ ଗୋଟିଏ ଅଦ୍ଭୁତ ଲୌହ ଶୃଙ୍ଖଳ କେଉଁଠୁ ଆସି ପଶୁ ବାନ୍ଧିବା ପରି ଦୈତ୍ୟରାଜଙ୍କୁ ବାନ୍ଧି ପକାଇଲା । ଦୈତ୍ୟରାଜ ଦେହ ହଲାଇବାକୁ ସୁଦ୍ଧା ସକ୍ଷମ ହୋଇ ପାରିଲେ ନାହିଁ । ଆପଣା ପ୍ରଭୁଙ୍କର ଏ ଦୁର୍ଦ୍ଦଶା ଦେଖି ସାରା ଅସୁରକୁଳ ନିଜ ନିଜର ଅସ୍ତ୍ରଶସ୍ତ୍ର ଧରି ସୃଷ୍ଟିକୁ ବ୍ୟାପୀ ରହିଥିବା ସେହି ବିଶାଳ ଦେବ ଶରୀର ଉଦ୍ଦେଶ୍ୟରେ ଅସ୍ତ୍ର ଫିଙ୍ଗିବାକୁ ଲାଗିଲେ । ତାଙ୍କର ଏ ହାସ୍ୟାସ୍ପଦ ଚେଷ୍ଟା ଦେଖି ନିଜେ ଦୈତ୍ୟରାଜ ସେମାନଙ୍କୁ ବାରଣ କଲେ ଓ କହିଲେ, କାଳର ଗତିକୁ ପ୍ରତିରୋଧ କରିବାକୁ ସେମାନେ ଚେଷ୍ଟା କରନ୍ତୁ ନାହିଁ । ମଧ୍ୟାହ୍ନ ସୂର୍ଯ୍ୟ ଆଡ଼କୁ ଛେପ ପକାଇବାକୁ ଚେଷ୍ଟା କଲେ ଓଲଟି ନିଜର ମୁହଁକୁ ଛେପ ଫେରି ଆସିବ । ଅସୁରମାନେ ନିରୁପାୟ ହୋଇ ନିଜ ପ୍ରଭୁଙ୍କ ଦୁର୍ଦ୍ଦଶା ଦେଖି ଆଖିରୁ ଲୁହ ଗଡ଼ାଇବାକୁ ଲାଗିଲେ ।

ବଳି ଦେଖିଲେ ଯେ ତାଙ୍କ ଦାନର ପାତ୍ରଟି ହେଉଛନ୍ତି ଏପରି ଜଣେ ବ୍ୟକ୍ତି, ଯେ କି ସର୍ବଦାହିଁ ସମଗ୍ର ସୃଷ୍ଟିକି ବ୍ୟାପୀ ରହିଛନ୍ତି । ଏହି ଅନନ୍ତ ସୃଷ୍ଟି ବାହାରେ ଯଦି ଆଉ କିଛି ରହିବା ସମ୍ଭବ ତେବେ ତାହା ଏହି ପୁରୁଷଙ୍କ ଦେହଛଡ଼ା ଆଉ କିଛି

ହୋଇ ନପାରେ । କେବଳ ସ୍ଥାନ ନୁହେଁ, କାଳର ଯାବତୀୟ ବିଚିତ୍ରତା ଓ ଜୀବମାନଙ୍କର ଯାବତୀୟ ବିଚିତ୍ରତା ମଧ୍ୟ ଏହି ପୁରୁଷଙ୍କ ପ୍ରକାଶ ଅଟେ । ବରଫରେ ପାଣିଥିବା ଭଳି, ମାଠିଆ ଦେହରେ ମାଟିଥିବା ଭଳି, ବସ୍ତ୍ରରେ ସୂତାଥିବା ଭଳି ସୃଷ୍ଟି ଭିତରେ ଓ ବାହାରେ ଏହି ପୁରୁଷ ଓତପ୍ରୋତ ଭାବେ ବିଦ୍ୟମାନ ଅଛନ୍ତି । ଖାଲି ସ୍ଥୂଳ ଜଗତ୍ ନୁହେଁ, ସ୍ୱପ୍ନ ଓ ତୁରୀୟ ଅବସ୍ଥାରେ ଆମେ ଯେଉଁ ଜଗତରେ ବିହାର କରୁ ସେଠାରେ ମଧ୍ୟ ସେ ମାଲିକ ଅଟନ୍ତି ଓ ସେଇଭଳି ବିଦ୍ୟମାନ ଅଛନ୍ତି । ଏହି ପୁରୁଷଙ୍କ ବାହାରେ କିଛିମାତ୍ର ନାହିଁ, ଏପରିକି ଶୂନ୍ୟ ମଧ୍ୟ ନାହିଁ । ତାଙ୍କ ବାହାରେ ସେହିଁ ଅଛନ୍ତି – ଯଦି ଆଦୌ ‘‘ତାଙ୍କ ବାହାରେ’’ ବୋଲି କହିବାର କିଛି ମାନେ ଥାଏ । ବଳି ଭାବି ପାରିଲେ ନାହିଁ କ’ଣ ବା ତାଙ୍କ ଅଧିକାରରେ ଥିଲା ଓ କ’ଣ ବା ସେ ଆଜି ଏହି ପୁରୁଷଙ୍କୁ ଦେଲେ !

ବଳି ନିଜକୁ ଧିକ୍କାର କଲେ ଏଇଥି ପାଇଁ ଯେ ସେ ବର୍ତ୍ତମାନ ଯାଏଁ କୁହୁଡ଼ି ପହଁରୁ ଥିଲେ । ନିଜକୁ ତିନିପୁରର ମାଲିକ ବୋଲି ଭାବୁଥିଲେ । ବାସ୍ତବରେ କେହି ବି ଏ ସୃଷ୍ଟିର କୌଣସି ବସ୍ତୁ ଉପରେ ମାଲିକ ନୁହେଁ ।

‘‘ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ଯ୍ୟଃ ।
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ॥’’
(କଠଶ୍ରୁତି)

ଏହି ପୁରୁଷଙ୍କୁ ଭୟ କରି ଅଗ୍ନି ତାପ ବିକିରଣ କରେ, ସୂର୍ଯ୍ୟ ତାପ ବିକିରଣ କରେ, ଇନ୍ଦ୍ର ବର୍ଷା କରେ, ବାୟୁ ବହେ ଓ ପଞ୍ଚମଟି ମୃତ୍ୟୁ ଦେବତା ପ୍ରାଣୀମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଖାଏ ।

ପୁନଶ୍ଚ ସେହି କଣ୍ଠ କାହିଁ କେତେ ଦୂରରୁ ଭାସି ଆସିଲା : ‘‘ମହା ମହେଶ୍ୱର ସମ୍ରାଟ ! ଅନ୍ତତଃ ଗୋଟିଏ ପାଦ ରଖିବାକୁ ଜାଗା ଟିକିଏ ଦିଅ । ତୁମର ସମ୍ପତ୍ତି କ’ଣ ଏତିକିରେ ସରିଗଲା ?’’

ବଳି ସେହିପରି ହସ୍ତପାଦବଦ୍ଧ ଅବସ୍ଥାରେ ବାଷ୍ପ ଗଦ୍‌ଗଦ୍ କଣ୍ଠରେ କହିଲେ, ‘‘ହେ ମୋର ସାମାନ୍ୟ ଦାନର ଅସାମାନ୍ୟ ଦାନପାତ୍ର ! ମୋର ମସ୍ତକକୁ ଆପଣଙ୍କ ପାଦତଳେ ସମର୍ପଣ କଲି । ଏହା ଉପରେ ଆପଣ ନିଃସଙ୍କୋଚରେ ପାଦ ରଖି ପାରନ୍ତି ।’’ ଏତିକି କହି ବଳି ଭୂମି ଉପରେ ନିଜର ମୁଣ୍ଡଟିକୁ ଥୋଇ ଦେଲେ, ଅର୍ଥାତ୍ ନିଜକୁ ପୂର୍ଣ୍ଣରୂପେ ଭଗବାନଙ୍କ ଚରଣରେ ନୈବେଦ୍ୟ କରିଦେଲେ । ତତ୍‌କ୍ଷଣାତ୍ ସେ ନିଜର ମୁଣ୍ଡରେ ଅନୁଭବ କଲେ ଏକ ସ୍ନେହ ବୋଳା ଉଷ୍ମ ସ୍ପର୍ଶ, ଯେପରି ଏକ ଅଦୃଶ୍ୟ ପାଦ ଆସି ତାଙ୍କୁ ମୃଦୁଭାବେ ଚାପି ଦେଲା । ଲୌହଶୃଙ୍ଖଳଟି ଯେପରି ଭାବେ ଶୂନ୍ୟରୁ ଆସି ବାନ୍ଧି ଥିଲା, ସେଇଭଳି ମନକୁ ମନ ଫିଟିଯାଇ ଉଭେଇ ଗଲା । ଏହି ସମୟରେ ଆକାଶରୁ ଇନ୍ଦ୍ର ପ୍ରଭୃତି ଦେବତାମାନେ ବଳିଙ୍କ ମସ୍ତକରେ ଶ୍ରଦ୍ଧାସହକାରେ କୁସୁମ ବୃଷ୍ଟି କଲେ ଓ ତାଙ୍କୁ ସମ୍ମାନ ଦେବା ପାଇଁ ସ୍ୱର୍ଗରେ ଦିବ୍ୟ-ଦୁନ୍ଦୁଭିବାଦ୍ୟ ବାଜି ଉଠିଲା ।

ଭଗବାନଙ୍କ କଣ୍ଠସ୍ୱର ଶୁଣାଗଲା, ‘‘ହେ ଦୈତ୍ୟରାଜ ! ତୁମେ ବର୍ତ୍ତମାନ ମୋର ଋଣମୁକ୍ତ । ସ୍ୱର୍ଗକୁ ମୁଁ ଦେବତାମାନଙ୍କୁ ଫେରାଇ ଦେଇଛି । ପାତାଳରେ ପୂର୍ବପରି ଅସୁରମାନେ ରହିବେ । କିନ୍ତୁ ମୁଁ ତୁମକୁ ଆଉ ଏକ ବିଶିଷ୍ଟ ସ୍ଥାନରେ ରଖିବାକୁ ଚାହେଁ । ସେହି ସ୍ଥାନର ସୁଖ ଦେବତାମାନେ ବି କଳ୍ପନା କରି ପାରିବେ ନାହିଁ ।

ବଳି ପ୍ରତିବାଦ କଲେ, ‘‘ମୋର ସୁଖଭୋଗ ଦରକାର ନାହିଁ । ଆପଣଙ୍କୁ ଯେଉଁଠି ଦେଖିବାକୁ ପାଇବି, ସେଇଠି ରହିବି । ଅନ୍ୟ କେଉଁ ସୁଖୀଲୋକରେ ନୁହେଁ ।’’

‘‘ଭୟ ନାହିଁ’’, ସେଇ ଭରସାପୂର୍ଣ୍ଣ କଣ୍ଠରୁ ଦୃଢ଼ ଜବାବ ଆସିଲା, ‘‘ମୁଁ ଗଦା ଧରି ସେଠାରେ ପ୍ରତ୍ୟେକ ଦ୍ୱାରରେ ସର୍ବଦା ତୁମକୁ ପହରା ଦେବି । କାମ କ୍ରୋଧାଦି କୌଣସି ଶତ୍ରୁ ତୁମକୁ ପୀଡ଼ା ଦେଇ ପାରିବେ ନାହିଁ । ଦିନେ ଇନ୍ଦ୍ର ହେବାକୁ ତୁମେ ଚାହିଁଥିଲ । ନୂତନ ଦେବ ସୃଷ୍ଟିରେ ତୁମକୁ ଇନ୍ଦ୍ର କରାଯିବ । (ଶୁକ୍ରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ) ହେ ପରମ ଜ୍ଞାନି ! ଅସୁର କୁଳଗୁରୁ ! ଆପଣଙ୍କ ଯଜ୍ଞ ଅସମାପ୍ତ ହେଲା ବୋଲି ମନଦୁଃଖ କରୁଛନ୍ତି ? କିନ୍ତୁ ଆପଣଙ୍କ ଆଶୀର୍ବାଦ ଯେଉଁ ଯଜମାନ ଉପରେ ପଡ଼ିଛି ତା’ର କାମନା କିପରି ବା ଅପୂର୍ଣ୍ଣ ରହନ୍ତା ? ତଥାପି ଲୋକାଚାର ପାଇଁ ଆପଣ ପୂର୍ଣ୍ଣାହୁତି ଦେଇ ଯଜ୍ଞକୁ ଯଥାବିଧି ସମାପ୍ତ କରନ୍ତୁ । ଏହା ମୋର ଇଚ୍ଛା ।’’

ଚତୁର ଶୁକ୍ରାଚାର୍ଯ୍ୟ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ‘‘ଯାହାର ନାମ ଉଚ୍ଚାରଣ ଦ୍ୱାରା ଯଜ୍ଞର ସକଳ ଛିଦ୍ର ସଂଶୋଧନ ହୋଇଯାଏ, ସେ ନିଜେ ଆସି ଯଜ୍ଞରେ ଉପସ୍ଥିତ ହୋଇଛନ୍ତି, ଏହା ହେଉଛି ଏ ଯଜ୍ଞ ସଫଳ ହେବାର ସର୍ବୋତ୍ତମ ପ୍ରମାଣ । ତଥାପି ଆପଣଙ୍କ ଆଜ୍ଞା ପାଳନ କରିବା ନିମନ୍ତେ ମୁଁ ପୂର୍ଣ୍ଣାହୁତି ଦେବି – ଯଜ୍ଞକୁ ଅଧିକ ସଫଳ କରିବା ନିମନ୍ତେ ନୁହେଁ ।’’

ଭଗବାନ୍ ପ୍ରସନ୍ନ ହୋଇ ହସିଲେ ଓ ବଳିଙ୍କୁ ଧରି ଉଭେଇ ଗଲେ । ❑

# ଶ୍ରୀକୃଷ୍ଣ ଓ କାଳଯବନ

## ବନମାଳୀ ଆଚାର୍ଯ୍ୟ

ଦ୍ୱାପର ଯୁଗର କଥା । କଂସ ବଧ ପରେ ଉଗ୍ରସେନ ମଥୁରାର ରାଜସିଂହାସନରେ ଅଭିଷିକ୍ତ ହେଲେ । ଦୈବୀବାଣୀ ସତ୍ୟ ହେଲା । ଧନୁଯାତ୍ରା ଦେଖିବାକୁ ଆସିଥିବା ଭଗବାନ୍ ଶ୍ରୀକୃଷ୍ଣ ଏବଂ ତାଙ୍କର ଜ୍ୟେଷ୍ଠଭ୍ରାତା ବଳରାମଙ୍କୁ ଦେଖିବା ମାତ୍ରେ ମହାବଳୀ ନିଷ୍ଠୁର କଂସ ହୀନବଳ ହୋଇ ମଞ୍ଚ ଉପରୁ ତଳେ ପଡ଼ି ପ୍ରାଣତ୍ୟାଗ କଲା । ଦିବ୍ୟ ଚେତନାର ଦୃଷ୍ଟି ଆଗରେ ନିଷ୍ଠୁରତାର ବିଲୁପ୍ତି ଘଟିଲା । ଏହି ସତ୍ୟ ମହାଭାରତରେ ବର୍ଣ୍ଣିତ ହୋଇଛି । ଦୁଇଭାଇଙ୍କର ଐଶୀତେଜଃ ଓ ଯଥାର୍ଥ ପ୍ରେମର ସ୍ପନ୍ଦନରେ ମଥୁରା ଧୀରେ ଧୀରେ ଶକ୍ତିଶାଳୀ ଓ ସମୃଦ୍ଧ ହୋଇ ଉଠିଲା ।

ତତ୍କାଳୀନ ମଗଧର ସମ୍ରାଟ ଥିଲେ ପ୍ରବଳ ପ୍ରତାପୀ ମହାବୀର ଜରାସନ୍ଧ । ସେ ତାଙ୍କର ଦୁଇ କନ୍ୟାଙ୍କୁ ମଥୁରାର ମହାରାଜା କଂସଙ୍କୁ ବିବାହ ଦେଇଥିଲା । ଜାମାତାଙ୍କ ମୃତ୍ୟୁରେ ବିଚଳିତ ହୋଇ କ୍ରୋଧ ଓ ଈର୍ଷାରେ ଜର୍ଜରିତ ଜରାସନ୍ଧ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ନିଜର ପରମଶତ୍ରୁ ମନେ କରୁଥିଲା । ପ୍ରତିଶୋଧ ପରାୟଣ ହୋଇ ସେ ସପ୍ତଦଶ ଥର ମଥୁରା ଆକ୍ରମଣ କଲା, ମାତ୍ର ପ୍ରତ୍ୟେକବାର ପରାଜୟ ଲଭିବାର ଗ୍ଲାନି ତାକୁ ଅଧିକ ଅସ୍ଥିର କରୁଥିଲା । ଅନ୍ୟପକ୍ଷରେ ଏହା ଶ୍ରୀକୃଷ୍ଣଙ୍କର ଏକ କୌଶଳ ଥିଲା । ପ୍ରତ୍ୟେକ ବାର ଜରାସନ୍ଧ ତାଙ୍କ ସହ କୂଟନୈତିକ ସମ୍ପର୍କ ଯୋଡ଼ିଥିବା ଅନ୍ୟ ରାଜ୍ୟର ବଛା ବଛା ଯୋଦ୍ଧାମାନଙ୍କୁ ଧରି ବିଜୟ ଆଶାରେ ମଥୁରା ଆକ୍ରମଣ କରୁଥିଲା, ମାତ୍ର ସେମାନେ ସମସ୍ତେ ଯୁଦ୍ଧ ଭୂମିରେ ବଳି ପଡୁଥିଲେ । ହୁଏତ ଧରଣୀରୁ ପାପୀମାନଙ୍କୁ ସଂହାର କରିବାର ଏହା ଏକ ଉପାୟ ଥିଲା ।

ଜରାସନ୍ଧଙ୍କର ଅଷ୍ଟାଦଶବାର ମଥୁରା ଆକ୍ରମଣ ସମୟରେ ତାଙ୍କର ଜଣେ ସମର୍ଥକ ଯୋଦ୍ଧା କାଳଯବନ ମଥୁରା ଆକ୍ରମଣ କରିଥିଲା । ଉଭୟଙ୍କର ଗୋଟିଏ ଲକ୍ଷ୍ୟ ଥିଲା – ମଥୁରାର ପତନ । ଜରାସନ୍ଧ ଭଳି କାଳଯବନ ମଧ୍ୟ ପରାକ୍ରମୀ ଓ ବଳଶାଳୀ ଥିଲା ଏବଂ ସେ ଶ୍ରୀକୃଷ୍ଣଙ୍କୁ ନିଜର ବଡ଼ ଶତ୍ରୁ ଭାବରେ ଦେଖୁଥିଲା । ମାତ୍ର ଆକ୍ରମଣକାରୀ ଦୁଇଜଣ ପରସ୍ପରର ମିତ୍ର ଥିଲେ । କାଳଯବନର ପ୍ରାୟ ୩୦ ନିୟୁତ ସୈନ୍ୟ ମଥୁରାକୁ ଅବରୋଧ କରି ଆକ୍ରମଣ ପାଇଁ ପ୍ରସ୍ତୁତ ରହିଥିଲେ । କାଳଯବନ ମ୍ଳେଚ୍ଛ ଦେଶର ରାଜା ଥିଲା । ସେ ଋଷି ଶେଶିରାୟଣ ଓ ଅପ୍ସରା ରମ୍ଭାଙ୍କର ପୁତ୍ର ଥିଲା । ସେତେବେଳେ ଋଷି ଶେଶିରାୟଣ ଭଗବାନ୍ ଶିବଙ୍କୁ ତପସ୍ୟା କରି ବର ପ୍ରାପ୍ତ କରିଥିଲେ ଯେ କାଳଯବନର ମୃତ୍ୟୁ କୌଣସି ଅସ୍ତ୍ରଶସ୍ତ୍ରରେ ହେବ ନାହିଁ । ତେଣୁ କାଳଯବନ ଯୁଦ୍ଧ ଭୂମିରେ ଅପରାଜେୟ ଥିଲା । ଏକଥା ଶ୍ରୀକୃଷ୍ଣଙ୍କୁ ଜଣାଥିଲା । ଋଷି ପୁତ୍ର ହେଲେ ବି କାଳଯବନ ଭିନ୍ନ ସଂସ୍କାରରେ ବଢ଼ିଥିଲା ଏବଂ ଗର୍ବୀ ଓ ଉଦ୍ଧତ ହୋଇ ପଡ଼ିଥିଲା; ତା'ର ଶୈଶବରେ ମ୍ଳେଚ୍ଛ ଦେଶର ଯବନ ରାଜା କାଳଜଙ୍ଘ ନିଃସନ୍ତାନ ଥିଲେ । ଯବନ କହିଲେ ଏଠାରେ ଏକ ପ୍ରାଚୀନ ଗ୍ରୀକ୍ ଜାତିକୁ ବୁଝାଉଛି ।

କାଳଜଙ୍ଘ ଋଷି ଶେଶିରାୟଣଙ୍କ ସନ୍ତାନକୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ । ତା'ର ନାମ କାଳଯବନ ରଖିଥିଲେ । ତାକୁ ନିଜ ସାମ୍ରାଜ୍ୟର ଉତ୍ତରାଧିକାରୀ କରିଥିଲେ । ଶ୍ରୀକୃଷ୍ଣଙ୍କୁ ତା'ର ଋଷି ପୁତ୍ରରୁ ରାଜା ହେବା ବୃତ୍ତାନ୍ତ ଭଲ ଭାବରେ ଜଣାଥିଲା । ସେ ଆହୁରି ମଧ୍ୟ ଜାଣିଥିଲେ ଯେ ତା'ର ବିଶାଳ ସୈନ୍ୟବାହିନୀ ଯବନମାନଙ୍କୁ ନେଇ ଗଠିତ ଥିଲା, ଯେଉଁମାନେ ଅତିଶୟ ବଳଶାଳୀ ଥିଲେ । କାଳଯବନ ସହ ଯୁଦ୍ଧର ଅର୍ଥ କେବଳ ରକ୍ତପାତ, ପରାଜୟ ଓ ମୃତ୍ୟୁ । ସେ ମଥୁରାବାସୀଙ୍କର ଓ ସେନାବାହିନୀର ସାମାନ୍ୟ କ୍ଷତି ଚାହୁଁ ନଥିଲେ । କାଳଯବନ ଚାହୁଁଥିଲା, ଶ୍ରୀକୃଷ୍ଣ ଓ ବଳରାମଙ୍କୁ ବନ୍ଦୀ କରି ମଥୁରା ଉପରେ ବିଜୟ ହାସଲ କରିବା ଏବଂ ସର୍ବଶ୍ରେଷ୍ଠ ଯୋଦ୍ଧାର ପରିଚୟ ସୃଷ୍ଟି କରିବା । ଏକ ବିରାଟ ଅହଂ ଭାବ ତାକୁ ଧୀରେ ଧୀରେ ଗ୍ରାସ କରୁଥିଲା । ସେ ଦୁଇଭାଇଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ କରୁଥିଲା ।

ଶ୍ରୀକୃଷ୍ଣ ଓ ବଳରାମ ନଗରର ଦ୍ୱାର ଦେଇ ବାହାରକୁ ଆସିଲେ । ସେମାନଙ୍କର ହାତରେ କୌଣସି ଅସ୍ତ୍ରଶସ୍ତ୍ର ନଥିଲା । ସେମାନଙ୍କୁ ଏହି ଅବସ୍ଥାରେ ଦେଖି କାଳଯବନ ଅଟ୍ଟହାସ୍ୟ କରିବାକୁ ଲାଗିଲା । ସେ ଭାବିଲା, ଅନ୍ୟମାନେ ଭୟ କରି ସମ୍ମୁଖ ଯୁଦ୍ଧକୁ ଆସିଲେ ନାହିଁ । ନିରସ୍ତ୍ର ଶ୍ରୀକୃଷ୍ଣ କାଳଯବନକୁ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ଆହ୍ୱାନ କଲେ । ସେ ସର୍ତ୍ତ ରଖିଲେ ସେମାନେ

ଦୁଇଜଣ କେବଳ ପରସ୍ପର ସହ ଯୁଦ୍ଧରେ ଲିପ୍ତ ରହିବେ, ଅନ୍ୟ କେହି ତା' ମଧ୍ୟକୁ ଆସିବେ ନାହିଁ । ଶ୍ରୀକୃଷ୍ଣଙ୍କର ବାଳସୁଲଭ ଚେହେରା ଦେଖି କାଳଯବନ ତାଙ୍କୁ ସହଜରେ ବନ୍ଦୀ କରି ନେବ ବୋଲି ମନେ ମନେ ଭାବିଲା । ଅବିଳମ୍ବେ ସେ ଦ୍ୱନ୍ଦ୍ୱଯୁଦ୍ଧ କରିବାକୁ ଯୁଦ୍ଧ କ୍ଷେତ୍ରର ମଧ୍ୟଭାଗକୁ ସଦର୍ପେ ଆଗେଇ ଆସିଲା । ନିଜ ପକ୍ଷର କେହି ଜଣେ ବି ଯୁଦ୍ଧରେ ଭାଗ ନନେବା ସକାଶେ କଡ଼ା ନିର୍ଦ୍ଦେଶ ଦେଲା । ରଣଭୂମିର ମଧ୍ୟସ୍ଥଳରେ ଦଣ୍ଡାୟମାନ ଦୁଇ ଯୋଦ୍ଧା ଶ୍ରୀକୃଷ୍ଣ ଓ କାଳଯବନ । କାଳଯବନର ଦାମ୍ଭିକତା ଓ କୁଟିଳ ହସକୁ ଶ୍ରୀକୃଷ୍ଣ ଶାନ୍ତ ଭାବରେ ହଜମ କରୁଥିଲେ । କାରଣ ନିଜର ସୂକ୍ଷ୍ମ ଦୃଷ୍ଟିରେ ସେ କାଳଯବନର ଆସନ୍ନ ଭବିଷ୍ୟତର ଭୟଙ୍କର ପରିଣତିକୁ ଦେଖି ପାରୁଥିଲେ । ତା'ର ଅହଂକାର ଓ ଗର୍ବ ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁ ନଥିଲା । କାଳଯବନ ବୀରଦର୍ପରେ ତାଙ୍କ ଆଡ଼କୁ ଆଗେଇ ଆସୁଥିଲା । ସମସ୍ତଙ୍କୁ ଚକିତ କରି ଶ୍ରୀକୃଷ୍ଣ ହଠାତ୍ ଅନ୍ୟ ଦିଗକୁ ମୁହଁ ବୁଲାଇଲେ ଓ ଦୌଡ଼ିବାକୁ ଆରମ୍ଭ କଲେ । ଶ୍ରୀକୃଷ୍ଣ ଭୟଭୀତ ହୋଇ ପଳାୟନ କରୁଛନ୍ତି ଭାବି କାଳଯବନ ତାଙ୍କୁ ଗୋଡ଼ାଇ ଧରିବାକୁ ଚେଷ୍ଟା କଲା । କିଛି ସମୟ ଉପରାନ୍ତେ ସେମାନେ ଯୁଦ୍ଧ ଭୂମି ଠାରୁ ବହୁ ଦୂରକୁ ଚାଲିଗଲେ । କାଳଯବନ ଶ୍ରୀକୃଷ୍ଣଙ୍କୁ ଧରି ପାରୁ ନଥିଲା । ଶ୍ରୀକୃଷ୍ଣ ଏକ ପାହାଡ଼ ଆଡ଼କୁ ଦୌଡ଼ିଲେ ଏବଂ ତାହାର ଗୁମ୍ଫା ଭିତରକୁ ପ୍ରବେଶ କଲେ ।

ସେହି ରହସ୍ୟମୟ ଗୁମ୍ଫା ବିଷୟରେ ଶ୍ରୀକୃଷ୍ଣ ସମସ୍ତ କିଛି ଜାଣିଥିଲେ । ମହାରାଜ ମୁଚୁକୁନ୍ଦ ଦୀର୍ଘକାଳ ଧରି ଯୋଗ ନିଦ୍ରାରେ ସେହି ଗୁମ୍ଫା ଭିତରେ ଶୟନ କରୁଥିଲେ । ସେ ତ୍ରେତୟା ଯୁଗରେ ଇକ୍ଷ୍ୱାକୁ କୁଳରେ (ସୂର୍ଯ୍ୟ ବଂଶରେ) ଜନ୍ମଲାଭ କରିଥିଲେ । ସେ ମହାରାଜା ମାନଧାତାଙ୍କ ପୁତ୍ର ଓ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୂର୍ବପୁରୁଷ ଥିଲେ । ଦେବାସୁର ଯୁଦ୍ଧରେ ସେ ଇନ୍ଦ୍ରଦେବଙ୍କର ସେନାପତି ଥିଲେ । ଯୁଦ୍ଧ ପରେ ପୃଥିବୀକୁ ଫେରି ଆସିବା ସକାଶେ ସେ ଇନ୍ଦ୍ରଦେବଙ୍କ ଅନୁମତି ଲୋଡ଼ିଲେ । ସ୍ୱର୍ଗରେ ତାଙ୍କ ରହଣିକାଳରେ ପୃଥିବୀରେ ବହୁ ବର୍ଷ ବିତି ସାରିଥିଲା । ନିଜର ରାଜ୍ୟ ଓ ଆତ୍ମୀୟମାନଙ୍କୁ ଆଉ ପାଇବେ ନାହିଁ ବୋଲି ଇନ୍ଦ୍ର ତାଙ୍କୁ ବୁଝାଇ କହିଲେ । ତେଣୁ ସେ ଯୋଗ ନିଦ୍ରାରେ ବିଶ୍ରାମ ଓ ଶୟନ ପାଇଁ ଇନ୍ଦ୍ରଙ୍କୁ ପ୍ରାର୍ଥନା କଲେ । ଇନ୍ଦ୍ରଦେବ ତାଙ୍କର ଇଚ୍ଛା ପୂରଣ କଲେ । ଯିଏ ତାଙ୍କର ନିଦ୍ରା ଭଙ୍ଗ କରିବ, ସେ ତାଙ୍କର ଚକ୍ଷୁରୁ ନିର୍ଗତ ଅନଳରେ ଦଗ୍ଧ ହୋଇଯିବ ବୋଲି ମଧ୍ୟ ପ୍ରକାଶ କଲେ ।

ଶ୍ରୀକୃଷ୍ଣ ଯୋଗନିଦ୍ରାରେ ଶୟନ କରିଥିବା ମୁଚୁକୁନ୍ଦଙ୍କ ଆଡ଼କୁ ଚାହିଁଲେ । ଅତୀବ ଭାଗ୍ୟବାନ୍ ସେହି ବ୍ୟକ୍ତି ଯାହା ଉପରେ ଭଗବାନଙ୍କର କୃପାଦୃଷ୍ଟି ପଡ଼େ । ନିଜର ପୀତ ବର୍ଣ୍ଣର ଖଣ୍ଡିଏ ବସ୍ତ୍ରକୁ ସେ ମୁଚୁକୁନ୍ଦଙ୍କ ଉପରେ ଲମ୍ବାଇ ଦେଲେ । ନିଜକୁ କିଛି ଦୂରରେ ଲୁଚାଇ ରଖିଲେ । କିଛି ସମୟ ବ୍ୟବଧାନରେ କାଳଯବନ ଗୁମ୍ଫା ଭିତରକୁ ପ୍ରବେଶ କଲା ଏବଂ ଶ୍ରୀକୃଷ୍ଣଙ୍କୁ ଖୋଜିବାରେ ଲାଗିଲା । ପୀତବସ୍ତ୍ରକୁ ଦେଖି ସେଠାରେ ଶ୍ରୀକୃଷ୍ଣ ନିଦ୍ରାଯିବାର ନାଟକ ରଚନା କରିଛନ୍ତି ବୋଲି ଭାବିଲା । କ୍ରୋଧରେ ସେ ତାଙ୍କୁ ଆଘାତ କଲା ଏବଂ ନିଦରୁ ଉଠାଇବାକୁ ଚେଷ୍ଟା କଲା । ମୁଚୁକୁନ୍ଦ ଉଠି ବସିଲେ । ଆଶ୍ଚର୍ଯ୍ୟରେ ସ୍ତମ୍ଭୀଭୂତ ହୋଇ କାଳଯବନ ତାଙ୍କୁ ଲକ୍ଷ୍ୟ କରୁଥିଲା । ମୁଚୁକୁନ୍ଦଙ୍କ ନିଦ୍ରା ବିଜଡ଼ିତ ଚକ୍ଷୁଦ୍ୱୟ ଆସ୍ତେ ଆସ୍ତେ ଖୋଲିଲା । ସେଥିରୁ ନିର୍ଗତ ତେଜୋଦୀପ୍ତ ଅଗ୍ନି କାଳଯବନକୁ ନିମିଷକରେ ଜାଳି ପାଉଁଶ କରିଦେଲା । ଭଗବାନ୍ ଶ୍ରୀକୃଷ୍ଣ ମୁଚୁକୁନ୍ଦଙ୍କୁ ଦର୍ଶନ ଦେଲେ । ଏହା ମୁଚୁକୁନ୍ଦଙ୍କର ଯୁଗ ଯୁଗର ତପସ୍ୟାର ଫଳ ଥିଲା । ଶ୍ରୀକୃଷ୍ଣ ତାଙ୍କୁ ନିର୍ବାଣର ପଥ ଦେଖାଇଲେ ।

କାହାଣୀରେ ଦୁଷ୍ଟ କାଳଯବନ ଦ୍ୱାରା ମହାନ୍ ତପସ୍ୱୀ ମୁଚୁକୁନ୍ଦଙ୍କର ଯୋଗନିଦ୍ରା ଭଙ୍ଗ ହେଲା । ଏହା ଫଳରେ ଅହଂକାରୀ ଓ ଅତ୍ୟାଚାରୀ କାଳଯବନର ବିନାଶ ହେଲା ଏବଂ ମଥୁରାର ବିଜୟ ହେଲା । ମୁଚୁକୁନ୍ଦ ସ୍ୱଚକ୍ଷୁରେ ଭଗବାନଙ୍କର ଦର୍ଶନ ଲାଭ କରି ସ୍ୱର୍ଗାରୋହଣ କଲେ । ଶ୍ରୀକୃଷ୍ଣ ଓ କାଳଯବନ ବାହ୍ୟତଃ ମାନବ ତନୁରେ ଥିଲେ ମଧ୍ୟ ସେମାନଙ୍କ ଭିତରେ ବିରାଟ ଚେତନାଗତ ପ୍ରଭେଦ ଥିଲା । ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟ ଆନ୍ତର ଚେତନା ଓ ଇଚ୍ଛାଶକ୍ତିକୁ ମୂଢ଼ କାଳଯବନ ଜାଣି ପାରି ନଥିଲା । ନିଜର ବାହ୍ୟ ଚେତନାରେ ରହି କେବଳ ଅହଂକାର, ଗର୍ବ, କାମନା, ବାସନା ଇତ୍ୟାଦି ଅନ୍ଧକାର ଶକ୍ତିର ସେ ଯନ୍ତ୍ରଟିଏ ହୋଇଥିଲା । ତେଣୁ ତା'ର ପତନ ଅନିବାର୍ଯ୍ୟ ଥିଲା ।

ପ୍ରଭୁ ଶ୍ରୀଅରବିନ୍ଦ ଯୋଗ ପତ୍ରାବଳୀରେ ଉଲ୍ଲେଖ କରିଛନ୍ତି – ''ମନୁଷ୍ୟ ଭିତରେ ଦୁଇଟି ଭିନ୍ନ ପ୍ରକାରର ଚେତନା ଥାଏ । ଗୋଟିଏ ତାହାର ବାହ୍ୟ ଚେତନା, ଅନ୍ୟଟି ତାହାର ଆନ୍ତର ଚେତନା । ସାଧାରଣ ମନୁଷ୍ୟ ନିଜର ଆନ୍ତର ଚେତନା ବିଷୟରେ କିଛି ଜାଣି ନଥାଏ । ସେ ତା'ର ବାହ୍ୟ ଚେତନାକୁ ଆଶ୍ରୟ କରି ଦୁଃଖ-କଷ୍ଟପୂର୍ଣ୍ଣ ବାହ୍ୟ ଜୀବନଟିଏ ବଞ୍ଚିଥାଏ । ଯେତେବେଳେ ବ୍ୟକ୍ତି ଭିତରେ ସାଧନା ଆରମ୍ଭ ହୁଏ, ତା'ର

ଆନ୍ତର ଚେତନା ଖୋଲିଯାଏ । ସେ ନିଜ ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୁଏ । ତା'ର ନୂତନ ଅନୁଭୂତିମାନ ଆସେ । ଆରମ୍ଭରେ ଆନ୍ତର ଚେତନା ସ୍ୱପ୍ନ ଭଳି ଲାଗେ ଏବଂ ବାହ୍ୟ ଚେତନା ବାସ୍ତବ ଲାଗେ । ପରବର୍ତ୍ତୀ ସମୟରେ ଅନେକଙ୍କ ପାଇଁ ଆନ୍ତର ଚେତନା ବାସ୍ତବ ହୋଇଉଠେ ଏବଂ ବାହ୍ୟ ଚେତନା ସ୍ୱପ୍ନ ପାଲଟି ଯାଏ । ...'' ❑

ସୂର୍ଯ୍ୟ ମେଘ ଉପରେ କ୍ରିୟା କଲା ପରି ଆମର ମୃଦୁ ହାସ୍ୟ ଅସୁବିଧାଗୁଡ଼ିକ ଉପରେ ମଧ୍ୟ ସମାନ କାର୍ଯ୍ୟ କରିଥାଏ । ତାହା ସେଗୁଡ଼ିକୁ ଘଉଡ଼ାଇ ଦିଏ ।

(CWM Vol. 14, p. 177) — ଶ୍ରୀମା

## ଊନବିଂଶତିତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୪

ଆସନ୍ତା **୦୨.୧୧.୨୪ ରୁ ୦୩.୧୧.୨୪** ତାରିଖ (ଶନିବାର ଓ ରବିବାର) ଦୁଇଦିନ ବ୍ୟାପୀ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରସ୍ଥିତ 'ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର' ପରିସରରେ ଊନବିଂଶତିତମ ''ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୪'' ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରୀଅରବିନ୍ଦ ପାଠଚକ୍ର ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଆଗ୍ରହୀ ୧୨ ବର୍ଷରୁ ୧୯ ବର୍ଷ ବୟସ ମଧ୍ୟରେ ଥିବା କିଶୋରୀ ଓ ବାଳିକାମାନେ ଯୋଗ ଦେଇପାରିବେ । ଏହି ସମ୍ମିଳନୀରେ ମୁଖ୍ୟତଃ ଜୀବନର ଯଥାର୍ଥ ଲକ୍ଷ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ତଥା ବାଳିକାମାନଙ୍କ ଜୀବନର ସର୍ବାଙ୍ଗୀଣ ବିକାଶ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯିବ । ପ୍ରତିନିଧିମାନେ ସେମାନଙ୍କର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଓ ଶୀତବସ୍ତ୍ର ଆଣିବା ସହ ସମ୍ମିଳନୀର ଶେଷ ପର୍ଯ୍ୟନ୍ତ ରହିବାକୁ ଅନୁରୋଧ । ଏ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ନିବେଦକ
ରାଜଗାଙ୍ଗପୁର ପାଠଚକ୍ରର ସଦସ୍ୟବୃନ୍ଦ

ଯୋଗାଯୋଗ :
ବେଲାରାଣୀ ଶତପଥି - ୯୪୩୭୭୬୮୧୦୪; ଅଞ୍ଜନା ବେହୁରା - ୮୯୧୭୨୯୯୪୪୨;
ଅଜିତ ବେହୁରା - ୯୦୭୮୯୭୫୧୬୬; ନମିତା ନାୟକ - ୮୮୯୫୨୦୮୨୨୮;
ରାମଚନ୍ଦ୍ର ବେହେରା - ୭୦୦୮୩୯୫୮୪୯; ଦୀନବନ୍ଧୁ ସେନାପତି (ଅଧ୍ୟକ୍ଷ) - ୭୦୦୮୨୬୮୨୧୬;
ମଧୁସ୍ମିତା ଷଡ଼ଙ୍ଗୀ - ୭୯୭୮୯୧୪୧୭୩; ତାପସ କୁମାର ବାବୁ - ୭୯୭୮୬୬୮୮୬୭

# ‘କାୟେନ ବାଚା ମନସା’

## ନଳିନୀକାନ୍ତ ଗୁପ୍ତ

ଆମ ଆଧାରକୁ ଶୁଦ୍ଧ କରିବାକୁ ହେବ ‘କାୟେନ ବାଚା ମନସା’ । ପ୍ରଥମେ ଯାହା ଦରକାର, ସେଇଟି ହେଉଛି ଶରୀରର ଅଶୁଦ୍ଧ କ୍ରିୟାସବୁକୁ ପରିତ୍ୟାଗ କରିବା । ଅସତ୍ୟ-ପ୍ରତିଷ୍ଠ, ଅଜ୍ଞାନ ହେତୁ ଯେଉଁସବୁ ବାହ୍ୟିକ କର୍ମରେ ଶରୀର ଆମର ଅଭ୍ୟସ୍ତ ଥାଏ, ସର୍ବାଦୌ ସେସବୁକୁ ବନ୍ଦ କରିବା । ଦେହର ସ୍ନାୟୁ, ପେଶୀ ଆଦିର ବାହାର ଆଡ଼କୁ ଝୁଙ୍କ ହେତୁ ସେଗୁଡ଼ିକ ଗତାନୁଗତିକ ପ୍ରାକୃତ ପ୍ରଭାବର ଚାପରେ ଆଗେଇ ଯିବାକୁ ଚାହେଁ; ସେଗୁଡ଼ିକୁ ସଂବୃତ, ସଂଯତ, ସ୍ତବ୍ଧ କରି ରଖିବାକୁ ହେବ । ଏହାକୁ କୁହାଯାଏ ପ୍ରତ୍ୟାହାର, ଏଇ ସ୍ଥୂଳ ପ୍ରତ୍ୟାହାରରୁ କାର୍ଯ୍ୟ ଆରମ୍ଭ କରିବାକୁ ହେବ; ସାଧନାର ଏହାହିଁ ପ୍ରଥମ ସୋପାନ ।

ତତ୍ପରେ ଆବଶ୍ୟକ ବାକ୍ୟର ରୋଧ । କାର୍ଯ୍ୟକ୍ରମ ବନ୍ଦ ହେବା ମାତ୍ରେ ମୁହଁରେ କଥା ଫୁଟି ଉଠିବାକୁ ଚାହେଁ । ଅନ୍ୟାନ୍ୟ ପେଶୀ ତଥା ସ୍ନାୟୁର ପ୍ରାକୃତ ଛନ୍ଦ ଆସି ରସନାରେ ଜମା ହେବାକୁ ଲାଗେ, ଫଳରେ କର୍ମର ମାଳିନ୍ୟ ବାକ୍ୟ ଦେଇ ବାହାରିବାକୁ ଚେଷ୍ଟା କରେ । ବାସ୍ତବରେ ଯାହା କରିବାକୁ ଚାହୁଁନା, ଯାହା କାମରେ ପ୍ରକଟ କରୁ ବା କରି ପାରୁନା, କଥାରେ ତାକୁ ବେଶ ବଦଳାଇ ପ୍ରକାଶ କରିଦେଉ, ଭାଷାରେ ସେଇ ଜିନିଷକୁ ନେଇ ଖେଳୁ, ତାମସା କରୁ । ଯେଉଁ ପ୍ରକୃତ ଆନନ୍ଦ ବାସ୍ତବରେ ଉପଭୋଗ କରୁନା, କଥାର ପ୍ରତିଚ୍ଛାୟା ଗଢ଼ି ତାହାର ରସଗ୍ରହଣ କରିଥାଉ,– ସୁତରାଂ ବାକ୍ୟର ସ୍ତବ୍ଧତା ହେଉଛି ସାଧନାର ଦ୍ୱିତୀୟ ସୋପାନ ।

ଶରୀର ସଂଯତ, ବାକ୍ୟ ଶୁଦ୍ଧ କଥାବାର୍ତ୍ତାରେ ସ୍ତବ୍ଧତା ନେଇ ଆସିଲେ ବି ମନରେ ବିକ୍ଷୋଭ ରହିଯାଏ । ଚିନ୍ତାରେ, ଭାବନାରେ ଖେଳୁଥାଏ ସେଇସବୁ ଭାବ, ଯାହାକୁ କାର୍ଯ୍ୟରେ, ଭାଷାରେ ବ୍ୟକ୍ତ କରି ପାରନା – ସେଇସବୁକୁ କଳ୍ପନାରେ ଉପଭୋଗ କରୁ । ସେଗୁଡ଼ିକୁ ମନରୁ ବହିଷ୍କାର କରି ମନକୁ ପରିଚ୍ଛନ୍ନ କରିବାକୁ ହେବ, ଯାହା ଫଳରେ ମନରୁ ମଧ୍ୟ ଦୁଷ୍ଟଗତିର ତରଙ୍ଗ ଚାଲିଯିବ । ମନ ହେବ ପ୍ରଶାନ୍ତ, ନିର୍ମଳ – ଏହା ସାଧନାର ତୃତୀୟ ସୋପାନ ।

ଏସବୁରେ ସିଦ୍ଧି ଆସିଲେ, ତା’ପରେ ଯାଇ ଉପରୁ ଅବତରଣ କରିବ ଅବା ଅନ୍ତର ମଧ୍ୟରୁ ପ୍ରକଟ ହୋଇପାରିବ ମନରେ, ବାକ୍ୟରେ ଓ ଦେହରେ ଦିବ୍ୟସତ୍ୟର ଜ୍ୟୋତିର୍ମୟ ଅମୋଘ ରୂପାୟଣ ।

(ରଚନାବଳୀ – ୮ର ‘ଆଲୋର ପଥେ’ରୁ ଅନୂଦିତ)

ଅନୁବାଦ : କୃଷ୍ଣାଦେବୀ ❑

ଖୁବ୍ ସ୍ଥିର, ନିଶ୍ଚଳ ରୁହ, ତୁମର ମନ ଓ ତୁମର ହୃଦୟକୁ ଶ୍ରୀଅରବିନ୍ଦ ଓ ମୋ ପ୍ରଭାବ ପ୍ରତି ଉନ୍ମୁକ୍ତ ରଖ, ଗଭୀର ଭାବେ ଏକ ଆନ୍ତର ନୀରବତା (ଯାହାକି ସକଳ ପରିସ୍ଥିତିରେ ଲାଭ କରାଯାଇପାରେ) ମଧ୍ୟକୁ ନିଜକୁ ଅପସରାଇ ନିଅ, ସେହି ନୀରବତାର ଗଭୀରତା ମଧ୍ୟରୁ ମୋତେ ଆବାହନ କର ଏବଂ ତୁମେ ତୁମ ସତ୍ତାର କେନ୍ଦ୍ରରେ ମୋତେ ଉଭା ହୋଇଥିବାର ଦେଖି ପାରିବ ।

– ଶ୍ରୀମା

ପ୍ରଣାମ ନାରୀଶକ୍ତି (୧୮) :

# ରାଣୀ ଆବାକ୍କା ଚାଓଟା

## ସୂର୍ଯ୍ୟକାନ୍ତି ମହାନ୍ତି

ଦେଶପ୍ରେମୀ ତଥା ଯୋଦ୍ଧ୍ରୀ ରାଣୀ ଲକ୍ଷ୍ମୀବାଈଙ୍କ ସୁଶାସନର ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଅନ୍ୟ ଜଣେ ବୀରାଙ୍ଗନା ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ଉପନିବେଶବାଦୀ ଶତ୍ରୁ ସହ ଦୀର୍ଘ କୋଡ଼ିଏ ବର୍ଷ ଧରି ଯୁଦ୍ଧରେ ଲାଗି ରହି ସେମାନଙ୍କୁ ବାରଂବାର ପରାଜିତ କରୁଥିଲେ । ଏହି ମହାନ୍ ଭାରତୀୟ ସୁକନ୍ୟା ଆବାକ୍କା ଚାଓଟାଙ୍କର ଜନ୍ମ ହୋଇଥିଲା ଦକ୍ଷିଣ ଭାରତର ଟୁଲୁନାଡୁର ଟୁଲୁଭା ସମ୍ପ୍ରଦାୟର ଚାଓଟା ରାଜବଂଶରେ । ତାଙ୍କର ଜନ୍ମ ତାରିଖ ଠିକ୍ ଭାବରେ ଉପଲବ୍ଧ ହେଉ ନଥିଲେ ମଧ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ସେ ପର୍ତ୍ତୁଗୀଜଙ୍କ ସହିତ ଯୁଦ୍ଧ କରିଥିଲେ ଏବଂ ତାଙ୍କର ଶାସନ କାଳ ୧୫୨୫ ମସିହାରୁ ୧୫୭୦ ମସିହା ପର୍ଯ୍ୟନ୍ତ ଥିଲା ।

ସେ ସମୟରେ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ଟୁଲୁନାଡୁ ଭାବରେ ପରିଚିତ ଥିଲା । ଏହାର ରାଜଧାନୀ ଥିଲା ପୁଟିଜେ ଏବଂ ସମୃଦ୍ଧ ବନ୍ଦର ଉଲ୍ଲାଲ ସହର ଥିଲା ଏହାର ଅତିରିକ୍ତ ରାଜଧାନୀ । ଏଠାରେ ଚାଓଟା ରାଜା ତିରୁମାଲା ରାୟା ତୃତୀୟ ଶାସନ କରୁଥିଲେ । ଟୁଲୁଭା ରାଜାମାନଙ୍କୁ ଚାଓଟା କୁହାଯାଉଥିଲା । ଏହି ଚାଓଟାମାନେ ଜୈନ ଧର୍ମାବଲମ୍ବୀ ଥିଲେ । ଏମାନେ ମାତୃବଂଶୀୟ ଉତ୍ତରାଧିକାର ସୂତ୍ରକୁ ଅନୁସରଣ କରୁଥିଲେ । ଅର୍ଥାତ୍, ଏମାନେ ମାତୃବଂଶର ସମ୍ପତ୍ତିର ଦାୟାଦ ବା ଅଧିକାରୀ ଥିଲେ । ତିରୁମାଲା ରାୟା ଥିଲେ ଆବାକ୍କାଙ୍କର ମାମୁଁ । ସେ ଆବାକ୍କାଙ୍କୁ ଉଲ୍ଲାଲର ରାଣୀ ଭାବରେ ୧୫୨୫ ମସିହାରେ ଅଭିଷିକ୍ତ କରିଥିଲେ ତଥା ବିଭିନ୍ନ ସାମରିକ କଳା ଓ କୌଶଳ ଶିକ୍ଷା ଦେଇଥିଲେ । ମାମୁଁ ମଧ ଆବାକ୍କାଙ୍କୁ ବାଙ୍ଗାରାଜା ଲକ୍ଷ୍ମାପ୍ପା ଆରସା ଦ୍ୱିତୀୟଙ୍କ ସହ ବିବାହ କରାଇଥିଲେ । ମାତ୍ର ତାଙ୍କର ଏହି ବିବାହ କ୍ଷଣସ୍ଥାୟୀ ଥିଲା ଏବଂ ଆବାକ୍କା ଉଲ୍ଲାଲକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏଥିରେ ତାଙ୍କର ସ୍ୱାମୀ ପ୍ରତିଶୋଧପରାୟଣ ହୋଇଥିଲେ ଏବଂ ପରେ ପର୍ତ୍ତୁଗୀଜଙ୍କ ସହ ମିଳିତ ହୋଇ ଆବାକ୍କାଙ୍କ ବିରୋଧରେ ଯୁଦ୍ଧରେ ସହଯୋଗ କରିଥିଲେ ।

ଷୋଡ଼ଶ ଶତାବ୍ଦୀର ଦୁଇ ଦଶକ ମଧ୍ୟରେ ପର୍ତ୍ତୁଗୀଜମାନେ ଗୋଆକୁ ଅଧିକାର କରିବା ପରେ ଦକ୍ଷିଣ ଭାରତର ରାଜ୍ୟ ସମୂହ ଏବଂ ଉପକୂଳ ଅଞ୍ଚଳକୁ ଅଧିକାର ଉଦ୍ଦେଶ୍ୟରେ ଅଗ୍ରସର ହେଲେ । ସେମାନେ ପ୍ରଥମେ ଦକ୍ଷିଣ କନ୍ନଡ଼ ଉପକୂଳକୁ ୧୫୨୫ ମସିହାରେ ଆକ୍ରମଣ କରି ମାଙ୍ଗାଲୋର ବନ୍ଦର ଧ୍ୱଂସ କରି ଦେଲେ । ଉଲ୍ଲାଲ ଏକ ସମୃଦ୍ଧଶାଳୀ ବନ୍ଦର ଥିଲା । ବିଭିନ୍ନ ସୁଗନ୍ଧିତ ମସଲା ବ୍ୟବସାୟର ଏହା ପେଣ୍ଠସ୍ଥଳୀ ଥିଲା । ଏଠାରୁ ଆରବ ଦେଶ ସମୂହ ଏବଂ ଅନ୍ୟ ଦେଶଗୁଡ଼ିକୁ ମସଲା ରପ୍ତାନୀ ହେଉଥିଲା । ଏହି ବନ୍ଦର ଏକ ଲାଭଜନକ ବ୍ୟବସାୟ କେନ୍ଦ୍ର ଥିବାରୁ ଏହାକୁ ନିଜ ଅକ୍ତିଆରକୁ ଆଣିବାକୁ ପର୍ତ୍ତୁଗୀଜ, ଡଚ୍ ଓ ବ୍ରିଟିଶ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ମାତ୍ର ସେମାନେ ବହୁତ ଦୂର ଆଗେଇପାରି ନଥିଲେ । କାରଣ, ଆଞ୍ଚଳିକ ଶାସକମାନେ ନିଜ ନିଜର ଧାର୍ମିକ ଓ ଜାତୀୟ ବିବିଧତା ସତ୍ତ୍ୱେ ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ କରି ବହିଃ ଶତ୍ରୁମାନଙ୍କର ଘୋର ପ୍ରତିରୋଧ କରିଥିଲେ ।

ତେବେ ରାଣୀ ଆବାକ୍କାଙ୍କ ଶାସନରେ ଜୈନ, ହିନ୍ଦୁ ଏବଂ ମୁସଲମାନମାନେ ପ୍ରତିନିଧିତ୍ୱ କରୁଥିଲେ । ଐତିହାସିକ ଗବେଷଣାରୁ ଜଣାଯାଏ ଯେ ତାଙ୍କ ଶାସନ କାଳରେ ବେରୀ (Beary) ନାମକ ଏକ ମୁସଲମାନ ସମ୍ପ୍ରଦାୟର ଲୋକମାନେ ବଡ଼ ବଡ଼ ପଥର କାମରେ ନିୟୋଜିତ ହୋଇଥିଲେ ଏବଂ ନୌବାହିନୀରେ ମଧ କାର୍ଯ୍ୟ କରୁଥିଲେ । ରାଣୀ ବ୍ୟକ୍ତିଗତ ଭାବରେ ମାଲାଲିରେ ଥିବା ନଦୀବନ୍ଧ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ । ତାଙ୍କର ସେନାବାହିନୀ ଗଠିତ ହୋଇଥିଲା ବିଭିନ୍ନ ଧାର୍ମିକ ସମ୍ପ୍ରଦାୟର ଲୋକଙ୍କୁ ନେଇ । ଏପରିକି କାଲିକଟ୍‌ର ଜାମୋରିନ୍ ଶାସକଙ୍କ ସହ ରାଣୀଙ୍କର ରାଜନୈତିକ ବନ୍ଧୁତ୍ୱ ମଧ ଥିଲା । ସେମାନେ ଉଭୟ ମିଶି ପର୍ତ୍ତୁଗୀଜଙ୍କୁ ଦୂରେଇ ରଖି ପାରିଥିଲେ ।

ବୈବାହିକ ସମ୍ପର୍କ ରଖି ଆଞ୍ଚଳିକ ରାଜାମାନେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣାରେ ଶକ୍ତିଶାଳୀ ହୋଇଥିଲେ । ରାଣୀ ମଧ ଅନ୍ୟ ଜଣେ ଶକ୍ତିଶାଳୀ ରାଜା ଭେଙ୍କଟାପ୍ପା ନାୟକାଙ୍କଠାରୁ ସହଯୋଗ ଲାଭ କରି ପର୍ତ୍ତୁଗୀଜମାନଙ୍କୁ ଉପେକ୍ଷା କରୁଥିଲେ ।

ତେବେ ରାଣୀଙ୍କର ସାମରିକ କୌଶଳରେ ବାରଂବାର ପରାଜିତ ପର୍ତ୍ତୁଗୀଜମାନେ ବିଚଳିତ ହୋଇ ଦାବି କରିଥିଲେ ଯେ ଆବାକ୍କା ସେମାନଙ୍କୁ ଚୁକ୍ତିବଦ୍ଧ ନିର୍ଦ୍ଧାରିତ ଆର୍ଥିକ ଦେୟ ପ୍ରଦାନ କରିବେ । ମାତ୍ର ରାଣୀ ଏହା ଗ୍ରହଣ କଲେ ନାହିଁ । ଏହା ପରେ ୧୫୫୫ ମସିହାରେ ପର୍ତ୍ତୁଗୀଜମାନେ ଆଡ଼ମିରାଲ ଡୋମ୍ ଆଲ୍‌ଭାରୋ ଦା ସିଲ୍‌ଭେରା (Admiral Dom Alvaro da Silveira)ଙ୍କ ନେତୃତ୍ୱରେ ଉଲ୍ଲାଲ ଆକ୍ରମଣ କଲେ । ମାତ୍ର ଆବାକ୍କା ଏହି ଆକ୍ରମଣକୁ ଦୃଢ଼ ଭାବରେ ପ୍ରତିହତ କରି ନିଜ ରାଜ୍ୟକୁ ସୁରକ୍ଷିତ ରଖିଲେ । ୧୫୫୭ ମସିହାରେ ପର୍ତ୍ତୁଗୀଜମାନେ ମାଙ୍ଗାଲୋରକୁ ପୂରା ମାତ୍ରାରେ ଲୁଣ୍ଠନ କଲେ । ଏହାପରେ ୧୫୬୮ ମସିହାରେ ସେମାନେ ଉଲ୍ଲାଲକୁ ପୁଣିଥରେ ଆକ୍ରମଣ କଲେ । ମାତ୍ର ଆବାକ୍କା ଏଥର ବି ସେମାନଙ୍କୁ ପ୍ରତିରୋଧ କଲେ । ଏଥିରେ ବିଚଳିତ ହୋଇ ପର୍ତ୍ତୁଗୀଜ ଭାଇସ୍‌ରୟ Antonio Noronha ପୁନଶ୍ଚ ଆକ୍ରମଣ ନିମିତ୍ତ ପ୍ରସ୍ତୁତ ହେଲେ । ଏଥର ଜେନେରାଲ Joao Peixoto ଙ୍କୁ କିଛି ସୈନ୍ୟଙ୍କ ସହ ଯୁଦ୍ଧ କରିବା ପାଇଁ ପଠାଗଲା । ଏହି ଯୁଦ୍ଧ ଖୁବ୍ ଭୟାବହ ଥିଲା ଏବଂ କୌଣସିମତେ ଉଲ୍ଲାଲ ନଗରୀକୁ ସେମାନେ ଅଧିକାର କରିବାରେ ସକ୍ଷମ ହେଲେ ଏବଂ ରାଜସଭାରେ ପ୍ରବେଶ କରିବାରୁ ଆବାକ୍କା କୌଣସିମତେ ପଳାୟନ କରିପାରିଥିଲେ । ରାଣୀ ଏକ ମସଜିଦରେ ଆଶ୍ରୟ ନେଇ ସେହି ରାତ୍ରୀରେ ସେ ତାଙ୍କର ପ୍ରାୟ ଦୁଇଶହ ସୈନ୍ୟଙ୍କୁ ଏକତ୍ରିତ କରି ପର୍ତ୍ତୁଗୀଜଙ୍କ ଉପରେ ହଠାତ୍ ଆକ୍ରମଣ କଲେ । ଏହି ଯୁଦ୍ଧରେ General Peixoto ଙ୍କର ମୃତ୍ୟୁ ହେଲା । ସତୁରି ଜଣ ପର୍ତ୍ତୁଗୀଜ ସୈନ୍ୟଙ୍କୁ ବନ୍ଦୀ କରାଗଲା ଏବଂ ସେମାନଙ୍କର ବହୁ ସୈନ୍ୟ ପଛଘୁଞ୍ଚା ଦେଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ପର୍ତ୍ତୁଗୀଜମାନେ ପୁନଃ ଆକ୍ରମଣ କଲେ । ଏଥର Admiral Mascarenhas ଙ୍କୁ ଆବାକ୍କା ଓ ତାଙ୍କର ସେନାବାହିନୀ ହତ୍ୟା କଲେ ଏବଂ ମାଙ୍ଗାଲୋର ଦୁର୍ଗ ଛାଡ଼ିବାକୁ ପର୍ତ୍ତୁଗୀଜମାନଙ୍କୁ ବାଧ୍ୟ କଲେ । ଏହାପରେ ରାଣୀଙ୍କର ବିଚ୍ଛେଦ ହୋଇଥିବା ସ୍ୱାମୀଙ୍କ ସହାୟତାରେ ପୁନଶ୍ଚ ପର୍ତ୍ତୁଗୀଜମାନେ ଆକ୍ରମଣ କଲେ । ଏଥର ମଧ୍ୟ ଭୟଙ୍କର ଯୁଦ୍ଧ ହେଲା । ତଥାପି ଆବାକ୍କା ନିଜ ରାଜ୍ୟକୁ ସୁରକ୍ଷା ଦେଇ ଚାଲିଲେ । ଯେପରି ମନେ ହେଉଥିଲା ରାଣୀ ଆବାକ୍କା ହେଉଛନ୍ତି ଅପରାଜେୟ ।

ସେ ସମୟରେ ବିଜାପୁର ସୁଲତାନ ଏବଂ କାଲିକଟର ଜାମୋରିନ୍ ପର୍ତ୍ତୁଗୀଜଙ୍କୁ ଘୋର ବିରୋଧ କରୁଥିଲେ । ଏଣୁ ରାଣୀ ଏମାନଙ୍କ ସହ କୂଟନୈତିକ ବନ୍ଧୁତା ସ୍ଥାପନ କରି ଅଧିକ ଶକ୍ତିଶାଳୀ ହେଲେ । ପରବର୍ତ୍ତୀ ସମୟରେ ପର୍ତ୍ତୁଗୀଜମାନେ ରାଣୀଙ୍କ ସ୍ୱାମୀଙ୍କ ସହାୟତାରେ ପୁନଶ୍ଚ ଆକ୍ରମଣ କଲେ । ଏଥର ଜାମୋରିନ୍‌ଙ୍କ ସେନାପତି କୁଟ୍ଟି ପୋକର୍ ମାର୍କର (Kutty Pokar Marker) ଆବାକ୍କାଙ୍କ ପକ୍ଷରୁ ଯୁଦ୍ଧ କଲେ ଏବଂ ମାଙ୍ଗାଲୋରରେ ଥିବା ପର୍ତ୍ତୁଗୀଜ ଦୁର୍ଗକୁ ଧ୍ୱଂସ କରିଦେଲେ । ମାତ୍ର ପ୍ରତ୍ୟାବର୍ତ୍ତନ ସମୟରେ ପର୍ତ୍ତୁଗୀଜଙ୍କ ଦ୍ୱାରା ଅତର୍କିତ ଆକ୍ରମଣର ଶୀକାର ହୋଇ ମୃତ୍ୟୁ ବରଣ କଲେ । ଏସବୁ କ୍ଷତି ଓ ସ୍ୱାମୀଙ୍କର ବିଶ୍ୱାସଘାତକତା ପାଇଁ ଆବାକ୍କା ବିଜୟର ଦ୍ୱାର ଦେଶରେ ଥାଇ ମଧ୍ୟ ପରାଜୟ ବରଣ କଲେ ଏବଂ ବନ୍ଦୀ ହେଲେ । କାରାଗାର ମଧ୍ୟରେ ବି ସେ ବିଦ୍ରୋହ କରି ଲଢ଼େଇ କରିବା ଅବସ୍ଥାରେ ୧୫୭୦ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ବିଶ୍ୱାସଘାତକତା ହୋଇ ନଥିଲେ ରାଣୀ ଆବାକ୍କା ହୁଏତ ହୋଇ ପାରିଥା'ନ୍ତେ ଆଜୀବନ ଅପରାଜିତା ଏବଂ ନିଜ ରାଜ୍ୟ ହୋଇଥା'ନ୍ତା ଅପରାଜେୟ !

ଇତିହାସ କହେ ଯେ ରାଣୀ ଆବାକ୍କାଙ୍କର ଲୋକପ୍ରିୟତା ଥିଲା ଶୀର୍ଷରେ । ଏବେ ବି ସେ ଜନଶ୍ରୁତି ଓ ଲୋକକଥାରେ ଏକ ଅଂଶ ଭାବରେ ଜୀବିତ ଅଛନ୍ତି । ପିଢ଼ି ପରେ ପିଢ଼ି ରାଣୀଙ୍କ ଜୀବନ କାହାଣୀ, ଲୋକ ସଙ୍ଗୀତ ଓ ଯକ୍ଷଗାନ ମାଧ୍ୟମରେ ଗାନ କରୁଛନ୍ତି । ଯକ୍ଷଗାନ ହେଉଛି ଟୁଲୁନାଡୁର ଜନପ୍ରିୟ ଲୋକନାଟକ । ଏପରିକି ଟୁଲୁଭା ବିଶ୍ୱାସ ଅନୁଯାୟୀ କିଛି ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ସମ୍ମୋହନ ଅବସ୍ଥାରେ ଆବାକ୍କା ଚାଓଟାଙ୍କର ଜନହିତକର କର୍ମସମୂହକୁ ନାଟକ ମାଧ୍ୟମରେ ସ୍ମରଣ କରାଇ ଦିଅନ୍ତି ।

ବିଭିନ୍ନ ତଥ୍ୟରୁ ଜଣାଯାଏ ଯେ ରାଣୀ ଆବାକ୍କା ଦେଖିବାକୁ ଥିଲେ ଖୁବ୍ ସୁନ୍ଦରୀ ଏବଂ ତାଙ୍କର ପୋଷାକ ପରିପାଟୀ ଥିଲା ସାଧାରଣ ଜନତାଙ୍କର ପୋଷାକ ପରି ସରଳ, ନିରାଡ଼ମ୍ବର । ସେ ଥିଲେ ଜଣେ ପ୍ରଜାବତ୍ସଳ ରାଣୀ, ଯେ ଲୋକମାନଙ୍କୁ ନ୍ୟାୟପ୍ରଦାନ କରିବା ପାଇଁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । କିଂବଦନ୍ତୀ ଅନୁଯାୟୀ ପର୍ତ୍ତୁଗୀଜଙ୍କ ବିରୋଧରେ ଯୁଦ୍ଧ କରିବାରେ, ଆଗ୍ନେୟ ଶର ବ୍ୟବହାର କରିବାରେ ଆବାକ୍କା ଥିଲେ ସର୍ବଶେଷ ଶାସକ । କେତେକ ତଥ୍ୟ ଅନୁଯାୟୀ ରାଣୀଙ୍କ ପରି ତାଙ୍କର ଦୁଇ କନ୍ୟା ମଧ୍ୟ ନିର୍ଭୀକ ଓ ସାହସୀ ଥିଲେ; ଯେଉଁମାନେ ପର୍ତ୍ତୁଗୀଜଙ୍କ ସହ ଯୁଦ୍ଧ ସମୟରେ ମା'ଙ୍କ ପାଖେ ପାଖେ ରହୁଥିଲେ ।

ରାଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନିଜ ସହର ଉଲ୍ଲାଲରେ 'ବୀରା ରାଣୀ ଆବାକ୍କା ଉତ୍ସବ' ନାମରେ ଏକ ବାର୍ଷିକ ସମାରୋହ ପାଳନ କରାଯାଏ । ଏଥିରେ ବିଖ୍ୟାତ ନାରୀମାନଙ୍କୁ ସମାଜରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ 'ବୀରାରାଣୀ ଆବାକ୍କା ପ୍ରଶସ୍ତି' ନାମରେ ପୁରସ୍କାର ପ୍ରଦାନ କରାଯାଇଥାଏ ।

୨୦୧୮-୧୯ ବର୍ଷ ପାଇଁ ଡ. ସନ୍ଧ୍ୟାପାଇଙ୍କୁ ତାଙ୍କର ସାହିତ୍ୟିକ କୃତି ପାଇଁ ଏବଂ ଊର୍ମିଳା ରମେଶ କୁମାରଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି ।

୨୦୦୩ ମସିହା ଜାନୁଆରୀ ୧୫ ତାରିଖରେ ଭାରତ ସରକାରଙ୍କ ଡାକ ବିଭାଗ ଆବାକ୍କାଙ୍କ ନାମରେ ଏକ ସ୍ୱତନ୍ତ୍ର ଲଫାପା (special cover) ପ୍ରଚଳନ କରିଥିଲେ ଏବଂ ୨୦୨୩ ମସିହା ଡିସେମ୍ବର ୧୫ ତାରିଖରେ ତାଙ୍କ ଫଟୋ ଥିବା ୫ଟଙ୍କା ମୂଲ୍ୟ (denomination)ର ଏକ ସ୍ମାରକ (commemorative) ଡାକ ଟିକଟ ପ୍ରକାଶ କରିଥିଲେ । ଉଲ୍ଲାଲ ଓ ବାଙ୍ଗାଲୋରରେ ରାଣୀଙ୍କର ଦୁଇଟି ପ୍ରତିମୂର୍ତ୍ତି ବ୍ରୋଞ୍ଜରେ ନିର୍ମିତ ହୋଇଛି । 'ଅମର ଚିତ୍ର କଥା' ନାମକ ଏକ ପୁସ୍ତକ ପ୍ରକାଶ କରାଯାଇଛି, ଯାହାର ନାମ – 'Rani Abbakka – The Queen Who Knew no Fear.' । ବାଙ୍ଗାଲୋରରେ ଥିବା "The Queen's Road"କୁ 'Rani Abbakka Devi Road' ଭାବରେ ପୁନଃ ନାମିତ କରିବାକୁ କର୍ଣ୍ଣାଟକ ଇତିହାସ ଏକାଡ଼େମୀ ସରକାରଙ୍କ ନିକଟରେ ଦାବି କରିଛି । D. D. National ର ଟି. ଭି. ସିରିଜ୍ 'ସ୍ୱରାଜ'ରେ ରାଣୀ ଆବାକ୍କା ଭାବରେ ଅଭିନେତ୍ରୀ ବରଖା ସେନଗୁପ୍ତା ଅଭିନୟ କରିଛନ୍ତି । ଭାରତୀୟ ରେଳ ବିଭାଗର ଏକ Locomotive Engine କୁ ରାଣୀ ଆବାକ୍କା ଚାଓଟାଙ୍କ ନାମରେ ଉତ୍ସର୍ଗ କରାଯାଇଛି । ହିନ୍ଦୁସ୍ଥାନ ସିପ୍‌ୟାର୍ଡ଼ରେ ନିର୍ମିତ The Indian Coast Guard Ship ର ଏକ ଗାର୍ଡ଼ ଜାହାଜ 'Abbakka Mahadevi' ନାମରେ ନାମିତ ହୋଇ ୨୦୧୨ ମସିହା ଜାନୁଆରୀ ୨୦ ତାରିଖରେ ବିଶାଖାପାଟନମ୍‌ରେ ଲୋକାର୍ପଣ କରାଯାଇଛି ।

ସମର କଳାରେ ନିପୁଣା ଏହି ବିଚକ୍ଷଣ ଯୋଦ୍ଧ୍ରୀ ରାଣୀଙ୍କର ସାହସିକତା, କୂଟନୀତି ଓ ଅସୀମ ଶୌର୍ଯ୍ୟରେ ପର୍ତ୍ତୁଗୀଜମାନେ ହେଉଥିଲେ ବିସ୍ମିତ । ସୁଶାସନର ସ୍ୱର୍ଣ୍ଣିମ ରାଜସିଂହାସନରେ ଉପବିଷ୍ଟା ଏବଂ ବିଜୟର ରଣଭୂମିରେ ସଦା ସଂଗ୍ରାମରତା ରାଣୀ ଆବାକ୍କାଙ୍କର ଗୌରବମୟ ଜୀବନ କାହାଣୀ ଭାରତ ଇତିହାସ ପୃଷ୍ଠାରେ ରହିଛି ଚିର ଜାଜ୍ୱଲ୍ୟମାନ ।

ହେ ମହନୀୟ ଆତ୍ମା, ହେ ଭାରତ ମାଟିର ଯୋଦ୍ଧୃକନ୍ୟା, ହେ ବୀରାଙ୍ଗନା ଆବାକ୍କା ! ଆପଣଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ । ❑

*ପ୍ରଶ୍ନ : ମଧୁମୟୀ ମାଆ, ଆପଣ ଆମ ଲାଗି ଶୃଙ୍ଖଳା ସମ୍ବନ୍ଧରେ ଦୁଇପଦ ଲେଖିଦେବେ କି ?*

**ଶ୍ରୀମା** : ଶାରୀରିକ ଜୀବନର କ୍ଷେତ୍ରରେ ଶୃଙ୍ଖଳା ଅପରିହାର୍ଯ୍ୟ । ଶରୀରର ଅଙ୍ଗପ୍ରତ୍ୟଙ୍ଗ ଯେପରି ଉଚିତ ଭାବରେ କାର୍ଯ୍ୟ କରିପାରିବ, ତାହା ହେଉଛି ଶୃଙ୍ଖଳାର ଏକ ଅଙ୍ଗ । ଏବଂ ଯେତେବେଳେ ଶରୀରର କୌଣସି ଅବୟବ ବା ଅଙ୍ଗ ଶରୀରର ସାଧାରଣ ଶୃଙ୍ଖଳାଟିକୁ ମାନିବାକୁ ଅସମ୍ମତି ପ୍ରକାଶ କରେ, ଆମେ ସେତିକିବେଳେହିଁ ଅସୁସ୍ଥତା ଭୋଗ କରୁ ।

ଅଗ୍ରଗତି ଲାଗି ଶୃଙ୍ଖଳା ଅପରିହାର୍ଯ୍ୟ । ନିଜକୁ ଏକ କଠିନ ଏବଂ ଜ୍ଞାନସମ୍ପନ୍ନ ଶୃଙ୍ଖଳା ମଧ୍ୟରେ ପକାଇ ପାରିଲେ ଯାଇ ଆମେ ଅନ୍ୟମାନଙ୍କର ଶୃଙ୍ଖଳା ମଧ୍ୟରୁ ନିଜକୁ ମୁକ୍ତ କରି ଆଣି ପାରିବା ।

ପରମ ଦିବ୍ୟସତ୍ତାଙ୍କ ପାଖରେ ଆପଣାକୁ ସମଗ୍ର ଓ ସମ୍ପୂର୍ଣ୍ଣଭାବରେ ସମର୍ପିତ କରି ରଖିବା ଏବଂ ଆପଣାର ଅନୁଭବ ଅଥବା କ୍ରିୟାଶୀଳତା ଭିତରେ ଆଉ ଅନ୍ୟ କୌଣସି କିଛିକୁ ପ୍ରବେଶ କରିବାକୁ ନଦେବା,– ତାହାହିଁ ହେଉଛି ସର୍ବୋଚ୍ଚ ଶୃଙ୍ଖଳା । ଏହି ସମର୍ପଣଟି ମଧ୍ୟରୁ ଆମେ କୌଣସିଟିକୁ ବି କେବେ ବାଦ୍ ଦେବା ନାହିଁ, – ତାହାହିଁ ହେଉଛି ସର୍ବୋଚ୍ଚ ଶୃଙ୍ଖଳା, ସବୁଠାରୁ କଠିନ ଶୃଙ୍ଖଳା ।

*୧୭ ଫେବ୍ରୁଆରୀ, ୧୯୭୨*

# ସଂଖ୍ୟା ୧୩ : କେତେ ଅଶୁଭ କେତେ ଅଦ୍ଭୁତ

## ଧର୍ମକୁମାର ଶତପଥି

ଆଜି ଛୁଟି ଦିନ । ମାତ୍ର ରବିବାର ନୁହେଁ । ସକାଳୁ ସକାଳୁ କେମିତି ଏକ ଉଦାସ, ଅବଶ ଭାବ ମୋ ମନକୁ ଆବୋରି ବସିଛି । କୌଣସି କିଛିକୁ ଇଚ୍ଛା ବା ଆଗ୍ରହ ରହୁ ନାହିଁ । ଏକ ବିଷଣ୍ଣ ବିମର୍ଷତା । ମଝିରେ ମଝିରେ ଏମିତି ଭାବ ଆସିଲେ ମୁଁ ରାଧାନାଥଙ୍କ 'ଚିଲିକା' ଅଥବା ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟକୁ ପଢ଼ିବସେ । ମାତ୍ର ଆଜି ସେଆଡ଼କୁ ମଧ ରୁଚି ଯାଉ ନାହିଁ । କ'ଣ କରିବି ? – ଭାବିହେଲି ।

ପାଇଗଲି ! ଠିକ୍ ମନେ ହେଲା, ଝିଅକୁ ଡାକେ । ତା'ସହ ଗଣିତର କିଛି ଆବୁରୁଜାବୁରୁ ଚର୍ଚ୍ଚା କରିବି । ଝିଅ ତା'ର ପଢ଼ାଘରେ କ'ଣ ଲେଖାଲେଖି କରୁଛି । ଗୋଟିଏ ଡାକରେ ମୋ ପାଖରେ ଆସି ହାଜର ହୋଇଗଲା । ମୋ ଡାକକୁ ସତେ କି ସେ ଅପେକ୍ଷା କରିଥିଲା ! କହିଲା – ''ମୋତେ ଡାକିଲେ, ବାପା ।''

''ହଁ, କ'ଣ କରୁଛୁ ? ମୋ ପାଖକୁ ଖାତା କଲମ ଧରି ଆସିବୁ । ଆଜି ଛୁଟି ଅଛି । ଟିକେ ଗଣିତର ବିଷୟ ଫେଣ୍ଟାଫେଣ୍ଟି କରିବା ।''

ଝିଅ ଆକାଶରୁ ଛିଣ୍ଡିବା ପରି କହିଲା – ''ହଁ, ବାପା, ମୁଁ ତୁମକୁ ଗୋଟିଏ ଗଣିତ କଥା କହିବାକୁ ଟିକେ ଆଗରୁ ଭାବୁଥିଲି । ମାତ୍ର କ'ଣ ବ୍ୟସ୍ତତା ଥିବ ବୋଲି କହିବି - ନକହିବିର ଦ୍ୱନ୍ଦ୍ୱରେ ଥିଲି । ମୁଁ ଖାତା କଲମ ଆଣୁଛି ।'' ସିଏ ଚାଲିଗଲା ।

ବିଜୁଳିର ଝଲକ ବେଗରେ ସିଏ ପୁଣି ହାଜର ହେଲା ମୋ ସାମନାରେ । ଗଣିତ ବିଷୟରେ ମଜା କଥା ପଡ଼ିଲେ ସେ ଯେମିତି ବସନ୍ତ ଋତୁରେ କୋକିଳ ପରି ଚଞ୍ଚଳ ହୋଇଉଠେ । ମୁଁ ଠଉରାଇ ନେଲି । ସେ ବି ମୋ ଠାରୁ କ'ଣ ଶୁଣିବ ଅପେକ୍ଷା କଲା ।

ମୁଁ କହିଲି – ''ଆଜି ମୁଁ ଆଗ ଭଳି ଗଣିତର କୌତୁକ କଥା କହିବି ନାହିଁ । କ'ଣ, ବୁଝିଲୁ ? ଗଣିତର କେତୋଟି ଅଶୁଭ ସଂଖ୍ୟା ବିଷୟରେ କହିବି ।''

''ଅଶୁଭ ସଂଖ୍ୟା ! ଗଣିତରେ ପୁଣି ଅଶୁଭ ସଂଖ୍ୟା ଅଛି, ଶୁଭ ସଂଖ୍ୟା ବି ଅଛି ? ଏହା କେମିତି କଥା, ବାପା !''– ସେ ଓଲଟି ପ୍ରଶ୍ନ କଲା ।

ମୁଁ କହିଲି – ''ଆମର ଧ୍ୟାନ-ଧାରଣାରେ ସଂଖ୍ୟା ଜଗତର କେତୋଟି ସଂଖ୍ୟାକୁ ଅଶୁଭ ବୋଲି ଧରାଯାଏ । ଏହା କିପରି, କାହିଁକି ଓ କେବେଠାରୁ ଆରମ୍ଭ ତାହାର କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲେ ମଧ ଚିରାଚରିତ ଢଙ୍ଗରେ ଏସବୁ ସଂଖ୍ୟାକୁ ଅଶୁଭସୂଚକ ସଂଖ୍ୟାର ମାନ୍ୟତା ଦିଆଯାଏ । ଯେମିତି ଆକାଶରୁ ଉଲ୍‌କା ଖସିଲେ ଅଶୁଭ ବୋଲି ଧରାଯାଏ ଅଥବା ଧୂମକେତୁ ଭଳି ଏକ ଉଜ୍ଜ୍ୱଳ ଜ୍ୟୋତିର୍ପିଣ୍ଡ ଦେଖା ଦେଲେ କେହି ଜଣେ ପ୍ରସିଦ୍ଧ ଲୋକ ବା ନେତାଙ୍କ ମୃତ୍ୟୁ ହେବାର ଆଶଙ୍କା କରାଯାଏ । ତେବେ ଏପରି ଘଟଣାରେ କେତେ ସତ୍ୟତା ରହିଛି ତାହା ଗବେଷଣା ସାପେକ୍ଷ । ସେ ଦିଗକୁ ଆମେ ଯିବା ନାହିଁ । ବୁଝିଲୁ ?''

ଝିଅ ବୋଧହୁଏ କୌଣସି ଏକ ଅଜଣା ଭାବନା ରାଇଜକୁ ଚାଲି ଯାଇଥିଲା । ମୋ ପ୍ରଶ୍ନରେ ସେ ସମ୍ବିତ୍ ପାଇ ପଚାରି ବସିଲା – ''ତେବେ ସେ ଅଶୁଭ ସଂଖ୍ୟା କ'ଣ ?''

ମୁଁ ଆରମ୍ଭ କଲି – ''ଆମେ ଜାଣୁ ଯେ ପ୍ରତ୍ୟେକ ସଂଖ୍ୟାର ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ରହିଛି । ଏହା ଗୋଟିଏ ଦେଶରୁ ଅନ୍ୟ ଦେଶ ମଧରେ ବଦଳେ ନାହିଁ । ଇଏ ଗଣିତର ପାଠ । ମାତ୍ର ପ୍ରତ୍ୟେକ ସଂଖ୍ୟାର ପ୍ରଭାବ ପ୍ରତ୍ୟେକ ଲୋକ ପାଇଁ, ସବୁ ଦେଶ ପାଇଁ କିଂବା ସବୁ ସମୟ ପାଇଁ ସମାନ ହୋଇ ନଥାଏ । ଆମର ବିଶ୍ୱାସରେ କିଛି ସଂଖ୍ୟାର ଭଲ ପ୍ରଭାବ ପଡ଼େ ତ ଆଉ କିଛି ସଂଖ୍ୟାର ଖରାପ ପ୍ରଭାବ ପଡ଼େ । ଏହା ଗଣିତର ପାଠ ନୁହେଁ ବରଂ ବିଶ୍ୱାସର ପାଠ । ଅର୍ଥାତ୍, ଆମର ବିଶ୍ୱାସ ଅନୁସାରେ ତା'ର ପ୍ରଭାବ ପଡ଼େ ।''

ଝିଅର ସେଇ ଅଛିଣ୍ଡା, ଅବୁଝା ଜିଜ୍ଞାସା – ''କିପରି ?''

ମୁଁ କହିଲି – ''ଆମର ନ୍ୟୁମରୋଲୋଜି (Numerology) ବା ସଂଖ୍ୟା ଉପରେ ଥିବା ମଣିଷର ବିଶ୍ୱାସ ଯାହାକୁ ତୁ 'ସଂଖ୍ୟା ଜ୍ଞାନ' କହିପାରୁ, ସେ ବିଷୟରେ ଅଧୟନ ଅଛି । ଅଙ୍କ ଜ୍ୟୋତିଷରେ ଯେଉଁମାନେ ବିଶ୍ୱାସ ରଖନ୍ତି, ସେମାନେ ଏଇ 'ନ୍ୟୁମରୋଲୋଜି' ବିଷୟରେ ପାରଦର୍ଶୀଙ୍କ ପରାମର୍ଶକ୍ରମେ ଜିନିଷ କିଣାବିକା, ଯାନବାହନର ନମ୍ବର କରିବା,

ଲଟେରି ଟିକଟ କିଣିବା ଅଥବା ଶୁଭ ଅଙ୍କର ତାରିଖରେ ନୂଆ ଘର ତିଆରି, ଗୃହ ପ୍ରବେଶ, ଘର ନମ୍ବରୀକରଣ ଇତ୍ୟାଦି କରିଥା'ନ୍ତି । ସେହିପରି କ୍ରିକେଟ ଖେଳାଳୀମାନେ ଶୁଭ ନମ୍ବର କ୍ରମରେ ପଡ଼ିଆକୁ ଓହ୍ଲାଇବା ଅଥବା ଶୁଭ ନମ୍ବର ସୂଚାଉଥିବା ନମ୍ବରଗୁଡ଼ିକର ଜର୍ସି ପିନ୍ଧିଲେ କ୍ରିକେଟରେ ଭଲ ସ୍କୋର (score) କରିବେ ବୋଲି ବିଶ୍ୱାସ ରଖିଥା'ନ୍ତି – ଏହା ଆମର ଏକ ଦେହସୁହା ଅଭ୍ୟାସ ଅଟେ ।

''ହଁ, ହଁ, ବାପା ଏହା ଠିକ୍ କଥା ।''– ଝିଅ ସମର୍ଥନ ଦେଲା ।

ମୁଁ ଏପରି କିଛି ଅଭ୍ୟାସର ଉଦାହରଣ ଦେବାକୁ ଯାଇ କହିଲି – ''ଆମର ଭାରତୀୟମାନେ ୩, ୭, ୯ ଇତ୍ୟାଦିକୁ ଶୁଭ ସଂଖ୍ୟା ବୋଲି ମାନନ୍ତି । କାରଣ ଆମର ଯୁକ୍ତି ହେଲା, ଠାକୁର ପୂଜାରେ ତ୍ରିମୂର୍ତ୍ତି, ଭେଷଜ ଶାସ୍ତ୍ରରେ ତ୍ରିଫଳା, ବିଶ୍ୱ ସୃଷ୍ଟି ସମ୍ପର୍କରେ ତ୍ରିଲୋକ, ତ୍ରିବେଣୀ ଇତ୍ୟାଦି ୩ ସହ ସମ୍ବନ୍ଧିତ ! ପୁଣି ଇନ୍ଦ୍ରଧନୁର ସାତଟି ରଙ୍ଗ, ପୃଥିବୀର ସାତଟି ଆଶ୍ଚର୍ଯ୍ୟ, ସଙ୍ଗୀତର ସାତ ସୁର ଅଥବା ସାତ ସମୁଦ୍ର ଇତ୍ୟାଦି ସାତ ଅଙ୍କ ସହ ସମ୍ପର୍କିତ । ସେହିପରି ନବରସ, ନବଗ୍ରହ, ନବରତ୍ନ, ନବରାତ୍ରୀ ଇତ୍ୟାଦି ୯ ସଂଖ୍ୟା ସହିତ ଜଡ଼ିତ କିଛି ଶୁଭସୂଚକ ଶବ୍ଦ ଆମ ଧର୍ମଶାସ୍ତ୍ରରେ ରହିଛି । କିନ୍ତୁ ଚୀନ ଦେଶର ଲୋକଙ୍କ ବିଶ୍ୱାସରେ ୪ ସଂଖ୍ୟାକୁ ଅଶୁଭ ବିଚାର କରାଯାଏ । ଚୀନାମାନଙ୍କର ବିଶ୍ୱାସ ଯେ ୪କୁ ଉଚ୍ଚାରଣ କଲାବେଳେ ଏହା 'ମୃତ୍ୟୁ'ର ଉଚ୍ଚାରଣ ସହିତ ସମାନ ଅଟେ । ଠିକ୍ ସେହିପରି ଗ୍ରୀସ୍ ଓ ଇଟାଲୀରେ ୧୭ ସଂଖ୍ୟାକୁ ଅଶୁଭ ବିଚାର କରନ୍ତି । ଜାପାନରେ ସଂଖ୍ୟା ୯କୁ ଅଶୁଭ ବୋଲି ଧରାଯାଏ । ଆମେରିକା ଓ ଆମ ଭାରତରେ ୧୩ ସଂଖ୍ୟାକୁ ଅଶୁଭ ବୋଲି ବିବେଚନା କରାଯାଏ । ସେଥିପାଇଁ ଆମେରିକାରେ ଅଟ୍ଟାଳିକାମାନଙ୍କରେ ୧୩ ମହଲା ଘର ନଥାଏ । ଆମ ଭାରତର ଦିଲ୍ଲୀ, ମୁମ୍ବାଇ ଇତ୍ୟାଦି ଘନ ଜନବସତିର ମହାନଗରୀରେ ହୋଟେଲମାନଙ୍କରେ ୧୩ ନମ୍ବର କୋଠରି ନଥାଏ ! ଡାକ୍ତରଖାନାମାନଙ୍କରେ ୧୩ ନମ୍ବର ୱାର୍ଡ଼ କିଂବା ବେଡ୍ ମଧ୍ୟ ରଖାଯାଏ ନାହିଁ । ଉଡ଼ାଜାହାଜରେ ୧୩ ନମ୍ବର ସ୍ଥାନ ମଧ୍ୟ ନଥାଏ ।''

– ''ସତରେ ! ୧୩ ସଂଖ୍ୟାର ଏତେ କୁପ୍ରଭାବ !''– ଝିଅ ଏକ ଦୀର୍ଘଶ୍ୱାସ ଛାଡ଼ି ଆଖି ବଡ଼ ବଡ଼ କରିଦେଲା ।

– ''ଏହାର ପ୍ରଭାବ ଥାଉ କି ନଥାଉ ଆମର ସେମିତି ବିଶ୍ୱାସ ରହିଛି । ଭାରତୀୟ ରାଜନୀତିରେ ଏଇ ୧୩ର ପ୍ରଭାବ ମଧ୍ୟ ବେଶ୍ ରୋଚକ, ବେଶ୍ ମନମତାଣିଆ, ଜାଣିଛୁ ?''– ମୁଁ କହିଲି ।

''ସେଇଟା କ'ଣ ବାପା ?''– ଝିଅର ପୁଣି ସେଇ ରୀତିମତ ଜିଜ୍ଞାସା ।

– ଆମ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଯିଏ 'ଭାରତ ରତ୍ନ' ଉପାଧି ପାଇଛନ୍ତି, ତାଙ୍କ ନେତୃତ୍ୱରେ ପ୍ରଥମ କରି ଏନ୍.ଡ଼ି.ଏ (NDA) ସରକାର ୧୩ ଦିନ ପାଇଁ ତିଷ୍ଠି ପାରିଥିଲା । ପୁଣି ନିର୍ବାଚନ ହେଲା, ଏବଂ ବାଜପେୟୀ ମହାଶୟ ପୁଣି ସରକାର ଗଢ଼ିଲେ । ମାତ୍ର ୧୩ ମାସ ଶାସନ କଲା ପରେ ତାଙ୍କ ସରକାର ଭାଙ୍ଗିଗଲା । ଏହାପରେ ଆମର ବଦ୍ଧମୂଳ ଧାରଣା ହେଲା ଯେ ୧୩ ସଂଖ୍ୟାଟି ବାଜପେୟୀଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ । ମାତ୍ର ପୁଣି ନିର୍ବାଚନ ହେଲା ଓ ବାଜପେୟୀ ମହାଶୟ ସଂଖ୍ୟାଗରିଷ୍ଠତା ପାଇ ପୂରା ସମୟ ସରକାର ଚଳାଇ ତାଙ୍କ ପ୍ରତି ଏଇ ୧୩ ସଂଖ୍ୟା ଅଶୁଭ ନୁହେଁ, ଏହା ପ୍ରମାଣ କଲେ – ମୁଁ କହିଲି ।

''ବାସ୍ତବିକ ରାଜନୀତିର ଏଇ ଉଠାପକା ଖେଳ ବେଶ୍ ରୋଚକ । ଏମିତି ଆଉ କିଛି ପ୍ରମାଣ କହିବ ?'' – ଝିଅ ଆଗକୁ ଖିଅ ଲମ୍ବାଇଲା ।

ମୁଁ କହିଲି – ''ହଁ, ଠିକ୍ ଅନୁରୂପ ଭାବେ ଆଉ ଜଣେ ମହାନ୍ ରାଜନୀତିଜ୍ଞଙ୍କ କଥା ଦେଖିବା । ସେ ହେଲେ ଆମର ପୂର୍ବତନ ରାଷ୍ଟ୍ରପତି ମହାମହିମ ଶ୍ରୀ ପ୍ରଣବ ମୁଖାର୍ଜୀ । ରାଷ୍ଟ୍ରପତି ହେବା ଆଗରୁ ସେ କଂଗ୍ରେସ ପାର୍ଟି ତରଫରୁ ସଂସଦର ସଭ୍ୟ ଥିଲେ । ତାଙ୍କୁ ସାଂସଦ ହିସାବରେ ଦିଲ୍ଲୀର ତାଲକାଟୋରା ରାସ୍ତା (Talkatora Road)ର ୧୩ ନମ୍ବର ସରକାରୀ ବାସଗୃହ ମିଳିଥିଲା । ତାଙ୍କର ଅନେକ ଶୁଭେଚ୍ଛୁ ତାଙ୍କୁ ୧୩ ନମ୍ବର ହେତୁ ସେଠାରେ ରହିବାକୁ ବାରଣ କରିଥିଲେ । ସେ କିନ୍ତୁ ଏ ବାରଣକୁ ମାନିଲେ ନାହିଁ । ରହିଲେ । ଏପରିକି ପରେ ପାର୍ଲିଆମେଣ୍ଟର ୧୩ ନମ୍ବର କୋଠରିକୁ ତାଙ୍କ ଅଫିସ କଲେ । ସେ ସେଠାରୁହିଁ ରାଷ୍ଟ୍ରପତି ହୋଇ ପାରିଥିଲେ । ତେଣୁ ୧୩ ସଂଖ୍ୟାକୁ ଆମେ ଅଶୁଭ କହିପାରିବା କି ?''

ଝିଅ ବଲ ବଲ କରି ଶୁଣି ଯାଉଥିଲା ଏପରି ପୁରୁଣା କଥା ସହିତ ୧୩ ସଂଖ୍ୟାର ଯୋଗାଯୋଗକୁ । ଲକ୍ଷ୍ୟ କଲି ସେ ଗୋଟାପଣେ ନୀରବ ନିଶ୍ଚଳ ହୋଇ ଯାଇଛି । ଖୁବ୍ ନିବିଷ୍ଟ ହୋଇ ମୋ କଥାକୁ ପିଇଯାଉଛି ଯେପରି ।

''ଏଇ ୧୩ ସଂଖ୍ୟାର ପୁଣି ଏକ ଯାଦୁକରୀ ଗୁଣ ଅଛି, ତାକୁ ଜାଣିଲେ ତୁ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବୁ । ମୁଁ ଜାଣେ ।'' – ତା'ର ତନ୍ମୟତା ଭାଙ୍ଗି ମୁଁ ତାକୁ ଯାଦୁକର ଭଙ୍ଗିରେ ଏକ ପ୍ରକାର ଦୃଢ଼ ଆଦେଶ ଦେଲି ।

ସିଏ ସଳଖି ବସିଲା । ପୁଣି ଏକ ଦୀର୍ଘଶ୍ୱାସ ଛାଡ଼ିଲା । ମୁଁ ଠିକ୍ ଠଉରାଇ ନେଲି ।

''କ'ଣ ସେଇ ଯାଦୁକରୀ ଗୁଣ ? କହିବ ।'' – ସେ ପୁଣି ଖିଅ ଧରିଲା ।

ମୁଁ କହିଲି – ''ତୋର ଖାତା କଲମ ଦେଲୁ ।'' ସେ ସଙ୍ଗେ ସଙ୍ଗେ ବଢ଼ାଇ ଦେଲା ତା'ର ଖାତା ଆଉ କଲମ । ମୁଁ ତା' ଖାତାରେ ଲେଖିଲି – ୪୦୯, ୫୦୮, ୫୨୬, ୬୦୭, ୭୦୬, ୭୨୪, ୮୨୩, ୮୦୫, ୯୦୪, ୯୨୨, ୧୦୦୩, ୧୧୦୨ ଓ ୧୨୦୧ । କହିଲି – ''ଏଇ ସଂଖ୍ୟାମାନଙ୍କ ମଧ୍ୟରେ କିଛି ଯାଦୁକରୀ ଦେଖିପାରୁଛୁ ?'' ସେ ଭାଷାରେ ନକହି ସେମିତି ସଂଖ୍ୟାମାନଙ୍କୁ ଦେଖି ଦେଖି ମୁଣ୍ଡକୁ ଏପଟ ସେପଟ ହଲାଇ 'ନାହିଁ'ର ଇସାରା ଦେଲା ।

ମୁଁ କହିଲି – ''ସଂଖ୍ୟା ଜଗତରେ ଏଇ ୧୩ ସଂଖ୍ୟାଟି ବେଶ୍ ମଜାଦାର ! ଏଇ ସଂଖ୍ୟାମାନଙ୍କର ଅଙ୍କମାନଙ୍କୁ ମିଶାଇଲେ ୧୩ ହେଉଛି । ପୁଣି ସେଥିରେ ଯେଉଁ ଯାଦୁ ଲୁକ୍କାୟିତ ଅଛି ତାହା ବେଶ୍ ଆଚମ୍ବିତ କଥା ।''

ଝିଅ ମନେ ମନେ ଗୋଟିଏ ଦୁଇଟି ସଂଖ୍ୟାକୁ ମିଶାଇଲା । ସେମାନଙ୍କର ମିଶାଣଫଳ ୧୩ ହେଉଥିବାରୁ ଚୁପ୍ ରହି ଆଗକୁ କ'ଣ ଆଚମ୍ବିତ ଅଛି ଅପେକ୍ଷା କଲା । ମୁଁ ବୁଝାଇ ଦେଲି –

କ) ୪୦୯→୪+୦+୯=୧୩; ୪୦୯ର ବର୍ଗ = ୪୦୯x୪୦୯=୧୬୭୨୮୧

ଏମାନଙ୍କୁ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା କରି ମିଶାଇଲେ ୧୬+୭୨+୮୧=୧୬୯ → ୧୩ର ବର୍ଗ ।

ଖ) ୫୦୮=୫+୦+୮=୧୩; ୫୦୮ରବର୍ଗ=୫୦୮x୫୦୮=୨୫୮୦୬୪→୨୫+୮୦+୬୪=୧୬୯=୧୩ରବର୍ଗ ।

ଗ) ୫୨୬=୫+୨+୬=୧୩; ୫୨୬ର ବର୍ଗ=୫୨୬x୫୨୬=୨୭୬୬୭୬→୨୭+୬୬+୭୬=୧୬୯=୧୩ର ବର୍ଗ ।

ଘ) ୭୨୪=୭+୨+୪=୧୩; ୭୨୪ର ବର୍ଗ=୭୨୪x୭୨୪=୫୨୪୧୭୬→୫୨+୪୧+୭୬=୧୬୯=୧୩ର ବର୍ଗ ।

ଙ) ୯୨୨=୯+୨+୨=୧୩; ୯୨୨ର ବର୍ଗ=୯୨୨x୯୨୨=୮୫୦୦୮୪→୮୫+୦୦+୮୪=୧୬୯=୧୩ର ବର୍ଗ ।

ଚ)୧୦୦୩=୧୦+୦+୩=୧୩; ୧୦୦୩ର ବର୍ଗ=୧୦୦୩x୧୦୦୩=୧୦୦୬୦୦୯→

୧୦୦+୬୦+୦୯=୧୬୯=୧୩ର ବର୍ଗ ।

ଏଠାରେ ୧, ୬ ଓ ୯ ମଝିରେ କେମିତି ୦୦ ସଜାଇ ହୋଇଛି ।

ଛ) ୧୧୦୨=୧୧+୦+୨=୧୩; ୧୧୦୨ର ବର୍ଗ=୧୧୦୨x୧୧୦୨=୧୨୧୪୪୦୪→

୧୨୧+୪୪+୦୪=୧୬୯=୧୩ର ବର୍ଗ ।

ଜ) ୧୨୦୧=୧୨+୦+୧=୧୩; ୧୨୦୧ର ବର୍ଗ=୧୨୦୧x୧୨୦୧=୧୪୪୨୪୦୧→

୧୪୪+୨୪+୦୧=୧୬୯=୧୩ର ବର୍ଗ ।

ଅବଶିଷ୍ଟ ସଂଖ୍ୟା ୬୦୭, ୭୦୬, ୮୦୫, ୮୨୩ ଓ ୯୦୪ରେ ମଧ୍ୟ ଏହି ଗୁଣ ରହିଛି । ତୁ ପରୀକ୍ଷା କରି ସତ୍ୟତା ଜାଣିପାରିବୁ ।

ଏହି ଅଦ୍ଭୁତ ସଂଖ୍ୟା ୧୩ର କରାମତି ଦେଖି ଝିଅ ଆମର ହଠାତ୍ ତଡ଼ିତ୍ ଶକ୍ତି ପାଇଲା ପରି ଉଜ୍ଜ୍ୱଳି ଉଠିଲା । ସାପୁଆ କେଳା ସାପକୁ ପେଡ଼ି ଭିତରର ଖୋଳଟି ଖୋଲିଦେଇ ଚହଲେଇ ଦେଲେ ସାପଟି ଯେମିତି ଚିହିଁକି ଉଠେ ଓ ଫଣା ଟେକେ, ସେମିତି ହେଲା । ତା'ର ତେଜି ଉଠିଥିବା ଆଶ୍ଚର୍ଯ୍ୟ ଭାବ ମୋ ଠାରେ ମଧ୍ୟ ଶକ୍ତି ସଞ୍ଚାର କଲା । ମୁଁ ମୋର ସେଇ ଉଦାସ ଭାବକୁ କେଉଁଠି ହଜାର ଦେଇଥିଲି ।

କହିଲି – ଆଜି ପାଇଁ ଏତିକି ଥାଉ ଝିଅ । ପୁଣି କେବେ ଏମିତି ସଂଖ୍ୟାର କୌତୁକ କଥା ଆଲୋଚନା କରିବା । ସେ ଉଠି ଖାତା କଲମ ଧରି ତା' କୋଠରି ଆଡ଼କୁ ଅଗ୍ରସର ହେଲା ।

❑❑❑

**ଚେତନାର ଦିଗ୍‌ବଳୟ :**

# ଦୂରଭାଷୀ କୁହୁକିନୀ

## ସହାୟ ନା ଶତ୍ରୁ ?

ଗତ ବିଂଶ ଶତାବ୍ଦୀ ଭିତରେ ବିଜ୍ଞାନର ବହୁଳ ବିକାଶ ଆମକୁ କେତେ ସ୍ୱାଚ୍ଛନ୍ଦ୍ୟ ଯୋଗାଇ ଭାଗ୍ୟବାନ୍ କରିଛି । ସାଧାରଣ ବ୍ୟବହାରିକ ସ୍ୱାଚ୍ଛନ୍ଦ୍ୟ ତାଲିକାର ଅନ୍ତର୍ଭୁକ୍ତ ଟେଲିଫୋନ୍ ଏବଂ ଟେଲିଭିଜନ୍ । ମାତ୍ର ପଚାଶ ବର୍ଷ ତଳେ ଆମ ଦେଶରେ ଟେଲିଫୋନ୍ ଥିଲା ଦୁର୍ଲଭ । ଟେଲିଭିଜନ୍ ଥିଲା ପରୀକାହାଣୀ । ଆଜି ସେସବୁ ମାମୁଲି ବ୍ୟବହାର୍ଯ୍ୟ ସାମଗ୍ରୀ ରୂପେ ଗୃହୀତ ।

ଆମ ଜୀବନ-ଶୈଳୀ ଉପରେ ଟେଲିଫୋନ୍‌ର ପ୍ରଭାବ ଥିଲା ସାମାନ୍ୟ । ଟେଲିଭିଜନ୍‌ର ପ୍ରଭାବ ହେଲା ବିପୁଳ । କିନ୍ତୁ ସେ ପ୍ରଭାବକୁ ନିକଟ ଅତୀତରେ ବହୁମାତ୍ରାରେ ଅତିକ୍ରମ କରିଯାଇଛି ମୋବାଇଲ୍‌ର ପ୍ରଭାବ । ମାତ୍ର ପନ୍ଦର, କୋଡ଼ିଏ ବର୍ଷ ଭିତରେ ମୋବାଇଲ୍ ଫୋନ୍ ଆମକୁ ଯେପରି ଭାବରେ କାବୁ କରିନେଇଛି, ବ୍ୟବହାରିକ ବିଜ୍ଞାନର କୌଣସି ଅବଦାନ ତାହା କରିପାରି ନଥିଲା । ଦଶବର୍ଷ ତଳେ ପାଶ୍ଚାତ୍ୟର ଏକ ପତ୍ରିକାରେ ଗୋଟିଏ କାର୍ଟୁନ୍ ଥିଲା । ଜଣେ ଭଦ୍ରଲୋକ ତାଙ୍କ ଟ୍ରାଉଜର୍ସର୍ ଦୁଇ ପକେଟରେ ହାତ ଭର୍ତ୍ତି କରି ବାଟ ଚାଲୁ ଚାଲୁ ଅଟକି ଯାଇଛନ୍ତି । ଭଦ୍ରଲୋକଙ୍କ ଚେହେରାଟି ଛଡ଼ା ଛବିଟିରେ ଆଉ କିଛି ନାହିଁ । କିନ୍ତୁ ତାଙ୍କ ତଟସ୍ଥ, ଶଙ୍କାକୁଳ ଅଭିବ୍ୟକ୍ତିଟି ତାତ୍ପର୍ଯ୍ୟପୂର୍ଣ୍ଣ । ତଳେ ଲେଖାଯାଇଛି ଏତିକି : ''ସେ ତାଙ୍କ ମୋବାଇଲ୍‌ଟି ଘରେ ଛାଡ଼ିଦେଇ ଆସିଥିଲେ । ମନେ ପଡ଼ିବାରୁ ହଠାତ୍ ନିଜକୁ ଉଲଗ୍ନ ମନେ କରୁଛନ୍ତି ।''

ପାଞ୍ଚବର୍ଷ ତଳେ ସମ୍ଭବତଃ ଆର. କେ. ଲକ୍ଷ୍ମଣଙ୍କ ଗୋଟାଏ କାର୍ଟୁନ୍‌ରେ ସେ ଦେଖାଇଥିଲେ ଜଣେ ଭଦ୍ରଲୋକ ହାସପାତାଳରେ ଶଯ୍ୟାଶାୟୀ; ହାତ, ଗୋଡ଼ ଏବଂ ବେକ ଇତ୍ୟାଦି ବ୍ୟାଣ୍ଡେଜାବୃତ । କିନ୍ତୁ ଗୋଟିଏ ହାତରେ ସେ ମୋବାଇଲ୍ ଧରି ରଖିଛନ୍ତି କାନ ପାଖରେ । ଚିତ୍ରଟିର ପରିଚୟ : ''ଦୁର୍ଘଟଣା ହେଲା ବେଳେ ସେ କଥା କହୁଥିଲେ । ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବନ୍ଧାବନ୍ଧି କରି ଏଠି ଶୁଆଇ ରଖା ହେଲାଣି; କିନ୍ତୁ ସେ ତାଙ୍କ ଆଳାପ ଅବ୍ୟାହତ ରଖିଛନ୍ତି ।''

ପ୍ରତି କାର୍ଟୁନ୍ ଭଳି ଏହା ଅବଶ୍ୟ ଅତିରଂଜନ । କିନ୍ତୁ ଅତ୍ୟଧିକ ଅତିରଂଜନ କି ? ବୋଧହୁଏ ନୁହେଁ । ମାତ୍ର କେଇବର୍ଷ ତଳର କଥା । ୧୯ ଡିସେମ୍ବର ୨୦୧୩ ତାରିଖର ''ଟାଇମ୍‌ସ୍ ଅଫ୍ ଇଣ୍ଡିଆ''ରେ ପ୍ରକାଶିତ ଏକ ସଂବାଦର ସାରାଂଶ ହେଲା, ଅଷ୍ଟ୍ରେଲିଆର ସିଡ୍‌ନୀ ଉପକଣ୍ଠରେ ଆଦ୍ୟରଜନୀରେ ଭ୍ରମଣରତ ଜଣେ ମହିଳା ମୋବାଇଲ୍‌ରେ ନିମଜ୍ଜିତ ଥିବା ଅବସ୍ଥାରେ ପୋଲ ତଳେ ଜଳାଶୟ ଭିତରକୁ ଖସି ପଡ଼ି ତହିଁରେ ନିମଜ୍ଜିତ ହେଲେ । ତତ୍‌କ୍ଷଣାତ୍ ତାଙ୍କୁ ଉଦ୍ଧାର କରାଗଲା । ଦେଖାଗଲା ମୋବାଇଲ୍ ଉପରୁ ତାଙ୍କ କବ୍‌ଜା ଶିଥିଳ ହୋଇ ନାହିଁ । ପଞ୍ଚଷଠି ଫୁଟର ପତନ ତାଙ୍କ ମୋବାଇଲ୍ ପ୍ରୀତି ଆଗରେ ହାର ମାନିଛି !

ମୋବାଇଲ୍ ଫୋନ୍‌ର ଉପକାରିତା ଏବଂ ଅପକାରିତା ସଂପର୍କରେ ପ୍ରଚୁର ଆଲୋଚନା ହୋଇଛି ଏବଂ ହେଉଛି । ଗାଡ଼ି ଚଳାଇବା ବେଳେ ବା ଏପରିକି ତୁଚ୍ଛା ଚାଲିଲା ବେଳେ ମୋବାଇଲ୍ ଫୋନ୍‌ର ବ୍ୟବହାର ଯୋଗୁଁ ଦୁର୍ଘଟଣା ସଂଖ୍ୟାରେ ବିପୁଳ ବୃଦ୍ଧି ଘଟିଛି; ପୁଣି *Occupational Environmental Medicine* ପତ୍ରିକା ତରଫରୁ ପରିଚାଳିତ ଗୋଟିଏ ନିର୍ଭରଯୋଗ୍ୟ ସମୀକ୍ଷା କହୁଛି, ତରୁଣ-ତରୁଣୀମାନେ ଯଦି ଦଶବର୍ଷ କାଳ ଅତ୍ୟଧିକ ମାତ୍ରାରେ ମୋବାଇଲ୍ ଫୋନ୍ ବ୍ୟବହାର କରିବେ, ତେବେ କ୍ୟାନ୍‌ସର୍ ପ୍ରାୟ ନିର୍ଣ୍ଣିତ ।

କିନ୍ତୁ ଏ ଦୁଇଟି ହେଲେ ସ୍ଥୂଳ ପର୍ଯ୍ୟାୟର ଆପଦ । ସୂକ୍ଷ୍ମ ସ୍ତରର ଆପଦ କମ୍ ଭୟାବହ ନୁହେଁ । ଆଜିର ମଣିଷ ଅହରହ ନିଜ ମନ ଓ ଆବେଗରେ ଅସଂଖ୍ୟ ଆଶଙ୍କା ଓ ଉଦ୍‌ବିଗ୍ନତା ବହନ କରି ଚାଲୁଥାଏ । ସେହି ଓଜନରେ ସଦ୍ୟ ସଂଯୋଗ ହେଲା ମୋବାଇଲ୍‌ଜନିତ ଦାୟିତ୍ୱ : କୁଆଡ଼େ ରଖିଦେଲି ? ଚାର୍ଜ ହୋଇ ରହିଛି ତ ? କେହି ହଡ଼ପ୍ କରି ନେଇ ନାହିଁ ତ ? ଥରେ ବିମାନରେ ଏ ଲେଖକର ଧାଡ଼ିରେ ଦୁଇଜଣ ଅଜଣା ଯାତ୍ରୀ ବସିଥା'ନ୍ତି । ବିମାନ ଠିକ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ନିମନ୍ତେ ଅବତରଣ ଆରମ୍ଭ କରିବା ମାତ୍ରେ ମଝି ସିଟ୍‌ର ଯୁବକ ଯାତ୍ରୀ ଜଣକ ଠିଆ ହୋଇପଡ଼ିଲେ ଓ ବ୍ୟସ୍ତ ଭାବରେ ନିଜ ପାଇଜାମାର ଓ ପଞ୍ଜାବିର ଦୁଇଦୁଇଟି ପକେଟ ଅଣ୍ଡାଳିବାକୁ ଲାଗିଲେ ।

''ସାର୍ ! ବସନ୍ତୁ, ବସନ୍ତୁ । ସିଟ୍ ବେଲ୍ଟ୍ ଭିଡ଼ି ବସନ୍ତୁ !'' ଦୁଇଜଣ ଏଆର ହୋଷ୍ଟେସ୍ ପାଖକୁ ଆସି ତାଙ୍କୁ ଉତ୍‌କଣ୍ଠିତ ଅନୁରୋଧ କଲେ । ''ବିମାନ ଅବତରଣରତ ।'' ସେମାନେ ଏକାଧିକ ଥର ମନେ ପକାଇଦେଲେ ।

କିନ୍ତୁ ଯୁବକ କର୍ଣ୍ଣପାତ କଲେ ନାହିଁ । ସେ ନଇଁପଡ଼ି ସିଟ ତଳ ଅଣ୍ଡାଳି ହେଲେ । ''କରିବି କ'ଣ ? ସବୁ ଫୋନ୍ ନମ୍ବର ମୋବାଇଲ୍‌ରେ । ଡ୍ରାଇଭରକୁ ଡାକିବି କେମିତି ? ବିରାଟ ବିମାନ ବନ୍ଦର । ମୋ ପାଇଁ ନୂଆ ସହର । ଯିବି କୁଆଡ଼େ ?''

କ୍ରମେ ସେ ଏଡ଼େ ବିଚଳିତ ଓ ପ୍ରଶ୍ନବାଚୀ ନୟନରେ ତାଙ୍କ ଦୁଇକଡ଼ରେ ଉପବେଶନ ଦୁଇଯାତ୍ରୀଙ୍କ ଆଡ଼େ ବାରଂବାର ଅନାଇଲେ ଯେ ମୋର ମନେହେଲା ସେ ତାଙ୍କ ପ୍ରତିବେଶୀ ଦୁଇ ଯାତ୍ରୀଙ୍କୁ ସନ୍ଦେହ କରୁଛନ୍ତି । ବୟସ ଏବଂ ବେଶଭୂଷା ଦୃଷ୍ଟିରୁ ଦ୍ୱିତୀୟ ଯାତ୍ରୀଜଣକ ଧୂର୍ତ୍ତ ଏବଂ ବେପରୁଆ ମନେହେଉଥିଲେ ।

''ତୁମେ – ତୁମେ ଦେଖ୍ ନାହଁ ?'' ଯୁବକ ସନ୍ଦେହାକୁଳ ଭାବରେ ତାଙ୍କୁ ପ୍ରଶ୍ନ କଲେ । ଅର୍ଥାତ୍ ସେ ଚୋରାଇ ନେଇ ଥାଇ ପାରନ୍ତି !

ଧୂର୍ତ୍ତ କିନ୍ତୁ ବିଚକ୍ଷଣ ମଧ୍ୟ । ସେ ହସିଦେଲେ ଏବଂ କହିଲେ, ''ନିଜର ସବୁ ପକେଟ ତ ଦେଖିଲେ; ଛାତି ପକେଟ ଦେଖିଛନ୍ତି ?''

ଯୁବକ ଯାତ୍ରୀଙ୍କ ମୁହଁରେ ସଲଜ୍ଜ ହସ ଫୁଟିଲା । ଛାତି ପକେଟରେହିଁ ସେ ଯନ୍ତ୍ରଟି ରଖିଥିଲେ ।

''ଏଣିକି ଛାତି ପକେଟରେ ରଖିବେ ନାହିଁ । ହୃଦ୍‌ଯନ୍ତ୍ର ଉପରେ ଏ ଯନ୍ତ୍ରଟି ନୀରବରେ ଦାଉ ସାଧୁଥାଏ ।'' ପ୍ରତିବେଶୀ ଯାତ୍ରୀ ଆଖି ମାରି ମନ୍ତବ୍ୟ ଦେଲେ । ଅର୍ଥାତ୍ ଆପଣଙ୍କ ପାଖରେ ଆପଣଙ୍କ ହୃଦୟଠାରୁ ଆପଣଙ୍କ ମୋବାଇଲ୍ ଅଧିକ ପ୍ରିୟ ବୋଲାଇବାକୁ ଚାହେଁ !

ସୂକ୍ଷ୍ମ ସ୍ତରରେ ଆମ ଉତ୍କଣ୍ଠାର ଓଜନ ବୃଦ୍ଧି ମୋବାଇଲ୍‌ର ପ୍ରଥମ ଅପକୀର୍ତ୍ତି । ଦ୍ୱିତୀୟ ଏବଂ ଅପେକ୍ଷାକୃତ ଅଧିକ ଅପକୀର୍ତ୍ତି ହେଲା ଦୈନିକ କିଛି ସମୟ ନିଶ୍ଚିନ୍ତ, ନିର୍ବାକ୍ ଏବଂ ଏକାକୀ ରହିବା ନିମନ୍ତେ ଆମ ସ୍ୱାଧୀନତା ଟିକକର ଅପହରଣ । ପରିବାର ଅଥବା ଆପଣଙ୍କ କାର୍ଯ୍ୟସ୍ଥଳୀର ଯେଉଁ ସମସ୍ତ ଖବରାଖବର ଆପଣ ତତ୍‌କ୍ଷଣାତ୍ ନଜାଣିଲେ କାହାରି କିଛି କ୍ଷତି ହୁଅନ୍ତା ନାହିଁ, ଆପଣଙ୍କ ବିଶ୍ୱସ୍ତ ମୋବାଇଲ୍ ଆପଣଙ୍କୁ ସେସବୁ ଜଣାଇବାରୁ ବିରତ ହେବ ନାହିଁ । କେତେବର୍ଷ ତଳେ ଦିନେ କଲିକତାର ଭିକ୍ଟୋରିଆ ମେମୋରିଆଲ୍ ହଲ୍ ସମ୍ମୁଖସ୍ଥ ଶ୍ରୀଅରବିନ୍ଦଙ୍କ ପ୍ରତିମୂର୍ତ୍ତି ଆଗରେ ଏ ଲେଖକ ପ୍ରାତଃ-ଭ୍ରମଣ କରୁଥାଏ । ଅନେକେ କରନ୍ତି । ଜଣେ ଧନିକଙ୍କ କାର୍ ଆସି ରହିଲା ଏବଂ ସେ ମହାଶୟ ସେଥିରୁ ବାହାରି ପଦଚାରଣା ଆରମ୍ଭ କଲେ । ସେ ଏ ଲେଖକର ଆଗେ ଆଗେ ଚାଲିଥା'ନ୍ତି । ତାଙ୍କ ଫୋନ୍ ବାଜିଲା । ସେ ବିରକ୍ତ ହୋଇ ଏତକ କହିବାର ଶୁଣିଲି : ''ଦେଖ ପ୍ରିୟେ (Look, my dear !) ମୋତେ ପଞ୍ଚସ୍ତରି ବର୍ଷ ବୟସ ହେଲା । ମାତ୍ର ବର୍ଷେ ହେଲା ମୋବାଇଲ୍ ବ୍ୟବହାର କରୁଛି । ଗତ ପଚାଶ ବର୍ଷ ଧରି ତୁମେ ମୋର ଧର୍ମପତ୍ନୀ ଏବଂ ମୁଁ ପ୍ରାତଃ ଭ୍ରମଣରେ ଅଭ୍ୟସ୍ତ । ମୋଟା ମଫ୍‌ଲର୍ ଖଣ୍ଡିକ ନଆଣି ପତଳାଟି କାହିଁକି ଆଣିଲି, ଏ ପ୍ରଶ୍ନର ଜରୁରୀ ଆବଶ୍ୟକତା ମାତ୍ର ବର୍ଷକ ତଳେ ଥିଲା ବୋଲି ତ କାହିଁ ମନେପଡୁ ନାହିଁ !''

କହିବା ବାହୁଲ୍ୟ – ଆଜି ପ୍ରଶ୍ନଟିର ଆବଶ୍ୟକତା ମୋବାଇଲ୍ ଅଛି ବୋଲି !

ମୁଦ୍ରାସ୍ଫୀତି ଭଳି ଆଚାର ବ୍ୟବହାରରେ ଏହି ସ୍ଫୀତିର ଏ ନମୁନା କେତୋଟି ପ୍ରତୀକାତ୍ମକ । କିନ୍ତୁ ମୋବାଇଲ୍-ବ୍ୟବହାରର-ବାହୁଲ୍ୟ ପଶ୍ଚାତରେ ରହିଛି ଏକ ପ୍ରକୃତରେ ଚେତନାଗତ ବିଭୀଷିକା ।

ଆଜି ମଣିଷ ସ୍ୱାଧିକାର ସଚେତନ; କିନ୍ତୁ ଆତ୍ମସଚେତନ ନୁହେଁ । ଗଣତନ୍ତ୍ର, ସମାଜବାଦ, ମୌଳିକ ଅଧିକାର, ଅଭିବ୍ୟକ୍ତିର ସ୍ୱାଧୀନତା – ଏସବୁକୁ ଆମେ ଆମର ନ୍ୟାଯ୍ୟ ପ୍ରାପ୍ୟ ଭାବରେ ଧରି ନେଇଛୁ । ଠିକ୍ କଥା । କିନ୍ତୁ ଏ ସମସ୍ତ ସୁବିଧା ସୁଯୋଗ ଆମ ନିଜ ନିଜର ଯେତିକି ସ୍ୱାଭାବିକ ପ୍ରାପ୍ୟ ବୋଲି ଆମେ ଧରିନେଉ, ଅନ୍ୟର ପ୍ରାପ୍ୟ ସେତିକି ବୋଲି ଆମେ ମନେକରୁନା । ଜାତି, ଧର୍ମ, ଗୋଷ୍ଠୀ, ଆଦର୍ଶ, ଭାଷା – ଏମନ୍ତ ଅସଂଖ୍ୟ ପ୍ରଭାବ ସମେତ ଆମ ନିଜ ନିଜର ସ୍ୱାର୍ଥଗତ କାରଣରୁ ଆମେ ଅନ୍ୟର ଅଧିକାର ପ୍ରତି ଅନ୍ଧ । ସାମାଜିକ ଅସଂହତିର ଏହାହିଁ ପ୍ରମୁଖ ହେତୁ ।

ମାନବଜାତିର ଅଦୃଷ୍ଟ ବର୍ତ୍ତମାନ ପରସ୍ପର-ବିରୋଧୀ ଦୁଇଧାରା ଦ୍ୱାରା ପ୍ରଭାବିତ । ସ୍ଥୂଳ ପ୍ରକୃତିର ଗତାନୁଗତିକ ଅଭିଳାଷ – ମଣିଷଜାତି ବିଧ୍ୱସ୍ତ ହେଉ । ପ୍ରଳୟ ପରେ ପୁନର୍ବାର ଚେତନାର ପୁନଃପ୍ରବର୍ତ୍ତନ ଏବଂ ବିକାଶ ହେଉ ।

ବିବର୍ତ୍ତନୀ ଶକ୍ତି ଚାହେଁ, ମଣିଷ ନିଜର ଯାବତୀୟ ଅପୂର୍ଣ୍ଣତାରୁ ଉତ୍ତୀର୍ଣ୍ଣ ହୋଇ ଏକ ନୂତନ ଜୀବନର ସୂତ୍ରପାତ

କରୁ । ମଣିଷକୁ ଅଜସ୍ର ଐଶ୍ୱର୍ଯ୍ୟରେ ଭାଗ୍ୟବାନ୍ କରିଚାଲିଛି ବିଜ୍ଞାନ । ସେସବୁର ବ୍ୟବହାର ମାଧ୍ୟମରେ ସେ ଆପଣା ଜୀବନକୁ ସ୍ୱଚ୍ଛନ୍ଦ କରିପାରିବ; ସ୍ଥୂଳ ସୁବିଧା ସୁଯୋଗ ହାସଲ କରିବା ନିମନ୍ତେ ତାକୁ ଯଦି ଯଥେଷ୍ଟ ସମୟ ଓ ସାମର୍ଥ୍ୟ ବ୍ୟୟ କରିବାକୁ ନପଡ଼ିବ, ତେବେ ସେ ହେବ ଅନ୍ତର୍ମୁଖୀ । ଅନ୍ତର୍ମୁଖୀ ହେଲେହିଁ ସେ ଜୀବନର ପ୍ରକୃତ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସଂପର୍କରେ ସଜାଗ ହେବ । ସେ ବୁଝିପାରିବ, ଆମର ସମସ୍ତ ବିପର୍ଯ୍ୟୟର ମୂଳଦୁଆ ହେଲା ଅହଂ । ମଣିଷ ଅହଂ ଉପରେ ବିଜୟଲାଭ ଦିଗରେ ସଚେଷ୍ଟ ହେଲେ ଜୀବନସଂଗ୍ରାମ ଓ ସମସ୍ୟା ସମୂହର ତାତ୍ପର୍ଯ୍ୟ ତା’ ପାଇଁ ବଦଳିଯିବ ।

ବିଡ଼ମ୍ବନା ହେଲା, ସ୍ଥୂଳ ପ୍ରକୃତି ଆମକୁ ବହିର୍ମୁଖୀ କରି ରଖୁଛି । ସେଦିଗରେ ତା’ର ସର୍ବସାଂପ୍ରତିକ ଓ ଶକ୍ତିଶାଳୀ କୌଶଳ ହେଲା ମୋବାଇଲ୍ ଫୋନ୍ । ପ୍ରଚୁର ଜୀବନୀଶକ୍ତିର ଅପଚୟ ନିମନ୍ତେ ଏହା ଏକ ସୁଗମ ମାଧ୍ୟମ । ଏହାର ସୀମିତ ବ୍ୟବହାର ଏକ ଆଶୀର୍ବାଦ; ଏହା ପାଖରେ ଆତ୍ମସମର୍ପଣ ଏକ ବିବର୍ତ୍ତନ ବିରୋଧୀ ଅଭିଶାପ । ସ୍ଥୂଳ-ପ୍ରକୃତି ପ୍ରଣୋଦିତ ଏହା ଏକ ପ୍ରାଣ-ଶକ୍ତି ପିପାସୁ କୁହୁକିନୀ । ଅନ୍ତତଃ ଆପାତତଃ ଅଧିକାଂଶ ମଣିଷଙ୍କ ପାଇଁ ମୋବାଇଲ୍ ଏହି ଭୂମିକାରେ ଅବତୀର୍ଣ୍ଣ ।

— ମନୋଜ ଦାସ ❑


"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB) – Rs. 3500**

**The Great Adventure - A Diary for all times: (New Revised Edition) – Rs. 395**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 9** **R.N.I. No. 18163/70.**
Navaprakash (Monthly), September, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ଦ୍ୱିତୀୟ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**